ବର୍ଷ-୫୪ : ସଂଖ୍ୟା-୧୧ ନଭେମ୍ବର, ୨୦୨୩ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ନଭେମ୍ବର, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ମାତୃବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଈଶ୍ୱର-ପ୍ରେମ | ··· | ଶ୍ରୀମା | ··· | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଷଷ୍ଠ ପରିଚ୍ଛେଦ) | | | | |
| ଜୀବନର ବିଷୟଗତ ଏବଂ ଆଶୟଗତ ଦୃଷ୍ଟି | ··· | ଶେଖ ଅବଦୁଲ କାଶମ | ··· | ୭ |
| ଈଶ୍ୱର (କବିତା) | ··· | ଶ୍ରୀଅରବିନ୍ଦ | ··· | ୧୦ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୨୪) | ··· | ··· | ··· | ୧୧ |
| ଅବତାରଙ୍କ ଉଦ୍ଦେଶ୍ୟ | ··· | ରାମକୃଷ୍ଣ ଦାସ | ··· | ୧୫ |
| ଶ୍ରୀଅରବିନ୍ଦଙ୍କ ସାଧନା ଓ ସିଦ୍ଧି | ··· | ପ୍ରପତ୍ତି | ··· | ୧୮ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୭୯) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୧ |
| ଆମ ଦାଦା | ··· | ··· | ··· | ୨୪ |
| ବିମିଶ୍ର (କବିତା) | ··· | ସନ୍ତୋଷ ରଥ | ··· | ୨୬ |
| ଦ୍ୱୀପାନ୍ତରର କଥା (ପଞ୍ଚମ ପରିଚ୍ଛେଦ) | | | | |
| ପାଞ୍ଚ ନମ୍ବରରେ ଖୋୟେଦାଦୀର ଶାସନକାଳ (୩) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୨୭ |
| ନୂତନ ଶିକ୍ଷାର ଆହ୍ୱାନ (୨) | ··· | ଗୟାଧର ଦାଶ | ··· | ୨୯ |
| ସୁନିଲ-ଦା' (୬) | ··· | ··· | ··· | ୩୨ |
| ଚିର ତାରୁଣ୍ୟ | ··· | ପ୍ରସାଦ ତ୍ରିପାଠୀ | ··· | ୩୫ |
| ଏକ ବାସ୍ତବ ପ୍ରଶ୍ନ : ଏକ ସଂକ୍ଷିପ୍ତ ଉତ୍ତର | ··· | ମନୋଜ ଦାସ | ··· | ୩୮ |
| ଛାତ୍ର ଓ ଶିକ୍ଷକ ହିସାବରେ ମୋର ଅଭିଜ୍ଞତା | ··· | ମନୋଜ ଦାସଗୁପ୍ତ | ··· | ୩୯ |
| ନୈବେଦ୍ୟ (କବିତା) | ··· | ନିମାଇଁ ପଟ୍ଟନାୟକ | ··· | ୪୩ |
| ଚିତ୍ତାନୁରାଗିଣଃ ଚରନ୍ତୁ ଇତି | ··· | ରବୀନ୍ଦ୍ର ନାଥ ଦାସ | ··· | ୪୪ |
| ଗାଜର, ଅଣ୍ଡା ଓ କଫି | ··· | ··· | ··· | ୪୭ |
| ମୃତ୍ୟୁକୁ ଜୟ କରିବାର ଏକ ପଦକ୍ଷେପ | ··· | ବାଞ୍ଛାନିଧି ମହାପାତ୍ର | ··· | ୪୮ |
| ପିଶାଚ-ପତି-ଗୁମ୍ଫ-ବିନାଶନ ବୀର | ··· | ମନୋଜ ଦାସ | ··· | ୫୦ |
| ବଇଁଶୀଟିଏ ମୁଁ ହେବାକୁ ଚାହେଁ (କବିତା) | ··· | ଦୀପ୍ତି ମିଶ୍ର | ··· | ୫୨ |
| ଏକ ସରଳ ପ୍ରାର୍ଥନା | ··· | ··· | ··· | ୫୩ |
| ''ଫୁଲ ନିଅ, ଫୁଲ'' | ··· | କନିଷ୍ଠା | ··· | ୫୫ |
| ପ୍ରକୃତିର ଅବିବେକିତା ? | ··· | ମନୋଜ ଦାସ | ··· | ୫୭ |




❖

# ପ୍ରାର୍ଥନା

ହେ ଭଗବାନ୍ ! ତୁମେ ତୁମର ଶକ୍ତି ମୋତେ ଦାନ କରିଛ, ଯେପରି ପୃଥିବୀ ଉପରେ ତୁମର ଶାନ୍ତି ଓ ତୁମର ଆନନ୍ଦ ରାଜତ୍ୱ କରୁ ।

ଏହି ଆଧାରହିଁ ହେଲା ସେହି ଆଲିଙ୍ଗନ, ଶାନ୍ତି ଦ୍ୱାରା ଯାହା ପୃଥିବୀକୁ ଆବୃତ କରିଛି, ସେହି ଆନନ୍ଦର ସାଗର ଯାହା ସକଳ ବସ୍ତୁକୁ ପରିପ୍ଲୁତ କରୁଛି ।

ତୁମ୍ଭେମାନେ ଯେ ବିଦ୍ୱେଷ ଓ ଈର୍ଷାଜର୍ଜରିତ, ତୁମ୍ଭମାନଙ୍କ ହୃଦୟରୁ ତାହା ପୋଛି ହୋଇଯିବ ଯେପରି ବାଲୁକାରାଶି ଉପରର ଚିହ୍ନଗୁଡ଼ିକୁ ସମୁଦ୍ର ପୋଛିଦିଏ ।

ଯେଉଁମାନେ ପ୍ରତିହିଂସା ପୋଷଣ କରନ୍ତି ସେମାନଙ୍କ ହୃଦୟରେ ଶାନ୍ତି ପ୍ରବେଶ କରିବ ଯେପରି ମାଆ କୋଳରେ ଦୋଳାୟମାନ ଶିଶୁର ହୃଦୟରେ ଶାନ୍ତି ପ୍ରବେଶ କରେ ।

କାରଣ, ଭଗବତୀ ବିଶ୍ୱଜନନୀ ପୃଥିବୀ ଉପରେ ଦୃଷ୍ଟିପାତ କରିଛନ୍ତି, ତାହାକୁ ଦେଇଛନ୍ତି ତାଙ୍କର ଆଶୀର୍ବାଦ ।

ନଭେମ୍ବର ୨୧, ୧୯୧୪ — ଶ୍ରୀମା



# ମାତୃବାଣୀ

## Our Path

To walk on the path you must have a dauntless intrepidity, you must never turn back upon yourself with this mean, petty, weak, ugly movement that fear is.

An indomitable courage, a perfect sincerity, a total selfgiving to the extent that you do not calculate or bargain, you do not give with the idea of receiving, you do not offer yourself with the intention of being protected, you do not have a faith that needs proofs,– this is indispensable for advancing on the path,– this alone can shelter you against all dangers.

– The Mother

## ଆମର ପଥ

ଏହି ଯୋଗ ପଥରେ ଚାଲିବାକୁ ହେଲେ ତୁମର ରହିବା ଉଚିତ ନିର୍ଭୀକ ସାହସ, ତୁମେ ନୀଚ, ସଂକୀର୍ଣ୍ଣ, ଦୁର୍ବଳ, କୁତ୍ସିତ ଗତିବୃତ୍ତି ଯାହାକି ଭୟର ଅନ୍ୟ ନାମ, କଦାପି ସେସବୁ ସହ ଯେପରି ନିଜ ମଧ୍ୟକୁ ଫେରି ନ ଆସ ।

ଏହି ପଥରେ ଅଗ୍ରଗତି ଲାଗି ଯାହା ଏକାନ୍ତ ଅପରିହାର୍ଯ୍ୟ ତାହା ହେଲା ଏକ ଅଦମ୍ୟ ସାହସ, ଏକ ଅଖଣ୍ଡ ଆନ୍ତରିକତା, ଏପରି ଏକ ପରିପୂର୍ଣ୍ଣ ଆତ୍ମଦାନ ଯେଉଁଥିରେ ତୁମେ ହିସାବ କିଂବା ମୂଲଚାଲ କରୁ ନଥିବ, ପାଇବାର ଆଶା ରଖି ଦେଉ ନ ଥିବ, ସୁରକ୍ଷିତ ହେବାର ଉଦ୍ଦେଶ୍ୟ ରଖି ନିଜକୁ ଅର୍ପଣ କରୁ ନ ଥିବ, ବିଶ୍ୱାସ ତୁମର ପ୍ରମାଣ ଆବଶ୍ୟକ କରୁ ନ ଥିବ,– ଏହାହିଁ ହେବ ସକଳ ବିପଦ ବିରୋଧରେ ତୁମର ରକ୍ଷା କବଚ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୩୪)

## ଶ୍ରୀଅରବିନ୍ଦ

One day the Face must burn
out through the mask.

ମୁଖାବରଣଟିକୁ ଦଗ୍ଧ କରି ଦିନେ ଉଦ୍ଭାସିତ ହେବ ସେଇ ବଦନମଣ୍ଡଳ ।

Our ignorance is Wisdom's chrysalis,
Our error weds new knowledge on its way,
Its darkness is a blackened knot of light;
Thought dances hand in hand with Nescience
On the grey road that winds towards the Sun.

ଆମର ଅଜ୍ଞାନତା ହେଲା ପ୍ରଜ୍ଞାରୂପୀ ରେଶମକୀଟର ଗୁଟିକା, ଆମର ଭ୍ରାନ୍ତି ତା'ର ଚଲାପଥରେ ନୂତନ ଜ୍ଞାନ ସହିତ ହୁଏ ପରିଣୟବଦ୍ଧ, ତାହାର ଅନ୍ଧକାର ଆଲୋକର ଏକ ଘନକୃଷ୍ଣ ଗ୍ରନ୍ଥି; ସୂର୍ଯ୍ୟାଭିମୁଖୀ ଅଙ୍କାବଙ୍କା ଧୂସର ପଥରେ ନିଶ୍ଚେତନା ସଙ୍ଗେ ହାତ ଧରାଧରି ହୋଇ ନୃତ୍ୟ କରୁଥାଏ ଚିନ୍ତାବୃତ୍ତି ।

Even while her fingers fumble at the knots
Which bind them to their strange
companionship,
Into the moments of their married strife
Sometimes break flashes of the enlightening Fire.

ଏପରିକି ଯେତେବେଳେ ତା'ର ଅଙ୍ଗୁଳିଚୟ ସେଇସବୁ ଗ୍ରନ୍ଥିକୁ ମୁକୁଳାଇବା ନିମନ୍ତେ ବିବ୍ରତ ହୋଇ ଅଣ୍ଡାଳି ବୁଲୁଥାଏ, ଯେଉଁ ଗ୍ରନ୍ଥିଗୁଡ଼ିକ ସେମାନଙ୍କୁ ବାନ୍ଧି ରଖିଥାଏ ଏକ ଅଦ୍ଭୁତ ସାହଚର୍ଯ୍ୟରେ, ସେତେବେଳେ ସେମାନଙ୍କ ଦାମ୍ପତ୍ୟ କଳହର ମୁହୂର୍ତ୍ତସକଳ ଭିତରେ ବେଳେ ବେଳେ ଝଲସି ଉଠେ ଜ୍ଞାନପ୍ରଦାୟିନୀ ବହ୍ନିଶିଖା ।

Even now great thoughts are here
that walk alone:
Armed they have come with the infallible word
In an investiture of intuitive light
That is a sanction from the eyes of God;
Announcers of a distant Truth they flame
Arriving from the rim of eternity.

ଏବେ ବି ଏଠାରେ ବିଦ୍ୟମାନ ସେଇ ମହତ୍ ଚିନ୍ତାରାଜି, ଯାହା ନିଃସଙ୍ଗ ଭାବେ ବିଚରଣ କରୁଥା'ନ୍ତି : ଅଭ୍ରାନ୍ତ ବାକ୍‌ଶକ୍ତି ଦ୍ୱାରା ଶସ୍ତ୍ରସଜ୍ଜିତ ହୋଇ ସେମାନେ ଆସିଥା'ନ୍ତି ସଂବୋଧିଗତ ଆଲୋକର ଏକ ପଦାଭିଷେକ ଉତ୍ସବରେ, ଯେଉଁ ଆଲୋକ ଈଶ୍ୱରଙ୍କ ନୟନଯୁଗଳରୁ ଉତ୍ସାରିତ ଏକ ଅନୁମୋଦନ; ସୁଦୂର ଏକ ସତ୍ୟର ଉଦ୍‌ଘୋଷକ ସେମାନେ, ଶାଶ୍ୱତର ପ୍ରାନ୍ତଦେଶରୁ ସମାଗତ ହୋଇ ସେମାନେ ଶିଖାତୁଲ୍ୟ ଝଟକୁ ଥା'ନ୍ତି ।

A fire shall come out of the infinitudes,
A greater Gnosis shall regard the world
Crossing out of some far omniscience
On lustrous seas from the still rapt Alone
To illumine the deep heart of self and things.

ଆନନ୍ତ୍ୟସକଳ ମଧ୍ୟରୁ ବହିର୍ଗତ ହୋଇ ଆସିବ ଏକ ବହ୍ନି, ବୃହତ୍ତର ଏକ ପ୍ରଜ୍ଞା ବିଶ୍ୱକୁ ଅବଲୋକନ କରିବ : କେଉଁ ସୁଦୂର ସର୍ବଜ୍ଞତାକୁ ଅତିକ୍ରମ କରି ଶାନ୍ତ ସମାହିତ ପରମ କୈବଲ୍ୟଙ୍କଠାରୁ ନିଃସୃତ ହୋଇ ସତ୍ତା ଓ ବସ୍ତୁସକଳର ଗଭୀର ହୃଦୟକୁ ସଂଜୀବିତ କରିବା ନିମନ୍ତେ ଜ୍ୟୋତିର୍ମୟ ସାଗର ସମୂହରେ ସନ୍ତରଣପୂର୍ବକ ସେ ଆସିବ ।

A timeless knowledge it shall bring to Mind,
Its aim to life, to Ignorance its close.

ମାନସକୁ ତାହା ଆଣିଦେବ ଏକ କାଳାତୀତ ଜ୍ଞାନ, ଜୀବନକୁ ଆଣିଦେବ ତା'ର ଲକ୍ଷ୍ୟ ଓ ଅଜ୍ଞାନକୁ ତା'ର ସମାପ୍ତି ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଈଶ୍ୱର-ପ୍ରେମ

## ଶ୍ରୀମା

### ଭଲ ପାଇବା କ'ଣ ?...

ଜଣେ ଯଦି ପ୍ରେମ କ'ଣ ବୁଝିବାକୁ ଚାହେଁ, ତେବେ ସେ **ଈଶ୍ୱରଙ୍କୁ**ହିଁ ଭଲପାଇବା ଉଚିତ । ତା'ହେଲେ ଯାଇ ସେ ପ୍ରେମ କ'ଣ ତାହା ବୁଝିବାର ସୁଯୋଗ ପାଇବ । ମୁଁ ତୁମମାନଙ୍କୁ କହିଛି ଯେ, ଜଣେ ଯାହାକୁ ଭଲପାଏ, ତାହାରି ଭଳିଆ ହେବାକୁ ଭଲପାଏ । ତେଣୁ ଜଣେ ଯଦି ଈଶ୍ୱରଙ୍କୁ ଭଲପାଏ, ତା'ହେଲେ ସେ କ୍ରମଶଃ ଏହି ଭଲ ପାଇବାର ସାଧନା ଭିତରେ ଅଧିକରୁ ଅଧିକ ଭାବେ ଈଶ୍ୱରଙ୍କ ଭଳି ହୋଇ ଚାଲେ ଏବଂ ସେତିକିବେଳେ ଜଣେ ଦିବ୍ୟପ୍ରେମ ସହ ଏକାତ୍ମ ହୋଇପାରିବ ଏବଂ ଦିବ୍ୟପ୍ରେମ କ'ଣ, ତାହା ସେ ବୁଝିପାରିବ । ତା' ନହେଲେ ପ୍ରେମକୁ ବୁଝିବା ସହଜ ନୁହଁ ।

ଅବଶ୍ୟମ୍ଭାବୀ କଥା ହେଲା – ଦୁଇଜଣ ମଣିଷଙ୍କ ଭିତରେ ପ୍ରେମ, ସେ ପ୍ରେମ ଯାହା ହେଉନା କାହିଁକି, ଏହା ସର୍ବଦା ଅଜ୍ଞାନ-ପ୍ରସୂତ, ଏଥିରେ ଥାଏ ବୁଝାମଣାର ଅଭାବ, ଥାଏ ଦୁର୍ବଳତା, ଏବଂ ଥାଏ ବିଚ୍ଛେଦର ଭୟଙ୍କର ଆଶଙ୍କା । ଯେପରିକି ଜଣେ ଚାହିଁଲା ଯେ ସେ ଏକ ଅନନ୍ୟ ଐଶ୍ୱର୍ଯ୍ୟ ଭିତରକୁ, ଏକ ଉଜ୍ଜ୍ୱଳ ବୈଭବ ଭିତରକୁ ପ୍ରବେଶ କରିବ – କିନ୍ତୁ ସେ ପ୍ରଥମରୁ କ'ଣ କଲା ନା ସେହି ଐଶ୍ୱର୍ଯ୍ୟ ଓ ତା' ନିଜ ମଧ୍ୟରେ ଗୋଟିଏ ପରଦା ପକାଇ ଦେଲା, ତା'ପରେ ଦ୍ୱିତୀୟ ପରଦାଟି ପକାଇଦେଲା, ତା'ପରେ ତୃତୀୟ ପରଦାଟି ପକାଇ ଦେଲା; ଫଳରେ ପରଦାର ଅନ୍ତରାଳରେ ଥିବା ସେହି ପରମ ଐଶ୍ୱର୍ଯ୍ୟ ଓ ଉଜ୍ଜ୍ୱଳ ବୈଭବର ସ୍ୱରୂପକୁ ସେ ଆଉ ଦେଖି ନ ପାରି ଆଶ୍ଚର୍ଯ୍ୟ ହେଉଛି, ସେ ସଂପର୍କରେ ତା'ର ରହିଛି ଖାଲି ଏକ ଝାପ୍‌ସା, ଅସ୍ପଷ୍ଟ ଧାରଣା ମାତ୍ର । ତେଣୁ ପ୍ରଥମ କର୍ତ୍ତବ୍ୟ ହେଲା ସେହି ପରଦାଗୁଡ଼ିକୁ ଅପସାରଣ କରିଦେବା, ସେଗୁଡ଼ିକୁ ବାହାର କରି ଦୂରକୁ ଫିଙ୍ଗି ଦେବା, ତା'ପରେ ସେହି ବୈଭବ ଭିତରକୁ ପ୍ରବେଶ କରିବା ଓ ସେହି ଉଜ୍ଜ୍ୱଳ ବୈଭବ ପାଖରେ ଉପନୀତ ହେବା । ସେତେବେଳେ ଯାଇ ତୁମେ ଜାଣିବ ଯେ ସେହି ଉଜ୍ଜ୍ୱଳ ମହିମାନ୍ୱିତ **ବୈଭବଟି** କ'ଣ !

### ଈଶ୍ୱରଙ୍କ ପାଇଁ ପ୍ରେମ

*ପ୍ରଶ୍ନ: ମଧୁମୟି ମା ! ଶ୍ରୀଅରବିନ୍ଦ କହିଛନ୍ତି ଯେ ଜଣେ ମାନବୀୟ ପ୍ରେମ ଭିତରୁ ଦିବ୍ୟ-ପ୍ରେମ ଆଡ଼କୁ ଯାଇପାରିବ ।*

**ଉତ୍ତର**: ସେ ସେହି ମାନବୀୟ ପ୍ରେମ କଥା କହିଛନ୍ତି ଯାହା ଭକ୍ତି ରୂପେ ଅଭିବ୍ୟକ୍ତ ହୋଇଥାଏ । ଏହା ହେଲା ଈଶ୍ୱରଙ୍କ ପ୍ରତି ମାନବୀୟ ପ୍ରେମର ଏକ ଶକ୍ତି । ସେ କହିଛନ୍ତି – ମୂଳରୁ ମନୁଷ୍ୟର ଈଶ୍ୱର-ପ୍ରେମ ତା'ର ପ୍ରକୃତିରେ ଖୁବ୍ ମାନବୀୟ ସ୍ତରରେ ଥାଏ । ସେଥିରେ ମାନବୀୟ-ପ୍ରୀତିର ସମସ୍ତ ଗୁଣାଗୁଣ ରହିଥାଏ । ସେ ଏହାର ବର୍ଣ୍ଣନା ଖୁବ୍ ସୁନ୍ଦର ଭାବେ କରିଛନ୍ତି । ତଥାପି, ତୁମେ ଯଦି ସାଧନାରେ ଲାଗି ରୁହ ଓ ଆବଶ୍ୟକ ପ୍ରଚେଷ୍ଟା କର, ତେବେ ତୁମର ଏହି ମାନବୀୟ ପ୍ରେମ ଭଗବତ୍ ପ୍ରେମରେ ରୂପାନ୍ତରିତ ହେବା ଅସମ୍ଭବ ନୁହଁ । କିନ୍ତୁ ଏ କ୍ଷେତ୍ରରେ ତୁମକୁ ଈଶ୍ୱରଙ୍କ ସହିତ (ଯାହାଙ୍କୁ ତୁମେ ଭଲ ପାଅ) ଏକାତ୍ମ ହେବାକୁ ପଡ଼ିବ । ଶ୍ରୀଅରବିନ୍ଦ ଏକଥା କେବେ କହି ନାହାନ୍ତି ଯେ ଦୁଇଟି ମଣିଷଙ୍କ ଭିତରେ ଥିବା ପ୍ରେମ ପରିବର୍ତ୍ତିତ ହୋଇ ଦିବ୍ୟପ୍ରେମରେ ପରିଣତ ହୋଇ ଯାଇପାରିବ । ସେକଥା ଆଦୌ ନୁହେଁ ! ସେ ସବୁବେଳେ ତା'ର ବିପରୀତ କଥା କହିଛନ୍ତି । ଜଣେ ତାଙ୍କୁ ଭକ୍ତି ସମ୍ବନ୍ଧେ ପ୍ରଶ୍ନ କରିଥିଲେ । ସେ ତା'ର ଉତ୍ତରରେ ଏହି କଥା କହିଥିଲେ । ପ୍ରଶ୍ନଟି ଥିଲା ସାଧକର ଈଶ୍ୱର-ପ୍ରୀତି ସଂପର୍କରେ । ମୂଳରୁ ତୁମର ଈଶ୍ୱର-ପ୍ରୀତି ଥାଏ ସଂପୂର୍ଣ୍ଣ ମାନବୀୟ – ଏପରିକି ପ୍ରାଥମିକ ଅବସ୍ଥାରେ ଭକ୍ତ ଈଶ୍ୱରଙ୍କ ସହିତ କିଛି ବେପାରସୁଲଭ ଦେଣନେଣ ସଂପର୍କ ରଖିଥାଏ । ଯଦି ତୁମେ ଅଗ୍ରଗତି କର ତେବେ ତୁମର ପ୍ରେମ ଦିବ୍ୟ-ପ୍ରେମରେ ପରିଣତ ହୁଏ । ଏବଂ ସେତିକିବେଳେହିଁ ତାହା ଯଥାର୍ଥ ଭକ୍ତି ହୁଏ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଷଷ୍ଠ ପରିଚ୍ଛେଦ)

## ଜୀବନର ବିଷୟଗତ ଏବଂ ଆଶୟଗତ ଦୃଷ୍ଟି

**ଶେଖ ଅବଦୁଲ କାଶମ**

ବ୍ୟକ୍ତିବାଦୀ ଯୁଗରେ ପ୍ରତ୍ୟେକ ବ୍ୟକ୍ତିର ଅଧିକାର ଓ ସ୍ୱାଧୀନତାକୁ ସୁନିଶ୍ଚିତ ଓ ସୁରକ୍ଷିତ କରି ରଖିବାକୁ ବ୍ୟବସ୍ଥା କରାଯାଏ । ବ୍ୟକ୍ତି ଏକ ସ୍ୱାଧୀନ ଓ ସ୍ୱତନ୍ତ୍ର ସତ୍ତା ରୂପେ ଆପଣାର ମାନସିକ, ପ୍ରାଣିକ ଓ ଭୌତିକ ଆବଶ୍ୟକତାଗୁଡ଼ିକୁ ପୂରଣ କରିପାରେ ତଥା ଆପଣାର ସର୍ବାଙ୍ଗୀନ ଓ ପରିପୂର୍ଣ୍ଣ ବିକାଶ ପାଇଁ ସୁଯୋଗ ପାଇଥାଏ । ପ୍ରତ୍ୟେକ ବ୍ୟକ୍ତି ଆପଣାର ସ୍ୱାଧୀନତା ଓ ଅଧିକାରକୁ ଉପଭୋଗ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ସ୍ୱାଧୀନତା ଓ ଅଧିକାରକୁ ସ୍ୱୀକୃତି ଓ ସମ୍ମାନ ଦେବା ଆବଶ୍ୟକ ହୋଇଥାଏ । ବ୍ୟକ୍ତିବାଦୀ ଯୁଗରେ ସାଧାରଣତଃ ଜାତିଗୁଡ଼ିକ ମଧ୍ୟ ମୁକ୍ତିର ଆଦର୍ଶକୁ ଅନୁସରଣ କରନ୍ତି ଏବଂ ପରସ୍ପରର ସ୍ୱାଧୀନତାକୁ ସମ୍ମାନ ଦେଇଥା'ନ୍ତି । ମାତ୍ର ବାସ୍ତବ କ୍ଷେତ୍ରରେ ଏହା ସବୁବେଳେ ସମ୍ଭବ ହୋଇ ନାହିଁ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ତଥା ଜାତି ଜାତି ମଧ୍ୟରେ ନିଜ ନିଜର ସ୍ୱାର୍ଥ ଓ ଅହଂକୁ ନେଇ ଅନେକ କ୍ଷେତ୍ରରେ ବିବାଦ ଓ ସଂଘର୍ଷ ଘଟିଛି । ଏହାକୁ ରୋକିବା ଲାଗି ସାମଜିକ ବିଧାନ ଓ ଆନ୍ତର୍ଜାତିକ ବିଧାନର ପ୍ରୟୋଗ କରାଯାଇଛି; ମାତ୍ର ତାହା ଅନେକତ୍ର ବିଫଳ ହୋଇଛି । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଇଉରୋପରେ ଦେଶ ଦେଶ ମଧ୍ୟରେ ଯେଉଁ ଯୁଦ୍ଧ ସଂଗଠିତ ହୋଇଥିଲା ତାହା ସ୍ୱାଧୀନତାର ଆଦର୍ଶ ରକ୍ଷା ସକାଶେ ଘଟିଥିଲା ବୋଲି ପ୍ରଚାର କରାଗଲା, ମାତ୍ର ପ୍ରକୃତରେ ସ୍ୱାର୍ଥର ପାରସ୍ପରିକ ସଂଘାତ ଯୋଗୁଁହିଁ ତାହା ଘଟିଥିଲା ।

ଆଧୁନିକ ବିଜ୍ଞାନର ପ୍ରଭୂତ ବିକାଶ ଫଳରେ ଏକ ଅତିରଞ୍ଜିତ ବ୍ୟକ୍ତିବାଦ (exaggerated individualism) ଅର୍ଥାତ୍ ଏକ ପ୍ରାଣପ୍ରଧାନ ଅହଂବାଦ ଜନ୍ମ ନେଲା । ଏହା ସହିତ ଏକ ସମୂହବାଦ (collectivism) ମଧ୍ୟ ଆପଣାର ପ୍ରଭାବ ବିସ୍ତାର କଲା । ବୈଜ୍ଞାନିକମାନେ ପ୍ରକାଶ କଲେ ଯେ ଆତ୍ମ-ସଂରକ୍ଷଣ ଓ ଆତ୍ମବୃଦ୍ଧି ସକାଶେ ପାରିପାର୍ଶ୍ୱିକ ଅବସ୍ଥାର ସର୍ବୋତ୍କୃଷ୍ଟ ସୁଯୋଗ ଲାଭ ଲାଗି ପ୍ରକୃତି ଅନ୍ତର୍ଗତ ଜୀବନ କ୍ଷେତ୍ରରେ ସର୍ବଦା ଏକ ସଂଗ୍ରାମ ଚାଲିଛି । ପ୍ରତ୍ୟେକ ମନୁଷ୍ୟ ନିଜ ଇଚ୍ଛା ମୁତାବକ ଜୀବନ ବଞ୍ଚିବା ଲାଗି ଆପ୍ରାଣ ଉଦ୍ୟମ କରୁଛନ୍ତି । ଆବଶ୍ୟକ ସ୍ଥଳେ ନିଜର କାମନାର ତୃପ୍ତିସାଧନ ପାଇଁ ଅନ୍ୟମାନଙ୍କୁ ବଳିଦେବାକୁ ପଶ୍ଚାତ୍ପଦ ହେଉ ନାହାନ୍ତି । ଜୀବନର ସର୍ବାଧିକ ସମ୍ଭବ ଉପଭୋଗ କରିବା ପ୍ରତ୍ୟେକଙ୍କର ଲକ୍ଷ୍ୟ ହୋଇଛି । ଜୀବନ ବଞ୍ଚିବାର ଏହି ଶୈଳୀ ତଥା ବିଚାରଧାରା ନୈରାଜ୍ୟବାଦ (anarchism), ସାମ୍ରାଜ୍ୟବାଦ (imperialism) ଓ ନିତ୍‌ସେଙ୍କ ଦର୍ଶନ ପରି କେତେକ ଦାର୍ଶନିକବାଦକୁ ବଳ ଯୋଗାଇଛି ।

ଆଧୁନିକ ବିଜ୍ଞାନର ଆଉ ଏକ ସିଦ୍ଧାନ୍ତ ହେଲା, ବ୍ୟକ୍ତି ଯଦି ଉଗ୍ର ସ୍ୱାର୍ଥସର୍ବସ୍ୱ ହୋଇ ନ ବଞ୍ଚି ଅନ୍ୟମାନଙ୍କ ସହିତ ଗୋଟିଏ ସାମାଜିକ ଜୀବନ ଭିତରେ ସମ୍ମିଳିତ ହୋଇ ରହିବ ଏବଂ ଗୋଷ୍ଠୀଗତ ଆତ୍ମବିକାଶର ବିଧାନକୁ ଅନୁସରଣ କରିବ ତାହା ହେଲେ ତାହାର ଜୀବନ ସର୍ବାଧିକ ନିରାପତ୍ତା ଲାଭ କରିବ । ପ୍ରକୃତି ବ୍ୟକ୍ତିକୁ ନୁହେଁ, ସର୍ବଦା ଗୋଷ୍ଠୀ ସମୂହ ବା ଜାତିକୁହିଁ ସଂରକ୍ଷିତ କରି ରଖିବାକୁ ଚେଷ୍ଟା କରୁଥାଏ । ସୁତରାଂ ଜାତି ବା ସମୂହର ବୃଦ୍ଧି ଓ ପ୍ରଗତି ଉଦ୍ଦେଶ୍ୟରେହିଁ ବ୍ୟକ୍ତି ନିଜକୁ ଉତ୍ସର୍ଗ କରିବା ଉଚିତ । ଜର୍ମାନୀ ଥିଲା ଉପରୋକ୍ତ ଦୁଇଟିଯାକ ବିଚାରର ଦୃଢ଼ ସମର୍ଥକ । ଏ ଦୁଇଟି ବିଚାର ମଧ୍ୟରେ ସେ ଏକ ସଂଯୋଜନ ଘଟାଇଥିଲା । ଏହା ଉପରେ ଆଧାର କରି ସେ ଗଢ଼ି ତୋଳିଲା ଉଗ୍ର ଜାତୀୟତାବାଦ । ସେ ଦୃଢ଼ଭାବେ ଘୋଷଣା କଲା ଯେ ବ୍ୟକ୍ତିହିଁ ସକଳ ପରିସ୍ଥିତିରେ ରାଷ୍ଟ୍ର ବା ଜାତିର ଅଧୀନ ହୋଇ ରହିବ । ଗୋଟିଏ ଜାତି ଅଧିକ ସମୃଦ୍ଧ ଓ ବଳଶାଳୀ ହୋଇ ପୃଥିବୀର ଅନ୍ୟ ଜାତିମାନଙ୍କ ଉପରେ ପ୍ରଭୁତ୍ୱ ଲାଭ କରିପାରିବ ।

ବ୍ୟକ୍ତି ତଥା ଜାତିକୁ ମୂଳତଃ ସ୍ୱାଧୀନ ଓ ସ୍ୱତନ୍ତ୍ର ବୋଲି କହୁଥିବା ପୁରାତନ ବ୍ୟକ୍ତିବାଦୀ ନୀତି ବିରୋଧରେ ଉପରୋକ୍ତ ଜାତୀୟତାବାଦୀ ତଥା ସାମ୍ରାଜ୍ୟବାଦୀ ନୀତି ସଂଘର୍ଷରତ ହେଲା ।

ଏହାର ପ୍ରତିକ୍ରିୟାସ୍ୱରୂପ ଏକ ତୃତୀୟ ପ୍ରକାର ବିଚାରଧାରାର ପ୍ରଚଳନ ଆରମ୍ଭ ହୋଇଛି, ତାହା ହେଉଛି ମାନବିକ ବିଶ୍ୱଜନୀନତା (human universalism) ବା ସାମୂହିକତା (collectivism) । ଏହି ବିଚାରଧାରା ପୂର୍ଣ୍ଣରୂପେ କାର୍ଯ୍ୟକାରୀ ହେଲେ ତାହା ଦିନେ ଜାତୀୟ ସ୍ୱତନ୍ତ୍ରତା ତଥା ସ୍ୱାଧୀନତାର ଆଦର୍ଶକୁ ଅତିକ୍ରମ କରିଯିବ ତଥା ତା' ଉପରେ ବିଜୟ ଲାଭ କରିବ । ଏହି ବିଚାରଧାରା ଅନୁସାରେ କୌଣସି ଜାତି ଆପଣାର ସ୍ୱତନ୍ତ୍ର ଭିନ୍ନତାଟିକୁ ସେହି ବୃହତ୍ତର ସାମୂହିକତାର ଅଧୀନ କରି ରଖିବା ଆବଶ୍ୟକ ହୋଇପଡ଼ିବ ।

ଆଶୟଗତତା (subjectivism) ଓ ବିଷୟଗତତା (objectivism) ଯେଉଁ ଭୂମିରେ କାର୍ଯ୍ୟ କରନ୍ତି ସେଇଠି ବ୍ୟକ୍ତି ଓ ସମଷ୍ଟି ଉଭୟ ଥା'ନ୍ତି । ବ୍ୟକ୍ତିର ପ୍ରକୃତି ଯେମିତି ଜଟିଳ, ସମଷ୍ଟିର ପ୍ରକୃତି ମଧ୍ୟ ସେମିତି ଜଟିଳ । ଉଭୟେ ଚାହାନ୍ତି ମନୋଗତ, ପ୍ରାଣଗତ ଓ ଦେହଗତ ସାମର୍ଥ୍ୟଗୁଡ଼ିକର ପରିପୂର୍ଣ୍ଣତା । ବିଷୟଗତତା ଏକ ବିଶ୍ଳେଷଣାତ୍ମକ ବୁଦ୍ଧି ଓ ବିବେକ ଦ୍ୱାରା ପ୍ରେରିତ ହୋଇ ବ୍ୟକ୍ତି ଓ ସମାଜର ସମୁଦାୟ ସମସ୍ୟାକୁ କେବଳ ଏକ ବାହ୍ୟଦୃଷ୍ଟିରୁ ଓ ଯାନ୍ତ୍ରିକ ଦୃଷ୍ଟିରୁ ଦେଖେ । ତା' ପକ୍ଷରେ ପୃଥିବୀ ଗୋଟାଏ ବସ୍ତୁ ବା ପ୍ରକ୍ରିୟା ମାତ୍ର, ଯାହାକୁ ବୁଦ୍ଧିସମର୍ଥିତ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଅଧ୍ୟୟନ କରାଯାଇ ପାରିବ । ସେହି ପ୍ରକ୍ରିୟାର କିଛି ବିଧାନ ବା ନିୟମ ଥାଏ ଯାହା ବ୍ୟକ୍ତି ବା ସମଷ୍ଟି ଉପରେ କାର୍ଯ୍ୟ କରିଥାଏ । ବ୍ୟକ୍ତିକୁ ଆପଣାର ବସ୍ତୁ-ନିରପେକ୍ଷ ବୁଦ୍ଧି ଓ ବସ୍ତୁ-ନିରପେକ୍ଷ ଇଚ୍ଛା ଦ୍ୱାରା ସେହି ନିୟମଗୁଡ଼ିକୁ ଆଣି ନିଜ ଉପରେ ଲଦି ଦେବାକୁ ପଡ଼େ । ସମଷ୍ଟି ମଧ୍ୟ ସାମୂହିକ ବିବେକ ଓ ଇଚ୍ଛା ଦ୍ୱାରା ସେହି ନିୟମଗୁଡ଼ିକୁ ଆଣି ନିଜ ଉପରେ ଲଦିଦିଏ ।

ନୂତନ ରାଜନୀତିକ ବିଚାର ଅନୁସାରେ ରାଷ୍ଟ୍ର କହିଲେ ଏକ ସ୍ୱୟଂଭୂତ ବା ସ୍ୱୟଂସ୍ଥିତ ସତ୍ତାକୁ ବୁଝାଉଛି । ଏହା ସମୂହ ତଥା ବ୍ୟକ୍ତିମାନଙ୍କଠାରୁ ସମ୍ପୂର୍ଣ୍ଣ ବାହାରେ ରହିଥିବା ଏକ ପଦାର୍ଥ ଭଳି ମନେ ହେଉଛି । ରାଷ୍ଟ୍ର ବ୍ୟକ୍ତିମାନଙ୍କ ଉପରେ ସମସ୍ତ ପ୍ରକାର ନିୟନ୍ତ୍ରଣ ରଖିବ, ଏପରିକି ସେମାନଙ୍କ ସ୍ୱାର୍ଥ ଓ କଲ୍ୟାଣ ବିଷୟରେ ମଧ୍ୟ ନିଷ୍ପତ୍ତି ନେବ । ବ୍ୟକ୍ତିସକଳ ଆପଣାର ସ୍ୱାର୍ଥସାଧନ ଓ ମଙ୍ଗଳ ସକାଶେ ସ୍ୱାଧୀନ ଭାବେ ଚିନ୍ତା କରିବାକୁ ସୁଯୋଗ ପାଇବେ ନାହିଁ । ସେମାନଙ୍କର ଆତ୍ମା ଅଥବା ପ୍ରକୃତି ଯାହା ଚାହୁଁଛି ସେହି ଅନୁସାରେ ସେମାନଙ୍କୁ ବିକଶିତ ହେବା ଲାଗି ଦିଆଯିବ ନାହିଁ । ସେମାନଙ୍କ ଜୀବନ ଏକ ଯାନ୍ତ୍ରିକ ପରିଯୋଜନା ଅନୁସାରେ ଗଠିତ ହେବ । ଏକ ବାହ୍ୟ ନିୟମ ବ୍ୟବସ୍ଥାହିଁ ସେମାନଙ୍କୁ ସକଳ କ୍ଷେତ୍ରରେ ପରିଚାଳିତ କରିବ । ସୁତରାଂ ବିଷୟଗତତାର ମୂଳତତ୍ତ୍ୱ ହେଲା ଜୀବନକୁ ନିଖୁଣ ଓ ନିର୍ଦ୍ଦୋଷ କରି ଗଢ଼ିବା ନିମିତ୍ତ ଯେଉଁ ନିୟମ ନିର୍ଦ୍ଧାରିତ, ତାହା ମନୁଷ୍ୟର ବାହାରେହିଁ ରହିବ । ଏପରିକି ଯଦି ଏହି ନିୟମଟି ବ୍ୟକ୍ତିର ବୁଦ୍ଧି ଦ୍ୱାରା ନିରୂପିତ ହୋଇଛି ତାହାହେଲେ ମଧ୍ୟ ସେହି ନିୟମଟି ବାହାରେ ବାହାରେ ରହିଥିବ । ଏକ ଅନୁକୂଳତା ବା ଖାପ ଖୁଆଇ ନେବାର ବନ୍ଦୋବସ୍ତ (adjustment) ଏକ କୌଶଳ ବା କାରସାଦି (manipulation) ଏବଂ ଏକ ଯାନ୍ତ୍ରିକ ପ୍ରକ୍ରିୟା (machinary) ଦ୍ୱାରାହିଁ ଜୀବନକୁ ସୁବ୍ୟବସ୍ଥିତ ଓ ନିର୍ଦ୍ଦୋଷ କରି ଗଢ଼ାଯିବ । ଅର୍ଥାତ୍, ବିଷୟଗତତା ଯେଉଁ ପ୍ରୟୋଗନୀତିକୁ ଅନୁସରଣ କରେ ତାହା ହେଉଛି ବ୍ୟବସ୍ଥା (management), ଶୃଙ୍ଖଳା (ordering) ଓ ନିଖୁଣତା (perfection)ର ଏକ ଯାନ୍ତ୍ରିକ ପ୍ରକ୍ରିୟା ମାତ୍ର ।

ଅନ୍ୟପକ୍ଷରେ, ଆଶୟଗତତା ସବୁ କିଛିକୁ ବିକାଶଶୀଳ ଆତ୍ମଚେତନାର ଦୃଷ୍ଟିରେ ଦେଖେ । ବାହାରର କୌଣସି ନିୟମ ଦ୍ୱାରା ଏହା ପ୍ରେରିତ ହୋଇ ନଥାଏ । ନିୟମଟି ମନୁଷ୍ୟର ଭିତରେହିଁ ରହିଥାଏ । ଆଶୟଗତ ଦୃଷ୍ଟି ଅନୁସାରେ ଜୀବନ ହେଉଛି ଏକ ଆତ୍ମସୃଜନଶୀଳ ପ୍ରକ୍ରିୟା । ଏହାର ବିକାଶ ବିଭିନ୍ନ ପର୍ଯ୍ୟାୟ ଦେଇ ସଂଘଟିତ ହୋଇଥାଏ । ପ୍ରଥମେ ସେ ଅବଚେତନ ଅବସ୍ଥାରେ ଥାଏ, ତା'ପରେ ଅର୍ଦ୍ଧଚେତନ ହୁଏ ଏବଂ ପରିଶେଷରେ ନିଜ ଭିତରର ପ୍ରଚ୍ଛନ୍ନ ସମ୍ଭାବନା ଓ ଅସଲ ପରିଚୟ ବିଷୟରେ ଅଧିକରୁ ଅଧିକ ପୂର୍ଣ୍ଣ ସଚେତନ ହୁଏ । ଆଶୟଗତତା ଅନୁସାରେ ପ୍ରଗତିର ମୂଳନୀତି ହେଉଛି ଏକ କ୍ରମବର୍ଦ୍ଧମାନ ଆତ୍ମପରିଚୟ, ଆତ୍ମୋପଲବ୍ଧି ଓ ତାହାର ପରିଣାମସ୍ୱରୂପ ଏକ ଆତ୍ମ-ରୂପାୟନ (an increasing self-recognition, self-realisation and a resultant self-shaping) । ଏ କ୍ଷେତ୍ରରେ ବୁଦ୍ଧି (reason) ଓ ଇଚ୍ଛା (will) ଆତ୍ମାରହିଁ ଗୋଟିଏ ଗୋଟିଏ କାର୍ଯ୍ୟ-ସାଧକ ଗତିସ୍ପନ୍ଦନ । ମନୁଷ୍ୟ ଆତ୍ମପରିଚୟ ଦିଗରେ ବିକଶିତ ହେବାବେଳେ ତା'ର ବୁଦ୍ଧି ସେହି ବିକାଶର ଏକ ପ୍ରକ୍ରିୟା ହୋଇ ରହେ । ସେହିପରି ଇଚ୍ଛା ମଧ୍ୟ ଆତ୍ମ-ପ୍ରତିଷ୍ଠା (self-affirmation) ଓ ଆତ୍ମ-ରୂପାୟନ (self-shaping) ଲାଗି ଏକ ଶକ୍ତି ରୂପେ କାର୍ଯ୍ୟ କରିଥାଏ । ଆଶୟଗତତା ପ୍ରକୃତି ତଥା ସତ୍ତାକୁ ଏକ ବୃହତ୍ ଓ ସନ୍ତୁଳିତ ଦୃଷ୍ଟି ନେଇ ଦେଖିଥାଏ ।

ଏହା ସାଧାରଣତଃ ବୁଦ୍ଧି ଅପେକ୍ଷା ଜ୍ଞାନର ଉଚ୍ଚତର ସାମର୍ଥ୍ୟଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଇଥାଏ । ଆମ ଭିତରେ ସମ୍ବୋଧ୍ ବା ପ୍ରତିବୋଧ (intuition) ନାମକ ଜ୍ଞାନର ଏକ ଗଭୀରତର ସାମର୍ଥ୍ୟ ରହିଛି ଯାହା ଉପରେ ଆଶୟଗତତା ଅଧିକ ନିର୍ଭର କରିଥାଏ । ପ୍ରତିବୋଧ ଦ୍ୱାରା ବିଷୟଗୁଡ଼ିକର ସମଗ୍ର ପରିଚୟ ବା ସତ୍ୟ-ପରିଚୟ ପ୍ରାପ୍ତ ହୋଇଥାଏ । ଏହା ସବୁକିଛିକୁ ସମନ୍ୱିତ କରି ଦେଖିପାରେ । ଯଥାର୍ଥରେ ପ୍ରତିବୋଧ ହେଉଛି ଆମର ଆତ୍ମଚେତନା ଯାହା ସତ୍ୟ, ପ୍ରକୃତି ଓ ଶକ୍ତିଗୁଡ଼ିକର ମୂଳ ସ୍ୱରୂପକୁ ସ୍ୱତଃ ଜାଣିପାରେ । ବୁଦ୍ଧି ଭଳି ଏହା ଯାନ୍ତ୍ରିକ ନିୟମର ସାହାଯ୍ୟ ନେଇ ସତ୍ୟକୁ ଖୋଜିବାକୁ ଯାଏ ନାହିଁ । ଜ୍ଞାନ ଲାଭ ପାଇଁ ଏହାକୁ ବସ୍ତୁଗୁଡ଼ିକର ବିଶ୍ଳେଷଣ କରିବାକୁ ହୁଏ ନାହିଁ । କାରଣ ଏହା ପାଖରେ ରହିଛି ସ୍ୱତଃସ୍ଫୂର୍ତ୍ତ ଜ୍ଞାନ । ଆଶୟଗତତାର ମୂଳ ସ୍ୱଭାବ ଓ ପ୍ରବୃତ୍ତି ବିଷୟରେ ଶ୍ରୀଅରବିନ୍ଦ କହନ୍ତି – ''The whole impulse of subjectivism is to get at the self, to live in the self, to see by the self, to live out the truth of the self internally and externally, but always from an internal initiation and centre.''

(The Human Cycle, p. 59)

ଅର୍ଥାତ୍, ''ଆତ୍ମାର କ୍ଷେତ୍ରରେ ଯାଇ ପ୍ରବିଷ୍ଟ ହେବା, ଆତ୍ମାରେହିଁ ପ୍ରତିଷ୍ଠିତ ରହି ଜୀବନଟିକୁ କଟାଇବା, ସେହି ଆତ୍ମା ଦ୍ୱାରାହିଁ ସବୁକିଛି ଦେଖିବା ଏବଂ ଭିତରେ ତଥା ବାହାରେ ଅଥଚ ସର୍ବଦା ଏକ ଅନ୍ତଃପ୍ରେରିତ ଉତ୍‌ପ୍ରେରଣାରୁ ଏବଂ ଅନ୍ତଃପ୍ରେରିତ କେନ୍ଦ୍ରରୁହିଁ ସତ୍ୟମୟ ଜୀବନ କଟାଇବା – ଏହିଗୁଡ଼ିକହିଁ ଆଶୟଗତତାର ଯଥାର୍ଥ ଆକୃତି ବୋଲି କୁହାଯିବ ।''

ଆଶୟଗତତାର ଦୃଷ୍ଟି ବ୍ୟକ୍ତିର ଜୀବନ ଓ ବ୍ୟକ୍ତିର ଚେତନା ଉପରେ କେନ୍ଦ୍ରିତ ହୋଇ ରହିଥାଏ । ଜୀବନ ସମ୍ବନ୍ଧରେ ବିଷୟଗତ ଦୃଷ୍ଟିକୋଣ (objective view) ଯେପରି କେତେକ ଉପାଦାନକୁ ବିଚାରକୁ ନେଇଥାଏ, ଆଶୟଗତତା କ୍ଷେତ୍ରରେ ମଧ୍ୟ ସେହି ଏକ ପ୍ରକାରର ଉପାଦାନଗୁଡ଼ିକୁ ବିଚାରକୁ ନିଆଯାଇଥାଏ । ଆତ୍ମାର ଶକ୍ତି, ତାହାର ସ୍ୱାତନ୍ତ୍ର୍ୟ ତଥା ତାହାର କ୍ରମବର୍ଦ୍ଧମାନ ଆଲୋକ ଓ ଆନନ୍ଦ ଜୀବନର ଉଦ୍ଦେଶ୍ୟ ରୂପେ ଗୃହୀତ ହୁଏ । ଏହାକୁ ଆଶୟପ୍ରଧାନ ବ୍ୟକ୍ତିବାଦ (subjective individualism) ବୋଲି କୁହାଯାଇପାରେ । ଆଶୟଗତତାର କ୍ଷେତ୍ରରେ ଆଉ ଏକ ସମ୍ଭାବନା ହେଲା, ସାମୂହିକ ଆତ୍ମାଟି ଉପରେ ଅଧିକ ଜୋର୍ ଦେବା ଏବଂ ମନୁଷ୍ୟକୁ ସମୂହ ଆତ୍ମାର କେବଳ ଏକ ପ୍ରକାଶ ମାତ୍ର ବୋଲି ବିଚାର କରିବା । ଏହି ଦୃଷ୍ଟିକୋଣ ଅନୁସାରେ ବ୍ୟକ୍ତି ଯେତେଦିନ ପର୍ଯ୍ୟନ୍ତ ସମୂହର ଅନ୍ତର୍ଗତ ଓ ଅନୁଗତ ହୋଇ ନ ରହିଛି ସେ ପୂର୍ଣ୍ଣତା ଲାଭ କରିପାରିବ ନାହିଁ । ସମୂହର କ୍ରମବର୍ଦ୍ଧମାନ ଶକ୍ତି, ଦକ୍ଷତା, ଜ୍ଞାନ ଓ ସୁଖ ମୁଖ୍ୟ ବିଷୟ ରୂପେ ସ୍ୱୀକୃତ ହେବ ଏବଂ ବ୍ୟକ୍ତିର ଜୀବନ ଗୌଣ ସ୍ଥାନ ଲାଭ କରିବ । ଏପରି ବି ହୋଇପାରେ ଯେ ଏକ ଚରମ ଅବସ୍ଥାରେ ବ୍ୟକ୍ତିର ସ୍ୱାଧୀନତା ବୋଲି କିଛି ବି ରହିବ ନାହିଁ ।

ମାତ୍ର ଆଶୟଗତତାର ଏକ ଶୁଦ୍ଧ ଓ ଉଚ୍ଚ ଅବସ୍ଥାକୁ ମଧ୍ୟ ଆମେ କଳ୍ପନା କରିପାରିବା ଓ ସମ୍ଭବ କରିପାରିବା । ଏକ ଉଚ୍ଚତର ଭୂମିକୁ ଯାଇ ଆତ୍ମାକୁ ଦେଖିବାକୁ ହେବ । ଏହା ଉପଲବ୍ଧି କରିବାକୁ ହେବ ଯେ ବିଶ୍ୱଗତ ପରମ ସତ୍ତା ଏକ ସଙ୍ଗେ ବ୍ୟକ୍ତି ଓ ସମଷ୍ଟି ଭିତରେ ଆପଣାକୁ ପରିପୂର୍ଣ୍ଣ କରିବାରେ ଲାଗିଛନ୍ତି । ବ୍ୟକ୍ତି ଓ ସମଷ୍ଟି ସମାନ ଓ ସମାନ୍ତର ଭାବରେ ବିକଶିତ ହେବାରେ ଲାଗିଛନ୍ତି । ବିକାଶକ୍ରମରେ ସେ ଦୁହେଁ ପରସ୍ପରର ସହାୟକ ହୋଇ ପରିପୂର୍ଣ୍ଣତା ଦିଗରେ ଅଗ୍ରସର ହେଉଛନ୍ତି । ବ୍ୟକ୍ତି ନିଜର ସ୍ୱତନ୍ତ୍ର ଆତ୍ମୋପଲବ୍ଧି ସକାଶେ ପ୍ରୟାସ କରିବା ବେଳେ ଅନ୍ୟମାନଙ୍କ ଜୀବନ ମଧଦେଇ ବି ସେଇ ଉପଲବ୍ଧିକୁ ପ୍ରାପ୍ତ କରିବା ପାଇଁ ଉଦ୍ୟମ କରୁଥିବ । ବ୍ୟକ୍ତି ତା'ର ଜୀବନ କ୍ଷେତ୍ରକୁ ଯେତିକି ଅଧିକ ପ୍ରଶସ୍ତ ଓ ସାମର୍ଥ୍ୟଯୁକ୍ତ କରୁଥିବ, ଅନ୍ୟ ସକଳ ବ୍ୟକ୍ତିସତ୍ତା ତଥା ପରମ ବିଶ୍ୱସତ୍ତାଙ୍କର ସାମୂହିକ ସତ୍ତାରୂପଗୁଡ଼ିକର ସ୍ୱାଭାବିକ ଅଭିବୃଦ୍ଧିରେ ସେ ସେତିକି ସହାୟକ ହେଉଥିବ । ସମସ୍ତଙ୍କ ସହିତ ସମନ୍ୱୟ ପ୍ରତିଷ୍ଠା କରିବାରେ ବି ସେ ସମର୍ଥ ହେଉଥିବ । ସୁତରାଂ ଗଭୀର ଦୃଷ୍ଟିରେ ଦେଖିଲେ ବ୍ୟକ୍ତି ଓ ସମଷ୍ଟି ପରସ୍ପରଠାରୁ ଆଦୌ ଭିନ୍ନ ନୁହନ୍ତି । ଏକତା ଓ ପାରସ୍ପରିକତାହିଁ ଉଭୟଙ୍କ ଲାଗି ମଙ୍ଗଳକର ସିଦ୍ଧ ହେବ ।

ଆଶୟଗତ ଅନ୍ୱେଷଣର ମାର୍ଗରେ ଶରୀରଗତ, ପ୍ରାଣଗତ ଓ ମାନସିକ ସାମର୍ଥ୍ୟର ଅଭିବୃଦ୍ଧିକୁ ସର୍ବପ୍ରଧାନ ମହତ୍ତ୍ୱ ଦେଲେ ତାହା ଗୋଟିଏ ପ୍ରକାର ପ୍ରୟୋଜନବାଦୀ ତଥା ବହିର୍ମୁଖୀ ଆଶୟପ୍ରଧାନ ଭୌତିକବାଦ(subjective materialism, pragmatic and outward-going)ରେ ପରିଣତ ହୁଏ । ଏ କ୍ଷେତ୍ରରେ ପ୍ରାଣର ସଂବେଗ, ବାସନା, ଆବେଗ, ଶକ୍ତି ଓ

ଅହଂଗତ ପରିପୂର୍ଣ୍ଣତା ଉପରେହିଁ ଅଧିକ ଗୁରୁତ୍ୱ ଦିଆଯାଏ । ମନୁଷ୍ୟକୁ ଏକ ମନୋମୟ ଓ ନୈତିକ ସତ୍ତା ରୂପେ କଳ୍ପନା କରାଯାଏ । ମାତ୍ର ଏହି ଦୃଷ୍ଟିକୋଣ ଭିତରେ ଥିବା ଆଶୟପ୍ରଧାନ ପ୍ରବୃତ୍ତିଟି ଅଧିକ କାଳ ସ୍ଥାୟୀ ହୋଇ ରହିପାରେ ନାହିଁ । କାରଣ ଆଶୟପ୍ରଧାନତାର ସ୍ୱାଭାବିକ ପ୍ରବୃତ୍ତି ହେଲା ସର୍ବଦା ଅନ୍ତର୍ମୁଖୀ ହୋଇ ରହିବା ଏବଂ ଆନ୍ତର ଚେତନାରେ ବାସ କରିବା । ଅନ୍ତରସ୍ଥ ପୂର୍ଣ୍ଣଚେତନ ଜୀବନ ମଧ୍ୟରେ ପ୍ରବେଶ କଲେ ଯାଇ ମନୁଷ୍ୟ ନିଜର ଯଥାର୍ଥ ପରିଚୟ ଲାଭ କରେ । ସେଥିରେହିଁ ରହିଛି ତାହାର ଆତ୍ମ ପରିତୃପ୍ତି । ଆଶୟଗତ ଜୀବନର ଗଭୀରତାରେ ପ୍ରବେଶ କରିବା ଦ୍ୱାରା ମନୁଷ୍ୟ ତା'ର ଅନ୍ତରସ୍ଥ ସକଳ ଶକ୍ତି, ସାମର୍ଥ୍ୟ ଓ ଆନନ୍ଦକୁ ଅନୁଭବ କରିପାରେ । ପ୍ରାଣ-ପ୍ରଧାନତାର ସୋପାନଟିକୁ ଅତିକ୍ରମ କଲେ ଆମେ ଏକ ଆଶୟନିଷ୍ଠ ଆଦର୍ଶବାଦ(subjective idealism)ରେ ଯାଇ ପହଞ୍ଚିବା ଯାହାକି ବର୍ତ୍ତମାନ ଅଧିକ ମହତ୍ତ୍ୱ ଲାଭ କରିଛି । ଏହି ଆଦର୍ଶବାଦ ମନୁଷ୍ୟର ଧର୍ମଗତ, ସଂବେଗଗତ, ସୌନ୍ଦର୍ଯ୍ୟ-ବୋଧଗତ ଓ ସଂବୋଧିଗତ କ୍ଷେତ୍ରରେ ତଥା ତା'ର ସର୍ବୋଚ୍ଚ ବୁଦ୍ଧି ଓ ନୈତିକତାର କ୍ଷେତ୍ରରେ ପରିପୂର୍ଣ୍ଣତା ଲାଭ ପାଇଁ ଲକ୍ଷ୍ୟ ରଖିଥାଏ । ଜୀବନର ଭୌତିକ ଓ ପ୍ରାଣଗତ ଦିଗଟି ଏହି ଲକ୍ଷ୍ୟର ଅଧୀନ ହୋଇ ରହିଥାଏ ।

ଆଶୟନିଷ୍ଠ ଆଦର୍ଶବାଦର ଏଇ ନୂତନ ପ୍ରବୃତ୍ତି ତତ୍ତ୍ୱଦୃଷ୍ଟି ଓ ତତ୍ତ୍ୱୋପଲବ୍ଧି (mysticism) ଉପରେ ଜୋର୍ ଦେଇଥାଏ । ରହସ୍ୟବାଦ ଓ ଗୁପ୍ତବିଦ୍ୟା(occultism) ଏହାର ଆଗ୍ରହୋଦ୍ଦୀପକ ବିଷୟ । ପ୍ରାଣ ଓ ଶରୀରଠାରୁ ସ୍ୱତନ୍ତ୍ର ହୋଇ ରହିଥିବା ଆତ୍ମାର ଅନୁସନ୍ଧାନ କରିବାକୁ ଏହା ଅଭୀପ୍ସା ପୋଷଣ କରିଥାଏ । ବ୍ୟକ୍ତିବାଦ ଓ ବସ୍ତୁପ୍ରଧାନ ବୁଦ୍ଧିବାଦର ଯୁଗ ପରେ ଏହି ପର୍ଯ୍ୟାୟଟି ଆଧୁନିକ ଜୀବନ ପାଇଁ ଅଧିକ ଉପଯୋଗୀ ମନେ ହୁଏ ।

ଆଶୟଗତ ଦୃଷ୍ଟି ଏତିକିରେ ସୀମିତ ହୋଇ ରହିବ ନାହିଁ । ଏହା ଆନ୍ତର ଜୀବନ କ୍ଷେତ୍ରରେ ଜ୍ୟୋତିର୍ମୟ ପରମ ଆତ୍ମାଙ୍କୁ ଆବିଷ୍କାର କରିବ ଏବଂ ବାହ୍ୟ ଜୀବନରେ ତାଙ୍କୁ ଉନ୍ମୋଚିତ ଓ ପ୍ରକାଶିତ କରିବ । ଯଥାର୍ଥ ଆତ୍ମା ଯେ ମନଠାରୁ ଅନେକ ବୃହତ୍ତର ଏହି ସତ୍ୟଟି ମନୁଷ୍ୟ ପାଖରେ ଆଉ ଅଜ୍ଞାତ ହୋଇ ରହିବ ନାହିଁ । ଆତ୍ମାର ଉତ୍ତରୋତ୍ତର ଅଭିବ୍ୟକ୍ତି ଲାଗି ମନ, ପ୍ରାଣ ଓ ଶରୀର ଗୋଟିଏ ଗୋଟିଏ ଯୋଗ୍ୟ ସାଧନ ହୋଇ କାର୍ଯ୍ୟ କରିବେ । ତେଣୁ ସେଗୁଡ଼ିକର ମଧ୍ୟ ପରିପୂର୍ଣ୍ଣତା ଆବଶ୍ୟକ ହେବ । ଏକହିଁ ଆତ୍ମା ସକଳ ବସ୍ତୁ ଓ ପ୍ରାଣୀଙ୍କ ଭିତରେ ଅଭିନ୍ନ ଓ ପ୍ରଚ୍ଛନ୍ନ ହୋଇ ରହିଛନ୍ତି । ବିଶ୍ୱାତୀତ ତଥା ବିଶ୍ୱଗତ ପରମ ଆତ୍ମାଙ୍କୁ ଉପଲବ୍ଧି କରିବା ଦ୍ୱାରା ମନୁଷ୍ୟର ବ୍ୟକ୍ତିଗତ ତଥା ସାମାଜିକ କ୍ଷେତ୍ରରେ ପ୍ରେମ, ଆନନ୍ଦ, ଆଲୋକ, ସାମର୍ଥ୍ୟ ଓ ସୌନ୍ଦର୍ଯ୍ୟର ପରମ ସ୍ୱରୂପ ଅଭିବ୍ୟକ୍ତ ହୋଇ ପାରିବ । ଏହାହିଁ ମନୁଷ୍ୟ ଜୀବନର ପ୍ରକୃତ ଆଦର୍ଶ । ❑

# ଈଶ୍ୱର

## ଶ୍ରୀଅରବିନ୍ଦ

ତୁମେ ପରିବ୍ୟାପ୍ତ ନିଖିଳ ନିମ୍ନଲୋକେ
ତଥାପି ଊର୍ଦ୍ଧ୍ୱେସ୍ଥିତ
ସକଳ କାର୍ଯ୍ୟ, ନିୟମ, ଜ୍ଞାନର ପ୍ରଭୁ
ପ୍ରେମର ଦାସାନୁଦାସ ।

କୃମିକୀଟକୁ ବି କର ନାହିଁ ଘୃଣା
ମୂର୍ଖକୁ ତିରସ୍କାର
ଏହି ନମ୍ରତା ତୁମକୁ କରିଛି
ବିଶ୍ୱଲୋକେ ଈଶ୍ୱର ।

[ଶ୍ରୀଅରବିନ୍ଦଙ୍କ ରଚିତ "God" କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋସ୍ନା ମହାନ୍ତି ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୨୪)

### ଆଶ୍ରମରେ ଆର୍ଥିକ ସଂକଟର ଚରମାବସ୍ଥା :

ଆଶ୍ରମରେ ଆର୍ଥିକ ସଂକଟ ସମ୍ପର୍କରେ ଦ୍ୟୁମାନ୍‌ଙ୍କର କିଛିଟା ସ୍ମୃତିକଥାର ଭାବାନୁବାଦ : ଏହା ଥିଲା ୧୯୩୭-୩୮ ମସିହାର କଥା । ... ଦିନେ ଆଶ୍ରମର ଜଣେ ପୁରୁଣା ଅନ୍ତେବାସୀ 'ପି' ଶ୍ରୀମା'ଙ୍କଠାରୁ ତିନି ଶହ ପାଖାପାଖି ଟଙ୍କା ଚାହିଁଲେ – ତାଙ୍କ ଜନ୍ମସ୍ଥାନରେ ଥିବା ଅନୁଜଙ୍କ ସକାଶେ । ଶ୍ରୀମା ଦ୍ୟୁମାନ୍‌ଙ୍କୁ ଡାକି କହିଲେ, ''ମୋତେ 'ପି' ଟଙ୍କା ମାଗୁଛି; ମୁଁ ତ ତାକୁ ଆଶ୍ରମର ତହବିଲରୁ ଟଙ୍କା ଦେଇ ପାରିବି ନାହିଁ । କେବେ କେବେ ଭକ୍ତମାନେ ମୋତେ ସୁନା ଅର୍ପଣ କରିଥା'ନ୍ତି । ଯେହେତୁ ସେ ମୋତେ ଟଙ୍କା ମାଗୁଛି, ମୁଁ ଏବେ ସେଇ ସୁନାରୁ କିଛିଟା ବ୍ୟବହାର କରିପାରେ । ମୁଁ ତିନିଶହ ପାଖାପାଖି ଟଙ୍କା ଚାହେଁ; ତୁମେ ଏହାର ବନ୍ଦୋବସ୍ତ କରିପାରିବ କି ?'' – ଏହା କହି ଶ୍ରୀମା ମୋ ହାତକୁ ଚବିଶ କ୍ୟାରେଟ୍‌ର ସୁନା ବଢ଼ାଇ ଦେଲେ । ଏହି ସୁନା ଆନ୍ଧ୍ରର ନୈଷ୍ଠିକ ଭକ୍ତ 'ଦାରା'ଙ୍କର ପରିବାର ଶ୍ରୀମା'ଙ୍କୁ ଅର୍ପଣ କରିଥିଲେ । ଦ୍ୟୁମାନ୍ ସେଇଟିକୁ ନେଇ ବଜାରକୁ ଗଲେ ଏବଂ ବଣିଆ ଦୋକାନୀଙ୍କୁ ଦେଇ ତା' ବଦଳରେ ଟଙ୍କାତକ ଶ୍ରୀମା'ଙ୍କୁ ଅର୍ପଣ କଲେ । ... ଏହା ପରଠୁ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଭକ୍ତମାନଙ୍କ ଅର୍ପିତ ଅଳଙ୍କାର ବା ସୁନାସବୁର ରକ୍ଷଣାବେକ୍ଷଣର ଭାର ଶ୍ରୀମା ଦ୍ୟୁମାନ୍‌ଙ୍କ ଉପରେ ନ୍ୟସ୍ତ କରିଥିଲେ । ...

... ଜନୈକ ଭକ୍ତ ଡାକ୍ତର ଆର୍. ଏସ୍. ଅଗରୱାଲ୍ (ଚକ୍ଷୁ ଚିକିତ୍ସକ; ଆଶ୍ରମରେ 'ପର୍‌ଫେକ୍ଟ ଆଇସାଇଟ୍' ବିଭାଗର ପ୍ରଥମ ଉଦ୍ୟୋକ୍ତା) ଶ୍ରୀମା'ଙ୍କର ଅନୁମତି ପ୍ରାପ୍ତ ହୋଇ ସପରିବାରରେ ଆଶ୍ରମର ଅନ୍ତେବାସୀ ହେଲେ । ଥରେ ସେ ଶ୍ରୀମା'ଙ୍କୁ ପଚାରିଲେ, 'ମା, ଆଶ୍ରମରେ ଥିବା ପିଲାମାନଙ୍କର ପଢ଼ାଶୁଣା ସମ୍ବନ୍ଧରେ ଆପଣ କି ପ୍ରକାରର ବନ୍ଦୋବସ୍ତ କରିବାକୁ ସିଦ୍ଧାନ୍ତ ନେଇଛନ୍ତି ?' ଆଶ୍ରମରେ ଆସି ରହି ଯାଇଥିବା ପିଲାମାନଙ୍କ ସକାଶେ ସେପର୍ଯ୍ୟନ୍ତ ଶ୍ରୀମା ସ୍କୁଲଟିଏ ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହୋଇପାରି ନଥିଲେ । ଡାକ୍ତର କହିଲେ, 'ମା, ସ୍କୁଲ ସକାଶେ ବହି, କାଗଜ, କଲମ ଇତ୍ୟାଦି ଉପକରଣସବୁ ମୁଁ ଆପଣଙ୍କୁ ଯୋଗାଇ ଦେବି ।' ତାଙ୍କର କଥାନୁସାରେ ସେ ଆବଶ୍ୟକୀୟ ସାମଗ୍ରୀସବୁ ଶ୍ରୀମା'ଙ୍କୁ ଅର୍ପଣ କରିବାକୁ ଲାଗିଲେ । ଖୁବ୍ ଛୋଟ ଆକାରରେ ସ୍କୁଲଟିଏ ଗଢ଼ି ଉଠିଲା । କିନ୍ତୁ ସାଧାରଣତଃ ଶ୍ରୀମା'ଙ୍କର ପ୍ରତିଟି ନୂତନ ଅନୁଷ୍ଠାନ କ୍ଷୁଦ୍ର ଆକାରରୁ ଆରମ୍ଭ ହୋଇ କ୍ରମଶଃ ବୃଦ୍ଧି ପାଇଥାଏ । ହୁ-ହୁ କରି ସ୍କୁଲଟିର କଳେବର ଓ କ୍ରିୟାକଳାପର ପରିସର ମଧ୍ୟ ବୃଦ୍ଧି ପାଇବାକୁ ଲାଗିଲା । କିନ୍ତୁ ଏହାର ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ସକାଶେ ଶ୍ରୀମା'ଙ୍କଠାରେ ଆବଶ୍ୟକୀୟ ଅର୍ଥ କାହିଁ ! କିନ୍ତୁ ତାଙ୍କୁହିଁ ତ ଏହାର ସମାଧାନ କରିବାକୁ ହେବ । ... ସର୍ବୋପରି ଆଶ୍ରମର ପରିଚାଳନା ସମ୍ବନ୍ଧେ ଅନ୍ତେବାସୀଙ୍କର ଶ୍ରୀମା'ଙ୍କ ସହିତ ଯଥାର୍ଥ ବୁଝାମଣା ରହିବା ଏକାନ୍ତ ଆବଶ୍ୟକ । – କିନ୍ତୁ ଏସବୁ କଥା ପ୍ରାୟ ଦେଖିବାକୁ ମିଳୁ ନଥିଲା । ତେଣୁ କ୍ରମଶଃ ସମସ୍ୟା ଦେଖା ଦେଲା । ଶ୍ରୀମା'ଙ୍କ ଉପରେ ଅନ୍ତେବାସୀଙ୍କର (ବିଶେଷ କରି ବିଭାଗୀୟ ମୁଖ୍ୟମାନଙ୍କର) ଦାବି କ୍ରମଶଃ ବଢ଼ିବାକୁ ଲାଗିଲା, ଖର୍ଚ୍ଚପତ୍ର ବଢ଼ିବାକୁ ଲାଗିଲା; ତେଣୁ ସ୍ୱାଭାବିକ ଭାବରେ ଆର୍ଥିକ ସମସ୍ୟା ଦେଖା ଦେଲା ।

ଆଶ୍ରମ ଚଳାଇବା ସକାଶେ ଶ୍ରୀମାଙ୍କର ପ୍ରଚୁର ଅର୍ଥ ଦରକାର, ପୁନଶ୍ଚ ସ୍କୁଲର ପରିଚାଳନା ନିମନ୍ତେ ତ ଅର୍ଥର ଆବଶ୍ୟକତା ରହିଛି । ଦିନେ ସେ ତାଙ୍କର ଗହଣାସବୁ ବାହାର କରି ଦ୍ୟୁମାନ୍‌ଙ୍କୁ କେତୋଟି ବାକ୍ସରେ ଭର୍ତ୍ତି କରିବାକୁ କହିଲେ । ତାଙ୍କର ନିର୍ଦ୍ଦେଶ ମୁତାବକ ସେ ଏହି କାମଟି କରୁଥିବା ବେଳେ ତତ୍‌କ୍ଷଣାତ୍ ହୃଦୟଙ୍ଗମ କରି ପାରିଲେ ଶ୍ରୀମାଙ୍କର ଭିତରି ଉଦ୍ଦେଶ୍ୟ; ତାଙ୍କ ଅନ୍ତରଟି ମଳି ହୋଇଗଲା; କିନ୍ତୁ କରିବେ କ'ଣ, ଅନନ୍ୟୋପାୟ ହୋଇ ନୀରବରେ ତାଙ୍କର ନିର୍ଦ୍ଦେଶ ମାନିବାକୁ ବାଧ୍ୟ ହେଲେ । ଗୋଟିଏ ପରେ ଗୋଟିଏ ବାକ୍ସଭର୍ତ୍ତି ଗହଣା ଚଟାଣରୁ, – କହିବାକୁ ଗଲେ ଛାତ ପର୍ଯ୍ୟନ୍ତ ଠୁଳ ହୋଇ ଉଠିଲା । ତା'ପରେ ଶ୍ରୀମା ତାଙ୍କୁ କହିଲେ, 'ଦ୍ୟୁମାନ୍, ମୁଁ ଏସବୁକୁ ତୁମକୁ ହସ୍ତାନ୍ତରିତ କଲି । ତୁମେ ଏସବୁକୁ ନେଇ ଯାହା କରୁଛ କର । ମୁଁ କିନ୍ତୁ ପ୍ରଚୁର ଅର୍ଥ ଚାହେଁ ।' ତା'ପରେ ଦ୍ୟୁମାନ୍ ସହରରୁ ଜଣେ ବଣିଆକୁ

ଡକାଇ ପଠାଇଲେ । ଆଶ୍ରମରେ ଜଣେ ଅନ୍ତେବାସୀ ଥିଲେ, ଯିଏକି ଏଠାକୁ ଆସିବା ପୂର୍ବରୁ ଜଣେ ବଣିଆ ଥିଲେ, — ନାମ ତାଙ୍କର ମିନୁ ସୋଲେନା । ତାଙ୍କୁ ମଧ୍ୟ ଡାକିଲେ । — ସେ ତିନିଜଣ ଏକ ଆବଦ୍ଧ କୋଠରିରେ ବସି ଦୁଇ ତିନି ଦିନ ଧରି ପ୍ରତ୍ୟେକଟି ଗହଣାକୁ ଓଜନ କଲେ ଏବଂ ତଦାନୀନ୍ତନ ବଜାର ଦର ଅନୁସାରେ ଚିହ୍ନଟ କରି ଲେଖି ରଖିଲେ । ଯଦି ଏବେ (୧୯୭୦-୮୦ ଦଶକରେ କଥିତ) ସେସବୁକୁ ବିକ୍ରୀ କରିଥା'ନ୍ତେ ତେବେ ଦଶ ନିୟୁତ ପାଖାପାଖି ଅର୍ଥ ପାଇ ପାରିଥା'ନ୍ତେ । କିନ୍ତୁ ସେସମୟରେ ଏହାର ମୂଲ୍ୟ ହୋଇ ଉଠିଲା ଲକ୍ଷେ ପଞ୍ଚସ୍ତରୀ ଟଙ୍କା । ଏହା ଶୁଣି ଶ୍ରୀମା ତତ୍‌କ୍ଷଣାତ୍ କହି ଉଠିଲେ, 'ଏତେ କମ୍ !' ଦ୍ୟୁମାନ୍ ମା'ଙ୍କୁ କହିଲେ, 'ମା, ତୁମର ଆବଶ୍ୟକ ମୁତାବକ ଅର୍ଥ ମୁଁ ଯୋଗାଡ଼ କରି ଆଣିବି ।' କେବେ କେବେ ସେ ବଜାରକୁ ଯାଇ ସୁନା ଗହଣା ବିକ୍ରୀ କରି ଟଙ୍କା ଆଣି ମା'ଙ୍କୁ ଦେଇଛନ୍ତି । କେବେ କେବେ ଅତି ପରିଚିତ ଭକ୍ତ-ବନ୍ଧୁମାନଙ୍କର ଦ୍ୱାରସ୍ଥ ହୋଇ କହିଛନ୍ତି, 'ଦେଖନ୍ତୁ, ମା'ଙ୍କର ଏହି ଗହଣାର ବଜାରଦର ହେଉଛି ମାତ୍ର ଏତିକି, ମା'ଙ୍କର କିନ୍ତୁ ଏହାଠାରୁ ଅଧିକ ଟଙ୍କା ତୁରନ୍ତ ଆବଶ୍ୟକ ।' — ବନ୍ଧୁମାନେ ଗହଣାଟିକୁ ସାଦରେ ସାଇତି ରଖିବାର ପ୍ରତିଶ୍ରୁତି ଦେଇ କୃତଜ୍ଞତାପୁଟରେ ମା'ଙ୍କୁ ଆବଶ୍ୟକୀୟ ଅର୍ଥ ଯୋଗାଡ଼ କରି ଦେଇଛନ୍ତି । ... ଦ୍ୟୁମାନ୍ ଏମିତି ବିଭିନ୍ନ ପ୍ରକାର ବନ୍ଦୋବସ୍ତ କରି ମା'ଙ୍କୁ ଉଚିତ ସମୟରେ ଅର୍ଥ ଯୋଗାଇ ଦେଇଛନ୍ତି ।

ଶ୍ରୀମା ଜାଣିବାକୁ ପାଇଲେ ଯେ ଆଶ୍ରମର ଅନ୍ତେବାସୀଙ୍କୁ ଦ୍ୟୁମାନ୍ ଗହଣା ଦେଇ ଅର୍ଥ ସଂଗ୍ରହ କରୁଛନ୍ତି । ଦିନେ ସେ ଦ୍ୟୁମାନ୍‌ଙ୍କୁ ଏହି ମର୍ମରେ କହିଲେ, 'ତୁମେ କାହିଁକି ଆଶ୍ରମବାସୀଙ୍କୁ ଗହଣା ଦେଉଛ ?' ଦ୍ୟୁମାନ୍ କହିଲେ, 'ମା, ସେମାନେ ଆଶ୍ରମକୁ ଆସି ତୁମ ଅନୁମତି ପାଇ ଏଠାରେ ରହିଯିବା ପରେ ପ୍ରତ୍ୟେକେ ନିଜ ନିଜର ସବୁକିଛି ଅଳଙ୍କାର — ମୁଦି, କଙ୍କଣ, ଶାଢ଼ୀ ପିନ୍ ଇତ୍ୟାଦି ତୁମକୁ ଅର୍ପଣ କରି ଦେଇଥିଲେ । ବର୍ତ୍ତମାନ ସେହିସବୁ ବସ୍ତୁକୁ ସେମାନଙ୍କୁ ଦେଇ ସେମାନଙ୍କଠାରୁ ଅର୍ଥ ଚାହିଁଛି । ବଜାର ଦରଠାରୁ ଅନେକ ବେଶୀ ଅର୍ଥ ସେମାନେ ତୁମକୁ ଖୁସିରେ ଅର୍ପଣ କରି ପାରୁଛନ୍ତି ।'... ଏମିତି ଆଶ୍ରମର ଆର୍ଥିକ ଅବସ୍ଥା କୌଣସି ପ୍ରକାରେ ଗତି କରି ଚାଲିଲା । ...

ବେଳେ ବେଳେ ଆଶ୍ରମର ତଦାନୀନ୍ତନ କୋଷାଧ୍ୟକ୍ଷ ସତ୍ୟକାମ ମା'ଙ୍କୁ ଭେଟି କହୁଥିଲେ, 'ମୁଁ ଏତିକି ଟଙ୍କା ଚାହେଁ, ଖୁବ୍ ଜରୁରୀ ।' କିନ୍ତୁ ସେଇ ମୁହୂର୍ତ୍ତରେ ମା'ଙ୍କ ପାଖରେ ସେଇ ପରିମାଣର ଟଙ୍କା ନଥାଏ । ଏଇ ଧରଣର ପରିସ୍ଥିତିରେ ଦ୍ୟୁମାନ୍ ଉପରୋକ୍ତ ଧାରାରେ ଅନେକ ଥର ମା'ଙ୍କୁ ଟଙ୍କା ଆଣି ଦେଇଛନ୍ତି । ପୁନଶ୍ଚ ଜରୁରୀକାଳୀନ ପରିସ୍ଥିତି ସକାଶେ ସେ କିଛି ଟଙ୍କା ସଞ୍ଚୟ କରି ନିଜ ପାଖରେ ରଖୁଥିଲେ; କେବଳ ମା'ଙ୍କ ସକାଶେ ।

କୌଣସି ଏକ ବର୍ଷର ମାର୍ଚ୍ଚ ୨୯ ତାରିଖରେ ସତ୍ୟକାମ ମା'ଙ୍କୁ ଜଣାଇଲେ ଯେ ଏପ୍ରିଲ ପହିଲାର ବିତରଣ ସକାଶେ ପଚିଶ ହଜାର ଟଙ୍କା ଆବଶ୍ୟକ । ମା'ଙ୍କ ପାଖରେ ଆଦୌ ପଇସା ନଥାଏ । ସେ ଦ୍ୟୁମାନ୍‌ଙ୍କୁ ଡାକି ପଠାଇଲେ ଏବଂ ତାଙ୍କ ଆଲମାରିରୁ କେତୋଟି ଗହଣା ବାହାର କରି ତାଙ୍କ ହାତକୁ ଦେଇ କହିଲେ, ''ପହିଲା ପୂର୍ବରୁ ମୋର ପଚିଶ ହଜାର ଟଙ୍କା ଦରକାର । ମୋତେ ତୁମେ ଏବେ ବନ୍ଦୋବସ୍ତ କରି ଦିଅ ।'' ସେହି ସମୟରେ ବଜାର ବନ୍ଦ ହୋଇ ଯାଇଥାଏ । ଏମିତି ପରିସ୍ଥିତିରେ ଦ୍ୟୁମାନ୍ ତାଙ୍କର ଗଚ୍ଛିତ ଟଙ୍କାରୁ ପଚିଶ ହଜାର ଟଙ୍କା ଅର୍ପଣ କଲେ । — ଏମିତି ଅନେକ ଥର ଘଟିଛି ।

ଥରେ ଏକ ବିଶେଷ ପରିସ୍ଥିତିରେ ଶ୍ରୀମାଙ୍କର ଆଈ ତାଙ୍କୁ ଦେଇଥିବା ରୁପାର ଘଡ଼ିଟିକୁ ଆଲମାରିରୁ ବାହାର କରି ଦ୍ୟୁମାନ୍‌ଙ୍କ ହାତକୁ ବଢ଼ାଇ ଦେଇ କହିଲେ, 'ତୁମେ ଜଣେ ଭାବପ୍ରବଣ ବ୍ୟକ୍ତି କି ?' — ମା'ଙ୍କର ତାଙ୍କୁ ଏପରି କହିବାର ଅର୍ଥ ସେ ତତ୍‌କ୍ଷଣାତ୍ ହୃଦୟଙ୍ଗମ କରି ପାରିଲେ । କାରଣ ସେ ଜାଣିଥିଲେ ଯେ ସେହି ଘଡ଼ିଟିକୁ ମା ଅତି ଯତ୍ନରେ ନିଜ ପାଖରେ ସାଇତି ରଖିଥିଲେ, କେବେ ବି ହସ୍ତାନ୍ତର କରୁ ନଥିଲେ । କିନ୍ତୁ ପରିସ୍ଥିତି ଏମିତି ହୋଇ ଉଠିଥିଲା ଯେ ସେ ସେଇଟିକୁ ବି ଦେଇ ଅର୍ଥ ଚାହୁଁଛନ୍ତି ! ଦ୍ୟୁମାନ୍ ତତ୍‌କ୍ଷଣାତ୍ ମା'ଙ୍କୁ କହିଲେ, 'ମା, ମୁଁ ଆଦୌ ସେପରି ନୁହେଁ । ତୁମେ ଏହା ବଦଳରେ କେତେ ଅର୍ଥ ଚାହୁଁଛ କୁହ ।'... ଭାରାକ୍ରାନ୍ତ ହୃଦୟରେ ମା'ଙ୍କ ପ୍ରକୋଷ୍ଠରୁ ବାହାରି ଆସିବା ପରେ ସେ ଲାଲଜୀ ଭାଇ ('ନିଉ ହୋରାଇଜନ୍ ସୁଗର୍ ମିଲ୍'ର ମାଲିକ)ଙ୍କୁ ଭେଟିଲେ । ତାଙ୍କ ହାତରେ ସେଇ ଘଡ଼ିଟିକୁ ଦେଇ ସବୁ କଥା କହିଲେ ଏବଂ ତାଙ୍କଠାରୁ ଦଶ ହଜାର ଟଙ୍କା ଚାହିଁଲେ । ... ତହିଁ ପରଦିନ ଲାଲଜୀ ଭାଇ ମା'ଙ୍କୁ ପ୍ରଣାମ କରି ଉଠିବା ପରେ ମା ତାଙ୍କୁ କହିଲେ, ''ତୁମେ ମୋ ଘଡ଼ିଟା ତା'ହେଲେ ପାଇଛ । ସେଇଟି ମୋ ଆଈ ମୋତେ ଦେଇଥିଲେ । ଯତ୍ନର ସହିତ ସେଇଟିକୁ ତୁମେ ତୁମ ଆଲମାରିରେ ସାଇତି ରଖିବ ।''

ଆମେ ସମସ୍ତେ ମା'ଙ୍କର ମୁକୁଟ ପିନ୍ଧା ଛବି ଦେଖିଛୁ । ସେଇ ମୁକୁଟଟି ସୁନାରେ ତିଆରି, ଆଉ ସେଥିରେ ବହୁ ମୂଲ୍ୟର ରକ୍ତବର୍ଣ୍ଣ ମଣି ଖଚିତ ହୋଇଥିଲା । ମା ସେଇଟିକୁ 'ଦୁର୍ଗା ମୁକୁଟ' ବୋଲି କହୁଥିଲେ ଏବଂ ପରେ ଅତି ଯତ୍ନରେ ସେଇଟିକୁ ସାଇତି ରଖିଥିଲେ ଏବଂ ପ୍ରାୟ କହୁଥିଲେ, 'ପରିସ୍ଥିତି ଯାହା ବି ହେଉପଛେ ଏଇଟିକୁ ମୁଁ ଆଦୌ ହସ୍ତାନ୍ତର କରିବି ନାହିଁ ।' କିନ୍ତୁ ଆଶ୍ରମର ଆର୍ଥିକ ପରିସ୍ଥିତି ଏମିତି ଅବସ୍ଥାରେ ପହଞ୍ଚିଲା ଯେ ଦିନେ ସେ ସେଇଟିକୁ ଦ୍ୟୁମାନ୍‌ଙ୍କ ହାତକୁ ବଢ଼ାଇ ଦେଇ କହିଲେ, 'ନିଅ, ଏଇଟିକୁ ବିକ୍ରୀ କରିଦିଅ । ' – 'ଠିକ୍ ଅଛି, ମା !', କହି ମା'ଙ୍କ ହାତରୁ ସେଇଟିକୁ ନେବା ମୁହୂର୍ତ୍ତରେ ସେ ଦ୍ୟୁମାନ୍‌ଙ୍କୁ ପଚାରିଲେ, 'ଏଇଟିକୁ ତୁମେ କ'ଣ କରିବ ବୋଲି ସିଦ୍ଧାନ୍ତ ନେଉଛ ?' – 'ମା, ମୁଁ ଏଇଟିକୁ 'ଜି'ଙ୍କୁ ଦେବି ।' ଠିକ୍ ସେତିକି ବେଳେ 'ଜି' ମା'ଙ୍କ କକ୍ଷ ସାମନା ବାରଣ୍ଡାରେ ବସିଥିବାର ଦ୍ୟୁମାନ୍ ଦେଖିଥିଲେ । ମା'ଙ୍କ ନିର୍ଦ୍ଦେଶ କ୍ରମେ ଦ୍ୟୁମାନ୍ ତାଙ୍କୁ ଭିତରକୁ ଡାକି ଆଣିଲେ । ତା'ପରେ ମା ତାଙ୍କୁ କହିଲେ, ''ଦେଖ, 'ଜି', ତୁମେ ମୋର ଏହି ମୁକୁଟଟିର ଯତ୍ନ ନେବ । ଏହାର ସଦୁପଯୋଗ ଉପରେ ମୁଁ ଅଧିକ ଗୁରୁତ୍ୱ ଦେଇଥାଏ । ଯଦି ତୁମେ ଏହାର ଯଥୋଚିତ ଯତ୍ନ ନ ନେବ, ତେବେ ହୁଏତ ତୁମ ଉପରେ ବିପତ୍ତି ଆସିପାରେ । ...' ଦ୍ୟୁମାନ୍ 'ଜି'ଙ୍କ ପାଖରୁ ଦଶ ହଜାର ଟଙ୍କା ଆଣି ଶ୍ରୀମାଙ୍କୁ ଅର୍ପଣ କରିଥିଲେ ।

ମା'ଙ୍କର ଏକ ମହାର୍ଘ ମୁକ୍ତାର ହାର ଥିଲା । ଦର୍ଶନ ଦିବସମାନଙ୍କରେ ସେ ସେଇଟିକୁ ପିନ୍ଧୁଥିଲେ । ଏପରି ଏକ ଦିନ ଆସିଲା ଶ୍ରୀମା ସେଇଟିକୁ ବି ଦ୍ୟୁମାନ୍‌ଙ୍କ ହାତକୁ ବଢ଼ାଇ ଦେଇ କହିଥିଲେ, 'ଏଇଟିକୁ ବିକ୍ରୀ କରିଦିଅ ।' ଦ୍ୟୁମାନ୍ ସେଇ ବହୁମୂଲ୍ୟ ହାରଟିକୁ 'ଏଫ୍'ଙ୍କୁ ଦେଇ ତାଙ୍କଠାରୁ ଅଢ଼େଇ ହଜାର ଟଙ୍କା ଚାହିଁଥିଲେ । ଦ୍ୟୁମାନ୍‌ଙ୍କୁ ମା ପଚାରିଲେ, 'ହାରଟିକୁ କାହାକୁ ଦେଲ ?' ଦ୍ୟୁମାନ୍ କହିଲେ – 'ମା, ମୁଁ 'ଏଫ୍'ଙ୍କୁ ଦେଇଛି ।' ସେଇଠୁ ମା ଧ୍ୟାନସ୍ଥ ହୋଇ ତାଙ୍କର ଆଧ୍ୟାତ୍ମିକ ଶକ୍ତିର ଏକ ବଳୟ ସେଇ ହାରଟି ମଧ୍ୟରେ ସଞ୍ଚାରିତ କରି ଦେଇଥିଲେ – ଭକ୍ତର ସୁରକ୍ଷା ନିମନ୍ତେ । ...

ଏମିତି ଶତାଧିକ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିଲେ ଦ୍ୟୁମାନ୍ ଭାଇ । ଆଶ୍ରମର ଅନ୍ତେବାସୀଗଣ ଓ ଭକ୍ତବୃନ୍ଦ ସହଜରେ ଉପଲବ୍ଧି କରି ପାରନ୍ତି ନାହିଁ ଯେ ଶ୍ରୀମା କେତେ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇ ଆଶ୍ରମ ଚଳାଉଥିଲେ । କିନ୍ତୁ ଦ୍ୟୁମାନ୍ ଥିଲେ ଏହି ସଂଘର୍ଷ ମୁହୂର୍ତ୍ତର ମୂକସାକ୍ଷୀ; ଏପରିକି ସମାଧାନରେ ମଧ୍ୟ ସେ ସହାୟତା କରିବାର ସୁଯୋଗ ପାଇଥିଲେ ।

ପ୍ରଥମ ପିଢ଼ିର ଅନ୍ତେବାସୀ ସାଧକମାନଙ୍କର ଆନ୍ତର ମନୋଭାବ ଥିଲା ପ୍ରତ୍ୟେକେ କିପରି ମା'ଙ୍କୁ କମ୍ କଷ୍ଟ ଦେଇ ବା ଆଦୌ କଷ୍ଟ ନଦେଇ ତାଙ୍କର ଅତ୍ୟଧିକ ଖର୍ଚ୍ଚଭାରକୁ ଲଘୁ କରାଇବେ ଏବଂ ପ୍ରତ୍ୟେକଙ୍କ ଉପରେ ତାଙ୍କ ଦ୍ୱାରା ନ୍ୟସ୍ତ କରାଯାଇଥିବା ଗୁରୁ ଦାୟିତ୍ୱକୁ ପ୍ରାଣପଣେ ସୁଚାରୁ ରୂପେ ତୁଲାଇବେ । ପରେ ପରେ କିନ୍ତୁ ଅବସ୍ଥାସବୁ ବଦଳିଗଲା, ମା'ଙ୍କ ଉପରେ ଉପର୍ଯ୍ୟୁପରି ସାଧକମାନଙ୍କର ଦାବି ଉପରେ ଦାବିର ଅତଡ଼ା ଖସିବାକୁ ଲାଗିଲା । ମା'ଙ୍କର କିନ୍ତୁ ଥିଲା ଅସୀମ ମହାନୁଭବତା । ସେ କେବଳ ଦେଇ ଚାଲିଥିଲେ, ଦାବି ଉପରେ ଦାବିକୁ ପୂରଣ କରି ଚାଲିଥିଲେ । କେବଳ କହୁଥିଲେ, 'ଠିକ୍ ଅଛି ! ଠିକ୍ ଅଛି !' କେବେ କେବେ ଅନ୍ତରଙ୍ଗ ମୁହୂର୍ତ୍ତରେ ମୃଦୁ ହସ ସହ କହି ଉଠୁଥିଲେ, 'ସେମାନେ (ଅନ୍ତେବାସୀଗଣ) ଜାଣନ୍ତି ନାହିଁ କ'ଣସବୁ କରୁଛନ୍ତି ! ମୁଁ ଯେତେବେଳେ ନଥିବି ସେମାନେ ସେତେବେଳେ ହୁଏତ ହୃଦୟଙ୍ଗମ କରିବାକୁ ଆରମ୍ଭ କରିବେ ଯେ ପରିସ୍ଥିତିସବୁ କେମିତି ଥିଲା !'

('How They Came to Sri Aurobindo and The Mother'; 'Dyuman – The Luminous One')

*

ପରିଶେଷରେ ପ୍ରଣବଙ୍କର 'ହଠାତ୍ ମନେପଡ଼େ'ରୁ ଉଦ୍ଧୃତି : ''ମା'ଙ୍କର ଅଳଙ୍କାର ବିକ୍ରିର ଗୋଟାଏ ଗପ ଶୁଣ । ଥରେ ଆଶ୍ରମରେ ମା'ଙ୍କର ଟଙ୍କାର ଭାରି ଟାଣଟୁଣ ଅବସ୍ଥା ଉପୁଜିଲା । ମା ତାଙ୍କର କିଛି ସୁନାଗହଣା ଭକ୍ତଶିଷ୍ୟମାନଙ୍କୁ ଅର୍ଥର ବିନିମୟରେ ଦେବେ ବୋଲି ସ୍ଥିର କଲେ । ଠିକ୍ ହେଲା, ଭକ୍ତମାନେ ଯାହାର ଯେପରି ସାମର୍ଥ୍ୟ, ସେ ସେହିପରି ଅର୍ଥ ଦେଇ ମା'ଙ୍କର ଗୋଟିଏ କି ଦୁଇଟି ଅଳଙ୍କାର ନେଇ ନିଜ ପାଖରେ ମା'ଙ୍କର ପୁଣ୍ୟ ସ୍ମୃତିର ସ୍ୱର୍ଣ୍ଣ ହିସାବରେ ସାଇତି ରଖିବେ ।

''କିନ୍ତୁ ମା' ତ ଅନ୍ତର୍ଯାମୀ । ମୋତେ ଡାକି ଆଶ୍ରମର ଜଣେ ମହିଳାଙ୍କ ସମ୍ପର୍କରେ କହିଲେ, 'ଦେଖ, ମନେ ମନେ ତା'ର ଭାରି ଇଚ୍ଛା ମୋର ଗୋଟାଏ ଅଳଙ୍କାର ପାଖରେ ରଖିବ । କିନ୍ତୁ ତା' ପାଖରେ ଆଦୌ ଟଙ୍କା ପଇସା ନାହିଁ । ତେଣୁ ସେ ଭାରି ମନ ଦୁଃଖରେ ଅଛି ।' – ଏହା କହି ମା ମୋ ହାତରେ

କିଛି ଟଙ୍କା ଦେଇ କହିଲେ, 'ତୁମେ ଚୁପ୍‌ଚାପ୍ ଏତକ ନେଇ ତାକୁ ଦେଇ ଆସିବ । ଆଉ କହିବ, ମୁଁ କାଲି ଯେତେବେଳେ ମେଡ଼ିଟେସନ୍ ହଲ୍‌ରେ ସମସ୍ତଙ୍କୁ ଆଶୀର୍ବାଦ ଦେବାକୁ ଯିବି, ଠିକ୍ ସେତିକିବେଳେ ସେ ଯେପରି ଏହି ଟଙ୍କାତକ ମୋତେ ଅର୍ପଣ କରି କୁହେ ସେ କେଉଁ ଅଳଙ୍କାର ଚାହେଁ ।'

''ମା'ଙ୍କ କହିବା ମୁତାବକ ମୁଁ ତାହା କଲି । ତହିଁ ଆରଦିନ ମା'ଙ୍କ ନିକଟକୁ ସେ ଯେତେବେଳେ ଆଶୀର୍ବାଦ ନେବାକୁ ଆସିଲେ, ସେତେବେଳେ ଆଶୀର୍ବାଦ ନେବା ପରେ ସେଇ ଟଙ୍କାତକ ମା'ଙ୍କ ହାତରେ ଅର୍ପଣ କରି କହିଲେ, 'ମୁଁ ତୁମର ଗୋଟିଏ ମୁଦି ଚାହେଁ ।'

''ମା ଟଙ୍କାତକ ଦ୍ୟୁମାନ୍ ଭାଇଙ୍କ ହାତକୁ ବଢ଼ାଇ ଦେଇ କହିଲେ, 'ଏହାକୁ ଗୋଟିଏ ମୁଦି ଦେବ ।' ପରେ ମା ନିଜ ହାତରେ ସେହି ମହିଳାଙ୍କୁ ମୁଦିଟିଏ ଦେଇଥିଲେ । – ଏହି ଭାବରେ ମା ବାହାରକୁ ଦେଖାଇଲେ ଯେ ସେ କାହାରିକୁ ବିଶେଷ ଦୟା କରୁ ନାହାନ୍ତି, ଅଥଚ ଭଦ୍ରମହିଳାଙ୍କର ମନୋବାଞ୍ଛା ପୂରଣ କଲେ । ମା ଏହିପରି ଅନେକ କରିଛନ୍ତି ।

''ପୂର୍ବେ ଆଶ୍ରମର ସବୁ ସାଧକଙ୍କୁ ଲହୁଣି ଦିଆ ଯାଉଥିଲା । ଅର୍ଥର ଅଭାବ ହେତୁ ପରେ ତାହା ବନ୍ଦ ହୋଇଗଲା । ସେତେବେଳେ ମଧ୍ୟ ମା ମୋତେ ଟଙ୍କା ଦେଇ ଚୁପ୍‌ଚାପ୍ କେତେ ଜଣ ସାଧକଙ୍କର ନାମ ଧରି କହିଲେ, 'ଦେଖ, ସ୍ୱାସ୍ଥ୍ୟ ପାଇଁ ସେମାନଙ୍କର ଅଳ୍ପ ଅଳ୍ପ ଲହୁଣି ଖାଇବା ପ୍ରୟୋଜନ । ତୁମେ ଏହି ଟଙ୍କାତକ ସେମାନଙ୍କୁ ଦେଇ ଆସିବ । ସେମାନେ ଯେପରି ଏହି ଟଙ୍କାରେ ଲହୁଣି କିଣି ଖାଆନ୍ତି ।'...''

('ହଠାତ୍ ମନେପଡ଼େ', ପ୍ରଥମ ପର୍ଯ୍ୟାୟ ଦ୍ରଷ୍ଟବ୍ୟ)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑


A Seer was born, a shining Guest of Time.

*(Savitri, p. 25)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : – Rs. 350**

**Ideal Child, Ideal Parent, Ideal Teacher (3in1) Booklet – Rs. 75**

**The Mother by Sri Aurobindo *with the Mother's comments* – Rs. 50**
**(***Sri Aurobindo's handwriting***)**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ଅବତାରଙ୍କ ଉଦ୍ଦେଶ୍ୟ

## ରାମକୃଷ୍ଣ ଦାସ

''ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥''
(ଗୀତା)

ଠିକ୍ ଏହାରି ଅନୁବାଦ ସ୍ୱରୂପ ତୁଳସୀଦାସଜି 'ରାମଚରିତମାନସ'ରେ କହିଅଛନ୍ତି :

''ଯବ ଯବ ହେଇ ଧରକେ ହାନି ।
ବାଢ଼ଇ ଅସୁର ଅଧମ ଅଭିମାନି ॥
ତବ ତବ ଧରି ହରି ମନୁଜ ଶରୀରା ।
ହରହି କୃପାନିଧି ସଜନ ଗିରା ॥''

ଯେବେ ଯେବେ ଧର୍ମର ହାନି ହୁଏ, ଅସୁର, ଅଧମ, ଅଭିମାନୀ ବୃଦ୍ଧି ହୁଅନ୍ତି ତେବେ ତେବେ କୃପାର ନିଧି ଭଗବାନ୍ ମନୁଷ୍ୟ ଶରୀରରେ ଅବତୀର୍ଣ୍ଣ ହୋଇ ଦୁଷ୍କୃତ ନାଶ କରି ସଜ୍ଜନ, ସାଧୁ, ସଚ୍ଚରିତ୍ର ବ୍ୟକ୍ତିଙ୍କୁ ଉଦ୍ଧାର କରି ଧର୍ମ ସ୍ଥାପନା କରନ୍ତି । ଗୀତା, ରାମାୟଣ ଏବଂ ଅନ୍ୟାନ୍ୟ ଶାସ୍ତ୍ରପୁରାଣରେ ଭଗବାନଙ୍କ ଅବତାର ହେବାର ବହୁତ ଉଦ୍ଦେଶ୍ୟ ବର୍ଣ୍ଣନା କରା ହୋଇଅଛି । ସେଥିରେ ଦୁଇଟି ଉଦ୍ଦେଶ୍ୟ ପ୍ରଧାନ । ପ୍ରଥମ ହେଉଛି 'ପରିତ୍ରାଣାୟ ସାଧୂନାଂ', ଦ୍ୱିତୀୟ ହେଉଛି 'ବିନାଶାୟ ଚ ଦୁଷ୍କୃତାମ୍' ଏବଂ 'ଧର୍ମସଂସ୍ଥାପନ' ।

ଭଗବାନ୍ ସର୍ବସମର୍ଥ । ତାଙ୍କ ସଂକଳ୍ପ ମାତ୍ରେ ସଜ୍ଜନ ଉଦ୍ଧାର ହୋଇ ପାରନ୍ତେ ଓ ଦୁଷ୍କୃତ ବିନାଶ ହୋଇ ପାରନ୍ତେ । କିନ୍ତୁ ଭଗବାନଙ୍କର ଯେଉଁ ଗୁଣ କୃପାର ସମୁଦ୍ର ତାହା ଚରିତାର୍ଥ ହୋଇ ପାରନ୍ତା ନାହିଁ । କାରଣ ସେ ଭକ୍ତଙ୍କ ସହିତ ଜାଗତିକ ସମ୍ବନ୍ଧ ସ୍ଥାପନ କରି ପାରନ୍ତେ ନାହିଁ । ସେ ଭକ୍ତଙ୍କ ସହିତ ଅଭିନ୍ନ, ଏକ । ଭକ୍ତର ହୃଦୟ ଛଡ଼ା ସେ ବୈକୁଣ୍ଠରେ ମଧ ରହିବାକୁ ପସନ୍ଦ କରନ୍ତି ନାହିଁ । ସଜ୍ଜନ ଭକ୍ତ ଦୁଃଖରେ ପ୍ରପୀଡ଼ିତ ହେଲେ ସେ ସହି ପାରନ୍ତି ନାହିଁ । ଭକ୍ତର ଦୁଃଖ ଦୂର କରିବାକୁ ଭକ୍ତ ଯେଉଁ ଶରୀର ଧାରଣ କରିଥାଏ, ଯେଉଁ ଚେତନାରେ ବାସ କରେ ଭଗବାନ୍ ସେହି ଶରୀର ଧାରଣ କରନ୍ତି, ସେହି ଚେତନା ଗ୍ରହଣ କରନ୍ତି । ଭକ୍ତ ପାଖରେ ଗୁରୁ, ପିତା, ମାତା, ଭ୍ରାତା, ସଖା, ପୁତ୍ର ରୂପେ ପ୍ରାପ୍ତ ହୁଅନ୍ତି । ସେମାନଙ୍କ ସଙ୍ଗେ ରହି, ସେମାନଙ୍କ ପରି ଆଚରଣ କରି, ସେମାନଙ୍କ ଦୁଃଖ ଦୂର କରି ସେମାନଙ୍କୁ ପରମାନନ୍ଦ ପ୍ରଦାନ କରନ୍ତି । ଏହି ସମ୍ବନ୍ଧ ଐଶ୍ୱରିକ ଶକ୍ତିରେ ହୁଏ ନାହିଁ, ହୁଏ ଭଗବାନ୍ ମନୁଷ୍ୟ ଶରୀରରେ ଅବତାର ନେଲେ । କୌଣସି ମା'ର ସନ୍ତାନଟି ଜଳରେ ବୁଡ଼ିଗଲେ, ଅଗ୍ନିରେ ପୋଡ଼ିଗଲେ, ସାପକୁ ଧରିବାକୁ ଗଲେ ମା ଅନ୍ୟ ବ୍ୟକ୍ତିକୁ ଆଦେଶ ଦେବାକୁ ଅପେକ୍ଷା କରେ ନାହିଁ, ଶିଶୁକୁ ଉଦ୍ଧାର କରିବା ସକାଶେ ସ୍ୱୟଂ ଜଳରେ ଡେଇଁପଡ଼େ, ଅଗ୍ନିରେ ପ୍ରବେଶ କରେ, ସର୍ପମୁଖରୁ ଶିଶୁକୁ ରକ୍ଷା କରେ । ସେହିପରି ଭଗବାନ୍ ନିଜ ଭକ୍ତକୁ ଉଦ୍ଧାର କରିବାର ଭାର ଅନ୍ୟକୁ ନ ଦେଇ ସ୍ୱୟଂ ସେମାନଙ୍କ ମଧରେ ମନୁଷ୍ୟ ଶରୀରରେ ଉପସ୍ଥିତ ହୁଅନ୍ତି । ଐଶ୍ୱର୍ଯ୍ୟ ଛାଡ଼ି ମାଧୁର୍ଯ୍ୟରେ ନିଜକୁ ଏପରି ଢାଳି ଦିଅନ୍ତି, ଏପରି ବ୍ୟବହାର କରନ୍ତି ଯେ ପିତାମହ ବ୍ରହ୍ମା, ଦେବରାଜ ଇନ୍ଦ୍ର ବି ମୋହିତ ହୁଅନ୍ତି । ଶ୍ରୀକୃଷ୍ଣ ଗୋପରେ ଗୋରୁ ଚରାଇ ଗୋପବାଳକମାନଙ୍କ ସଙ୍ଗେ ବଣଭୋଜି ଏବଂ ଖେଳକୌତୁକ କରିବା ସମୟରେ ବ୍ରହ୍ମା ଚକିତ ହୋଇଗଲେ । ସେ ଗୋପବାଳକମାନଙ୍କ ସଙ୍ଗେ ଖେଳନ୍ତି, କୁସ୍ତି ଲଢ଼ନ୍ତି, ହାର-ଜିତରେ କେଉଁ ବାଳକକୁ ନିଜ କାନ୍ଧରେ ବସାଇ ଚାଲନ୍ତି, କେଉଁ ବାଳକର କାନ୍ଧରେ ବସି ଆନନ୍ଦ ପାଆନ୍ତି, କେଉଁ ବାଳକର ଭୋଜନ ପତ୍ରରୁ ଉଚ୍ଛିଷ୍ଟ ଛଡ଼ାଇ ଖାଆନ୍ତି, କେଉଁ ବାଳକ ତାଙ୍କ ହାତ ଧରି ତାଙ୍କ ଖାଇବା ବନ୍ଦ କରି ତାଙ୍କ ପତ୍ରର ଉଚ୍ଛିଷ୍ଟ ନିଜ ଉଚ୍ଛିଷ୍ଟ ହାତରେ ଗପାଗପ ନିଜ ମୁଖରେ ଭର୍ତ୍ତି କରିବାକୁ ଲାଗନ୍ତି । ଏହିସବୁ ଦେଖି ବ୍ରହ୍ମା ହେଲେ ବିସ୍ମିତ । ଭାବିଲେ, ''ଯେଉଁ ବ୍ରହ୍ମର ଆଦି ଅନ୍ତ ମଧ ନାହିଁ, ବେଦ ଯାହାକୁ ପ୍ରତିପାଦନ କରିବାରେ ଅସମର୍ଥ, ଋଷିମୁନି ଯାହାର ଟେର୍ ପାଆନ୍ତି ନାହିଁ, ସୃଷ୍ଟି ସର୍ଜନା କରିବା ବ୍ୟକ୍ତି ମୁଁ ବ୍ରହ୍ମା ଯାହାଙ୍କୁ ଜାଣିପାରେ ନାହିଁ, ସେହି ବ୍ରହ୍ମ ଅଜ୍ଞାନ ଶିଶୁ ସଦୃଶ ଖେଳ-କୌତୁକରେ ରତ ।'' ଭଗବାନଙ୍କ ଅବତାର ଲୀଳାରେ ବ୍ରହ୍ମାଙ୍କୁ ହେଲା

ମୋହ । ସେ ଭଗବାନଙ୍କୁ ଚିହ୍ନି ପାରିଲେ ନାହିଁ । ଶେଷରେ ପରୀକ୍ଷା କରିବାକୁ ଠିକ୍ କଲେ । ଗୋପବାଳକ ଏବଂ ଗୋରୁଙ୍କୁ ନିଜ ମାୟାରେ ହରଣ କରି ନେଇଗଲେ । ରଖିଲେ ବହୁତ ଗୁପ୍ତ ସ୍ଥାନରେ । ବର୍ଷକ ପରେ ଆସି ଦେଖିଲେ ସେହି ଲୀଳା । ଯୋଗବଳରେ ଦେଖିଲେ ହରିଥିବା ଗୋପବାଳକ ଓ ଗୋରୁମାନେ ସେହିଠାରେ ସୁରକ୍ଷିତ ଅଛନ୍ତି । ଏସବୁ ସେହି ରୂପରେ ଆସିଲେ କେଉଁଠୁ ? ସ୍ୱୟଂ ଶ୍ରୀକୃଷ୍ଣ ଗୋପବାଳକ ଏବଂ ଗୋରୁ ରୂପରେ ପ୍ରକଟ ହୋଇଥିଲେ । ଏହି ରହସ୍ୟ ବ୍ରହ୍ମା ବୁଝି ନ ପାରି ଭଗବାନଙ୍କୁ ସ୍ତୁତି କଲେ । ଭଗବାନଙ୍କ କୃପାରୁ ସେ ମାୟାରୁ ମୁକ୍ତ ହେଲେ ଏବଂ ସମସ୍ତ ଗୋରୁ, ବାଛୁରୀ, ଗୋପବାଳକଙ୍କୁ ଆଣି ଶ୍ରୀଚରଣରେ ସମର୍ପଣ କଲେ । ସମସ୍ତ ଐଶ୍ୱର୍ଯ୍ୟର ସ୍ୱରୂପ ପ୍ରଭୁ କେବଳ କୃପାପରବଶ ହୋଇ ସଜ୍ଜନଙ୍କୁ ଉଦ୍ଧାର କରିବା ସକାଶେ ଏହି ସଂସାରରେ ମନୁଷ୍ୟ ଶରୀରରେ ଅବତାର ନିଅନ୍ତି ।

ଅନ୍ୟ କାରଣ ହେଉଛି 'ବିନାଶାୟ ଚ ଦୁଷ୍କୃତାମ୍' । ଦୁଷ୍କୃତ ବିନାଶ ହେଲେ ଧର୍ମ ସ୍ଥାପନ ହୁଏ । ବ୍ୟକ୍ତି ନିଜ ପରିସ୍ଥିତି, ଦେଶ, ଜାତି, କାଳ ଅନୁସାରେ ଧର୍ମ ଶବ୍ଦର ଭିନ୍ନ ଭିନ୍ନ ଅର୍ଥ କରେ । ଏପରିକି କୁଳ ପରମ୍ପରା ପଦ୍ଧତି ତଥା ନୈତିକତାକୁ ବି ଧର୍ମ ନାମ ଦେଇଥାଏ । ଉତ୍ତର ଭାରତରେ ପ୍ରତ୍ୟେକ ବ୍ୟକ୍ତି ତଥା ମାନ୍ଦ୍ରାଜ ପ୍ରାନ୍ତରେ ବ୍ରାହ୍ମଣଙ୍କର ଶିଖା ରଖିବା ପରମ୍ପରାଗତ ପ୍ରଥା । ଶିଖାବିହୀନ ବ୍ୟକ୍ତି ପତିତ ମାନ୍ୟ ହୁଏ । କିନ୍ତୁ ବଙ୍ଗଳା ଓ ଓଡ଼ିଶାରେ ଶିଖାର ପ୍ରଚଳନ ନାହିଁ । ଶିଖା ବିନା ବ୍ୟକ୍ତି ଯଦି ପତିତ ହୁଅନ୍ତେ ତେବେ ଓଡ଼ିଶା ଓ ବଙ୍ଗଳାର ସମସ୍ତ ବ୍ୟକ୍ତି କ'ଣ ପତିତ ?

ଏହିସବୁ ନୀତିନିୟମ ଦେଶ-କାଳ-ପାତ୍ର ଅନୁସାରେ ସମାଜ ବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ହେବା ସକାଶେ ଶ୍ରେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ନିର୍ଦ୍ଧାରିତ ପନ୍ଥାକୁ ମାନି ନିଆ ହୋଇଥାଏ । ଭ୍ରମବଶତଃ ବ୍ୟକ୍ତି ଏହି ନୈତିକତାକୁ ଧର୍ମ ଆଖ୍ୟା ଦେଇଥାଏ । କିନ୍ତୁ ଅଧ୍ୟାତ୍ମ ଧର୍ମ ସମସ୍ତ ଦେଶ, ସମସ୍ତ କାଳ, ସମସ୍ତ ବ୍ୟକ୍ତି ସକାଶେ ସତ୍ୟ, ଅପରିବର୍ତ୍ତନୀୟ, ଏକ । ତାହା ହେଉଛି ଆତ୍ମାର ଧର୍ମ । ଏହି ଆତ୍ମଧର୍ମକୁ ଗୀତାରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ କହିଅଛନ୍ତି – ''ସ୍ୱଧର୍ମେ ନିଧନଂ ଶ୍ରେୟଃ'' । ଧର୍ମ ଅର୍ଥ କୁଳାଚାର ପନ୍ଥା ନୁହେଁ । ସମସ୍ତ ସନ୍ନ୍ୟାସୀ, ଋଷି ମୁନି କୁଳପନ୍ଥାକୁ ଛାଡ଼ି ଅଧ୍ୟାତ୍ମ ଧର୍ମ ଅବଲମ୍ବନ କରନ୍ତି । ସେହିମାନେ ହୁଅନ୍ତି ସମାଜରେ ପୂଜିତ । ଯଦି ପୁରୋହିତ ପୁତ୍ରର ଶ୍ରାଦ୍ଧ କରିବା, ବାରିକ ପୁତ୍ରର କ୍ଷୌର କରିବା, ଚଷା ପୁତ୍ରର ଚାଷ କରିବା କର୍ମକୁ ଯଥାକ୍ରମେ ସେମାନଙ୍କର ଧର୍ମ ବୋଲି ମାନି ନିଆ ହୁଏ, ତେବେ ବ୍ୟକ୍ତିର ଉନ୍ନତି ହୁଅନ୍ତା ନାହିଁ କିଂବା କେହି ଅଧ୍ୟାତ୍ମ ମାର୍ଗରେ ଯାଇ ପାରନ୍ତେ ନାହିଁ । ସମସ୍ତେ ସେହି ଧର୍ମରେ ପଡ଼ି ଶଢୁ ଥାଆନ୍ତେ । କିନ୍ତୁ ଏହି ନୈତିକତା ହେୟ ନୁହେଁ । ଧର୍ମର ସତ୍ୟ ଆତ୍ମାର ସହାୟକ ଏବଂ ଆତ୍ମଜ୍ଞାନ ପ୍ରାପ୍ତ ହେବା ପର୍ଯ୍ୟନ୍ତ ଧର୍ମ ଅବଶ୍ୟ ପାଳନୀୟ । ଆତ୍ମାର ଧର୍ମ ହେଉଛି ପରମ ଶାନ୍ତି, ପରମ ଆନନ୍ଦ, ପରମ ଜ୍ଞାନ ସ୍ୱରୂପ ଭଗବତ୍ ପ୍ରାପ୍ତି । ଭଗବାନଙ୍କ ଯନ୍ତ୍ରରୂପେ ଭଗବାନଙ୍କ କାର୍ଯ୍ୟରେ ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହେବା, ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହେବା, ଅଜ୍ଞାନ ଶକ୍ତି, ରୋଗ, ଜରା, ମୃତ୍ୟୁ କବଳରୁ ପୂର୍ଣ୍ଣ ମୁକ୍ତି ଲାଭ କରିବା, ବ୍ୟକ୍ତି ଏହି ଲକ୍ଷ୍ୟ ଆଡ଼କୁ ଅଜ୍ଞାତ ରୂପେ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ଅଗ୍ରସର ହେଉଅଛି । ସେ ନିଜ ଧର୍ମରେ ସଚେତନ ନ ହୋଇ ମଧ୍ୟ ଅଜ୍ଞାତରେ ମୃତ୍ୟୁ, ରୋଗ, ଜରା, ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ ଚାହୁଁ ନାହିଁ; ଚାହୁଁଛି ଦୁଃଖ ଅମିଶ୍ରିତ ଆନନ୍ଦ, ମୃତ୍ୟୁ, ରୋଗ, ଜରାରୁ ମୁକ୍ତ ଭଗବାନଙ୍କ ସହିତ ଯୁକ୍ତ ଜୀବନ । ମନୁଷ୍ୟର ଏହି ବିକାଶ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବିଶେଷ ମନ୍ଥର ଗତିରେ ଚାଲେ ଏବଂ ଅସୁର ଶକ୍ତି ଦ୍ୱାରା ବହୁତ ସମୟରେ ଅନ୍ୟାୟ ଅତ୍ୟାଚାର ବୃଦ୍ଧିରେ ବ୍ୟାହତ ହୁଏ, କେବେ କେବେ ପ୍ରଳୟରେ ନଷ୍ଟ ବି ହୁଏ । ପ୍ରଳୟ ଏବଂ ମନୁଷ୍ୟର ଅଗ୍ରଗତି ବ୍ୟାହତ ହେବା ସମୟରେ ଭଗବାନ୍ ଅବତାର ନେଇ ଅସୁର ଶକ୍ତିର ଅନ୍ୟାୟ, ଅତ୍ୟାଚାର ନଷ୍ଟ କରି ମନୁଷ୍ୟଜାତିକୁ ଗୋଟିଏ ନୂତନ ଚେତନା ସ୍ତରରେ ଉପନୀତ କରାଇ ଦିଅନ୍ତି । ଏହି କାର୍ଯ୍ୟ କରିବା ସକାଶେ ଭଗବାନ୍ ଯୁଗେ ଯୁଗେ ଅବତାର ନିଅନ୍ତି ।

## ଦଶ ଅବତାର

ପ୍ରଥମେ ସଂସାର ଥିଲା ଜଳମଗ୍ନ, ଅନ୍ଧକାରାଚ୍ଛନ୍ନ । ତାହାରି ମଧ୍ୟରେ ଭଗବାନ୍ ଥିଲେ ଲୁକ୍କାୟିତ । ଜଳ ମଧ୍ୟରେ ଜୀବ ସୃଷ୍ଟି କରିବା ସକାଶେ ଭଗବାନ୍ ମତ୍ସ୍ୟ ଅବତାର ନେଲେ ଏବଂ ଶଙ୍ଖାସୁରକୁ ବଧ କରି ବେଦ ଉଦ୍ଧାର କଲେ । ସଂସାରରେ ହେଲା ଜଳଜନ୍ତୁଙ୍କର ସୃଷ୍ଟି ।

ଭଗବାନ୍ କଚ୍ଛପ ଅବତାର ନେଇ ଜୀବକୁ ଆଉ ଗୋଟିଏ ଚେତନାକୁ ଅଗ୍ରଗାମୀ କରାଇଲେ । ମତ୍ସ୍ୟ ସଦୃଶ

କଚ୍ଛପ କେବଳ ଜଳଜନ୍ତୁ ନୁହେଁ, ସେ ଜଳ ତଥା ସ୍ଥଳରେ ରହିପାରେ ।

ଦୈତ୍ୟ ହିରଣ୍ୟାକ୍ଷ ପୃଥିବୀକୁ ରସାତଳକୁ ନେଇଯିବା ସମୟରେ ଭଗବାନ୍ ବରାହ ଅବତାର ନେଇ ହିରଣ୍ୟାକ୍ଷକୁ ବଧ କରି ପୃଥିବୀକୁ ରକ୍ଷା କଲେ । ପୃଥିବୀରେ ସ୍ଥାପିତ ହେଲା ପଶୁ-ଚେତନା ।

ଭକ୍ତ ପ୍ରହ୍ଲାଦ ପିତା ହିରଣ୍ୟକଶିପୁ ଦ୍ୱାରା ପ୍ରପୀଡ଼ିତ ହେବାରୁ ଭଗବାନ୍ ନରସିଂହ ରୂପେ ଅବତାର ନେଇ ହିରଣ୍ୟକଶିପୁକୁ ବଧ କଲେ ଏବଂ ଭକ୍ତ ପ୍ରହ୍ଲାଦକୁ ଉଦ୍ଧାର କଲେ । ନରସିଂହ ଶରୀରରେ ଥିଲା ଗୋଡ଼ରୁ ଛାତି ପର୍ଯ୍ୟନ୍ତ ମନୁଷ୍ୟରୂପ ଏବଂ ବେକରୁ ମସ୍ତକ ପର୍ଯ୍ୟନ୍ତ ସିଂହରୂପ । ନରସିଂହ ଅବତାରରେ ପ୍ରାଣୀ ଯଦ୍ୟପି ଶରୀର ପ୍ରାପ୍ତ କରିଥିଲା ମନୁଷ୍ୟର, କିନ୍ତୁ ତା'ର ଚେତନା ଥିଲା ପଶୁର । ସେ ସେହି ପଶୁ-ଚେତନାରେ ମନୁଷ୍ୟ-ଚେତନା ପ୍ରତିଷ୍ଠା କଲେ ।

କଶ୍ୟପ ଋଷିଙ୍କ ଧର୍ମପତ୍ନୀ ଦିତିଙ୍କ ଗର୍ଭରୁ ଦୈତ୍ୟ ଓ ଅଦିତିଙ୍କ ଗର୍ଭରୁ ଦେବତା ଉତ୍ପନ୍ନ ହୋଇଥିଲେ । ଅସୁରମାନେ ବଳବାନ୍ ହୋଇ ସ୍ୱର୍ଗରାଜ୍ୟ ଅଧିକାର କରି ଦେବତାମାନଙ୍କୁ ତଡ଼ି ଦେଲେ । ସେମାନଙ୍କୁ ରକ୍ଷା କରିବା ସକାଶେ ଭଗବାନ୍ ବାମନ ଅବତାର ନେଇ ଅସୁରରାଜା ବଳିଠାରୁ ତ୍ରିପାଦ ଭୂମି ଦାନ ନେଲେ । ଗୋଟିଏ ପାଦରେ ସ୍ୱର୍ଗ, ଅନ୍ୟ ଗୋଟିଏ ପାଦରେ ମର୍ତ୍ତ୍ୟକୁ ନେଲେ । ତୃତୀୟ ପାଦ ଭୂମି ସକାଶେ ବଳି ନିଜ ଶରୀରକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦେଲେ । ଭଗବାନ୍ ତାଙ୍କ ସମର୍ପଣ ଏବଂ ଭକ୍ତିରେ ବଶୀଭୂତ ହୋଇ ତାଙ୍କୁ ପାତାଳରେ ସ୍ଥାନ ଦେଲେ ଏବଂ ତାଙ୍କ ପ୍ରାର୍ଥନାରେ ତାଙ୍କୁ ପ୍ରତିଦିନ ଦର୍ଶନ ଦେବା ସକାଶେ ବରଦାନ ଦେଲେ । ତାଙ୍କର ରକ୍ଷା ସକାଶେ ସୁଦର୍ଶନ ଚକ୍ରକୁ ମଧ୍ୟ ନିଯୁକ୍ତ କରିଦେଲେ । ଏହି ଅବତାରରେ ଭଗବାନ୍ ସ୍ଥାପନ କଲେ ଅପୂର୍ଣ୍ଣ ମନୁଷ୍ୟ ଚେତନା ।

ଏହାପରେ ଭଗବାନ୍ ହେଲେ ପର୍ଶୁରାମ ଅବତାର । ସେ ସମୟରେ ମନୁଷ୍ୟ-ଚେତନା ବିକଶିତ ହୋଇଥିଲା, କିନ୍ତୁ ପ୍ରାଣଶକ୍ତି ଦ୍ୱାରା ପରିଚାଳିତ ହେଉ ଥିଲା । ସେହି କାରଣରୁ ସଂସାରରେ ଥିଲା ଦୁଷ୍ଟରାଜାଙ୍କର ରାଜତ୍ୱ, କର୍ମ ଥିଲା ବର୍ବରତା; ପର୍ଶୁରାମ ଅବତାରରେ ସେ ପୃଥିବୀକୁ ଏକୋଇଶ ଥର ଯୋଦ୍ଧାଶୂନ୍ୟ କରିଥିଲେ । ମନୁଷ୍ୟ-ଚେତନାରେ ଯେଉଁ ପ୍ରାଣର ବର୍ବରତା ଥିଲା ତାହା ନଷ୍ଟ କରିଥିଲେ ।

ମନବିଶିଷ୍ଟ ମନୁଷ୍ୟଜାତିର ଯଥାର୍ଥ ମାନବଚେତନା ପ୍ରସ୍ଥାପିତ କରିବା ସକାଶେ ଭଗବାନ୍ ଅବତାର ନେଲେ ମର୍ଯ୍ୟାଦାସମ୍ପନ୍ନ ପୁରୁଷୋତ୍ତମ ଶ୍ରୀରାମ ରୂପେ । ଶ୍ରୀରାମ ଥିଲେ ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ପତି, ଆଦର୍ଶ ପିତା, ଆଦର୍ଶ ରାଜା, ଅତୁଳନୀୟ, ଅଦ୍ୱିତୀୟ ବୀରଶିରୋମଣି ଧାର୍ମିକ ଯୋଦ୍ଧା । ଧର୍ମ, ନ୍ୟାୟ, ଦୟା, କରୁଣା ଇତ୍ୟାଦି ଦିବ୍ୟଗୁଣର ସମୁଦ୍ର । ଶ୍ରୀରାମଚନ୍ଦ୍ର ଥିଲେ ଆଦର୍ଶ ଗୃହସ୍ଥ । ପୃଥିବୀରେ ସେ ପୂର୍ଣ୍ଣ ମାନସ ଚେତନା ସ୍ଥାପନ କରିଥିଲେ ।

ଲୀଳାମୟ ପୁରୁଷୋତ୍ତମ ଶ୍ରୀକୃଷ୍ଣ ଅବତାର ନେଇ ପୃଥିବୀରେ ଅଧିମାନସ ଚେତନା ସ୍ଥାପନ କଲେ । ଯୋଗଯୁକ୍ତ ହୋଇ ଭଗବତ୍ କର୍ମ ସ୍ୱୟଂ ଆଚରଣ କଲେ ଏବଂ ଶିଷ୍ୟ ଅର୍ଜୁନଙ୍କ ଦ୍ୱାରା ତାହା ଆଚରଣ କରାଇଲେ । ଯୋଗଯୁକ୍ତ କର୍ମର ଆଦର୍ଶ ହେଲା ଶ୍ରୀକୃଷ୍ଣଙ୍କ ଶିକ୍ଷା ।

ମନୁଷ୍ୟର ଲକ୍ଷ୍ୟ ପ୍ରାପ୍ତିରେ ତିନୋଟି ଆଧ୍ୟାତ୍ମିକ ସ୍ତର ବା ତିନୋଟି ସିଦ୍ଧି ପ୍ରାପ୍ତ ହୁଏ । ଆତ୍ମିକ ସିଦ୍ଧି, ଆଧ୍ୟାତ୍ମିକ ସିଦ୍ଧି ଓ ଅତିମାନସିକ ସିଦ୍ଧି । ବୁଦ୍ଧଦେବ ଅବତାର ହୋଇ ଯେଉଁ ନିର୍ବାଣ ଶିକ୍ଷା ଦେଲେ ତାହା ଆଧ୍ୟାତ୍ମିକ ସିଦ୍ଧିର ଅନ୍ତର୍ଭୁକ୍ତ । ମନୁଷ୍ୟର ଲକ୍ଷ୍ୟ ପ୍ରାପ୍ତିରେ ଏହା ଏକ ଅନିବାର୍ଯ୍ୟ ସିଦ୍ଧି ।

ଶେଷ ଅବତାରଙ୍କର କାର୍ଯ୍ୟ ମନୁଷ୍ୟକୁ ମାନସ ଚେତନାରୁ ଅତିମାନସ ଚେତନା ସ୍ତରକୁ ନେଇଯିବା । ବର୍ତ୍ତମାନ ପୃଥିବୀରେ ଅତିମାନସ ସ୍ଥାପିତ ହେବାର ସମୟ । ଆଉ ଅତିମାନସର ସ୍ୱାଭାବିକ ଧର୍ମ ହେଲା ମନୁଷ୍ୟ ଅଜ୍ଞାନ ଅନ୍ଧକାର ଶକ୍ତି – ଜରା, ରୋଗ, ମୃତ୍ୟୁ, ଅଧୀନରୁ ପୂର୍ଣ୍ଣ ରୂପେ ମୁକ୍ତ ହୋଇ ଦିବ୍ୟ ମାନବତ୍ୱକୁ ପ୍ରାପ୍ତ ହେବ । ତାହାଫଳରେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, ହିଂସା, ଦ୍ୱେଷାଦି ପ୍ରତିକୂଳ ପ୍ରକୃତି ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୭୬୪ - ୭୬୭) ❑

ବିକାଶର ଶାଶ୍ୱତ କ୍ରମରେ ପ୍ରତ୍ୟେକ ଅବତାର ହେଉଛନ୍ତି କେବଳ ଜଣେ ପୂର୍ଣ୍ଣତର ଭବିଷ୍ୟତ୍ ଉପଲବ୍ଧିର ଦିଗ୍‌ଦର୍ଶକ ।

– ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ସାଧନା ଓ ସିଦ୍ଧି

## ପ୍ରପତ୍ତି

କୌଣସି ମହାପୁରୁଷଙ୍କ ସାଧନା ଓ ସିଦ୍ଧି କଥା ବୁଝିବାକୁ ହେଲେ ସାଧାରଣତଃ ତିନୋଟି କଥା ମନେ ରଖିବାକୁ ହେବ । ପ୍ରତ୍ୟେକ ମହାନ୍ ସାଧନା ବା ତତ୍ତ୍ୱ-ଦର୍ଶନର ମୂଳରେ ଗୋଟିଏ ସୂକ୍ଷ୍ମ-ବିଚାର ଥାଏ ଏବଂ ଏହି ବିଚାରର ଅଭ୍ରାନ୍ତ ଗତିଧାରା ଉପରେ ସାଧନାର ବୈଶିଷ୍ଟ୍ୟ ନିର୍ଭର କରେ । ଦ୍ୱିତୀୟରେ ଏହି ବିଚାରକୁ ନେଇ ଅଗ୍ରଗତି କଲେ ‘‘ସିଦ୍ଧାନ୍ତ’’ରେ ପହଞ୍ଚିବାକୁ ହୁଏ । ତୃତୀୟରେ ଏହି ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବାର ଉପାୟ ବା ମାନବ-ଜୀବନରେ ସ୍ପଷ୍ଟରୂପେ ଫୁଟାଇବାର ଉପାୟ । ଯେଉଁ ବିଚାର କେବଳ ତର୍କବିତର୍କ, ମନ ବୁଦ୍ଧିର ଉପାୟ ଉପରେ ପ୍ରତିଷ୍ଠିତ ଆଉ ଜୀବନକୁ ବାଦ୍ ଦେଇ ବଢ଼ିଉଠେ ବା ଯେଉଁଠାରେ ‘ସିଦ୍ଧାନ୍ତ’ ଜୀବନର ଦ୍ୱନ୍ଦ୍ୱ ଓ କୋଳାହଳକୁ ସ୍ପର୍ଶ କରେ ନାହିଁ, ତାହା ପ୍ରକୃତରେ ଠିକ୍ ବିଚାର ବା ସିଦ୍ଧାନ୍ତ ନୁହେଁ । ସେହି ବିଚାର ଓ ସେହି ସିଦ୍ଧି ବାସ୍ତବରେ ମହାନ୍ ଯାହାକୁ ସମାଜର ସର୍ବ-ନିମ୍ନସ୍ତରରେ ମଧ୍ୟ କାର୍ଯ୍ୟକାରୀ କରାଯାଇପାରେ, ଯାହା ଜୀବନର ଅତିନଗଣ୍ୟ ଘଟଣାବଳୀକୁ ମଧ୍ୟ ନୂତନ ରୂପରେ ରୂପାନ୍ତରିତ କରିପାରେ । ସୁତରାଂ ପ୍ରତ୍ୟେକ ତତ୍ତ୍ୱ-ଦର୍ଶନ ଅନୁଧ୍ୟାନ କରିବାରେ ଆମକୁ ଦେଖିବାକୁ ହେବ : ପ୍ରଥମତଃ ସେହି ଦର୍ଶନର ବିଚାର, ଦ୍ୱିତୀୟତଃ ତାହାକୁ ଜୀବନ ଓ ସମାଜରେ କାର୍ଯ୍ୟକାରୀ କରିବାର ଉପାୟ – ଉଦାହରଣ ସ୍ୱରୂପ, ବୁଦ୍ଧଦେବଙ୍କ ସାଧନାର ପ୍ରଧାନ ବିଚାର ଏହି ଯେ ଜୀବନ ଦୁଃଖପୂର୍ଣ୍ଣ, ଦୁଃଖର କାରଣ କାମନା ବାସନା; ସୁତରାଂ ସିଦ୍ଧାନ୍ତ ହେଲା ଏଥିରୁ ମୁକ୍ତି ପାଇବା ଅର୍ଥାତ୍ ନିର୍ବାଣ ପ୍ରାପ୍ତ କରିବା । ଏହି ନିର୍ବାଣକୁ କାର୍ଯ୍ୟକାରୀ କରିବାର ଉପାୟ ହେଲା କାମନାର ବିନାଶ କରି ‘ଅଷ୍ଟାଙ୍ଗ’ ପଥ ଅନୁସରଣ କରି ଚାଲିବାକୁ ହେବ । ସମାଜରେ ଏହାକୁ ଚଳାଇବାର ଉପାୟ ହେଲା ଧର୍ମସଙ୍ଘ ସ୍ଥାପନ । ସେହିପରି ଶଙ୍କରଙ୍କ ଦର୍ଶନର ବିଚାର ହେଲା ସଂସାର ଅନିତ୍ୟ, ମିଥ୍ୟା, ମାୟା, ଏହା ଏକ ଭ୍ରମ ବା ଭ୍ରାନ୍ତି – କେବଳ ବ୍ରହ୍ମହିଁ ଏକମାତ୍ର ପରମ ସତ୍ୟ । ଏହି ବ୍ରହ୍ମରେ ବିଲୀନ ହେବା ଅର୍ଥାତ୍ ମୋକ୍ଷ ପ୍ରାପ୍ତ କରିବା ବା ନିର୍ବିକଳ୍ପ ସମାଧି ଲାଭ କରିବାହିଁ ଚରମ ସିଦ୍ଧାନ୍ତ । ଏହାକୁ ଜୀବନରେ କାର୍ଯ୍ୟକାରୀ କରିବାର ଉପାୟ ହେଲା ଜୀବନର ଖେଳାଧୂଳା ଓ ସାଂସାରିକ ବ୍ୟାପାରକୁ ବର୍ଜନ କରି ସନ୍ନ୍ୟାସ ଗ୍ରହଣ କରିବା । ସମାଜରେ ଏହି ସାଧନାକୁ ରୂପ ଦେବାକୁ ହେଲେ ସନ୍ନ୍ୟାସୀ ଆଶ୍ରମ ବା ମଠ ସ୍ଥାପନା କରିବାକୁ ହେବ ।

ବର୍ତ୍ତମାନ ସେହିପରି ଶ୍ରୀଅରବିନ୍ଦଙ୍କ ସାଧନାର ଏହି ତିନୋଟି ଦିଗ ଦେଖିବାକୁ ହେବ । ଶ୍ରୀଅରବିନ୍ଦଙ୍କ ସାଧନାର ଅତି ମୋଟାମୋଟି ବିଚାର ଏହିପରି : ସେ କହୁଛନ୍ତି ପ୍ରକୃତି ବିବର୍ତ୍ତନମୁଖୀ । ଏହି ବିବର୍ତ୍ତନର ଧାରାରେ ମନୁଷ୍ୟର ପ୍ରକାଶ ହୋଇଅଛି । ମନୁଷ୍ୟ ଆଜି ପ୍ରକୃତିର ଶେଷ ସ୍ତରରେ ଅଛି । କିନ୍ତୁ ମନୁଷ୍ୟ ପ୍ରକୃତିର ଚରମ ସୃଷ୍ଟି ନୁହେଁ । ବର୍ତ୍ତମାନ ମନୁଷ୍ୟ ଅସମ୍ପୂର୍ଣ୍ଣ ବସ୍ତୁ, ସେ ଅର୍ଦ୍ଧ-ପଶୁ ଓ ଅର୍ଦ୍ଧ-ପ୍ରଜ୍ଞା ସମ୍ପନ୍ନ । ପ୍ରକୃତି ଏପରି ଗୋଟିଏ ଅସମ୍ପୂର୍ଣ୍ଣ ଜୀବ ବା ଉନ୍ନତ ପଶୁ ତିଆରି କରି ଅଟକି ଯିବ ନାହିଁ । ମନୁଷ୍ୟ ଏକ ମଧ୍ୟବର୍ତ୍ତିକାଳୀନ ଜୀବ । ତାକୁ ତାହାର ଚେତନାରେ ମନର ଉପରକୁ ଉଠିଯିବାକୁ ହେବ । ପ୍ରକୃତିର ବିବର୍ତ୍ତନ ଧାରାରେ ମନୁଷ୍ୟର ଚେଷ୍ଟା ମିଳିତ ହେଲେ ମନୁଷ୍ୟର ଏହି ଊର୍ଦ୍ଧ୍ୱାୟନ ଗତି ହେବ । ମନୁଷ୍ୟ ବୁଦ୍ଧିମାନ୍, ବିଚାରଶୀଳ, ଜ୍ଞାନୀ, ତତ୍ତ୍ୱଦର୍ଶୀ । ସେ ଯଦି ତା’ର ପ୍ରକୃତିର ପରିବର୍ତ୍ତନ କରିବାକୁ ନ ଚାହେଁ, ସେ ଯଦି ତାହାର ନିମ୍ନ ପ୍ରକୃତିର ଦ୍ୱନ୍ଦ୍ୱ ଓ ବିଷାକ୍ତ-ଜ୍ୱାଳାର ଉପରକୁ ଉଠିବାକୁ ନ ଚାହେଁ, ସେ ଯଦି ପୂର୍ଣ୍ଣତା ପ୍ରାପ୍ତ କରିବାକୁ ନ ଚାହେଁ ତେବେ ପ୍ରକୃତି ତା’ର ବିଶେଷ କିଛି ପରିବର୍ତ୍ତନ ଆଣିପାରିବ ନାହିଁ । ଯେପରି ମୁଁ ନିଜେ ଇଚ୍ଛା ନ କଲେ, ଯେତେ ଉପଦେଶ ଦେଲେ ବି ଭଲଲୋକ ହୋଇ ପାରିବି ନାହିଁ । ସବୁ ତେଣୁ ନିର୍ଭର କରିବ ଅନ୍ତରର ଡାକ ଉପରେ, ମନର ପିପାସା, ଅଭୀପ୍ସା, ଆକାଙ୍କ୍ଷା ଉପରେ । ‘‘ମନର ମୂଳେ ଏ ଜଗତ୍’’ । ସୁତରାଂ ମନୁଷ୍ୟ ନିଜକୁ ଅତିକ୍ରମ କରି ଅନ୍ୟ ଗୋଟିଏ ସୋପାନରେ ଉଠିଯିବାକୁ ହେଲେ ତାକୁ ନିରନ୍ତର ଚେଷ୍ଟା କରିବାକୁ ହେବ, ଆଧ୍ୟାତ୍ମିକ ପଥ ଅବଲମ୍ବନ କରି ସାଧନା କରିବାକୁ ପଡ଼ିବ । ଏହାହିଁ ଶ୍ରୀଅରବିନ୍ଦଙ୍କ ଦର୍ଶନର ମୋଟାମୋଟି ବିଚାର ।

ଏହି ଯେଉଁ ନୂତନ ଅବସ୍ଥାରେ ମନୁଷ୍ୟ ପହଞ୍ଚିବା, ତାହାହିଁ ଉକ୍ତ ଦର୍ଶନର ସିଦ୍ଧାନ୍ତ – ଅର୍ଥାତ୍ ମନୁଷ୍ୟ ଅତିମାନବ ସ୍ତରରେ ଉପନୀତ ହେବ ମନର କ୍ଷେତ୍ରକୁ ଅତିକ୍ରମ କରି;

ମନୁଷ୍ୟ ଅତିମାନସ ରୂପକ ବିଶାଳ ଶକ୍ତିରେ ଭୂଷିତ ହେବ ଏବଂ ଅତି-ମାନବରେ ପରିଣତ ହେବ । ''ଅତିମାନସ'' ହେଲା ଦ୍ୱନ୍ଦ୍ୱହୀନ, ବିଶାଳ, ବିରାଟ, ଭୂମା, ସଚ୍ଚିଦାନନ୍ଦଙ୍କର ସୃଜନଶୀଳ ଦିବ୍ୟ-ଶକ୍ତି, ପରାଶକ୍ତି । ମୋଟରେ ଏହା ଏକ ଅଭୂତପୂର୍ବ ଦିବ୍ୟ-ଶକ୍ତି, ନିୟମନ ଓ ବିଧାନ । ଯେପରି ମାନସ ଶକ୍ତି ଲାଭ କରି ମନୁଷ୍ୟଜାତିର ଉତ୍ଥାନ ହେଲା, ସେହିପରି ଅତିମାନସ ଶକ୍ତିକୁ ଲାଭ କରି ଅତିମାନବ ଜାତିର ଉତ୍ଥାନ ହେବ । ଏହି 'ଅତିମାନବ' ତତ୍ତ୍ୱଟି ଶ୍ରୀଅରବିନ୍ଦଙ୍କ ଦର୍ଶନର ଏ ଯୁଗକୁ ସର୍ବଶ୍ରେଷ୍ଠ ଦାନ ଏବଂ ଏହାହିଁ ଶ୍ରୀଅରବିନ୍ଦଙ୍କର ଚରମ ଆବିଷ୍କାର । ଏହି ତତ୍ତ୍ୱଟି ବେଦରେ ''ଋତ-ଚିତ୍'' ନାମରେ କଥିତ ଏବଂ ବୈଦିକ ଋଷି ବହୁ ସ୍ଥାନରେ ଏହାର ବର୍ଣ୍ଣନା କରିଅଛନ୍ତି, ଶ୍ରୀଅରବିନ୍ଦଙ୍କ ସିଦ୍ଧି ହେଲା ଅତିମାନସ ସିଦ୍ଧି । ଶ୍ରୀଅରବିନ୍ଦ ସ୍ୱୀୟ ସାଧନା ବଳରେ ଦୀର୍ଘକାଳ ବ୍ୟାପୀ କଠୋର ତପସ୍ୟା ଫଳରେ ଏହି ବିଶାଳ ଆଧ୍ୟାତ୍ମିକ ଅତିମାନସ ଶକ୍ତିକୁ ପୃଥିବୀ ଉପରେ ଉତ୍ତାରି ଆଣି ଅଛନ୍ତି । ୧୯୫୦ ସାଲରେ ସ୍ୱୀୟ ମହାସମାଧି ବେଳେ ଏହି ଶକ୍ତି ପ୍ରକାଶ୍ୟ ରୂପେ ପ୍ରଥମ ଥର ପାଇଁ ତାଙ୍କର ଶରୀର ଉପରେ ଅବତୀର୍ଣ୍ଣ ହୋଇଥିଲା । ତାହା ଫଳରେ ତାଙ୍କର ମର କଳେବର ଅମୃତମୟ ଦିବ୍ୟଜ୍ୟୋତିଃରେ ଉଦ୍ଭାସିତ ହୋଇ ଉଠିଲା ଏବଂ ପ୍ରାୟ ପାଞ୍ଚ ଦିନ ପର୍ଯ୍ୟନ୍ତ ସେହିପରି ରହିଥିଲା । ପୁନଶ୍ଚ ୧୯୫୬ ସାଲ ଏପ୍ରିଲ ୨୪ ତାରିଖରେ ଶ୍ରୀମା'ଙ୍କର ଏକ ବାଣୀରୁ ସ୍ପଷ୍ଟ ହୋଇଅଛି ଯେ ଏହି ବିଶାଳ ଦିବ୍ୟଶକ୍ତି ପ୍ରକାଶ୍ୟ ରୂପରେ କାର୍ଯ୍ୟ କରୁଅଛି ।

ଯେଉଁ ଅତିମାନସ ଶକ୍ତିର ଅବତରଣ ପୃଥିବୀପୃଷ୍ଠରେ ଏକ ଅବଶ୍ୟମ୍ଭାବୀ ପରିଣାମ ରୂପେ ଆଶା କରାଯାଉଥିଲା ତାହା ଆଜି ପ୍ରକଟ ରୂପରେ କାର୍ଯ୍ୟ କରୁଅଛି । ଶ୍ରୀମା'ଙ୍କର ସେହି ବାଣୀରେ ଉଲ୍ଲେଖ ଅଛି ଯେ ଅତିମାନସର ଅଭିବ୍ୟକ୍ତି ଆଜି ଏକ ସମ୍ଭାବନା ରୂପେ ନାହିଁ; ଏହା ଏକ ଜୀବନ୍ତ ଶକ୍ତି ରୂପେ ଏଠାରେ କ୍ରିୟାଶୀଳ ହେଉଅଛି । ଦିନ ଆସିବ ଯେତେବେଳେ ଅତି ମୂର୍ଖ, ଅତି ଅଜ୍ଞାନୀ, ଅତି ମୂଢ଼ ବ୍ୟକ୍ତି ବି ଏହାକୁ ମାନିନେବାକୁ ବାଧ୍ୟ ହେବ । ଆଜି ପୃଥିବୀପୃଷ୍ଠରେ ଏହି ନବଶକ୍ତି କ୍ରିୟାଶୀଳ ହେବା ଫଳରେ କି କି ପରିଣାମ ଦେଖାଦେବ, ସେସବୁ ଏଠାରେ ବର୍ଣ୍ଣନା କରିବାର ଅବସର ନାହିଁ । ଯେଉଁମାନେ କିଛି ଆନ୍ତର ଦୃଷ୍ଟି ଲାଭ କରିଛନ୍ତି ଏବଂ ଯେଉଁମାନଙ୍କର କିଛି ବି ଆଧ୍ୟାତ୍ମିକ ସ୍ପର୍ଶ ଅଛି ସେମାନେ ସ୍ପଷ୍ଟରୂପେ ବୁଝିପାରିବେ ଯେ ପୃଥିବୀରେ ଏକ ନୂତନ ଯୁଗର ଆବିର୍ଭାବର ସମୟ ହୋଇଅଛି । ଅବଶ୍ୟ ନୂତନ ଯୁଗର ଆବିର୍ଭାବ ଓ ପୁରାତନ ଯୁଗର ଅବସାନ ହେଉଛି ଏକ ଘଡ଼ିସନ୍ଧି ବେଳ; କ୍ରମବିକାଶର ଧାରାରେ ଏକ ବିଶେଷ ପରିବର୍ତ୍ତନର ସମୟ ।

ବର୍ତ୍ତମାନ ତୃତୀୟ ପ୍ରଶ୍ନର ଉତ୍ତର ଆଲୋଚନା ହେଉ; ଅର୍ଥାତ୍ ପୃଥିବୀ ଏକ ଅତିମାନସ ଚେତନାକୁ ଗ୍ରହଣ କରିବ କିପରି ? ଅନ୍ୟ କଥାରେ କହିବାକୁ ଗଲେ ମନୁଷ୍ୟ ଜୀବନରେ ତଥା ମନୁଷ୍ୟ ସମାଜରେ ଏକ ବିଶାଳ ଆଧ୍ୟାତ୍ମିକ ଶକ୍ତି କ୍ରିୟାଶୀଳ ହେବ କିପରି ? ଏହି ପ୍ରଶ୍ନକୁ ଶ୍ରୀଅରବିନ୍ଦ ତାଙ୍କର ବିଭିନ୍ନ ପୁସ୍ତକରେ ବିସ୍ତାରିତ ରୂପେ ଆଲୋଚନା କରିଛନ୍ତି । ପ୍ରଥମ କଥା ହେଲା, ମନୁଷ୍ୟ ନିଜ ପ୍ରତି ଦୃଷ୍ଟି ଫେରାଇଲେ ଜାଣିବ ଯେ ସେ ତାହାର ନିଗୂଢ଼ତମ ଅଂଶରେ ସତ୍ ସ୍ୱରୂପରେ ଭଗବାନଙ୍କର ସନ୍ତାନ, ପୁରୁଷୋତ୍ତମଙ୍କର ସନାତନ ଅଂଶ । ତାହାର ହୃଦ୍‌କନ୍ଦରରେ ଭଗବତ୍ ଶକ୍ତି, ବିଭୂତି ଓ ଆଲୋକ ରହିଛି । ବ୍ୟକ୍ତିଗତ ଜୀବନରେ ସେ ପ୍ରଥମରେହିଁ ଏହି ହୃଦୟସ୍ଥ ସତ୍-ପୁରୁଷଙ୍କ ସମ୍ବନ୍ଧରେ ସଚେତନ ହୋଇ ଉଠିବ; ଏହି 'ଚୈତ୍ୟପୁରୁଷ'ହିଁ ଆତ୍ମ ଭିତରେ ଭଗବାନଙ୍କର ପ୍ରତିଭୂ, ଶାଶ୍ୱତ ଅଗ୍ନି ବା ଗୀତୋକ୍ତ ପୁରୁଷୋତ୍ତମଙ୍କ ସନାତନ ଅଂଶ । ପ୍ରଥମେ ତାଙ୍କରି ସାନ୍ନିଧ୍ୟ ଲାଭ କରିବାକୁ ହେବ । ବ୍ୟକ୍ତିର ଏହିଠାରେ ଆନ୍ତର ଉନ୍ମୀଳନ ହେବା ଆବଶ୍ୟକ । ନିରନ୍ତର ଅଭୀପ୍ସା, ତ୍ୟାଗ ଓ ଭଗବତୀ ଶକ୍ତିଙ୍କ ପାଖରେ ଆତ୍ମ-ସମର୍ପଣ ଫଳରେ ଏହି 'ଚୈତ୍ୟପୁରୁଷ'ଙ୍କ ବିଶେଷ ଜାଗରଣ ହୁଏ । ଥରେ 'ଚୈତ୍ୟପରୁଷ'ଙ୍କର ସାନ୍ନିଧ୍ୟ ଅନୁଭୂତ ହେଲେ ବ୍ୟକ୍ତି ଆଉ ସଂସାରର ଘଟଣାଚକ୍ରକୁ ସାର ମନେ କରି ସେଥିରେ ଆବଦ୍ଧ ରହେ ନାହିଁ, ବରଂ ସେ ଭଗବତ୍ ଅଭିମୁଖୀ ହୁଏ, ତାହାର ଦିବ୍ୟ-ଅନନ୍ତପଥର ଯାତ୍ରା ଆରମ୍ଭ ହୁଏ । ଏହିପରି ଅଗ୍ରସର ହେବା ସଙ୍ଗେ ସଙ୍ଗେ ବ୍ୟକ୍ତି ଜୀବନର ବହୁବିଧ ସ୍ତରକୁ ରୂପାନ୍ତରିତ କରେ ଏବଂ ଶେଷରେ ଏକ ନୂତନ ଜନ୍ମ ଲାଭ କରେ । ଯଦି ଜଣେ କହେ ଯେ ସେ ଏହି ଆନ୍ତର ଦୃଷ୍ଟି ଲାଭ କରିବାକୁ ଅକ୍ଷମ ତେବେ ସେ ଦେଖିବ ଯେ ତାହାର ଗତାନୁଗତିକ ଜୀବନ ଧାରାରେ, ସାଧାରଣ ମାନସ ମଧ୍ୟରେ ଗୋଟିଏ ଉଚ୍ଚତର ମାନସ ଅଛି । ଏହି ଉଚ୍ଚତର ମାନସର ବିକାଶ ହେଲା ଦେଶପ୍ରୀତି, ସମାଜପ୍ରୀତି, ସାହିତ୍ୟପ୍ରୀତି, ମାନବ-ଜାତିର ସେବା, ପରୋପକାର ପରାୟଣ ହେବା ଓ ଧାର୍ମିକ ତଥା ନୈତିକ ଜୀବନ ପ୍ରତି ଆକୃଷ୍ଟ ହେବା । ହୁଏତ ପ୍ରତ୍ୟେକ

ମନୁଷ୍ୟ ନିଜକୁ ପରୀକ୍ଷା କଲେ ଦେଖିବ ଯେ ତାହା ମଧ୍ୟରେ ଏପରି ଏକ ଜିନିଷ ଅଛି ଯାହା ତାହାର ସାଧାରଣ ବଞ୍ଚିବାଠାରୁ ଅତି ମହାନ୍ । ଏହି ଜିନିଷକୁ ଯଥାର୍ଥରେ ଏକ ଉପାୟ ମନେ କରି ମନୁଷ୍ୟ ଆଧ୍ୟାତ୍ମିକ ଜୀବନ ପ୍ରତି ଯଦି ଆଗ୍ରହୀ ହୁଏ, ତେବେ ସେ ଅଗ୍ରଗତି ଲାଭ କରିବ – ଅବଶ୍ୟ ଆଧ୍ୟାତ୍ମିକ ସାଧନାର ପଥ ଏତେ ସହଜ ନୁହେଁ । ମନୁଷ୍ୟର ଆସକ୍ତି, ଗର୍ବ, ଅଭିମାନ, ଅହଙ୍କାର, ବହୁବିଧ କ୍ଷୁଦ୍ର କ୍ଷୁଦ୍ର କାମନାବାସନା ଆଧ୍ୟାତ୍ମିକ ଅଗ୍ରଗତି ପଥରେ ଦଣ୍ଡାୟମାନ ହୁଏ, ତଥାପି ସାଧକ ଏହାକୁ ଅନତିକ୍ରମଣୀୟ ମନେ କରେ ନାହିଁ । ଭାଗବତୀ ଶକ୍ତି ଓ କରୁଣା ଉପରେ ନିର୍ଭର କରି ସେ ଆଧ୍ୟାତ୍ମିକ ପଥରେ ନିଜକୁ ନବଜନ୍ମ ଦେବା ସକାଶେ ଆଗେଇ ଚାଲେ । ମୋଟ ଉପରେ କହିବାକୁ ଗଲେ ''ଅତିମାନସ''କୁ ଜୀବନରେ କାର୍ଯ୍ୟକାରୀ କରିବାକୁ ହେଲେ ବ୍ୟକ୍ତି ଓ ସମାଜ ଉଭୟଙ୍କୁ ଆଧ୍ୟାତ୍ମିକବାଦକୁ ଚରମ ଲକ୍ଷ୍ୟ ରୂପେ ଗ୍ରହଣ କରି ଅଗ୍ରସର ହେବାକୁ ହେବ । ପୁଣି ମଧ୍ୟ ଶ୍ରୀଅରବିନ୍ଦ କହୁଛନ୍ତି ଯେ 'ଅତିମାନସ' ଶକ୍ତି ଦ୍ୱାରା ରୂପାନ୍ତରିତ ବ୍ୟକ୍ତିଗଣ ପୃଥିବୀପୃଷ୍ଠରେ ସ୍ୱୀୟ ପ୍ରଭାବ ବଳରେ ଏକ ନୂତନ ସମାଜ ସ୍ଥାପନ କରିପାରିବେ । ଜୀବନର ପ୍ରତ୍ୟେକ ଦିଗକୁ ବର୍ଜନ ନକରି ବରଂ ସେସବୁକୁ ଗ୍ରହଣ କରି ନୂତନ ରୂପ ଦେଇପାରିବେ । ଜାତୀୟ ଜୀବନରେ ମଧ୍ୟ ଏହି ଶକ୍ତି ଅବତୀର୍ଣ୍ଣ ହୋଇ କ୍ରିୟାଶୀଳ ହୋଇପାରିବ । ଜାତୀୟ ସେବକ ଓ ଜାତୀୟ ବୀର ମାତ୍ରକେ ଦେଖିବେ ଯେ ପ୍ରତ୍ୟେକ ଜାତି ଏକ ଭଗବତ୍ ବିଧାନର ଅନୁସରଣ କରି ଚାଲିଛନ୍ତି ଏବଂ ପ୍ରତ୍ୟେକ ନିଜ ନିଜର ଲକ୍ଷ୍ୟ ପୂରଣ କରିବାରେ ଲାଗି ଅଛନ୍ତି । କଳା, ସାହିତ୍ୟ ଓ ଶିକ୍ଷା ପ୍ରତ୍ୟେକ କ୍ଷେତ୍ରରେ ଏକ ନୂତନ ଆଦର୍ଶ ଓ ନୂତନ ବିଚାରଧାରାର ବିକାଶ ହେବ ଏବଂ ନୂତନ ପରିଣାମ ମଧ୍ୟ ଦେଖା ଦେବ ।

ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଏହା କିପରି କାର୍ଯ୍ୟକାରୀ ହୋଇପାରିବ ଯଥା : ଶିକ୍ଷା, କଳା, ସଂସ୍କୃତି, ସାହିତ୍ୟ, କୃଷି, ବାଣିଜ୍ୟ ପ୍ରତ୍ୟେକ କ୍ଷେତ୍ରରେ – ତାହା ଶ୍ରୀଅରବିନ୍ଦ ଆଶ୍ରମରେ ସ୍ଥୂଳରୂପେ କାର୍ଯ୍ୟ କରି ଦେଖାଯାଉଅଛି । ଏହି ଆଶ୍ରମ ଏକ ନୂତନ ମାନବ ସମାଜର ମୂଳ-ପ୍ରତୀକ ରୂପେ ଠିଆ ହୋଇ କାର୍ଯ୍ୟ କରୁଅଛି । ଶିକ୍ଷା ମାଧ୍ୟମରେ ଏହି ବିଚାରଧାରାକୁ କାର୍ଯ୍ୟ କରାଇବା ପାଇଁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି ଏବଂ ଆଜି ତାହା ଧୀରେ ଧୀରେ କାର୍ଯ୍ୟ କରିଚାଲିଛି । ସମୟ ଆସିବ ଯେତେବେଳେ ଏହି ପ୍ରତିଷ୍ଠାନହିଁ ପୃଥିବୀରେ ନୂତନ ଆଲୋକ ଓ ନୂତନ ଶକ୍ତି ବିସ୍ତାର କରି ସମଗ୍ର ଜଗତକୁ ଉଦ୍ଭାସିତ କରିବ ।

❑❑❑


**ବିଶେଷ ସୂଚନା**

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭୯)

## ମହେନ୍ଦ୍ରନାଥ ସ୍ୱାଇଁ

**ନୈବେଦ୍ୟ :**

ଆଲୋଚ୍ୟ ପ୍ରାର୍ଥନାଟି ଦିବ୍ୟଜନନୀ ଶ୍ରୀମାଙ୍କର ଏକ ତଥ୍ୟ ଉନ୍ମୋଚନକାରୀ ପ୍ରାର୍ଥନା ଯେଉଁଥିରେ ଯୁଗ ଯୁଗ ଧରି ମୁନୀ, ଋଷି, ସାଧୁ, ସନ୍ଥମାନେ ପରମ ପ୍ରଭୁଙ୍କୁ ନିବେଦନ କରିଥିବା ଅନେକ ପ୍ରଶ୍ନର ଉତ୍ତର ସେ ପ୍ରଦାନ କରିଛନ୍ତି । ଯେଉଁମାନେ ନିଜକୁ ଜିଜ୍ଞାସୁ, ଆର୍ତ୍ତ ବା ଅର୍ଥାର୍ଥୀ ବୋଲି ଘୋଷଣା କରି ଉଚ୍ଚତର ସତ୍ୟକୁ ପ୍ରକାଶ କଲାବେଳେ ସେଥିରେ କିଛି ବ୍ୟତିକ୍ରମ କରି ଦେଇଥା'ନ୍ତି, ପୁନଶ୍ଚ ଯେଉଁମାନେ ନିଜ ଚେତନାକୁ ଅତିକ୍ରମ କରି ଏକ ଉଚ୍ଚତର ଚେତନା ମଧ୍ୟରେ ପ୍ରବେଶ କରିଥା'ନ୍ତି, କିନ୍ତୁ ବିଶ୍ୱ ପ୍ରକୃତିରେ ଥିବା ସାର୍ବଜନୀନ ନିମ୍ନପ୍ରକୃତି ସେମାନଙ୍କୁ ନିଷ୍ଠୁର ଭାବରେ ପୁନର୍ବାର ତଳକୁ ଟାଣି ଆଣିଥାଏ । ଧରିତ୍ରୀ ମାତାଙ୍କର ସକଳ ସନ୍ତାନ 'କିଂ କର୍ତ୍ତବ୍ୟ ବିମୂଢ଼' ହୋଇ ପଡ଼ନ୍ତି, ଜୀବନ ଏବଂ ସେମାନଙ୍କର ସ୍ଥିତି ସମ୍ପର୍କରେ କିଛି ଜାଣି ପାରନ୍ତି ନାହିଁ; ଇନ୍ଦ୍ରିୟ ବୋଧଜ୍ଞାନ ମଧ୍ୟ ହରାଇ ବସନ୍ତି । ଜୀବନ ଯନ୍ତ୍ରଣାର ଚାବୁକ ମାଡ଼ ଖାଇ ଖାଇ ସେମାନଙ୍କର ହୃଦୟ ଜର୍ଜରିତ ହୋଇଯାଏ ।

ମାନବ ଜୀବନ ହାସ୍ୟରସର ଏକ କନ୍ଦୁକ କ୍ରୀଡ଼ା ନୁହେଁ । ଏହାକୁ କୌଣସି ଏକ ଅଯତ୍ନଶୀଳ କାରିଗର ନିର୍ମାଣ କରି ନାହାନ୍ତି, ଅଥବା ମଣିଷ ହତଭାଗ୍ୟ ମଧ୍ୟ ନୁହେଁ । ଲକ୍ଷ ଲକ୍ଷ ତାରକାପୁଞ୍ଜମାନଙ୍କର ବହୁବର୍ଷର ଗତି ତଥା ଦ୍ରୁତ ପ୍ରଗତିର ପରିଣାମର ଫଳାଫଳ ମଧ୍ୟ ମନୁଷ୍ୟ ନୁହେଁ । ଜୀବନର ପାଗଳାମୀ ଓ ଅବ୍ୟବସ୍ଥା ପଶ୍ଚାତରେ ଏକ ନିଶ୍ଚିତ କାରଣ ରହିଛି । ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ହଜାର ହଜାର ବର୍ଷ ଧରି ରହି ଆସିଥିବା ଏହି ଘନ ଅନ୍ଧକାରର ଗର୍ଭ ଭିତରେ ତାଙ୍କ ଦିବ୍ୟ ହୀରକ-ଜ୍ୟୋତିଃର ଆଲୋକକୁ ପ୍ରବେଶ କରାଇ ସେଠାରେ ଆଲୋକ ବର୍ତ୍ତିକା ଜଳାଇ ଦେଇଛନ୍ତି । ଏହାହିଁ ସର୍ବୋତ୍ତମ ଦିବ୍ୟଚେତନାର ଶୁଭ୍ରଜ୍ୟୋତିଃ । ଫେବ୍ରୁଆରୀ ୯, ୧୯୧୪ ପ୍ରାର୍ଥନାରେ ଶ୍ରୀମା ଲେଖୁଛନ୍ତି :

"WHATEVER names may be given to Thee, O Lord, by the élite of humanity, athirst for something absolute, it seeks ardently for Thee. Even those who seem to move farthest away from Thee, even those who are exclusively occupied with themselves, are they not searching for an absolute in sensation, an absolute in satisfaction, and in spite of its vanity that search also can some day lead to Thee; Thou art far too much at the core, at the heart of all things for even the very worst egoisms not to be transformed by Thee into aspirations. ... The only thing we must fear and avoid is the inertia of inconscience, of blind and heavy ignorance. That state lies at the very bottom of the infinite ladder that rises towards Thee. And all Thy effort consists in pulling Matter out of this primeval darkness so as to awaken it to consciousness. Even passion is preferable to inconscience. We must therefore go constantly forward to conquer that universal bedrock of inconscience and through our own organism transform it gradually into luminous consciousness.

O Lord, sweet Master of love, Thou whom I see so living, so conscious within all things, I adore Thee with a boundless devotion."

(Prayers and Meditations, P. 69)

''ହେ ପ୍ରଭୁ, ତୁମକୁ ଯିଏ ଯେଉଁ ନାମରେ ନାମିତ କରନ୍ତୁ ନା କାହିଁକି, ଯେଉଁମାନେ ମାନବ ସମାଜ ଭିତରେ ଜ୍ଞାନୀ, ଗୁଣୀ, ଆଲୋକର ଜ୍ୟୋତିଃରେ ଉଲ୍ଲସିତ, ଶ୍ରେଷ୍ଠ

ବ୍ୟକ୍ତିତ୍ୱର ଅଧିକାରୀ, ଯେଉଁମାନେ ଏକ ଚରମ ସତ୍ୟ ନିମନ୍ତେ ତୃଷିତ, କେବଳ ସେହିମାନେହିଁ ତୁମକୁ ଦୃଢ଼ ଆଗ୍ରହର ସହିତ ଖୋଜୁଥା'ନ୍ତି । ଏପରିକି, ମନେହୁଏ ଯେଉଁମାନେ ତୁମ ଠାରୁ ବହୁ ଦୂରକୁ ଚାଲି ଯାଇଛନ୍ତି, ଏପରିକି ଯେଉଁମାନେ କେବଳ ମାତ୍ର ନିଜ ଭିତରେ ବନ୍ଦୀ ହୋଇ ଜୀବନଯାପନ କରୁଛନ୍ତି, ନିଜକୁ ନିଜର ଅଧିକାର ଭିତରେ ଶକ୍ତ ଭାବରେ ବାନ୍ଧି ଦେଇଛନ୍ତି; ସେମାନେ କ'ଣ ସେମାନଙ୍କର ଭାବପ୍ରବଣତା, ସମ୍ବେଦନଶୀଳତା ଭିତରେ ଖୋଜି ବୁଲୁ ନାହାନ୍ତି ସେହି ଚରମ, ପରମ ସତ୍ୟଙ୍କୁ ? ସେମାନଙ୍କର ଆତ୍ମସନ୍ତୁଷ୍ଟି ଭିତରେ କ'ଣ ସେମାନେ ଖୋଜୁ ନାହାନ୍ତି ସେହି ପରମଙ୍କୁ ଏବଂ ସେମାନଙ୍କର ଆତ୍ମଗର୍ବ ସତ୍ତ୍ୱେ ମଧ, ସେମାନଙ୍କର ଅନ୍ୱେଷଣ ଦିନେ ନା ଦିନେ ତୁମ ପାଖକୁ ସେମାନଙ୍କୁ ପଥନିର୍ଦ୍ଦେଶ କରିଦେବ ନାହିଁ କି ? ତୁମେ ବହୁ ଦୂରରେ ଅନ୍ତଃସ୍ଥଳର ଗଭୀର ଗଭୀରତା ଭିତରେ ବିରାଜିତ, ସକଳ ବସ୍ତୁମାନଙ୍କର ହୃଦୟ ଭିତରେ, ଏପରିକି ସବୁଠାରୁ ନିକୃଷ୍ଟ ଅହଂକାର ଭିତରେ ଯାହାସବୁ ତୁମ ଦ୍ୱାରା ଅଭୀପ୍ସାମାନଙ୍କରେ ରୂପାନ୍ତରିତ ହେବାର କଥା ନୁହେଁ ... ଯେଉଁ ଏକମାତ୍ର ଜିନିଷ ଠାରୁ ଆମେ ନିଶ୍ଚିତ ଭାବରେ ମୁଖ ଫେରାଇ ନେବା, ଅଣଦେଖା କରିବା ଏବଂ ଭୟ କରିବା ସେଗୁଡ଼ିକ ହେଲା ନିଶ୍ଚେତନାର ସ୍ଥାଣୁତ୍ୱ, ଅନ୍ଧ ଓଜନିଆ ଅଜ୍ଞାନତାକୁ ବର୍ଜନ କରିବା । ସେହି ଅବସ୍ଥାଟି ପଡ଼ିରହିଛି ତୁମ ପାଖକୁ ଯିବା ପାଇଁ ଲମ୍ବିଥିବା ତଥା ଉର୍ଦ୍ଧ୍ୱକୁ ଉଠିଥିବା ଅନନ୍ତ ଅସୀମ ଶିଡ଼ିର ସର୍ବନିମ୍ନ ପାବଚ୍ଛ ପାଖରେ । ଏବଂ ତୁମର ସକଳ ପ୍ରଚେଷ୍ଟା ଭିତରେ ରହିଛି ସମଗ୍ର ଜଡ଼ ଜଗତକୁ ତା'ର ଆଦିମ ଅନ୍ଧକାର ଭିତରୁ ଟାଣି ବାହାର କରିଦେବା ଫଳରେ ସେହି ଚେତନା ଜଗତ୍ ସଂବନ୍ଧରେ ଜାଗ୍ରତ୍ ହୋଇ ଉଠିବ । ଏପରିକି ଭାବପ୍ରବଣତା ଓ ସମ୍ବେଦନଶୀଳତା ନିଶ୍ଚେତନାଠାରୁ ଅଧିକ ଶ୍ରେୟସ୍କର । ସେହି କାରଣରୁ ଆମେ ନିଶ୍ଚିତ ଭାବେ ନିରବଚ୍ଛିନ୍ନ ଭାବରେ ଆଗକୁ ବଢ଼ିବା ସେହି ସର୍ବବ୍ୟାପକ ନିଶ୍ଚେତନାର ଦୃଢ଼ ମୂଳଭିତ୍ତି-ପ୍ରସ୍ତର ଉପରେ ବିଜୟ ହାସଲ କରିବାକୁ ଏବଂ ଆମ ନିଜ ଦୈବିକ ତତ୍ତ୍ୱ ମାଧ୍ୟମରେ ଏହି ନିଶ୍ଚେତନାକୁ କ୍ରମଶଃ ରୂପାନ୍ତରିତ କରିଦେବା ଏକ ଜ୍ୟୋତିର୍ମୟ ଚେତନାରେ ।

''ହେ ପ୍ରଭୁ, ପ୍ରେମର ଦିବ୍ୟଗୁରୁ, ତୁମକୁ ମୁଁ ଦେଖିପାରୁଛି ଏତେ ଜୀବନ୍ତ, ସକଳ ବସ୍ତୁ ମଧ୍ୟରେ ଏତେ ସଚେତନ ସ୍ୱରୂପରେ ତଥା ସକଳ ବସ୍ତୁ ମଧ୍ୟରେ, ମୁଁ ତୁମକୁ ଆରାଧନା କରୁଛି ଏକ ସୀମାହୀନ ଭକ୍ତିର ସହିତ ।''

ଏହି ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦର ଜ୍ୟୋତିଗର୍ଭା ଧାଡ଼ିଗୁଡ଼ିକୁ ପାଠ କଲେ ମାତ୍ର ଗୋଟିଏ ସେକେଣ୍ଡ ଭିତରେ ଆମ ଦେହ, ପ୍ରାଣ, ମନର ଅଗଣାରେ ଥିବା ସକଳ ପ୍ରକାର ନୀତିକଥା, ତର୍କଶାସ୍ତ୍ରର ତତ୍ତ୍ୱସକଳ, ମଣିଷମାନଙ୍କର ପ୍ରଭାବ, କାର୍ଯ୍ୟକଳାପ, ଘଟିଯାଉଥିବା ସକଳ ଘଟଣା ଗୋଟିଏ କଡ଼କୁ ଆଉଜି ଯାଆନ୍ତି; ଅଜ୍ଞାନ ଅନ୍ଧକାର କେଉଁଆଡ଼େ ମିଳାଇ ଯାଏ । କେତେକ ଲୋକ ଅଛନ୍ତି ଯେଉଁମାନେ କେବଳ ନିଜ କଥା ଚିନ୍ତା କରି ଆତ୍ମସର୍ବସ୍ୱ ହୋଇ ରହିଥା'ନ୍ତି, ନିଜେ ଭିତରକୁ ଚାଲିଯାଇ ଅନ୍ୟମାନଙ୍କ ପାଇଁ କବାଟ କିଳି ଦେଇଥା'ନ୍ତି, ନିଜର ଭାବପ୍ରବଣତା ଭିତରେ ବୁଡ଼ି ରହିଥା'ନ୍ତି; ସେମାନେ କ'ଣ ସର୍ବୋତ୍ତମ ଚେତନାକୁ ଖୋଜୁ ନଥା'ନ୍ତି ? ସକଳ କାର୍ଯ୍ୟମୂଳରେ ସେହି ସର୍ବୋତ୍ତମକୁ ପାଇବାର ଇଚ୍ଛା, ଯେତେ ପାଇଲେ ମଧ ଆତ୍ମସନ୍ତୁଷ୍ଟି ଲାଭ ହେଲା ପରି ମନେହୁଏ ନାହିଁ; କାରଣ ସେତେବେଳ ପର୍ଯ୍ୟନ୍ତ ସେହି ସର୍ବୋତ୍ତମ ସତ୍ୟ ପ୍ରାପ୍ତ ହୋଇ ନଥା'ନ୍ତି । ଆମର ତ ଆତ୍ମଗର୍ବ ରହିଛି, ଅହଂକାର, ସ୍ୱାଭିମାନ ଆମ ଭିତରେ ପୂର୍ଣ୍ଣ ହୋଇ ରହିଛି, ତାହା ସତ୍ତ୍ୱେ ଆମେ କ'ଣ ପରମ ପ୍ରଭୁଙ୍କ କୃପା ଓ କରୁଣା ପ୍ରାପ୍ତ ହେବା ନିମନ୍ତେ ପ୍ରାର୍ଥନା କରୁ ନାହିଁ; ଏତେ ଟିକିଏ ଅନୁଭୂତି ପାଇଗଲେ ତାକୁ ଅନ୍ୟମାନଙ୍କ ପାଖରେ ପ୍ରକାଶ କରି ଦେବାକୁ ଛଟପଟ ହେଉ ନଥାଉ; ଭଜନ, କୀର୍ତ୍ତନ, ନିଦିଧ୍ୟାସନ ଏବଂ ପ୍ରବଚନକୁ ମାଧ୍ୟମ କରି ଆମେ କ'ଣ ଆମ ଭିତରର ଅନୁଭବକୁ ଅନ୍ୟ ଆଗରେ ପ୍ରକାଶ କରି ଦେଇ ସେମାନେ କ'ଣ ମନ୍ତବ୍ୟ ପ୍ରକାଶ କରୁଛନ୍ତି ତାହା ଶ୍ରବଣ କରି ଆମୋଦିତ ହେବା ନିମନ୍ତେ ଇଚ୍ଛା କରୁ ନଥାଉ ?

ଏ ସମସ୍ତ କଥାର ଭିତିରି ଅର୍ଥ ହେଲା ଆମେ ସବୁବେଳେ ସର୍ବୋତ୍ତମଙ୍କୁ ଲାଭ କରିବା ପାଇଁ ଆଶାପୋଷଣ କରିଥାଉ । କିନ୍ତୁ ଆମର ଏହି ପ୍ରତ୍ୟାଶା ଭିତରେ ଯଦି ସର୍ତ୍ତ ରହିଥାଏ, ଆମେ ପ୍ରଭୁଙ୍କୁ ନୈବେଦ୍ୟ ଅର୍ପଣ କଲାବେଳେ ଯଦି ସର୍ତ୍ତ ରଖିଥାଉ, ତାହାହେଲେ ପ୍ରଭୁ ତା'ର ଯଥାର୍ଥ ଉତ୍ତର ପ୍ରତ୍ୟକ୍ଷ, ପରୋକ୍ଷ ଅଥବା ସାଙ୍କେତିକ ଭାବେ ଦେଇଥା'ନ୍ତି । ଏହି ପରିପ୍ରେକ୍ଷୀରେ ଦିବ୍ୟଜନନୀ ଶ୍ରୀମା ଜନୈକ ଆଶ୍ରମବାସୀ ସାଧକକୁ କିପରି ସଙ୍କେତ ଦ୍ୱାରା ସଚେତନ କରାଇ ଦେଇଥିଲେ ତାହା ଏଠାରେ ଉଲ୍ଲେଖ କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ଏହିପରି –

ନୂତନ ବର୍ଷ, ୧୯୬୮ ମସିହାର ଆଗମନୀର ଠିକ୍

ପୂର୍ବରାତ୍ରିରେ ସମଗ୍ର ଆଶ୍ରମରେ ଆନନ୍ଦ ଉଲ୍ଲାସ ଖେଳି ଯାଇଥାଏ । ଆଶ୍ରମ ଅନ୍ତେବାସୀ ଜନୈକ ସାଧକ ଯାହାଙ୍କର ନାମ 'ଜ' ସେ ଖୁବ୍ ଆନନ୍ଦିତ, ଉଲ୍ଲସିତ, କାରଣ ତାଙ୍କର ଆଶ୍ରମରେ ଯୋଗଦାନ କରିବାର ଚତୁର୍ଥ ବର୍ଷ ସେହିଦିନ ପୂରି ଯାଉଥାଏ । ଏତେ ଦିନ ରହଣି ମଧ୍ୟରେ ଏଥର କିଛି ଗୋଟିଏ ନୂଆ ଜିନିଷ ପାଇ ଥାଆନ୍ତି । ଯାହାକୁ ସେ ନୂଆ ବର୍ଷର ଦର୍ଶନ ଦିନରେ ଶ୍ରୀମାଙ୍କୁ ନୈବେଦ୍ୟ ରୂପେ ପ୍ରଦାନ କରିବେ । ତାଙ୍କ ସାଙ୍ଗ ବିଲାତରୁ ବିଶେଷ ସୁଗନ୍ଧଯୁକ୍ତ ଚକୋଲେଟ ପଠାଇ ଥାଆନ୍ତି । 'ଜ' ସେହି ଚକୋଲେଟଗୁଡ଼ିକୁ ସୁନ୍ଦର ଭାବରେ ଗୋଟିଏ ଟ୍ରେ ମଧ୍ୟରେ ସଜାଇ ବସୁଧାଙ୍କ ମାଧ୍ୟମରେ ଶ୍ରୀମାଙ୍କ ନିକଟକୁ ପଠାଇବାକୁ ଇଚ୍ଛା କରିଥିଲେ । ହୃଦୟ ତାଙ୍କର ଭକ୍ତିରେ ଭରପୂର । ସେ ବସୁଧାଙ୍କୁ ଶ୍ରଦ୍ଧାରେ 'ଆକା' ବୋଲି ସମ୍ବୋଧନ କରନ୍ତି । 'ଆକା' ଅର୍ଥ ବଡ଼ ଭଉଣୀ । ନିତି ସନ୍ଧ୍ୟା ୬:୩୦ ଘଟିକାରେ ବସୁଧା ଶ୍ରୀମାଙ୍କ ନିକଟକୁ ଯାଆନ୍ତି ।

ବସୁଧାଙ୍କ ଆଗମନ ପାଇଁ 'ଜ' ଅପେକ୍ଷାରତ । ଠିକ୍ ସେହି ସମୟରେ ତାଙ୍କର ଜଣେ ସାଙ୍ଗ କିଛି ପ୍ରଣାମି ଆଣି ସେଠାରେ ପହଞ୍ଚନ୍ତି । ସେ 'ଜ'ଙ୍କୁ ଶ୍ରୀମାଙ୍କ ନିକଟକୁ କ'ଣ ନୈବେଦ୍ୟ ଦେଉଛନ୍ତି ପଚାରିବାରୁ 'ଜ' କେତେଗୁଡ଼ିଏ ଚକୋଲେଟ ପ୍ରେରଣ କରୁଥିବା କଥା କହିଲେ । ତାଙ୍କ ସାଙ୍ଗ କହିଲେ, ''ଶ୍ରୀମା ଚକୋଲେଟ ଖାଆନ୍ତି ନାହିଁ, ସେ ଚକୋଲେଟଗୁଡ଼ିକୁ ନିକଟରେ ଥିବା ଲୋକମାନଙ୍କ ମଧ୍ୟରେ ବଣ୍ଟନ କରି ଦିଅନ୍ତି । ଏପରିକି ସେମାନେ ଅନେକ ଚକୋଲେଟ ପାଇ ଥାଆନ୍ତି । ଏତେଗୁଡ଼ିଏ ଚକୋଲେଟ ତୁମେ ନିଜେ ବ୍ୟବହାର କରିଥିଲେ ପ୍ରାୟ ଭଲ ହୋଇଥାଆନ୍ତା ।''

ମନ୍ଦ ପ୍ରସ୍ତାବଟି ଏତେ ଶକ୍ତିଶାଳୀ ଥିଲା ଯେ ହଠାତ୍ 'ଜ'ଙ୍କ ମନକୁ ପାଇଗଲା । ତାଙ୍କ ସାଙ୍ଗ ଠିକ୍ କଥା କହିଛନ୍ତି । ତାଙ୍କ ଆତ୍ମାର ଆହ୍ଲାଦ ଏପରି ଏକ ନିର୍ବୋଧ ଚିନ୍ତାର ବଉଦ ଉତ୍ତାଳରେ ଢାଙ୍କି ହୋଇଗଲା । ଠିକ୍ ସମୟରେ ବସୁଧା ଆସି ପହଞ୍ଚନ୍ତେ 'ଜ' ନିଜର ଟ୍ରେଟି ତାଙ୍କୁ ଦେଇ କୁହନ୍ତି, ''ଚକୋଲେଟଗୁଡ଼ିକ କେବଳ ଶ୍ରୀମାଙ୍କ ନିମନ୍ତେ ଉଦ୍ଦିଷ୍ଟ, ମା' ଯଦି ଚକୋଲେଟ ନଖାଇବେ ତେବେ ସେଗୁଡ଼ିକୁ ଶ୍ରୀମା'ଙ୍କୁ ସ୍ପର୍ଶ କରାଇ ପ୍ରସାଦ ଭାବରେ ଫେରାଇ ଆଣିବେ ।'' ଏପରି କଥା ଶୁଣିବା ମାତ୍ରେ ବସୁଧା ବେନ୍ ଖୁବ୍ ରାଗିଗଲେ । ସେ କହିଲେ, ''କ'ଣ ହେଲା ! ତୁମେ ଶ୍ରୀମାଙ୍କ ନିକଟକୁ ସର୍ତ୍ତମୂଳକ ନୈବେଦ୍ୟ ପ୍ରେରଣ କରୁଛ ? ଯଦି ତୁମେ ନୈବେଦ୍ୟ ଦେବା ପାଇଁ ପ୍ରସ୍ତୁତ ତେବେ ବିନା ସର୍ତ୍ତରେ ତାହା ସବୁ ଶ୍ରୀମାଙ୍କ ନିକଟକୁ ପ୍ରେରଣ କରିପାର । ମା'ଙ୍କର ଯାହା ଇଚ୍ଛା ସେ ତାହା କରିବେ । ସେଥିରେ ହସ୍ତକ୍ଷେପ କରିବାର ଅଧିକାର ତୁମର ନାହିଁ ।'' 'ଆକା' ତାଙ୍କ ପ୍ରତି ସର୍ବଦା ଧୀର ମଧୁର ବ୍ୟବହାର ପ୍ରଦର୍ଶନ କରି ଥାଆନ୍ତି । ହଠାତ୍ ଏପରି ଆଶାତୀତ ବ୍ୟବହାର ତାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରି ପକାଇଲା । ତାଙ୍କ ସର୍ବାଙ୍ଗରେ ଶିହରଣ ପ୍ରତୀୟମାନ ହେଲା । ସମ୍ପୂର୍ଣ୍ଣ ଭାବରେ ବ୍ୟତିବ୍ୟସ୍ତ ହୋଇ ସେ ଧ୍ୟାନ ଗୃହରେ ବସି ପଡ଼ି ନିଷ୍ଠାର ସହ ଶ୍ରୀମାଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ, ''ହେ ମୋର ମଧୁମୟୀ ଜନନି ! ମୁଁ ମୋର ପିଲାଳିଆ ଖିଆଲବଶତଃ ଆକାଙ୍କୁ କ'ଣ ସବୁ କହିଗଲି । ଯଦି ତୁମେ ଏହା ଭୁଲ୍ ବୋଲି ବିଚାର କରିବ ଏବଂ ମୋର ମନୋଭାବ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି ମନେ କରୁଛ ତେବେ କୃପାକରି ମୋତେ ଯଥାଯଥ ନିର୍ଦ୍ଦେଶ ପ୍ରଦାନ କର ।''

ବସୁଧା ସାଧାରଣତଃ ରାତି ୯ ଘଟିକା ସମୟରେ ଶ୍ରୀମାଙ୍କ କକ୍ଷରୁ ତଳକୁ ଚାଲି ଆସନ୍ତି । ସେଦିନ ସମୟ ରାତି ୧୦:୨୦ ହେଲା, ତଥାପି ସେ ତଳକୁ ଫେରିଲେ ନାହିଁ । ଆଶ୍ରମ ଫାଟକ ଠିକ୍ ୧୧ଟା ସମୟରେ ବନ୍ଦ ହୋଇଯାଏ । କିନ୍ତୁ ଶ୍ରୀମାଙ୍କ କକ୍ଷ ମଧ୍ୟରେ ତଥାପି ଆଲୋକଗୁଡ଼ିକ ସେହିପରି ଜଳୁଥାଏ । ବସୁଧାଙ୍କ ହସ୍ତରେ ଶ୍ରୀମାଙ୍କ ନିକଟକୁ ନୈବେଦ୍ୟ ପ୍ରେରଣ କରିଥିବା ଅନ୍ୟୂନ ଆହୁରି ଦଶ ଜଣ ଲୋକ ଅପେକ୍ଷାରତ । ଶେଷରେ ୧୦:୫୫ ଘଟିକାରେ ସେ ତଳକୁ ଓହ୍ଲାଇ ଆସିଲେ ଏବଂ ପ୍ରତ୍ୟେକଙ୍କୁ ଶ୍ରୀମା ପ୍ରଦାନ କରିଥିବା ଗୋଟିଏ ଗୋଟିଏ କାର୍ଡ଼ ଦେଇଥିଲେ । ସେଥିରେ ଶ୍ରୀମା ଲେଖି ଥାଆନ୍ତି, ''ଶୁଭ ନବବର୍ଷ ! ମୋର ସ୍ନେହ ଏବଂ ଆଶୀର୍ବାଦ ସହ ।'' 'ଜ' ମଧ୍ୟ ତଦନୁରୂପ ଗୋଟିଏ କାର୍ଡ଼ ପାଇଲେ, କିନ୍ତୁ ଅନ୍ୟମାନଙ୍କ ସମ୍ମୁଖରେ ତାହାକୁ ନ ଖୋଲି ତରବରରେ ଗୃହକୁ ବାହୁଡ଼ି ଗଲେ । ଘରେ ପହଞ୍ଚି ନିଜର କାର୍ଡ଼ଟି ଖୋଲି ଦେଖନ୍ତେ ଶ୍ରୀମା ସେଥିରେ ଲେଖିଛନ୍ତି 'ଆଶୀର୍ବାଦ' । କାର୍ଡ଼ଟି ଖୁବ୍ ସୁନ୍ଦର, କିନ୍ତୁ ସେଥିରେ ଥିବା ପୁଷ୍ପଟିର ଚିତ୍ରଟି ସମ୍ପୂର୍ଣ୍ଣ ରୂପେ ଓଲଟା ହୋଇ ଅଙ୍କା ଯାଇଥାଏ । ଗୋଟିଏ ମୁହୂର୍ତ୍ତରେ ସେ ହୃଦୟଙ୍ଗମ କରିପାରିଲେ ଯେ ତାଙ୍କର ନିଜର ମନୋଭାବ ସମ୍ପୂର୍ଣ୍ଣ ପ୍ରମାଦପୂର୍ଣ୍ଣ ଓ ଗୋଳମାଳିଆ । ଭୁଲ୍ କିଛି ଅଛି ବୋଲି ମଧୁମୟୀ ଜନନୀଙ୍କର ଏହା ମଧୁର ଉପାୟରେ ସାବଧାନ କରାଇ ଦେବାର ସଙ୍କେତ ।

('ସୁଧାସମାଚାର' ପୁସ୍ତକର ପୃଷ୍ଠା ୮୯-୯୧ରୁ ଗୃହୀତ)

(କ୍ରମଶଃ) ❑

# ଆମ ଦାଦା

[ପୂଜ୍ୟ **ପ୍ରଣବ ଦା'ଙ୍କର (୧୯୨୩ - ୨୦୨୩) ଶୁଭ ଜନ୍ମ ଶତବାର୍ଷିକୀ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି**]

୧୯୪୨ ମସିହା ଏପ୍ରିଲ ମାସର ପ୍ରାରମ୍ଭ ଆଡ଼କୁ, ଉପର ଓଳିର ଟିକିଏ ପରେ ପଣ୍ଡିଚେରୀ ରେଳ ଷ୍ଟେସନରେ ଚାରି ବନ୍ଧୁ ଗାଡ଼ିରୁ ଓହ୍ଲାଇଲେ । ତଦାନୀନ୍ତନ ବନ୍ଦୋବସ୍ତ ଅନୁସାରେ ଆଶ୍ରମରୁ ସୁଧୀର କୁମାର ସରକାର ଷ୍ଟେସନରୁ ସେହି ଦର୍ଶନାର୍ଥୀମାନଙ୍କୁ ପାଛୋଟି ନେଇଗଲେ । ଚେଟ୍ଟୀୟାର୍ ହାଉସ୍‌ରେ ସେମାନଙ୍କର ରହିବା ବ୍ୟବସ୍ଥା ହୋଇଥାଏ । ନିତ୍ୟକର୍ମ ସାରିବା ପରେ ସୁଧୀରଦା' ସେମାନଙ୍କୁ ଆଶ୍ରମର ଭୋଜନାଳୟକୁ ନେଇ ଗଲେ ଏବଂ ତା'ପରେ ସେମାନଙ୍କୁ ଆଶ୍ରମର ସେକ୍ରେଟାରୀ ନଳିନୀକାନ୍ତ ଗୁପ୍ତଙ୍କ ସହ ସାକ୍ଷାତ୍ କରାଇ ଦେଲେ ।

ସେ ସମୟରେ, ପ୍ରତିଦିନ ରାତି ଆଠଟାରେ, ଆଶ୍ରମର ମେଡ଼ିଟେସନ୍ ହଲ୍‌ରେ ଶ୍ରୀମା'ଙ୍କ ଉପସ୍ଥିତିରେ ସମବେତ ଧ୍ୟାନ ହେଉଥିଲା । ଧ୍ୟାନ ପରେ ମା ଶିଡ଼ିର ଉପର ପାହାଚରେ ଯାଇ ଛିଡ଼ା ହେଉଥିଲେ; ତା'ପରେ ତାଙ୍କ ପାଖକୁ ଜଣ ଜଣ କରି ଧାଡ଼ି କରି ଯାଉଥିଲେ, ପ୍ରଣାମ କରୁଥିଲେ ଓ ଆଶୀର୍ବାଦ ଫୁଲ ନେଇ ଫେରି ଯାଉଥିଲେ ।

ସୁଧୀରଦା' ସେଦିନ ସେଇ ଚାରି ବନ୍ଧୁଙ୍କୁ ପ୍ରଥମ ଥର ପାଇଁ ମା'ଙ୍କର ଦର୍ଶନ କରାଇ ଆଶୀର୍ବାଦ ନେବାର ବ୍ୟବସ୍ଥା କରି ଦେଇଥିଲେ । ତା'ପରେ ଚାରି ଜଣ ପୁନର୍ବାର ଚେଟ୍ଟୀୟାର୍ ହାଉସ୍‌କୁ ଫେରି ଆସିଲେ । ବିଶ୍ରାମ ନେଲେ ।

ସକାଳ ହେଲା । ଏମାନଙ୍କ ଭିତରୁ ୧୯ ବର୍ଷ ବୟସ୍କ ଯୁବକ ଜଣକ ନିଦରୁ ଉଠି ଦେଖିଲେ ଯେ ସେ ଏକୁଟିଆ । ତିନି ଜଣ ଯାକ ବନ୍ଧୁ ଉଠି ଆଶ୍ରମରେ ଥିବା ସେମାନଙ୍କର ଆତ୍ମୀୟମାନଙ୍କ ପାଖକୁ ଚାଲିଯାଇଛନ୍ତି । ତାଙ୍କ ମନଟା ଖୁବ୍ ଖରାପ ହୋଇଗଲା । ଘରୁ ଆସିବା ସମୟରେ ବାଟରେ ଯେଉଁସବୁ ଲୁଗାପଟା ବ୍ୟବହାର କରିଥିଲେ, ସେଗୁଡ଼ିକୁ ଏକାଠି କରି ସାଥିରେ ନେଇ ସେ ରାସ୍ତାକୁ ବାହାରି ପଡ଼ିଲେ । ମନେ ମନେ ଭାବୁଥା'ନ୍ତି କେଉଁଠି ଧୁଆଇବେ, ଲଣ୍ଡ୍ରି ବା କେଉଁଠି ? କିଛି ତ ଜାଣି ନାହାନ୍ତି, ଏଠାକାର ଭାଷା ବି ତ ଅଜଣା । ... ଏମିତି ଭାବି ଆଶ୍ରମ ଭିତରକୁ ଆସି ତଦାନୀନ୍ତନ ଆଶ୍ରମର କ୍ୟାସିୟରଙ୍କ ଅଫିସ ସାମନା ଶିଡ଼ି ପାହାଚରେ ବସି ପଡ଼ିଲେ । ଅଳ୍ପ ସମୟ ପରେ ନଳିନୀଦା' ଆସି ତାଙ୍କ ସାମନାରେ ଛିଡ଼ା ହେଲେ ପରିତ୍ରାତାଙ୍କ ପରି । ସ୍ନେହବୋଳା କଣ୍ଠରେ ପଚାରିଲେ, ''ଏଠି ବସି କ'ଣ କରୁଛ ?''

ଅତ୍ୟନ୍ତ ଆପଣାର ହୋଇ ଯୁବକଜଣକ କହିଲେ, ''ଏଇ ମଇଳା ଲୁଗାଗୁଡ଼ାକ ସଫା କରିବାକୁ ଦେବାକୁ ଚାହେଁ । କିନ୍ତୁ ଏଠାକାର କିଛି ବି ଜାଣେନି, ଭାଷା ବି ଜାଣେନି, ତେଣୁ ବସି ଭାବୁଛି କେଉଁଠି ଦେବି ।'' ଗୋଟାଏ କଥାରେ ନଳିନୀଦା' ତାଙ୍କର ସକଳ ଭାବନା ଦୂର କରି ଦେଲେ,''ତୁମକୁ କିଛି ଭାବିବାକୁ ହେବନି ।'' ଜଣକୁ ଡାକି କହିଲେ, ''ୟା'କୁ ଆଶ୍ରମର ଲଣ୍ଡ୍ରିକୁ ନେଇଯାଅ ତ !''

ଏହି ଯୁବକ ଜଣକ ଥିଲେ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ।

୧୯୪୨ ମସିହାରେ ୧୯ ବର୍ଷ ବୟସରେ ଆଶ୍ରମକୁ ପ୍ରଥମଥର ଆସି ଚାରି ମାସ ପର୍ଯ୍ୟନ୍ତ ରହିଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ଶ୍ରୀଅରବିନ୍ଦଙ୍କର ମତ ଓ ପଥ କ'ଣ – ସେ ବିଷୟରେ ସମ୍ୟକ୍ ଜ୍ଞାନ ଲାଭ କରିବା । ଏତତ୍ ବ୍ୟତୀତ ସେ ଭବିଷ୍ୟତ୍ ଜୀବନରେ କ'ଣ କରିବେ ସେସମ୍ବନ୍ଧେ ମଧ୍ୟ ତାଙ୍କର ଏକ ଅନୁସନ୍ଧିତ୍ସା ଥିଲା ।

ଏହି ଚାରି ମାସ ରହଣି ଭିତରେ ସେ ଦିନେ ନଳିନୀଦା'ଙ୍କୁ କହିଲେ, ''ଯେଉଁ କେତେଦିନ ମୁଁ ଏଠାରେ ଅଛି, କିଛି କାମ କରିବାକୁ ଚାହେଁ । ମୋତେ ଏମିତିକା କାମ ଦେବେ ଯେ ଯେଉଁଥିରେ ଖୁବ୍ ପରିଶ୍ରମ କରିବାକୁ ପଡୁଥିବ ।'' ନଳିନୀଦା' ହସି କରି କହିଲେ, ''ତା'ହେଲେ ତୁମେ ଆଶ୍ରମ ଲଣ୍ଡ୍ରିରେ କାମ କରିପାର ।''

ସେହି ସମୟରେ ନଳିନୀଦା'ଙ୍କର ନିକଟ ସାନ୍ନିଧ୍ୟ ଲାଭ କରି ସେ ତାଙ୍କ ନିକଟରୁ ଆଶ୍ରମ ସମ୍ବନ୍ଧରେ ଅନେକ କିଛି ଜାଣିବାର ସୁଯୋଗ ଲାଭ କରିଥିଲେ । ତାହା ସହିତ ସେ ନିଜ ଭିତରୁ ଏକ ଅଦ୍ଭୁତ ଆକୂତି ଅନୁଭବ କରୁଥିଲେ । ନିଜ ଭିତରୁ କିଛି ଯେପରି ବାହାରକୁ ଆସିବାକୁ ଚାହୁଁଛି, ସେ ଯେପରି କିଛି ଚାହୁଁଛନ୍ତି, କିନ୍ତୁ ପାଉ ନାହାନ୍ତି, ଖୋଜୁଛନ୍ତି କିନ୍ତୁ ମିଳୁନି । ଦିନେ ନଳିନୀଦା'ଙ୍କୁ ପଚାରିଲେ, ''କହିପାରିବେ କି ମୁଁ କ'ଣ ଚାହେଁ ?''– ''ତୁମେ ଗୋଟିଏ ତୃପ୍ତି ମଧ୍ୟରେ ବୁଡ଼ି ରହିବାକୁ ଚାହଁ ।'' ଏହି ସରଳ ଓ ନିର୍ମଳ ଉତ୍ତରଟି ତାଙ୍କ ମନକୁ ବେଶ୍ ପାଇଲା ।

ଚାରି ମାସ ପରେ ନିଜର ପଢ଼ା ଶେଷ କରିବା

ଉଦ୍ଦେଶ୍ୟରେ ପ୍ରଣବ ଘରକୁ ବାହୁଡ଼ିଲେ । ସେତେବେଳେ ସେ କଲେଜର ଦ୍ୱିତୀୟ ବାର୍ଷିକ କଳା ଛାତ୍ର । ଏଥି ସହ ସେ ଥିଲେ ଜଣେ ଯୁବ-ସଂଗଠକ । ଯୁବକଙ୍କୁ ନେଇ ଶରୀରଚର୍ଚ୍ଚା ଶିକ୍ଷାଦେବା ଏବଂ ଅନୁଶୀଳନ କରିବା ଉଦ୍ଦେଶ୍ୟରେ ନିଜ ଗାଁରେ କ୍ଲବ୍‌ଟିଏ ଗଠନ କରିଥିଲେ – ''ବିବେକାନନ୍ଦ ବ୍ୟାୟାମ ସମିତି'' ।

ଏହି ପ୍ରଣବ ହେଉଛନ୍ତି ଆମ ସଭିଙ୍କର 'ଦାଦା' – ଅତି ଆପଣାର ଦାଦା, ବଡ଼ଭାଇ । ତାଙ୍କରି ନିଜସ୍ୱ ଉକ୍ତିରେ :

''ପିଲାମାନେ ତ ଅବଶ୍ୟହିଁ, ଏପରିକି ମୋ'ଠୁଁ ବୟସରେ ଯେଉଁମାନେ ଅନେକ ବଡ଼, ସେମାନେ ମଧ୍ୟ ମୋତେ 'ଦାଦା' ବୋଲି ଡାକନ୍ତି । ଏହା ହୁଏତ ମୋର କପାଳ ଲିଖନ । ଜନ୍ମରୁହିଁ ଏହି ସମ୍ବୋଧନ ଯେମିତି ମୋ କପାଳରେ ଲେଖା ହୋଇ ରହିଛି ।

''୧୯୩୪ ମସିହାରେ, ମୁଁ ଯେତେବେଳେ ଦଶ ଏଗାର ବର୍ଷର ବାଳକ, ଆମ ବାସଭବନର ଉପର ମହଲାରେ ଜଣେ ମୋଟର ଗ୍ୟାରେଜ୍‌ର ମ୍ୟାନେଜର ତାଙ୍କର ପରିବାର ନେଇ ରହୁଥିଲେ । ମୋର ସାନଭାଇ ମୋତେ ସ୍ୱଭାବତଃହିଁ 'ଦାଦା' ବୋଲି ଡାକୁଥିଲା । ତା' ଦେଖାଦେଖି ମ୍ୟାନେଜରଙ୍କ ପୁଅଝିଅମାନେ ମଧ୍ୟ ମୋତେ 'ଦାଦା' ଡାକୁଥା'ନ୍ତି । ତା'ପରେ ସେମାନଙ୍କ ମାଆବାପା ଓ ଅନ୍ୟମାନେ ମଧ୍ୟ ମୋତେ 'ଦାଦା' ଡାକିବାକୁ ଆରମ୍ଭ କଲେ ।

''ଆମ ଘର ପାଖରେ ଥିବା କାରଖାନା ସାମନାରେ ବେଶ୍ ବଡ଼ ଖୋଲା ଜାଗା ଥିଲା । ସେଠାରେ ଆମେ ଖେଳାଖେଳି କରୁଥିଲୁ । ସେଇ କାରଖାନାରେ ପ୍ରାୟ ପଚାଶ ସରିକି କର୍ମୀ କାମ କରୁଥିଲେ । ସେମାନେ ମଧ୍ୟ ମୋତେ 'ଦାଦା' ବୋଲିହିଁ ଡାକିବାକୁ ଆରମ୍ଭ କଲେ ।

''ପରେ ଯେତେବେଳେ ଆଶ୍ରମକୁ (ସ୍ଥାୟୀ ଭାବରେ ୧୯୪୫ରେ) ଆସିଲି ଏଠାରେ ବି ସମସ୍ତେ ମୋତେ ସେହି 'ଦାଦା' ବୋଲିହିଁ ଡାକନ୍ତି । ସେଇଥିପାଇଁ କହୁଥିଲି 'ଦାଦା' ଡାକ ମୋର କପାଳ ଲିଖନ ।''

ଦାଦାଙ୍କର ଏକ ଶୁଭ ଜନ୍ମଦିନ କାର୍ଡ଼ରେ ଜଗଜ୍ଜନନୀ ସ୍ୱହସ୍ତରେ ଲେଖି ଦେଇଥିଲେ : ''ଶୁଭ ଜନ୍ମଦିନ ପ୍ରଣବ !

''ଆମ୍ଭମାନଙ୍କର ବଡ଼ ଭାଇ, ଆମ୍ଭମାନଙ୍କର ବଡ଼ ବନ୍ଧୁ । ...''

ଦାଦା ୧୮ ଅକ୍‌ଟୋବର ୧୯୨୩ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଯୌବନର ପ୍ରାକ୍ କାଳରେ ସେ ଥିଲେ ଜଣେ ଉତ୍ସୁକ କ୍ରୀଡ଼ାବିତ୍ ଏବଂ ବକ୍ସିଂ ଚାମ୍ପିୟାନ୍ । ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗ ପ୍ରତି ଆକୃଷ୍ଟ ହୋଇ ୧୯୪୫ରେ ସ୍ଥାୟୀ ଭାବରେ ଆଶ୍ରମକୁ ଚାଲିଆସନ୍ତି । ୧୯୪୭ରୁ ମା'ଙ୍କର ମହାପ୍ରୟାଣ ପର୍ଯ୍ୟନ୍ତ ସେ ମା'ଙ୍କର ବ୍ୟକ୍ତିଗତ ସାହାଯ୍ୟକାରୀ ରୂପେ ଅତ୍ୟନ୍ତ ନିଷ୍ଠାପର ଭାବରେ କର୍ମ ସମ୍ପାଦନ କରି ଆସିଥିଲେ । ଏତତ୍ ବ୍ୟତୀତ ଆଶ୍ରମରେ ଏକେବାରେ ଆରମ୍ଭରୁ ଗଢ଼ିଉଠୁଥିବା ଶାରୀରିକ ଶିକ୍ଷା ବିଭାଗର ଡାଇରେକ୍‌ଟର୍ ହିସାବରେ କାର୍ଯ୍ୟ କରି ସେ ଏହାକୁ ଆମ ଦେଶର ସର୍ବୋତ୍ତମ ଶାରୀରିକ ଶିକ୍ଷାନୁଷ୍ଠାନ ମଧ୍ୟରୁ ଅନ୍ୟତମ ଏକ ଅନୁଷ୍ଠାନ ରୂପେ ନିର୍ମାଣ କରିବା ସଙ୍ଗେ ସଙ୍ଗେ ଏହାକୁ ସ୍ଥାୟୀ ଭାବରେ ସ୍ଥାପନ କରିଥିଲେ । ଏହିଠାରେ ଗୋଟିଏ କଥା ସ୍ମରଣରେ ଆସେ । ମା' ୧୯୪୫ରେ ଯେତେବେଳେ ଦାଦାଙ୍କୁ ଆଶ୍ରମର ଶାରୀରିକ ବିଭାଗର ଦାୟିତ୍ୱ ଦେଲେ, ସେତେବେଳେ ଦାଦା ମା'ଙ୍କୁ ଏହି ମର୍ମରେ କହିଥିଲେ, ''ମା, ମୋର ତ ଏ ବିଷୟରେ ସେତେ ପୁଙ୍ଖାନୁପୁଙ୍ଖ ଜ୍ଞାନ ନାହିଁ, ମୋତେ ଦୁଇ ବର୍ଷ ପାଇଁ ବାହାରକୁ ଯିବାକୁ ଅନୁମତି ଦିଅନ୍ତୁ । ଏହି ଦୁଇ ବର୍ଷ ଭିତରେ ମୁଁ କୌଣସି ଏକ ଶାରୀରିକ ଶିକ୍ଷା ଅନୁଷ୍ଠାନରୁ ଯଥାର୍ଥ ଜ୍ଞାନ ଲାଭ କରି ଫେରି ଆସିବି ।'' ମା ଉତ୍ତରରେ କହିଥିଲେ, ''ନା, ତୁମକୁ ବାହାରକୁ ଯିବାକୁ ହେବ ନାହିଁ । ତୁମେ ମୋତେ ପ୍ରତି ମାସରେ ଦୁଇଖଣ୍ଡ କରି ଶାରୀରିକ ଶିକ୍ଷା ସମ୍ବନ୍ଧୀୟ ପୁସ୍ତକର ନାମ ଓ ପ୍ରାପ୍ତିସ୍ଥାନ ଲେଖି ଦିଅ । ମୁଁ ତୁମକୁ ସେହି ବହି ଆଣିଦେବି; ତୁମେ ଆଶ୍ରମରେ ରହି ସେସବୁ ଅଧ୍ୟୟନ କର ଏବଂ କାର୍ଯ୍ୟ ଆରମ୍ଭ କର । ମୁଁ ତୁମକୁ ପ୍ରତିଶ୍ରୁତି ଦେଉଛି ଯେ ଏହିଠାରେ ରହି ତୁମେ ଯେଉଁ ଅନୁଷ୍ଠାନଟି ଗଢ଼ିବ, ସାରା ପୃଥିବୀର ଲୋକମାନେ ତା' ଦେଖି ଅତ୍ୟନ୍ତ ପ୍ରୀତ ହେବେ ।'' ସତକୁ ସତ ତାହାହିଁ ହୋଇଛି ।

କହିବା ବାହୁଲ୍ୟ ତାଙ୍କ ସଂସ୍ପର୍ଶରେ ଆସୁଥିବା ଆବାଳବୃଦ୍ଧବନିତା ସମସ୍ତଙ୍କ ସକାଶେ ଦାଦା ଥିଲେ ଉତ୍ସାହ ଓ ଉଦ୍ଦୀପନାର ଜ୍ୱଳନ୍ତ ଉତ୍ସ ।

ପ୍ରାୟତଃ ଶେଷ ଦଶବର୍ଷ ଧରି ତାଙ୍କର ଶାରୀରିକ ଶକ୍ତି ଓ ସାମର୍ଥ୍ୟର ଅବନତି ଘଟିବା ଫଳରେ ସେ ପୂର୍ବବତ୍ ସକ୍ରିୟ ନ ଥିଲେ । ୨୦୧୦ ଜାନୁଆରୀ ୮ ତାରିଖ ଅପରାହ୍ଣ ୨ଟା ୪୦ ମିନିଟରେ ସାମାନ୍ୟ ଅସ୍ୱସ୍ତିର ଉପସର୍ଗ ପ୍ରଦର୍ଶନପୂର୍ବକ ସେ ଚିରଦିନ ସକାଶେ ଆଖି ବୁଜି ଦେଇଥିଲେ । ତାଙ୍କର ଅମଳିନ ବ୍ୟକ୍ତିତ୍ୱ ଓ ଅଫୁରନ୍ତ ଅବଦାନ ପାଇଁ ଆମେ ତାଙ୍କ ନିକଟରେ ଚିର କୃତଜ୍ଞ ।

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

**ସିନ୍ଧୁରୁ ବିନ୍ଦୁଏ :**

# ବିମିଶ୍ର

## ସନ୍ତୋଷ ରଥ

"For me everything in human life is mixed, nothing is completely good, nothing completely bad."

(CWM, Vol. 13, p. 51) – The Mother

''ମୋ ପାଇଁ ମନୁଷ୍ୟ ଜୀବନରେ ସବୁକିଛି ବିମିଶ୍ର, କିଛି ବି ସମ୍ପୂର୍ଣ୍ଣ ରୂପେ ଭଲ ନୁହେଁ କି ସମ୍ପୂର୍ଣ୍ଣ ରୂପେ ମନ୍ଦ ମଧ୍ୟ ନୁହେଁ।''

– ଶ୍ରୀମା

[ଶ୍ରୀମାଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ବିମିଶ୍ର**' କବିତାଟିର ପରିକଳ୍ପନା ଓ ରୂପାୟନ।]

ଅଚଳ ସଚଳ ରିକ୍ତ କୋଳାହଳ
ଭଲ ମନ୍ଦ ମଧ୍ୟେ ବ୍ରହ୍ମାଣ୍ଡ ସ୍ଥିତି
ନ ଜାଣଇ କେହି ମିଶିଅଛି କାହିଁ
ସୁରାସୁର ଭାବ ଅମେଳ ଯତି। (୧)

ଅର୍ଦ୍ଧ ନାରୀଶ୍ୱର ଦୁହେଁ ପରାତ୍ପର
ମିଳନ ବିଚ୍ଛେଦ ନୁହେଁ ସଙ୍କଟ
ଜଗତ କଲ୍ୟାଣ ହେବ ଅକାରଣ
ଶିବ ଶିବା ଯେବେ ନୋହିବେ ଭେଟ। (୨)

ତିକ୍ତ ମଧୁର ଜୀବନ ବେଭାର
ଅନ୍ତୁଡ଼ିଶାଳରୁ କୁହୁଳା ଜୁଇ
ଚୋରା ଚଇତାଳି ଖେଳେ ଲୁଚକାଳି
ସପନ ବିଛାଏ ବୈଶାଖୀ ଛାଇ। (୩)

ମିଶାଣ ଫେଡ଼ାଣ ମାନ ଅଭିମାନ
ରହେ ଭାଗଶେଷ ଅଛିଣ୍ଡା ଅଙ୍କ
ଖେଳ ସତରଞ୍ଜି କାଳ ଦିଏ ଖଞ୍ଜି
ହରାଇ ଜିତାଏ ବଢ଼ାଇ ଫାଙ୍କ। (୪)

କେହି ନୁହେଁ ପର ନୁହେଁ ଆପଣାର
ବହନ୍ତା ଉଜାଣି ଲେଉଟେ ତୀର
ଶତ୍ରୁର ପରିଖା ପାଲଟେ ସୁରକ୍ଷା
କୁଆର ଭିତରେ ଭଙ୍ଗାର ଘର। (୫)

ଆଲୁଅ ଅନ୍ଧାର ଦୁହେଁ ସହୋଦର
ଜନମ ଜାଳଇ ମରଣ ଦୀପ
ନୁହେଁ କେହି ଧନୀ ମାନୀ ଅବା ଜ୍ଞାନୀ
ଭରମ ସାଇତେ ଅଜ୍ଞାନ ସ୍ତୂପ। (୬)

ନୁହଁଇ ନିରୁତା ମିଠା ଅବା ପିତା
ଜହ୍ନରେ ରହିଛି ଅଲିଭା ଦାଗ
ଅଜବ ଅତିଥି ଜୀବନର ତିଥି
କେବେ ବଂଶୀ ପୁଣି ବେହେଲା ରାଗ। (୭)

ଜୀବନ ପ୍ରଗତି ଲୋଡ଼ଇ ସଂଗତି
ମିଶ୍ର ସ୍ୱାଦ ଭରା ଯୋଡ଼ ବିଯୋଡ଼
ଆଲୋକ ଅନ୍ଧାର ଦୁହେଁ କର୍ଣ୍ଣଧାର
ବାଟେଇ ଦେବାକୁ ଗୁଳା ଶଗଡ଼। (୮)

❑❑❑

# ଦ୍ୱୀପାନ୍ତରର କଥା

## (ପଞ୍ଚମ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ପାଞ୍ଚ ନମ୍ବରରେ ଖୋୟେଦାଦୀର ଶାସନକାଳ (୩)

*ପୂର୍ବ ପ୍ରକାଶିତ ଉତ୍ତାରୁ ...*

ବ୍ୟାରୀ ସାହେବ ଯେପରି ଦୁର୍ଦ୍ଦାନ୍ତ ଥିଲେ, ସେମିତି ଆମ ଉପରେ କୃପାପରବଶ ମଧ ଥିଲେ । ପ୍ରତିଦିନ ସକାଳେ ଜେଲରେ ସୂର୍ଯ୍ୟାଲୋକରେ ବୁଲିବା ସମୟରେ ଥରେ ଏବଂ ଅପରାହ୍ଣରେ ଜେଲ ବନ୍ଦ (Lock-up time) ସମୟରେ ମଧ ଥରେ ହଲି ହଲି ବର୍ମା ଚୁରୁଟ ଫୁଙ୍କୁ ଫୁଙ୍କୁ କାଖ ତଳେ ଲାଠି ଜାକି ଜଣ ଜଣଙ୍କ ସହ ଗଳ୍ପ ଗୁଜବ କରି ଯାଆନ୍ତି । ସେ ବି ବୁଝନ୍ତି ଓ ଆମେ ବି ବୁଝୁ ଯେ, ଏଇ ମେହେରବାନୀ ଫଳରେ ଆମ ଉପରେ ପେଟି ଅଫିସର ଓ ୱାର୍ଡ଼ରମାନଙ୍କର ଦଳରେ ବି କେତେଟା ଅନୁଗୃହୀତ ଦୃଷ୍ଟି ପଡ଼ିଥାଏ । ସାହେବ ଗଳ୍ପ କରି କରି ତା' ମଝିରେ ମଝିରେ ସମସ୍ତଙ୍କୁ ଉପହାସ ମଧ କରି ଯାଆନ୍ତି, ତେବେ ଏମିତିରେ ବି ବାବୁଜୀମାନେ ଗଣତିରେ ଜଣେ ଅଧେ ମାତ୍ର ହେବେ ! ଏଇ ଖାତିର ବା prestige ରହିବାରୁ ଆମମାନଙ୍କ ଉପରେ କଦର୍ଯ୍ୟ ଅପମାନଜନକ ଗାଳି ଏବଂ ପ୍ରହାରଟି ସେପରି ହୁଏ ନାହିଁ । ସାଧାରଣ କଏଦୀମାନଙ୍କର କିନ୍ତୁ ତାହା ଏକଚାଟିଆ ଭାବେ ନିତ୍ୟ ଅଧିକାର । ଆମେ ସେଇ କଏଦୀମାନଙ୍କୁ ନିର୍ବିବାଦରେ ଏତେଗୁଡ଼ିଏ ଗାଳି ଓ ଧନଞ୍ଜୟ ପରିପାକ କରିବାର ବ୍ୟବସ୍ଥାକୁ ଦୂରରୁ ଦେଖି ଭୟଭୀତ ହେଉଥାଉ ମାତ୍ର; ଜେଲର୍ ଓ ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବଙ୍କ ସହିତ ଅନର୍ଗଳ ଇଂରାଜୀ କହିବାର ସମ୍ଭ୍ରମରେ ଆତତାୟୀମାନଙ୍କୁ ମିଳୁଥିବା ଶ୍ରଦ୍ଧାବନତ ଲାଠିର ଆସ୍ୱାଦନ ଆମମାନଙ୍କୁ ପ୍ରାୟ ଭୋଗିବାକୁ ହୋଇ ନାହିଁ ।

ବ୍ୟାରୀ ସାହେବଙ୍କ ଝିଅର ନାମ କ୍ୟାଥିଲିନ୍; ସ୍ତ୍ରୀ ଆଜନ୍ମ ଛୋଟୀ, ତାଙ୍କର ଗୋଟିଏ ପାଦ ସାମାନ୍ୟ ଛୋଟ । ସେଲ୍ୟୁଲାର୍ ଚିଡ଼ିଆଖାନାର ଏଇ ଅଜବ ନୂତନ ଚିଡ଼ିଆଗୁଡ଼ିକୁ ଦେଖାଇବା ପାଇଁ ସାହେବ ମଝିରେ ମଝିରେ ସସ୍ତ୍ରୀକ, ସକନ୍ୟା ଆସନ୍ତି ଏବଂ ଆମେ ସେଇ ଖାଲି ପାଦରେ ଜଂଘିଆ, କୁର୍ତ୍ତା, ଟୋପି ପିନ୍ଧା ଦଶାରେ ଗଳାରେ କାଠର ଗୋ-ଘଣ୍ଟା ଝୁଲାଇ ଅପୂର୍ବ ନଟ ରୂପରେ ମେମ୍ ସାହେବମାନଙ୍କ ପାଖରେ ସ୍ମିତହାସ୍ୟରେ ଛିଡ଼ା ହେଉ । ସାହେବ ବୋଧହୁଏ ଅକପଟତା ସହ ଭାବନ୍ତି ଯେ ସତକୁ ସତ ସେ ବଡ଼ କୃପା କରିଛନ୍ତି; ଆମେ ସଂକୋଚରେ ମରି ଯେଉଁ ଦୁଃସହ ଲଜ୍ଜାର କଷାଘାତ ସହି ନୀରବ ନିର୍ବିବାଦରେ ଦର୍ଶନ ଦେଉ, ତା'ର ଭୁକ୍ତଭୋଗୀ ଆମେମାନେହିଁ କେବଳ ବୁଝୁଥିଲୁ । ବ୍ୟାରୀ ସାହେବଙ୍କୁ ମୁହଁ ଖୋଲି କିଛି କହୁ ନଥିଲୁ; କିନ୍ତୁ ଭାବି ନେଉଥିଲୁ ସାହେବ କୃପା କରିଛନ୍ତି, କରନ୍ତୁ, ଅରସିକକୁ ରସର ନିବେଦନର ଫଳ ଆଉ କ'ଣ ?

''କି ଯାତନା ବିଷରେ<br>
ବୁଝିବେ ସେ କିପରି,<br>
କେବେ ସର୍ପ ବିଷଦନ୍ତ<br>
ଦଂଶେନି ଯାହାକୁ ?''

ଏହି ସମୟରେ ସେଲ୍ୟୁଲାର୍ ଜେଲରେ କଏଦୀମାନଙ୍କର କାର୍ଯ୍ୟକ୍ରମ ବୁଝିବାର ମୁନ୍‌ସୀ ଥିଲା ଗୋଲାମ ରସୁଲ୍ । ଏଇ ଭବ୍ୟ ଚିଡ଼ିଆଖାନାରେ ସେ ଆଉ ଏକ ଅପୂର୍ବ ଚିଜ । କଳା, ରୋଗା, କଦାକାର, ଦୀର୍ଘଦନ୍ତ ଏବଂ ସାହେବର ଶ୍ରୀଚରଣର ଆଜ୍ଞାବହ ଚୁଚୁନ୍ଦ୍ରାଟିଏ । ସେହିଁ ସେତେବେଳେ ୱାର୍ଡ଼ର ହୋଇ ଜେଲ ମୁନ୍‌ସୀର କାର୍ଯ୍ୟ କରୁଥାଏ । ସମ୍ଭବ ହେଲେ ବି ସ୍ନାନରୂପୀ କୁକାର୍ଯ୍ୟ ସେ କରୁ ନ ଥାଏ, ତେଣୁ ଗନ୍ଧର ଜ୍ୱାଳାରେ ତା' ପାଖରେ ଛିଡ଼ା ହେବା ଦୁଷ୍କର ହେଉଥାଏ । ଗୋଲାମ ରସୁଲ୍ ଯେତେବେଳେ ପ୍ରଥମେ ଜେଲକୁ ଆସେ, ସେତେବେଳେ ତା'ର ଏଇ ସ୍ନାନର ଅନଭ୍ୟାସ ପାଇଁ ବଡ଼-ସାହେବ ଦିନେ ହୁକୁମ ଦେଲେ ଯେ ତିନି-ଚାରି ଜଣ ମେହେନ୍ତର ତାକୁ ଧରି ସ୍ନାନ କରାଇବେ । ହୁକୁମ ହେଲେ ଆଉ ରକ୍ଷା ଅଛି ? କେତେଜଣ ଧରିନେଇ ତାକୁ ଚୌବାଚା ଉପରେ ପକାଇ ନଡ଼ିଆକତା ଦେଇ ରଗଡ଼ି କୁଆଡ଼େ ତା'ର ପ୍ରାଣ କଣ୍ଠାଗ୍ରତ କରାଇ ସ୍ନାନ କରାଇଥିଲେ । କଏଦୀମାନଙ୍କ ତରଫରୁ ଚିରଦିନ ରସୁଲ୍‌କୁ ରଗାଇବାର ଏହା ଏକ ବିଦ୍ରୂପର ବିଷୟ ହୋଇ ରହିଛି ।

ଗୋଲାମ ରସୁଲ୍ ଦାନ୍ତ କଡ଼ମଡ଼ କରିବାରେ ଅଦ୍ୱିତୀୟ; ଉପେନର ଦିନେ ଦଉଡ଼ି ବଳିବା ଖରାପ ହେବା କାରଣରୁ ଦାନ୍ତ କଡ଼ମଡ଼ କରି ତା'କୁ ଧମକ ଦେଲା; ସେ ରାଗ ଆଜି ବି ଉପେନର ଯାଇ ନାହିଁ । ଅବଶ୍ୟ ଠିକ୍ ସେତିକି ବେଳେ ଯେଉଁ ଭାବଟିର ଉଦୟ ହୋଇଥିଲା, ତାହା ରାଗ ଏବଂ ଭୟର ଅପୂର୍ବ ମଣିକାଞ୍ଚନ ସଂଯୋଗ । ଏଇ ଗୋଲାମ ରସୁଲ୍ ଅସଂଖ୍ୟ ଲୋକଙ୍କୁ ଶାସ୍ତି ଦେଇଛି; ତା' ଦ୍ୱାରା ବେଡ଼ି, ହାତ କଡ଼ି ପିନ୍ଧି ଅନେକେ ଲାଞ୍ଛିତ ହୋଇଛନ୍ତି । ଏମିତି ଅନେକ ଲୋକ ଆଜି ଆଣ୍ଡାମାନର ପ୍ରତି ଟାପୁରେ ସୁଯୋଗ ଉଣ୍ଡି ରହିଛନ୍ତି; ସେମାନଙ୍କର ଆଶା ଏଇ ଯେ ଥରେ କିନ୍ତୁ ଅପରାଧରେ ଗୋଲାମ ରସୁଲ୍ ବରଖାସ୍ତ ହୋଇ ଜେଲରୁ ବାହାର ହେଲେ ସେମାନେ ତାକୁ ଦେଖିନେବେ ! କିନ୍ତୁ ବ୍ୟାରୀ ସାହେବର ଅନ୍ତଃପୁରର ପ୍ରିୟତମା ନାରୀପ୍ରହରୀ ସଦୃଶ ରସୁଲ୍ ବଡ଼ ଧୂର୍ତ୍ତ, ତେଣୁ ସେ ଜେଲରୁ ବାହାର ହୋଇ ନାହିଁ । ଜେଲରେହିଁ ୱାର୍ଡ଼ରରୁ କ୍ରମଶଃ ପେଟି ଅଫିସର୍, ଟିଣ୍ଡାଲ ଏବଂ ପରେ ବର୍ତ୍ତମାନର ଜମାଦାର ହୋଇ ଆଜି ବି ନିର୍ବିବାଦରେ ସର୍ଦାରଗିରି କରୁଛି ।

ଖୋୟେଦାଦ୍, ଗୋଲାମ ରସୁଲ୍ ଓ ବ୍ୟାରୀ ସାହେବ ଏଇ ତ୍ରିମୂର୍ତ୍ତିଙ୍କ ସ୍ପର୍ଶରେ ଆମେ ଶାଶୁ ଓ ରକ୍ତଚକ୍ଷୁ ପତିଦେବତା-ତାଡ଼ିତ ବଧୂ ପରି ପରମ ସୁଖରେ କାଳାତିପାତ କରିବାକୁ ଲାଗିଲୁ ! ଏଇ ରୂପେ ପାଞ୍ଚ ନମ୍ବରରେ ଏକ ବର୍ଷରୁ ଟିକିଏ ଅଧିକ ମାରେ ସାହେବଙ୍କ କୃପାରେ କଟିଲା, ତାହା ମନ୍ଦ ନୁହେଁ । ହେମ-ଦା', ଇନ୍ଦୁ ପ୍ରଭୃତି କେତେଜଣଙ୍କୁ ଏହା ମଧ୍ୟରେ ଥରେ ଦା' ହାତରେ ଧରି ପାଞ୍ଚ ନମ୍ବର ୱାର୍ଡର ପଡ଼ିଆରେ ଘାସ କାଟିବାକୁ ବି ଦିଆ ହୋଇଥିଲା । ବୋଧହୁଏ ବାବୁ-ଜୀବନ ନିର୍ବାହକାରୀ ନିରୀହ ପାଠକ ଭାବିଛନ୍ତି, – ''ଘାସକଟା ! ଭଦ୍ର ସନ୍ତାନର !! ପ୍ରକୃତରେ କିନ୍ତୁ ଓଲଟା ରାଜାର ଦେଶରେ ଘାସକଟା, ଝାଡୁଦାରୀ, ଏପରିକି ମେହେନ୍ତର କାର୍ଯ୍ୟ ପାଇଲେ ଲୋକମାନେ ସତକୁ ସତ ବର୍ତ୍ତି ଯାଆନ୍ତି । ଘଣା ପେଲିବାର ଭୟରେ ଅନେକ ବ୍ରାହ୍ମଣ, କାୟସ୍ଥ, କ୍ଷତ୍ରିୟ ବଂଶଜମାନେ ମେହେନ୍ତର ହେବାକୁ ଆବେଦନ ଜଣାଇବାର ଆମେ ଦେଖିଛୁ । ଏଇସବୁ କାର୍ଯ୍ୟର ଲୋକମାନେ ଯେତେବେଳେ ସେତେବେଳେ, ଏଠାରେ ସେଠାରେ ଇଚ୍ଛାନୁଯାୟୀ ବୁଲି ପାରନ୍ତି; କାମ ବି ହାଲୁକା, ନିତ୍ୟ ନୈମିତ୍ତିକ କର୍ତ୍ତବ୍ୟଟିକୁ ସାରି ଦେଲେହିଁ ଦିନ ତମାମ ଛୁଟି । ସୁତରାଂ ବୋମାର ଆସାମୀମାନଙ୍କ ହାତରେ ଦା' ଦେଇ ଅଗଣାରେ ଏପରି ସ୍ୱାଧୀନଭାବେ ଛାଡ଼ି ଦେବାରେ ମାରେ ସାହେବ ସତରେହିଁ ଆମ ଉପରେ ବଡ଼ କୃପାପରବଶ ହୋଇଥିଲେ; ତା' ଉପରେ ପୁଣି ମାରେଙ୍କର ହୁକୁମ ଥିଲା, ଯେତେବେଳେ ଖରା ଓ ବର୍ଷା ନଥିବ, ସେତେବେଳେ ଘାସ କାଟିବାକୁ ହେବ । ସୁତରାଂ ଖରା ବା ବର୍ଷା ସମୟରେ ଅଗଣା ମଝିରେ କାଠ କାରଖାନାର ବାରଣ୍ଡାରେ ଗୋଡ଼ ଉପରେ ଗୋଡ଼ ପକାଇ ଦିବ୍ୟ ଆରାମ ଭୋଗ କରିବା ନୁହେଁ ତ ଆଉ କ'ଣ ! ଯଦି କେବେ ଖଣ୍ଡିଏ ମେଘ ଦଶ ପନ୍ଦର ମିନିଟ ପାଇଁ ସୂର୍ଯ୍ୟଦେବଙ୍କୁ ଢାଙ୍କି ଦିଏ, ତେବେ ଯାଇ ଘାସ କାଟିବାର ପାଳି, ନହେଲେ ହୁଏତ ଖରା କିଂବା ବର୍ଷା ତ ପ୍ରାୟ ଲାଗି ରହିଛି ।

(ସମାପ୍ତ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ

❑❑❑

## ଶିକ୍ଷକ / ଶିକ୍ଷୟିତ୍ରୀ ଆବଶ୍ୟକ

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖରିଦଚକ, ଆରୁହାବୃତ୍ତି, କମର୍ଦ୍ଦା, ବାଲେଶ୍ୱର, ଓଡ଼ିଶା, ପିନ୍ : ୭୫୬ ୦୭୯, ଦୂରଭାଷ : ୯୯୩୮୧୩୭୬୮୦ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରାବାସରେ ରହି ଶିକ୍ଷକତା କରିବା ନିମନ୍ତେ ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍‌ରୁ ତଦୂର୍ଦ୍ଧ୍ୱ (ଉଭୟ କଳା ଓ ବିଜ୍ଞାନରେ) ହୋଇଥିବା ଆବଶ୍ୟକ । ବିଶେଷକରି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁରାଗୀ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ନୂତନ ଶିକ୍ଷାର ଆହ୍ୱାନ

## (୨)

## ଗୟାଧର ଦାଶ

**ଉପକ୍ରମଣିକା (୨) :**

ବିବର୍ତ୍ତନ ଧାରାରେ ମନ ପର୍ଯ୍ୟନ୍ତ ଚେତନାର କ୍ରମବିକାଶ ଏକ ଅଚେତନ ସ୍ତରରେ ହୋଇଛି । ମନ ଚେତନାର ସର୍ବୋଚ୍ଚ ଶିଖର ନୁହେଁ । ତେଣୁ ମନ ସ୍ତରରେ ମନୁଷ୍ୟ ସ୍ଥାୟୀ ହୋଇ ରହିପାରିବ ନାହିଁ । ମନର ବିକାଶ ସାଧିତ ହୋଇ ସାରିଥିବାରୁ ମନର ଉପର ସ୍ତର ବିଜ୍ଞାନ ବା ଅତିମାନସ ସ୍ତରକୁ ମନୁଷ୍ୟ ଉନ୍ନୀତ ହେବ । କିନ୍ତୁ ଏହି ଅତିମାନସ ସ୍ତରକୁ ଉନ୍ନୀତ ହେବା ସକାଶେ ମନୁଷ୍ୟର ବ୍ୟକ୍ତିସତ୍ତା ରୂପାନ୍ତର ହେବା ଅନିବାର୍ଯ୍ୟ । ସୁତରାଂ ମନ ସ୍ତର ପରେ ଚେତନାର ବିକାଶ ସଚେତନ ସ୍ତରରେ ହେବ ଯାହା ଏକ ଆଧାତ୍ମିକ ବିପ୍ଳବ ବା ସଂଗ୍ରାମ । ଏହି ସଂଗ୍ରାମର ନେତା ହେଉଛନ୍ତି ଆମର ଅନ୍ତରାତ୍ମା ବା ଚୈତ୍ୟପୁରୁଷ । ଏହି ଅନ୍ତରାତ୍ମାର ଉଦ୍‌ଘାଟନ ବା ଆବିଷ୍କାରହିଁ ଅସଲ ଶିକ୍ଷାର ଆହ୍ୱାନ । ସୁତରାଂ ଶିକ୍ଷା ହେଉଛି ଆତ୍ମ-ଅଭିବ୍ୟକ୍ତି ବା ଆତ୍ମ-ପ୍ରକାଶନର ଦିବ୍ୟ ସାଧନ ।

ଶ୍ରୀଅରବିନ୍ଦ କହନ୍ତି ଯେ ଭାଗବତ କାର୍ଯ୍ୟ ଓ ଭାଗବତ ଅଭିବ୍ୟକ୍ତିରେ ସାହାଯ୍ୟ ନିମିତ୍ତ ତୁମକୁ ତୁମର ଜୀବନ ଦିଆ ଯାଇଛି । ଶିଶୁଟି ପୃଥିବୀପୃଷ୍ଠକୁ ଆସିବା ପୂର୍ବରୁ ଭଗବାନଙ୍କ ସହିତ ଏହି ଚୁକ୍ତି କରି ଆସିଥାଏ । ଶିଶୁଟି ଭଗବାନଙ୍କର ଅଂଶ ଏବଂ ତାଙ୍କ କାର୍ଯ୍ୟରେ ସହଯୋଗ କରିବା ପାଇଁ ତାକୁ ଭଗବାନ୍ ଏହି ପୃଥିବୀପୃଷ୍ଠକୁ ପଠାଇଛନ୍ତି । ସେ ମଧ୍ୟ ଶିଶୁ ଭିତରେ ସଂଗୁପ୍ତ ହୋଇ ରହିଛନ୍ତି; କିନ୍ତୁ ସେ ତାହା ଭୁଲିଯାଇଛି ଯଦ୍ଦ୍ୱାରା ସେ ଜଗଜ୍ଜନନୀଙ୍କ ଠାରୁ ଅଲଗା ହୋଇ ତାଙ୍କୁହିଁ ଖୋଜି ବୁଲୁଛି । ଏହି ଖୋଜିବାଟା ବ୍ୟାକୁଳତାରେ ପରିଣତ ହେଲେ ମା'ଙ୍କ ପ୍ରତି ଅସଲ ଶ୍ରଦ୍ଧା ଉତ୍ପନ୍ନ ହୋଇଥାଏ ଏବଂ ଧୀରେ ଧୀରେ ଦୂରତ୍ୱ କମିଯାଏ । ନିଜର ଅସଲ ମାଆ ବା ସକଳ ଶିକ୍ଷାର ଜନନୀ ସହିତ ମିଳିତ ହେବାର ବ୍ୟାକୁଳତା, ଅନ୍ତରର ଆକୁତି ବା ଆବାହନହିଁ ଅସଲ ଶିକ୍ଷାକୁ ଜନ୍ମଦିଏ ଯାହା ଜଗନ୍ମାତାଙ୍କ କରୁଣା ଦ୍ୱାରା ପୂର୍ଣ୍ଣତା ପ୍ରାପ୍ତ ହୁଏ । ପରମସତ୍ୟ ବା ପୂର୍ଣ୍ଣତାର ଶିକ୍ଷାହିଁ ଅସଲ ଶିକ୍ଷା ବା ପୂର୍ଣ୍ଣାଙ୍ଗ ଶିକ୍ଷା ।

ବିବର୍ତ୍ତନର ଧାରାଟି ତିନୋଟି ଦିଗରେ ଗତି କରେ । ପ୍ରସାରିତ ହେବା, ଊର୍ଦ୍ଧ୍ୱକୁ ଉଠିଚାଲିବା ଏବଂ ସମନ୍ୱୟ ପ୍ରତିଷ୍ଠା କରିବା ଦିଗରେ ଏହା ଗତି କରୁଛି । ଆତ୍ମ ପରିପୂର୍ଣ୍ଣତା ପାଇଁ ଏହି ତିନୋଟି ଦିଗ ପ୍ରତି ଧ୍ୟାନ ଦିଆଯାଏ । ଏହି ତିନୋଟି ଦିଗ ଏକ ସଙ୍ଗରେ ଗତିକରେ । ଭାରତର ପ୍ରାଚୀନ ଶିକ୍ଷା ଊର୍ଦ୍ଧ୍ୱକୁ ଉଠିଯିବା ପାଇଁ ଲକ୍ଷ୍ୟ ରଖିଥିବା ସ୍ଥଳେ ପାଶ୍ଚାତ୍ୟର ଶିକ୍ଷା ବିଜ୍ଞାନ ଦ୍ୱାରା ପ୍ରସାରିତ ହେବାକୁ ଲକ୍ଷ୍ୟ ରଖିଛି । କିନ୍ତୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବାହିଁ ଅସଲ ଶିକ୍ଷାର ଉଦ୍ଦେଶ୍ୟ । ୧୯୬୫ ମସିହା ଜୁଲାଇ ୨୬ ତାରିଖରେ ଶ୍ରୀମା କହନ୍ତି –

"India has or rather *had* the knowledge of the Spirit, but she neglected matter and suffered for it.

"The West has the knowledge of matter but rejected the Spirit and suffers badly for it.

"An integral education which could, with some variations, be adapted to all the nations of the world, must bring back the legitimate authority of the Spirit over a matter fully developed and utilised."

(CWM, Vol. 12, P. 249)

''ଭାରତ ବର୍ଷ ପାଖରେ ପରମ ସତ୍ୟଟି ବିଷୟରେ ଅସଲ ଜ୍ଞାନଟି ରହିଛି ବା *ରହିଥିଲା* ବୋଲି କୁହାଯାଇପାରେ, କିନ୍ତୁ ଭୌତିକ ବସ୍ତୁର ଅବହେଳା କରିଥିବାରୁ ଭାରତକୁ ତଜ୍ଜନିତ କ୍ଷତିଟିକୁ ସହିବାକୁ ପଡ଼ିଲା ।

''ପାଶ୍ଚାତ୍ୟ ପାଖରେ ଭୌତିକ ବସ୍ତୁର ଜ୍ଞାନ ରହିଛି, କିନ୍ତୁ ପରମସତ୍ୟକୁ ପ୍ରତ୍ୟାଖ୍ୟାନ କରି ଆସିଛି ଏବଂ ସେଥିପାଇଁ ଦାରୁଣ ଭାବେ ଯାତନା ଭୋଗିଛି ।

''ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ଯାହାକୁ ପୃଥିବୀର ସକଳ ରାଷ୍ଟ୍ରଙ୍କ ନିମିତ୍ତ କେତେକ ପରିବର୍ତ୍ତନ ସହ ଗ୍ରହଣ କରାଯାଇପାରିବ,

ତାହା ନିଶ୍ଚିତ ଭାବେ ପୂର୍ଣ୍ଣ ବିକଶିତ ଓ ସୁବ୍ୟବହୃତ ଭୌତିକ ବସ୍ତୁ ଉପରେ ପରମସତ୍ୟର ନ୍ୟାଯ୍ୟ କର୍ତ୍ତୃତ୍ୱ ପ୍ରତିଷ୍ଠା କରିପାରିବ ।''

ସେହି ପରମସତ୍ୟ ଆତ୍ମା ରୂପେ ସକଳ ମନୁଷ୍ୟର ଅନ୍ତରରେ ବିଦ୍ୟମାନ । ସେହି ଆତ୍ମାର ପ୍ରକାଶନ ବା ଅଭିବ୍ୟକ୍ତିହିଁ ଶିକ୍ଷାର ମୂଳ ଉଦ୍ଦେଶ୍ୟ । ଶିକ୍ଷାର ସର୍ବୋଚ୍ଚ ଲକ୍ଷ୍ୟ ହେଲା ଚେତନାର ଅଭିବୃଦ୍ଧି, ବିକାଶ ଓ ଊର୍ଦ୍ଧ୍ୱାୟନ ଗତି । ଭାରତବର୍ଷରେ ଅତୀତରେ ଚେତନାର ଊର୍ଦ୍ଧ୍ୱାୟନ ଗତି ବା ଗଭୀରତ୍ୱ ପ୍ରତି ବିଶେଷଭାବେ ଦୃଷ୍ଟି ଦିଆଯାଇଛି; କିନ୍ତୁ ଭୌତିକ ଜୀବନ ବା ଜଡ଼ ବସ୍ତୁକୁ ଅବହେଳା କରିବା ଦ୍ୱାରା ଗୋଟାଏ ପୃଥିବୀ-ବିମୁଖ ଅଧ୍ୟାତ୍ମଭାବ ଆସିଛି । ପାଶ୍ଚାତ୍ୟରେ ଚେତନାର ବ୍ୟାପକତା ବା ବିସ୍ତାରିତ ଦିଗନ୍ତ ଉପରେ ଜୋର୍ ଦିଆଯାଇଛି; କିନ୍ତୁ ଆତ୍ମାକୁ ଭୁଲିଯାଇଛି । ବାହ୍ୟ ଜଗତରେ ସତ୍ୟର ଅନ୍ୱେଷଣ କରିଛି; କିନ୍ତୁ ଆନ୍ତର ଜୀବନଟି ଅବହେଳିତ ହୋଇ ରହିଛି, ଯଦ୍ଦ୍ୱାରା ଇହସର୍ବସ୍ୱ ଶିକ୍ଷାହିଁ ପ୍ରବଳ ହୋଇଛି । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଏହି ଉଭୟ ଦିଗ ଯଥା — ବାହ୍ୟ ଜଗତ୍ ଓ ଆନ୍ତର ଜଗତ୍ ପ୍ରତି ଦୃଷ୍ଟି ଦିଆ ଯାଇଛି ଏବଂ ଉଭୟ ଦିଗର ଏକୀକରଣ ଏବଂ ସମନ୍ୱୟ ସାଧନ ମଧ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ସମ୍ଭବ ହୋଇପାରିବ ।

ମନ ଓ ବୁଦ୍ଧିର ଆଦର୍ଶରେ ପରିଚାଳିତ ଶିକ୍ଷା ସୀମିତ, ଖଣ୍ଡିତ ଓ ଅପୂର୍ଣ୍ଣ ଅଟେ । ଏହା ନାନା ସଂଶୟ, ବିଭେଦ ଓ ଅବିଶ୍ୱାସ ସୃଷ୍ଟି କରେ; ଚେତନାର ଅଗ୍ରଗତିରେ ବାଧା ସୃଷ୍ଟିକରେ ଏବଂ ଆମର ଦୃଷ୍ଟି, ଭାବନା, ବିଚାର ତଥା ସଂକଳ୍ପକୁ ସୀମିତ ଓ ବିକୃତ କରିଦିଏ; ଯଦ୍ଦ୍ୱାରା ବ୍ୟକ୍ତି, ସମାଜ ଓ ଜଗତରେ ନାନା ବିଶୃଙ୍ଖଳା, ବିଦ୍ରୋହ ଓ କଳହ ସୃଷ୍ଟିହୁଏ । ଯେଉଁ ଶିକ୍ଷା ମନୁଷ୍ୟ, ଜଗତ୍ ଓ ଈଶ୍ୱରଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିରଖି ଚେତନାର ଅଭିବୃଦ୍ଧି, ବିକାଶ ଓ ସଂପ୍ରସାରଣରେ ଏକ ଅମୋଘ ଶକ୍ତି ରୂପେ କାର୍ଯ୍ୟ କରେ ତାହାହିଁ ଅସଲ ଶିକ୍ଷା । ଯେଉଁ ଶିକ୍ଷା ବ୍ୟଷ୍ଟିଗତ, ବିଶ୍ୱଗତ ଓ ବିଶ୍ୱାତୀତ ଜୀବନରେ ପରମସତ୍ୟର ଅଭିବ୍ୟକ୍ତିକୁ ଜୀବନ୍ତ କରେ ତାହାହିଁ ଯଥାର୍ଥ ଶିକ୍ଷା । ଆତ୍ମାର ଆଦର୍ଶ ବା ବିଧାନରେ ପରିଚାଳିତ ଶିକ୍ଷାହିଁ ଅସଲ ଶିକ୍ଷା । ଆତ୍ମାର ବିଧି ହେଉଛି ଆଧ୍ୟାତ୍ମିକତା । ସୁତରାଂ କୌଣସି ନୀତି, ବିଧାନ ବା ଧର୍ମ, ସଂସ୍କୃତି ଉପରେ ଆଧାରିତ ଶିକ୍ଷା ଆତ୍ମ-ପରିପୂର୍ଣ୍ଣତା ଦିଗରେ ସହାୟକ ହୋଇପାରିବ ନାହିଁ । ଅସଲ ଶିକ୍ଷାର ଆଧାର ହେଉଛି ଆଧ୍ୟାତ୍ମିକତା ଯାହା ବ୍ୟକ୍ତି, ସମାଜ, ରାଷ୍ଟ୍ର ଓ ବିଶ୍ୱରେ ଐକ୍ୟ ଓ ସଂହତି ପ୍ରତିଷ୍ଠା କରିପାରିବ ଏବଂ ଦିବ୍ୟ ସମାଜ ଗଠନରେ ସହାୟକ ହୋଇପାରିବ । ନୂତନ ସମାଜ ଗଠନରେ ଶିକ୍ଷାହିଁ ଏକ ବଳିଷ୍ଠ ଅସ୍ତ୍ର । ଦିବ୍ୟ ସମାଜର ଭିତ୍ତି ହେଉଛି ଜ୍ଞାନ, ଶକ୍ତି, ଐକ୍ୟ ବା ସଂହତି ତଥା ପ୍ରେମ ବା ଆନନ୍ଦ । ବ୍ୟକ୍ତିର ମନ, ପ୍ରାଣ, ଶରୀର ଓ ଆନ୍ତର ଚେତନା ଏହି ଚାରୋଟି ସତ୍ୟକୁ ଧାରଣ କଲେ ବ୍ୟକ୍ତି ଓ ସମାଜ ଉଭୟର ରୂପାନ୍ତର ଘଟିବ । ପୂର୍ଣ୍ଣାଙ୍ଗ ଶିକ୍ଷାହିଁ ଅସଲ ଶିକ୍ଷା ବା ନୂତନ ଶିକ୍ଷା ।

ବ୍ୟକ୍ତିର ଆତ୍ମା ପରି ଜାତିର ଏକ ଆତ୍ମା ଅଛି, ବିଶ୍ୱର ଏକ ଆତ୍ମା ଅଛି । ସମଗ୍ର ଜଗତରେ ଯେଉଁ ସତ୍ୟ ବିଦ୍ୟମାନ ତାହା ମଧ୍ୟ ବ୍ୟକ୍ତି ମଧ୍ୟରେ ବିଦ୍ୟମାନ । ବ୍ୟକ୍ତି ନିଜ ପାଇଁ କିଂବା ସମାଜ ପାଇଁ ଜୀବନ ବଞ୍ଚେ ନାହିଁ । ସେ ଆତ୍ମା ପାଇଁ ଜୀବନ ବଞ୍ଚେ । ଆତ୍ମା ପାଇଁ ଜୀବନ ବଞ୍ଚିବା ସର୍ବଦା ନିତ୍ୟ ନୂତନ ଓ ପରିବର୍ତ୍ତନଶୀଳ । ଯେଉଁ ଶିକ୍ଷା ସକଳ ଅଜ୍ଞାନତା, ଅସାମର୍ଥ୍ୟ, ବିଭେଦତା, ସଂକୀର୍ଣ୍ଣତା, ସ୍ୱାର୍ଥପରତା, ମିଥ୍ୟାଚାର, ପ୍ରଲୋଭନ, ଅସୂୟା, ସୀମିତତା, କଳୁଷତା ଓ ଅଶ୍ରଦ୍ଧା ଆଦିରୁ ମୁକ୍ତି ଦିଏ ଏବଂ ସର୍ବତ୍ର ଆତ୍ମାକୁ ଦେଖିପାରିବାକୁ ସମର୍ଥ କରାଏ ତାହାହିଁ ଯଥାର୍ଥ ଶିକ୍ଷା । ଏପରି ଏକ ଶିକ୍ଷାକୁ ଆମେ ନୂତନ ଶିକ୍ଷା ବୋଲି କହିପାରିବା ଯାହା ଆଜିର ଆହ୍ୱାନ ଅଟେ । ବ୍ୟକ୍ତିର ମନ ଓ ଆତ୍ମା ପରି ଜାତିର ମନ ଓ ଆତ୍ମା ଏକ ମଧ୍ୟବର୍ତ୍ତୀକାଳୀନ ଶକ୍ତି । ବିବର୍ତ୍ତନ ଧାରାରେ ଏଗୁଡ଼ିକ ଧୀରେ ଧୀରେ ବିକଶିତ ହେବେ । ଶିକ୍ଷା ହେଉଛି ଏକ ମାଧ୍ୟମ ଯାହାଦ୍ୱାରା ନିଜ ସତ୍ତା ମଧ୍ୟରେ ସଙ୍ଗତି, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସଙ୍ଗତି, ବ୍ୟକ୍ତି ଓ ସମାଜ ମଧ୍ୟରେ ସଙ୍ଗତି, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସଙ୍ଗତି ତଥା ସମଗ୍ର ବିଶ୍ୱରେ ସଙ୍ଗତି ପ୍ରତିଷ୍ଠା ହୋଇପାରିବ । ସେପରି ଏକ ଶିକ୍ଷା ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷା ଯାହା ଚେତନାକୁ ଉତ୍ତୁଙ୍ଗ ଶିଖରକୁ ଉଠାଇ ନେବା ସଙ୍ଗେ ସଙ୍ଗେ ସମଗ୍ର ଜଗତକୁ ନୂତନ ଦିଗନ୍ତ ଆଡ଼କୁ ପ୍ରସାରିତ କରିନିଏ ଏବଂ ଊର୍ଦ୍ଧ୍ୱ ଓ ନିମ୍ନକୁ ଯୋଡ଼ିଦେଇ ସମନ୍ୱୟ ପ୍ରତିଷ୍ଠା କରିଥାଏ, ଯଦ୍ଦ୍ୱାରା ନୂତନ ଜୀବନର ସୂର୍ଯ୍ୟୋଦୟ ଘଟିବା ସହ ଦିବ୍ୟ ସମ୍ଭାବନାଗୁଡ଼ିକ ପ୍ରସ୍ଫୁଟିତ ହୋଇଥାଏ ଏବଂ ସାମଗ୍ରିକ ଅଭ୍ୟୁତ୍ଥାନ ଓ ପରିପୂର୍ଣ୍ଣତା ହାସଲ ହୋଇଥାଏ । ଅସଲ ଶିକ୍ଷା ପାଇଁ ତିନୋଟି କଥା ଉପରେ ପ୍ରାଧାନ୍ୟ ଦିଆଯାଇଥାଏ । ପ୍ରଥମରେ ବ୍ୟକ୍ତିର ସ୍ୱତନ୍ତ୍ରତା, ନୂତନତା, ବିଶେଷତ୍ୱ ଓ ସାର୍ବତ୍ରିକତା; ଦ୍ୱିତୀୟରେ ପ୍ରକୃତି ବା ଜାତି ଓ ତୃତୀୟରେ ସମଗ୍ର ମାନବ ସମାଜର ପୂର୍ଣ୍ଣତା । ପୂର୍ଣ୍ଣାଙ୍ଗ ଶିକ୍ଷା ଦ୍ୱାରା ଏହି ତିନୋଟି କ୍ଷେତ୍ରରେ ପରିପୂର୍ଣ୍ଣତା ଆସେ ।

ଶ୍ରୀଅରବିନ୍ଦଙ୍କ ଭାଷାରେ – "... that alone will be a true and living education which helps to bring out to full advantage, makes ready for the full purpose and scope of human life all that is in the individual man, and which at the same time helps him to enter into his right relation with the life, mind and soul of the people to which he belongs and with that great total life, mind and soul of humanity of which he himself is a unit and his people or nation a living, a separate and yet inseparable member."

(CWSA, Vol. 01, P. 425)

''ଯେଉଁ ଶିକ୍ଷା ବ୍ୟକ୍ତି ମଧ୍ୟରେ ଯାହା କିଛି ଅନ୍ତର୍ନିହିତ ହୋଇ ରହିଛି ତାହାର ପ୍ରକୃଷ୍ଟତମ ବ୍ୟବହାର କରିବାରେ ମନୁଷ୍ୟ ଜୀବନର ପରିପୂର୍ଣ୍ଣ ଉଦ୍ଦେଶ୍ୟ ଓ ପରିସରଟି ସକାଶେ ସେସବୁକୁ ଯଥୋଚିତ ଭାବେ ପ୍ରସ୍ତୁତ କରିପାରେ ଏବଂ ଯେଉଁ ଶିକ୍ଷା ତାହା କରିବା ସଙ୍ଗେ ସଙ୍ଗେ ସେହି ବ୍ୟକ୍ତିକୁ ତା'ର ସମୂହ ଜୀବନ, ମନ ଓ ଆତ୍ମାଟି ସହିତ ଯଥୋଚିତ ସମ୍ବନ୍ଧରେ ଯୁକ୍ତ ହୋଇ ରହିବାରେ ସହାୟତା କରେ ଏବଂ ଯେଉଁ ମାନବ ସମାଜ ମଧ୍ୟରେ ସିଏ ନିଜେ ଜଣେ ହୋଇ ରହିଛି ଓ ଯେଉଁଥିରେ ତା'ର ଦେଶ ବା ଜାତିଟି ଏକ ଜୀବନ୍ତ, ସ୍ୱତନ୍ତ୍ର ତଥାପି ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି, ସେହି ମନୁଷ୍ୟଜାତିର ବୃହତ୍ ଓ ସମଗ୍ର ଜୀବନ, ମନ ତଥା ଆତ୍ମାଟି ସହିତ ଯଥୋଚିତ ସମ୍ବନ୍ଧରେ ଯୁକ୍ତ ହୋଇ ରହିବାରେ ମଧ୍ୟ ସହାୟତା କରେ, କେବଳ ସେହି ଶିକ୍ଷାକୁହିଁ ଏକ ଯଥାର୍ଥ ଶିକ୍ଷା ବୋଲି କୁହାଯାଇ ପାରିବ ।''

ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ସେହିପରି ଏକ ଯଥାର୍ଥ ଶିକ୍ଷା ।

(କ୍ରମଶଃ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ସୁନିଲ-ଦା’

## (୬)

ସୁନିଲ ଦ୍ୱିତୀୟ ଥର ଆଶ୍ରମକୁ ଚାଲିଆସିବା ବେଳେ ସେ ତାଙ୍କ ମାଆ ଓ ଭଉଣୀଙ୍କ ସହିତ ସମଗ୍ର ପରିବାରର ଅଭିଭାବକ ହୋଇ ଆସିଥିଲେ ।

୧୯୪୫ ମସିହାରେ ତାଙ୍କର ଅଗ୍ରଜ ଅନିଲ ନିଜର ସାମରିକ ସର୍ଭିସ୍‌ରୁ ଅବସର ଗ୍ରହଣ କରିବାର ଥିଲା । ସୁତରାଂ ଏ କ୍ଷେତ୍ରରେ ସୁନିଲଙ୍କର ପରିବାରର ଅଭିଭାବକ ହୋଇ ରହିବାର ଦାୟିତ୍ୱରୁ ମୁକ୍ତ ହୋଇଉଠିବା ସ୍ୱାଭାବିକ । ତାଙ୍କ ମନରେ ପ୍ରଶ୍ନ ଉଙ୍କିମାରିଲା – ଏବେ ତାଙ୍କର ଆଶ୍ରମରେ ରହିବା ଉଚିତ ହେବ କି ? ତେଣୁ ଏ ସମ୍ବନ୍ଧେ ସେ ଶ୍ରୀମା’ଙ୍କୁ ନିମ୍ନମତେ ପତ୍ରଟି ଲେଖିଥିଲେ –

ମୋର ଅତି ପ୍ରିୟ ମଧୁମୟୀ ମା’ଙ୍କର
ଶ୍ରୀପାଦପଦ୍ମରେ ପ୍ରଣତି ।

ମା, ଭାଇଙ୍କର ଆଶ୍ରମକୁ ଫେରି ଆସିବା ପରେ ଏଠାରେ ସ୍ଥାୟୀଭାବେ ରହିଯିବା ନିମନ୍ତେ ଅନ୍ତରରେ ମୋର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଜାଗି ଉଠିଛି । ମୋ ପରିବାରର ସମସ୍ତେ ଭାଇଙ୍କର ଆଶ୍ରମ ଆଗମନକୁ ଅତି ଆଗ୍ରହର ସହିତ ଅପେକ୍ଷା କରିଛନ୍ତି ଏବଂ ଉପରୋକ୍ତ ବିଷୟରେ ଅବିଳମ୍ବେ ଏକ ସମାଧାନ କରିବେ ବୋଲି ସିଦ୍ଧାନ୍ତ ନେଇଛନ୍ତି ।

ଇତିମଧ୍ୟରେ ସେ ଆସି ଏଠାରେ ପହଞ୍ଚିଛନ୍ତି । ମୁଁ ଆଶ୍ରମରେ ରହିବି କି ଅନ୍ୟତ୍ର ରହିବି – ଏ ସମ୍ବନ୍ଧରେ ସିଦ୍ଧାନ୍ତ ନେବାର ଦାୟିତ୍ୱ ସେମାନେ ମୋ ଉପରେ ନ୍ୟସ୍ତ କରିଛନ୍ତି । ମୋ ଭାଇ ନିଜେ ମଧ୍ୟ ଚାହାଁନ୍ତି ନାହିଁ ଯେ ମୁଁ ଆଶ୍ରମ ଛାଡ଼ି ଅନ୍ୟତ୍ର କେଉଁଠାକୁ ଚାଲିଯିବାକୁ । କିନ୍ତୁ ଯଦି ଶ୍ରୀମା ନିଷ୍ପତ୍ତି ନିଅନ୍ତି ଯେ ମୋ ସକାଶେ ଅନ୍ୟତ୍ର ରହିବା ଅଧିକ ଶୁଭଙ୍କର ହେବ, ତେବେ ସେ ମୋତେ ସାହାଯ୍ୟ କରିବେ ବୋଲି ଦୃଢ଼ତାର ସହିତ କହିଛନ୍ତି ।

ମା, ମୋ ଜୀବନର ଅତୀତ ଓ ବର୍ତ୍ତମାନର ଘଟଣାବଳିକୁ ବିବେଚନା କରି, ନିରାନନ୍ଦମୟ ଓ ସୁଖଦ ମୁହୂର୍ତ୍ତସବୁକୁ ବିଚାରକୁ ଆଣି ମୁଁ ତୁମକୁ ଏକଥା ଅକପଟ ଭାବରେ କହିପାରେ ଯେ ଇତିପୂର୍ବରୁ ମୋ ଜୀବନ କେବେ ବି ଏତେ ପୂର୍ଣ୍ଣାଙ୍ଗ ଓ ଗୌରବାନ୍ୱିତ ହୋଇ ନଥିଲା । ଏଠାକାର ପରିସ୍ଥିତି ଓ ପରିବେଶରୁ ଲବ୍ଧ ସୁଯୋଗସବୁକୁ ମର୍ମସ୍ପର୍ଶୀ ଭାବରେ ହୃଦୟଙ୍ଗମ କରି ମୋର ସଙ୍କଳ୍ପକୁ ତୁମଠାରେ ବ୍ୟକ୍ତ କରୁଛି – ଏହିଠାରେ ଓ ତୁମରି ନିକଟ ସାନ୍ନିଧ୍ୟରେହିଁ ମୁଁ ରହିବି ।

କିନ୍ତୁ ମୋର ଭବିଷ୍ୟତ୍ ସମ୍ବନ୍ଧେ ଅନ୍ତିମ ସିଦ୍ଧାନ୍ତ ନେବାର ଦାୟିତ୍ୱ ହେଉଛି ତୁମର । ମୁଁ ଏହି ପରିବେଶରେ ରହି ଯେଉଁମାନଙ୍କୁ ମୋର ଅତି ଆପଣାର ବୋଲି ଧରି ନେଇଥିଲି ସେମାନଙ୍କଠାରୁ ଦୂରେଇ ଯିବାରେ ମନ ଓ ହୃଦୟରେ କ୍ଳେଶ ବୋଧ ହେବା ସତ୍ତ୍ୱେ, ତୁମେ ମୋ ସକାଶେ ଯାହା ବି ସିଦ୍ଧାନ୍ତ ନେବ ମୁଁ ତାହାକୁ ସର୍ବାନ୍ତଃକରଣରେ ବରଣ କରିନେବି ।

ପରମପ୍ରଭୁ ଶ୍ରୀଅରବିନ୍ଦ ଓ ତୁମର ଶ୍ରୀପାଦପଦ୍ମରେ ସଭକ୍ତି ପ୍ରଣାମ ସହ ନିଜକୁ ନିବେଦନ କରୁଛି ।

ମୋତେ ତୁମର ପ୍ରେମ ଓ ଆଶୀର୍ବାଦ ପ୍ରଦାନ କର ।

ତୁମର ସ୍ନେହାଧୀନ ସନ୍ତାନ
ସୁନିଲ

ଶ୍ରୀମା’ଙ୍କ ଉତ୍ତର :

ମୋର ପ୍ରିୟ ସନ୍ତାନ,

ମୁଁ ମୁହୂର୍ତ୍ତକ ସକାଶେ କେବେ ବି ଭାବିନି ଯେ ତୁମେ ଆଶ୍ରମ ଛାଡ଼ି ଚାଲିଯିବ । ଏବଂ ମୁଁ ତୁମଠାରୁ ଏକଥା ଜାଣି ଖୁବ୍ ପ୍ରୀତ ଯେ ମୋର ଏହି ଦୃଢ଼ ପ୍ରତ୍ୟୟବୋଧ ତୁମର ଆନ୍ତର ଭାବନା ସହିତ ଏକେବାରେ ମିଳି ଯାଉଛି ।

ଅଧିକନ୍ତୁ ତୁମେ ନିଶ୍ଚିତ ରୂପେ କେବେ ବି ଭୁଲିଯିବ ନାହିଁ ଯେ ସ୍କୁଲରେ ତୁମର ଶିକ୍ଷାଦାନ କର୍ମଟି ଅତ୍ୟନ୍ତ ଜରୁରି – ତୁମେ ତୁମର ଶିକ୍ଷାର୍ଥୀବୃନ୍ଦଙ୍କୁ ସେମାନଙ୍କର ଅଧ୍ୟୟନର ମଧ୍ୟବର୍ତ୍ତୀ ଅବସ୍ଥାରେ ଛାଡ଼ିଯାଇ ପାରିବ ନାହିଁ ।

ତେଣୁ ସ୍ୱାଭାବିକ ରୂପେ ସମସ୍ୟାଟିର ସମାଧାନ ସ୍ଥିରୀକୃତ ଏବଂ ଏଥି ସକାଶେ ତୁମେ ଅଧିକ ଚିନ୍ତାଗ୍ରସ୍ତ ହେବାର କୌଣସି ଆବଶ୍ୟକତା ନାହିଁ ।

*ମୋର ପ୍ରେମ ଓ ଆଶୀର୍ବାଦ ସହ*

(୦୪.୦୯.୪୫) ମା

* * *

ଯେତେବେଳେ ସୁନିଲ ଆଶ୍ରମ ସ୍କୁଲରେ ଶିକ୍ଷକତା

ଆରମ୍ଭ କଲେ, ସେ ଯୁଗପତ୍ ଫରାସୀ ଭାଷା ଆୟତ୍ତ କରିବାରେ ଅତ୍ୟନ୍ତ ମନୋଯୋଗୀ ଥିଲେ । କାରଣ ସ୍କୁଲରେ ଫରାସୀ ଭାଷା ମାଧ୍ୟମରେହିଁ ବିଜ୍ଞାନ ଓ ଗଣିତ ଇତ୍ୟାଦି ବିଷୟ ଶିକ୍ଷା ଦିଆଯାଉଥିଲା । ତେଣୁ ସୁନିଲ ତାଙ୍କର ବିଷୟବସ୍ତୁକୁ ଯଥାସମ୍ଭବ ଫରାସୀ ଭାଷା ମାଧ୍ୟମରେ ଶିକ୍ଷା ଦେବାକୁ ଚେଷ୍ଟା ଚଳାଇଥିଲେ, ଅବଶ୍ୟ ସେହି ପ୍ରାରମ୍ଭିକ ଅବସ୍ଥାରେ ସେ ମୁଖ୍ୟତଃ ଇଂରାଜୀ ଭାଷାରେହିଁ ପଢ଼ାଉଥିଲେ । ତେଣୁ ଏକ ବିଶେଷ ପରିସ୍ଥିତିରେ କତିପୟ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଏ ବିଷୟରେ କିଞ୍ଚିତ୍ ମତଭେଦ ଉପୁଜିଲା । ସୁନିଲ ଉପରୋକ୍ତ ସମସ୍ୟା ସମ୍ବନ୍ଧେ ଉପୁଜିଥିବା ତର୍କବିତର୍କକୁ ସୁବିସ୍ତୃତ ବର୍ଣ୍ଣନା କରି ଏହାର ସମାଧାନ ନିମିତ୍ତ ଶ୍ରୀମା'ଙ୍କୁ ଲେଖିଲେ । ...

ଏହାର ଉତ୍ତରରେ ସୁନିଲଙ୍କୁ ଶ୍ରୀମା'ଙ୍କର ଲିଖିତ ଏକ ଉତ୍ତରର କିୟଦଂଶ ଉଦ୍ଧାର କରୁଛୁ :

... ମୁଁ ତୁମ କ୍ଲାସ ସମ୍ବନ୍ଧରେ ପଦେ ବି ମନ୍ତବ୍ୟ ଦେଇ ନାହିଁ । (ମା' ଏହି ବାକ୍ୟଟିକୁ ଗୁରୁତ୍ୱ ଦେଇ ତା' ତଳେ ଗାର ଟାଣି ଦେଇଥିଲେ ।) ... ଅନୁକୂଳ ମତ ଦେଇ ନାହିଁ କି ସମାଲୋଚନାମୂଳକ ସମୀକ୍ଷା ବି କରି ନାହିଁ । ତୁମ ଶିକ୍ଷା-ପ୍ରଣାଳୀ ସମ୍ବନ୍ଧେ ଏସବୁ କଥାର କୌଣସି ପ୍ରଶ୍ନ ବି ଉଠୁ ନାହିଁ । (ଏହି ବାକ୍ୟଟି ତଳେ ମଧ୍ୟ ଶ୍ରୀମା ଗାର ଟାଣି ଦେଇଥିଲେ ।)... ତୁମେ ଯେମିତି ପଢ଼ାଉଛ ସେମିତି ପଢ଼ାଇବା ଅବ୍ୟାହତ ରଖ, କାରଣ ମୋ ଜାଣିବାରେ ତୁମର ଶିକ୍ଷାଦାନ ପ୍ରଣାଳୀ ଅତ୍ୟନ୍ତ ଉଚ୍ଚକୋଟୀର ଓ ଅତି ପ୍ରୟୋଜନୀୟ ମଧ୍ୟ ।

*ମୋର ପ୍ରେମ ଓ ଆଶୀର୍ବାଦ ସହ*

ମା

ଶ୍ରୀମା'ଙ୍କ ଠାରୁ ଉପରୋକ୍ତ ଉତ୍ତର ପ୍ରାପ୍ତ ହୋଇ ସୁନିଲ ଶ୍ରୀମା'ଙ୍କୁ ଲେଖିଲେ :

ମା, ଏବେ ମୋର ବେଶ୍ ହୃଦ୍‌ବୋଧ ହେଉଛି ଯେ ତୁମେ ମୋର ଆନ୍ତର ଭାବଧାରା ସମ୍ବନ୍ଧେ ସୁସ୍ପଷ୍ଟ ଭାବରେ ଅବଗତ ଅଛ ଏବଂ ଆଶା କରୁଛି ଅଧୁନା ମୁଁ ମୋର କର୍ତ୍ତବ୍ୟ ସମ୍ବନ୍ଧେ ତୁମର ପ୍ରତ୍ୟକ୍ଷ ନିର୍ଦ୍ଦେଶନା ଲାଭ କରିପାରିବି ।

ମା, ମୋତେ ତୁମର ପ୍ରେମ ଓ ଆଶୀର୍ବାଦ ମଞ୍ଜୁର କର ।

ତୁମ ଚରଣରେ କୋଟି କୋଟି ପ୍ରଣାମ ।

ତୁମ ପଦପ୍ରାନ୍ତେ ସଦା ନିବେଦିତ

ତୁମର ସ୍ନେହାଧୀନ ସନ୍ତାନ

ସୁନିଲ

ସୁନିଲଙ୍କର ଶିକ୍ଷକତା ସମ୍ବନ୍ଧେ ପୁରାତନ ଛାତ୍ର ରଙ୍ଗନାଥଙ୍କର ଉକ୍ତିରୁ କିଛି ଭାବାନୁବାଦ : ''... ତାଙ୍କ ସ୍ୱଭାବରେ ବେଶ୍ କେତୋଟି ବୈଶିଷ୍ଟ୍ୟ ଥିଲା ଯାହାକି ଆମମାନଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା । ସେ ଶ୍ରେଣୀରେ ଆମମାନଙ୍କଠାରୁ ଅତ୍ୟନ୍ତ ନିୟମନିଷ୍ଠ ଭାବରେ ଆଜ୍ଞାନୁବର୍ତ୍ତିତା ଆଶା କରୁଥିଲେ । ସାଧାରଣତଃ ଶ୍ରେଣୀରେ ତାଙ୍କର ପଠନ ପଦ୍ଧତି ଥିଲା ଅତ୍ୟନ୍ତ ପ୍ରଣାଳୀବଦ୍ଧ ଏବଂ ଶ୍ରେଣୀରେ ପଢ଼ା ଚାଲିଥିବା ବେଳେ କୌଣସି ପ୍ରକାର ଅଯୌକ୍ତିକ ବା ଅବାନ୍ତର କଥାବାର୍ତ୍ତାର ପ୍ରଶ୍ନ ଉଠୁ ନଥିଲା । ତାଙ୍କର ଶିକ୍ଷାଦାନ ପଦ୍ଧତି ଥିଲା ସମ୍ପୂର୍ଣ୍ଣତଃ ପ୍ରାସଙ୍ଗିକ, ଯଥାଯଥ ଏବଂ ସୁସ୍ପଷ୍ଟ । ଯୁଗପତ୍ ସେ ମଧ୍ୟ ଥିଲେ ଅତ୍ୟନ୍ତ ସହାନୁଭୂତିଶୀଳ ତଥା ଅତିଶୟ ନିୟମନିଷ୍ଠ । ସେ ଯେକୌଣସି ବିଷୟ ପଢ଼ାଉଥିଲେ, ତାକୁ ପୁଙ୍ଖାନୁପୁଙ୍ଖ ଭାବେ ପଢ଼ାଇବାକୁ ଶେଷ ପର୍ଯ୍ୟନ୍ତ ପ୍ରୟାସ କରି ଚାଲିଥିଲେ । ଶ୍ରେଣୀକୁ ସେ ସାଧାରଣତଃ କୌଣସି ପାଠ୍ୟପୁସ୍ତକ ଧରି ଆସୁ ନଥିଲେ; ସର୍ବଦା ପୂର୍ବରୁ ପ୍ରସ୍ତୁତ ହୋଇ କେବଳ ହାତରେ ଛୋଟ ନୋଟ୍ ଧରି ପ୍ରବେଶ କରୁଥିଲେ । ଏବଂ କିପରି ବିଷୟଟିର ଶିକ୍ଷାରମ୍ଭ କରିବେ – ଏ ସମ୍ବନ୍ଧେ ସେ ଭଲ ଭାବରେ ଅବଗତ ଥିଲେ । ତାଙ୍କର ଶିକ୍ଷାଦାନ ପଦ୍ଧତିରେ ସେ ଥିଲେ ଖୁବ୍ ଦକ୍ଷ ଓ ବ୍ୟବସ୍ଥିତ ।

''ହଁ, ଏକଥା ସତ ଯେ ଆମମାନଙ୍କର ସୁନିଲ-ଦା'ଙ୍କ ପ୍ରତି କିଛି ମାତ୍ରାରେ ଭୟମିଶ୍ରିତ ଶ୍ରଦ୍ଧାଭକ୍ତି ସହ ପ୍ରଶଂସନୀୟ ମନୋଭାବ ଥିଲା । ଭୟମିଶ୍ରିତ ଏଇଥି ପାଇଁ ଯେ ସେ କସ୍ମିନ୍‌କାଳେ କ୍ଲାସରେ କୌଣସି ଛାତ୍ରର ନିରର୍ଥକ କଥାକୁ ସହ୍ୟ କରି ପାରୁ ନଥିଲେ ବା ପଢ଼ାପଢ଼ିରେ ଅମନୋଯୋଗୀ ହୋଇ କୌଣସି ଛାତ୍ର ତାଙ୍କୁ ଅବଜ୍ଞାସୂଚକ କିଛି ମନ୍ତବ୍ୟ ଦେବା ମଧ୍ୟ ସେ ବରଦାସ୍ତ କରୁ ନଥିଲେ । କିନ୍ତୁ ଶିକ୍ଷାର୍ଥୀମାନଙ୍କର ତାଙ୍କ ପ୍ରତି ଯଥେଷ୍ଟ ସମ୍ମାନ ରହିଥିଲା । କାରଣ ସେ ତାଙ୍କର ଶିକ୍ଷାଦାନ ମାଧ୍ୟମରେ ସାଧାରଣତଃ କିଛି ସୃଜନଶୀଳ କାର୍ଯ୍ୟ ପାଇଁ ପ୍ରେରଣା ଓ ଉତ୍ସାହ-ଉଦ୍ଦୀପନା ଯୋଗାଇ ଦେଉଥିଲେ । ଶ୍ରେଣୀଗୃହରେ ତାଙ୍କର ଆଳାପ ଆଲୋଚନାର ପଦ୍ଧତି ଥିଲା ଅପୂର୍ବ । ସ୍କୁଲର ବିଦ୍ୟାର୍ଥୀଗଣଙ୍କୁ ସର୍ବୋତ୍ତମ ଭାବରେ ଅଧ୍ୟୟନ ନିମିତ୍ତ ଅନୁପ୍ରାଣିତ ଓ ଉଜ୍ଜୀବିତ କରାଇ ପାରୁଥିବା ପ୍ରିୟଭାଜନ ଶିକ୍ଷକଗଣଙ୍କ ମଧ୍ୟରେ ସୁନିଲ-ଦା' ଥିଲେ ଅନ୍ୟତମ ।''

ସୁନିଲ-ଦା'ଙ୍କର ଅନ୍ୟ ଜଣେ ଶ୍ରଦ୍ଧାଧନ୍ୟ ପୁରାତନ ମେଧାବୀ ଛାତ୍ର ବିନୁ ସେତେବେଳେ ଇଂଲଣ୍ଡରେ ରହି

ଗଣିତଶାସ୍ତ୍ରରେ ଅଧିକ ଜ୍ଞାନ ଆହରଣର ଶିକ୍ଷାନବିସ ଥିଲେ । ସେ ସାଧାରଣତଃ ସୁନିଲ-ଦା'ଙ୍କ ଜନ୍ମଦିନରେ ପ୍ରତ୍ୟେକ ବର୍ଷ ଇଂଲଣ୍ଡରୁ ତାଙ୍କ ପାଖକୁ ଅଭିନନ୍ଦନ ପତ୍ରଟିଏ ପଠାଉ ଥିଲେ । ଏକଦା ସୁନିଲ-ଦା' ବିନୁର ପ୍ରେରିତ ଜନ୍ମଦିନ ପତ୍ରଟିକୁ ଠିକ୍ ତାଙ୍କ ଜନ୍ମବାସରର ସକାଳେହିଁ ପାଇଥିଲେ । ଏହି ଘଟଣାରେ ସେ ଅତ୍ୟନ୍ତ ଭାବପ୍ରବଣ ଓ ଉଚ୍ଛ୍ୱସିତ ପ୍ରଶଂସାସୂଚକ ଉକ୍ତିରେ ସ୍ନେହଭାଜନ ବିନୁଙ୍କୁ ଏକ ସୁଦୀର୍ଘ ପତ୍ର ପ୍ରେରଣ କରିଥିଲେ । ତନ୍ମଧ୍ୟରୁ କିୟଦଂଶ :

''... ତୁମ ଚିଠିରେ ତୁମେ ପ୍ରକାଶ କରିଥିବା ତୁମର ସ୍ୱଭାବସିଦ୍ଧ ଭାବପ୍ରବଣ ଉକ୍ତିସବୁ ସତରେ ଅତ୍ୟନ୍ତ ହୃଦୟସ୍ପର୍ଶୀ । ତୁମେ ସତରେ ଶ୍ରଦ୍ଧାସ୍ପଦ । ... ମୁଁ ସର୍ବଦା ତୁମ ସକାଶେ ନିଜକୁ ଗୌରବାନ୍ୱିତ ମନେ କରି ଆସିଛି ଏବଂ ଏବେ ବି କରୁଛି । ମୋର ପିଲାଦିନରୁ ସ୍କୁଲରୁ ଏବଂ ପରେ ମହାବିଦ୍ୟାଳୟ ଅଥବା ବିଶ୍ୱବିଦ୍ୟାଳୟରୁ ପାରଦର୍ଶିତା ଲାଭ କରିବା ନିମିତ୍ତ ଗୌଣ ସ୍ପୃହା ରହିଥିଲା । ଏବଂ ଯାହା ମୋତେ ଅପ୍ରତିହତ ଭାବରେ ମୋହିତ କରି ରଖିଥିଲା; ସେସବୁ ଥିଲା ମହାନ୍ ବ୍ୟକ୍ତିଗଣଙ୍କର ଉତ୍କୃଷ୍ଟ ଚରିତ୍ରବତ୍ତା ଯାହାକି ଜଗତକୁ ସର୍ବାଙ୍ଗ ସୁନ୍ଦର ଓ ମର୍ଯ୍ୟାଦାସମ୍ପନ୍ନ ଜୀବନ ବଞ୍ଚିବାରେ ପ୍ରଭୂତ ଭାବରେ ଉଜ୍ଜୀବିତ କରିପାରିଛି । ମଣିଷ ଚରିତ୍ରର ଉଦାରତାହିଁ ମୋତେ ସର୍ବଦା ଅଭିଭୂତ କରିଛି, ଯେମିତି କି ଆଜି ସକାଳେ ତୁମ ଚିଠିଟି ଖୋଲି ପଢ଼ିବା ପରେ ବିଗତ ଦିନର ସେଇ ହୃଦୟସ୍ପର୍ଶୀ ଅଭୁଲା ମୁହୂର୍ତ୍ତସବୁ ମୋର ମାନସପଟରେ ଅବିକଳ ଭାବରେ ଭାସିଉଠି ମୋତେ ଅଭିଭୂତ କରି ପକାଇଲା । ଏଥି ନିମିତ୍ତ ମୁଁ ତୁମଠାରେ ଚିର ଋଣୀ । ...

''ଏବେ ତୁମେ ଏକ ପ୍ରଗତିଶୀଳ ଦେଶରେ ପ୍ରବୀଣ ଗଣିତ ଶାସ୍ତ୍ରଜ୍ଞମାନଙ୍କ ସାହଚର୍ଯ୍ୟରେ ଅଧ୍ୟୟନରତ । ମୁଁ ତୁମଠାରୁ କେବଳ ଏତିକି ଆଶା କରୁଛି ଯେ ତୁମେ ତୁମର ଶିକ୍ଷା ସମାପ୍ତି ପରେ ଯେତେବେଳେ ସ୍ୱଦେଶକୁ ଆସିବ ସେତେବେଳେ ସେଠାକାର ବିଶ୍ୱବିଦ୍ୟାଳୟରୁ ଆହରଣ କରିଥିବା ଗବେଷଣାତ୍ମକ ଜ୍ଞାନ ସହିତ ସେହିସବୁ ମହାନ୍ ଜ୍ଞାନୀଗୁଣୀଜନଙ୍କର ଉତ୍ସର୍ଗୀକୃତ ପ୍ରାଣ ଓ ଜୀବନଧାରାର ମୌଳିକ ତତ୍ତ୍ୱ ଓ ପ୍ରବୃତ୍ତିସବୁରୁ ଲାଭ କରିଥିବା ଉପଲବ୍ଧିକୁ ମଧ୍ୟ ନିଜ ସାଥିରେ ନେଇ ଆସିବ । ...

ସୁନିଲ''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

## ଶୀତକାଳୀନ ସୁହୃଦ୍ ଶ୍ରମ ଶିବିର - ୨୦୨୩

ଚଳିତ ବର୍ଷ ୭୮ତମ ଶୀତକାଳୀନ ସୁହୃଦ୍ ଶ୍ରମ ଶିବିର କଟକ ଜିଲ୍ଲା ଆଠଗଡ଼ ନିକଟବର୍ତ୍ତୀ ଯାଗିଆପଡ଼ାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର (ମାତୃଛାୟା)ଠାରେ ଆସନ୍ତା ଡିସେମ୍ବର ମାସ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ହେବା ପାଇଁ ସ୍ଥିରୀକୃତ ହୋଇଅଛି । ଶିବିରରେ ଯୋଗଦେବାକୁ ଇଚ୍ଛୁକ ବ୍ୟକ୍ତିମାନେ ୨୧ ତାରିଖ ସନ୍ଧ୍ୟା ସୁଦ୍ଧା ପହଞ୍ଚିବାକୁ ଅନୁରୋଧ । ୧୦ଦିନର ଏହି କାର୍ଯ୍ୟକ୍ରମରେ ଶ୍ରୀଅରବିନ୍ଦଙ୍କ ରଚିତ 'ଦିବ୍ୟଜୀବନ' ଗ୍ରନ୍ଥରୁ ଅଧ୍ୟୟନ ଓ ଆଲୋଚନା କରାଯିବ । ଦଶଦିନ ପାଇଁ ଶିବିରାର୍ଥୀ ଦେୟ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ।

**ଏହି ଶିକ୍ଷାକେନ୍ଦ୍ରକୁ ଆସିବା ପାଇଁ ଗମନାଗମନ ସୂଚନା :**

କଟକଠାରୁ ନରସିଂହପୁର କିଂବା କମଳାଡ଼ିହ, ଭାୟା : ଆଠଗଡ଼/ବଡ଼ମ୍ବା ବସ୍‌ରେ ଆସି **ମାରୁକୋଟ୍** ଠାରେ ଓହ୍ଲାଇବେ । ମାରୁକୋଟ୍ ଠାରୁ ଶିକ୍ଷାକେନ୍ଦ୍ରର ଦୂରତା ୩ କି.ମି. ।

ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରିପାରନ୍ତି ।
ମାୟାଧର ଭାଇ – ୯୪୩୯୮୨୮୭୫୬; ବିଜୟ ଭାଇ – ୮୨୬୦୫୮୨୨୯୮;
ସୁଚିତ୍ର ଭାଇ – ୮୨୪୯୪୫୬୪୦୯

# ଚିର ତାରୁଣ୍ୟ

## ପ୍ରସାଦ ତ୍ରିପାଠୀ

ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କର ୨୧ ଦିନିଆ ଶିକ୍ଷକ ତାଲିମ ଶିବିର ଚାଲିଥିବା ସମୟରେ ଦିନେ ସନ୍ଧ୍ୟାବେଳେ ମାତୃଭବନରେ ବସିଛି; ରାମକୃଷ୍ଣ ଆସି ବ୍ୟସ୍ତ କଲା – ଭାଇ, ଆମ ବଉଳାବନ୍ଧ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ରଛାତ୍ରୀମାନଙ୍କର ପଞ୍ଚମ ବାର୍ଷିକ ସମ୍ମିଳନୀ କରିବୁ, ଆପଣ ନିଶ୍ଚୟ ଯିବେ। ଗ୍ରୀଷ୍ମକାଳୀନ ଶିକ୍ଷକ ତାଲିମ ଶିବିର ମେ ୨୩ ତାରିଖରେ ଶେଷ ହେବ। ତା'ପରେ ସାଙ୍ଗେ ସାଙ୍ଗେ ମୁଁ କିଛି କାମ ରଖେ ନାହିଁ। ୨୧ ଦିନ ପରେ ଦିନେ ଦୁଇଦିନ ଦରକାର ହୁଏ ଆନୁଷଙ୍ଗିକ କାର୍ଯ୍ୟ ପାଇଁ। ସେ କିନ୍ତୁ ୨୪ ତାରିଖ ପାଇଁ ଦିନ ସ୍ଥିର କରିଥିଲା। ମୋତେ ୨୪ ତାରିଖ ଅସମ୍ଭବ ଲାଗିଲା। କହିଲି, ଏବର୍ଷ ଯାଉ – ଆର ବର୍ଷକୁ ମୁଁ ଯିବି। ୨୪ ତାରିଖରେ ଯିବା ଅସୁବିଧା ହେବ ଜାଣି ସେ କହିଲା, ଆମର ସେମିତି ନିର୍ଦ୍ଦିଷ୍ଟ ତାରିଖ ନାହିଁ। ଆପଣ ଯେଉଁ ତାରିଖକୁ କହିବେ ଆମେ କରିବା। ୨୫ ତାରିଖ ରବିବାରକୁ ସୁବିଧା କି ନାହିଁ ପଚାରିବାରୁ, ସବୁଠାରୁ ସୁବିଧା ହେବ କହି ସେଇ ତାରିଖକୁ ସ୍ଥିର କଲା। ମୁଁ ପଚାରିଲି, ବଉଳା ବନ୍ଧରେ କେଉଁ ଶ୍ରେଣୀ ଯାଏ ସ୍କୁଲ ଅଛି ? ସେ କହିଲା, ସପ୍ତମ ଶ୍ରେଣୀ। ମୁଁ ପଚାରିଲି – ସପ୍ତମ ଶ୍ରେଣୀର ପୁରାତନ ଛାତ୍ରଛାତ୍ରୀ କେତେ ମିଳିବେ ? ସେ କହିଲା, ଭାଇ, ପ୍ରଥମ କେତେକ ବ୍ୟାଚ୍‌ର ପିଲାସବୁ କଲେଜ ପାଠ ସାରିଲେଣି। ବହୁତ ବଡ଼ ବଡ଼ ପିଲା ସବୁ ବି ଥିବେ। ଠିକ୍ ଅଛି କହି ୨୫ ତାରିଖକୁ ଖାତାରେ ନୋଟ୍ କଲି। ପୁଣି ସେ କହିଲା, ଭାଇ ଏଥିପାଇଁ କାର୍ଯ୍ୟସୂଚୀ ଟିକେ କରି ଦିଅନ୍ତୁ। ପଚାରିଲି, ଆଗରୁ ସବୁ କେମିତି ହେଉଥିଲା, ସେମିତି କରୁନ। କହିଲା, ଭାଇ, ପ୍ରଥମଥର ପାଇଁ ଆପଣ ଯାଉଛନ୍ତି, ଆମକୁ ବତାଇ ଦିଅନ୍ତୁ, ଆମେ ଚେଷ୍ଟା କରିବୁ ସେମିତି କରିବା ପାଇଁ। ମୋ ଭିତରୁ ଯେମିତି ପ୍ରେରଣା ଆସିଲା ସେମିତି ଗୋଟିଏ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଦେଲି। ବହୁତ ଖୁସୀ ହୋଇ ସେ ନେଇଗଲା। ମୋର ଆଉ ସେଥିପ୍ରତି ନଜର ନାହିଁ। କହିଦେଲି, ଭୁଲିଗଲି। ତାଲିମ ଶିବିରରେ ବ୍ୟସ୍ତ ରହିଗଲି। ମାତ୍ର ଆୟୋଜନ କରିବା ପାଇଁ ରାମକୃଷ୍ଣ ମଝିରେ ମଝିରେ ଗାଁ'କୁ ଯାଉଥାଏ।

୨୫ ତାରିଖ ସକାଳ ୬.୩୦ରେ ଆମେ ମାତୃଭବନ ଛାଡ଼ିଲୁ। ନିରାକାର, ନିରଞ୍ଜନ, ସ୍ୱରାଜ, ମୁନି, ନମିତା ଏବଂ ମୁଁ ମାର୍ଶାଲ ଗାଡ଼ିରେ ବାହାରିଲୁ। ପାପୁ ଚାଳକ। ବାଟରୁ ଖଣ୍ଡଗିରିରୁ ସଦାନନ୍ଦ ଆମ ସହିତ ଯୋଗ ଦେଲା। ବଉଳାବନ୍ଧ ଖୋର୍ଦ୍ଧା ଜିଲ୍ଲାର ନାଚୁଣୀଠାରୁ ପ୍ରାୟ ୫ କି.ମି. ଦୂରରେ। ମନେ ଅଛି ୧୯୯୩ ମସିହା ଜୁଲାଇ ମାସରେ ପ୍ରଥମେ ଯେତେବେଳେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେଲା ସେତେବେଳେ ଆସିଥିଲି। ଏହା ମଧ୍ୟରେ ୧୫ ବର୍ଷ ବିତି ଗଲାଣି। ପନ୍ଦର ବର୍ଷ ଗୋଟିଏ ଚାରାକୁ ଦ୍ରୁମ ହେବା ପାଇଁ ଯଥେଷ୍ଟ। ଏହା ମଧ୍ୟରେ ନିଜ ଜାଗା କିଣି ସେଠାରେ ଧାଡ଼ିଏ ଘର ତିଆରି ହୋଇଛି। ରିଲାଏନ୍ସର ଗୋଟିଏ ଟାୱାର ମଧ୍ୟ ତା' ଭିତରେ ଅଛି। ସେମାନେ ୪ ଡେସିମିଲ ଜାଗା ନେଇ ମାସକୁ ୨୫୦୦ ଟଙ୍କା ଭଡ଼ା ଦିଅନ୍ତି। ଗୋଟିଏ ସରକାରୀ ପିଇବା ପାଣି କେନ୍ଦ୍ର ମଧ୍ୟ ସ୍କୁଲ ଭିତରେ ଅଛି। ବେଶ୍ କେତେ ଜଣ ଉତ୍ସାହୀ କର୍ମୀ। ଅତ୍ୟନ୍ତ ଅନୁକୂଳ ପରିବେଶ।

ଆମେ ପହଞ୍ଚିବା ସମୟରେ ପୁରାତନ ଛାତ୍ରଛାତ୍ରୀ ଏବଂ ଅନ୍ୟମାନେ ମିଶି ପ୍ରାୟ ଶହେ ସରିକି। ପତାକା ଉତ୍ତୋଳନ, ବନ୍ଦେ ମାତରମ୍ ଏବଂ ମାର୍ଚ୍ଚପାଷ୍ଟ ଶେଷ କରି ସମସ୍ତେ ପ୍ରାତଃଭୋଜନ କରୁଥା'ନ୍ତି। ଆମେ ଠିକ୍ ସମୟରେ ପହଞ୍ଚିଛୁ ଜାଣି ଖୁସୀ ଲାଗିଲା। ମାତୃକୋଠରିରେ ପ୍ରଣାମ କରି ପ୍ରାତଃଭୋଜନ କରିନେଲୁ। ସେତେବେଳକୁ ପିଲାମାନଙ୍କୁ ତିନିଦଳ କରାଯାଇ ସାରିଥାଏ। ତିନିଦଳ ଯାକ ଗ୍ରାମ ଭିତରେ ତିନିଜଣ ପୁରାତନ ଛାତ୍ରଛାତ୍ରୀଙ୍କ ଘରେ ବସି ଉଦ୍ଦିଷ୍ଟ ବିଷୟରେ ଗ୍ରୁପ୍ ଆଲୋଚନ କରିବେ। ଏପରି କାହିଁକି କରାଗଲା ତା'ର ନିର୍ଦ୍ଦିଷ୍ଟ ଉତ୍ତର ନାହିଁ, ମାତ୍ର ଏପରି କରିବା ପାଇଁ ମୋ ମଧ୍ୟରେ ପ୍ରେରଣା ଆସିଲା – ସେଥିପାଇଁ ରାମକୃଷ୍ଣକୁ ଏପରି କରିବା ପାଇଁ କହିଥିଲି। ନିରଞ୍ଜନ, ସଦାନନ୍ଦ ଗୋଟିଏ ଗ୍ରୁପ୍‌ରେ; ମୁନି, ନମିତା ଆଉ ଗୋଟିଏ ଗ୍ରୁପ୍‌ରେ ଏବଂ ସ୍ୱରାଜ, ପାପୁ ତୃତୀୟ ଗ୍ରୁପ୍‌ରେ ଗ୍ରୁପ୍-କୋଅର୍ଡିନେଟର ଭାବରେ ରହିଲେ। ମୁଁ ଆଉ ନିରାକାର ସ୍କୁଲରେ ରହିଲୁ। ନିରାକାର ତା'ର ଚିରାଚରିତ ଧାରାରେ ଲ୍ୟାପ୍‌ଟପ୍ ଧରି ବସି ପଡ଼ିଲା। ମୋର ଟିକିଏ ଗ୍ରୁପ୍

ତିନୋଟିକୁ ଦେଖିବାକୁ ଇଚ୍ଛା ଥିଲା । ଏତିକିବେଳେ ନାଚୁଣୀର ଟୁନି ଅପା ସେଠାକାର ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରଛାତ୍ରୀ (ବଉଳାବନ୍ଧର ପୁରାତନ ଛାତ୍ରଛାତ୍ରୀ)ମାନଙ୍କୁ ସାଙ୍ଗରେ ଧରି ପହଞ୍ଚିଲେ । ସେମାନଙ୍କୁ ଜଳଖିଆ ଖୁଆଇ ବିଭିନ୍ନ ଗ୍ରୁପ୍‌କୁ ପଠାଇ ଦେଲା ପରେ ଟୁନି ଅପାଙ୍କ ସାଙ୍ଗରେ ଆମେ ବିଭିନ୍ନ ଗ୍ରୁପ୍‌କୁ ଯିବାକୁ ବାହାରିଲୁ । ଟୁନି ଅପା ସାଙ୍ଗରେ ଆଣିଛନ୍ତି ଚିଲିକା ଏମ୍.ଏଲ.ଏ. ବିଭୂତି ଭାଇଙ୍କ ଗାଡ଼ି – ସେଥିରେ ଆମେ ବାହାରିଲୁ । ବଉଳାବନ୍ଧ ଗ୍ରାମ ଭିତରେ ପଶିଲା ବେଳକୁ ଜାଣି ହେଲା ନାହିଁ ତାହା ଗ୍ରାମ ନା ସହର । ଲୋକସଂଖ୍ୟା ଦଶ ବାର ହଜାରରୁ ଅଧିକ । ଗୋଟିଏ ଗାଁ ଗୋଟିଏ ପଞ୍ଚାୟତ । ଦୋକାନ ବଜାର ପ୍ରଭୃତି ଭରପୂର । ସେଥିରେ ଅନେକ ସାହି । ଆମେ ପ୍ରଥମେ ରାମକୃଷ୍ଣ ଘରକୁ ଗଲୁ ।

ଅତି ସୁନ୍ଦର ଘରଟିଏ । ସୁନ୍ଦର ପରିବେଶରେ ଆଲୋଚନା ହେଉଥାଏ । ପ୍ରଥମେ ତା'ର ବୁଢ଼ୀ ମା'ଙ୍କୁ ଭେଟିଲୁ । ତା'ପରେ ରାମକୃଷ୍ଣର ମା, ବାପା ଆମକୁ ପାଛୋଟି ନେଇଗଲେ ଉପର ମହଲାକୁ ଯେଉଁଠାରେ ଆଲୋଚନା ଚାଲିଥିଲା । ଖୁବ୍ ସୁନ୍ଦର ଆଲୋଚନା ହେଉଥାଏ । ମୁନି ଅପା, ନମିତା ଅପା ଥାଆନ୍ତି କୋଅର୍ଡ଼ିନେଟର । ପିଲାମାନଙ୍କ ସହିତ ମୁଁ ମଧ୍ୟ ଆଲୋଚନାରେ ଭାଗ ନେଲି । ବହୁତ ଭଲ ଲାଗିଲା । ଦଶ, ପନ୍ଦର ମିନିଟ ବସିଲା ପରେ ପୁଣି ଆଉ ଜଣକ ଘରକୁ ଗଲୁ । ସେଇଟି ବ୍ରାହ୍ମଣ ସାହି । ଦୂରରୁ ଦେଖିଲୁ ଉଚ୍ଚ ପିଣ୍ଡା, ସମସ୍ତଙ୍କ ଦାଣ୍ଡରେ ନଡ଼ିଆ ଗଛ । ସେଇ ସାହିରେ ଜଣେ ଅଭିଭାବକଙ୍କ ଘରେ ପିଲାମାନେ ବସି ଆଲୋଚନା କରୁଥା'ନ୍ତି । ନିରଭାଇ କୋଅର୍ଡ଼ିନେଟର । ସେଠାରେ ମଧ୍ୟ ଟିକେ ଭାଗ ନେଲୁ । ପ୍ରଶ୍ନ ଶ୍ରୀମା ଓ ଶ୍ରୀଅରବିନ୍ଦ ଏକ ଓ ଅଭିନ୍ନ କିପରି ? ବିଷୟ ଥିଲା ''ଆମ ଜୀବନରେ ମା'ଙ୍କ ଉପସ୍ଥିତି'' । ଆଲୋଚନା କରୁ କରୁ ପିଲାମାନେ ମାଡ଼ି ଯାଇଛନ୍ତି ବିଭିନ୍ନ ପ୍ରସଙ୍ଗ ଆଡ଼କୁ । ସେଠାରେ ମଧ୍ୟ ଦଶ, ପନ୍ଦର ମିନିଟ ବସିଲା ପରେ ଗଲୁ ତୃତୀୟ ଅଭିଭାବକଙ୍କ ଘର ଆଡ଼େ । ସେଇଟି ବେହେରା ସାହି । ବିରାଟ ଗାଁ, ସବୁ ସାହିକୁ ସାହି ମିଶି ଗଲେ ପରିଧି ୩ କି.ମି.ରୁ କମ୍ ହେବ ନାହିଁ । ସେଠାରେ ମଧ୍ୟ ଅନୁରୂପ ପରିବେଶ – ପିଲାମାନେ ଭର୍ତ୍ତି । ଆଖପାଖ ଗ୍ରାମବାସୀମାନେ ମଧ୍ୟ ବସିଛନ୍ତି । ସେଠାରେ ସ୍ୱରାଜ ଥାଏ ଆଲୋଚକ । ହନୁମାନ ନିଜ ଛାତି ଚିରି ପ୍ରଭୁ ଶ୍ରୀରାମଚନ୍ଦ୍ର ଏବଂ ମା' ଭଗବତୀ ସୀତା ଦେବୀଙ୍କୁ ଯେପରି ଦେଖାଇ ଥିଲେ ଆମେ ମଧ୍ୟ ଆମ ହୃଦୟରେ ଅନୁରୂପ ଦିବ୍ୟ ଉପସ୍ଥିତି ଅନୁଭବ କରି ପାରିବା । ଅତି ସୁନ୍ଦର ଆଲୋଚନା, ଚମତ୍କାର ପରିବେଶ ! ଫେରିଲୁ ସ୍କୁଲକୁ । ସବୁ ଗ୍ରୁପ୍‌ଗୁଡ଼ିକର ମଧ୍ୟ ସମୟ ହୋଇ ଯାଇଥାଏ । ସମସ୍ତେ ଫେରିଲେ । ସ୍କୁଲରେ ଉପସଂହାର ହେବ ।

'ମା'ଙ୍କ ଉପସ୍ଥିତି' ସମ୍ପର୍କରେ ନିରାକାରର 'ଦିବ୍ୟ ସ୍ୱରୂପ ଛାଡ଼ି' ସଙ୍ଗୀତ ପରେ ମୁଁ କିଛି ସମୟ ଆଲୋଚନା କଲି । ତା'ପରେ ସଞ୍ଜୟ ଅତି ଚମତ୍କାର ଭାବରେ ଦିବ୍ୟ ଉପସ୍ଥିତି ଉପରେ ଆଲୋଚନା କଲା ।

ମଧ୍ୟାହ୍ନ ଭୋଜନ ପରେ ସମସ୍ତେ ବିଶ୍ରାମ ନେଲୁ । ଅପରାହ୍ନ ୩ଟା ସମୟରେ ଆରମ୍ଭ ହେଲା ନିରାକାର ଭାଇଙ୍କ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ । କି ପ୍ରଶ୍ନ ଆଉ କି ଉତ୍ତର ! ବାସ୍ତବିକ ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ମର୍ମସ୍ପର୍ଶୀ ଏବଂ ଉତ୍ତରଗୁଡ଼ିକ ତତୋଽଧିକ ମର୍ମସ୍ପର୍ଶୀ । ସବୁଗୁଡ଼ିକ ପ୍ରଶ୍ନକୁ ରାମକୃଷ୍ଣ ନିଜେ ପୁରାତନ ଛାତ୍ରଛାତ୍ରୀମାନଙ୍କ ପାଖରୁ ଯଥେଷ୍ଟ ଆଗରୁ ସଂଗ୍ରହ କରି ନିରାକାରକୁ ଦେଇଥିଲା । ନିରାକାର ଯଥେଷ୍ଟ ପରିଶ୍ରମ କରି ସେଗୁଡ଼ିକର ଉତ୍ତର ସଂଗ୍ରହ କରିଥିଲା । ବହୁତ ଚମତ୍କାର ହେଲା । ପୂରା ଦେଢ଼ ଘଣ୍ଟାକାଳ ପ୍ରଶ୍ନୋତ୍ତର । ପ୍ରାୟତଃ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ବସି ଶୁଣୁଥା'ନ୍ତି । ତରୁଣମାନଙ୍କୁ ନେଇ ବର୍ତ୍ତମାନ ସଂସାରରେ କେତେ ପ୍ରକାରର ଜଟିଳ ସମସ୍ୟା ଘଟୁଥିବା ସମୟରେ ତଥାପି ଏପରି ତରୁଣମାନେ ଅଛନ୍ତି ଯେଉଁମାନେ ସମାଜକୁ, ଜଗତକୁ, ମନୁଷ୍ୟକୁ ସର୍ବୋପରି ଭବିଷ୍ୟତକୁ ଏକ ସାମଗ୍ରିକ ତଥା ଭିନ୍ନ ଦୃଷ୍ଟିଭଙ୍ଗୀରେ ଦେଖିବାକୁ ଉଦ୍ୟମ କରୁଛନ୍ତି – ଏହାର ଏକ ଦୃଢ଼ ପ୍ରତ୍ୟୟ ହେଲା । ବଉଳାବନ୍ଧ ନ ଯାଇଥିଲେ ବାସ୍ତବିକ ଏପରି ଏକ ବିରଳ ଅଭିଜ୍ଞତାରୁ ମୁଁ ବଞ୍ଚିତ ହୋଇଥା'ନ୍ତି । ସମ୍ପୂର୍ଣ୍ଣ ନୀରବ ତଥା ଶାନ୍ତ ବାତାବରଣ ମଧ୍ୟରେ ନିରାକାରର ପ୍ରତିଟି ବାକ୍ୟ ଯେପରି ଚେତନାର ପ୍ରତ୍ୟେକ ସ୍ତରକୁ ଭେଦ କରୁଥିଲା । ମୁଁ ଅଭିଭୂତ ହୋଇ ପଡୁଥିଲି ।

ଏହି ଆଲୋଚନାରେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଜାଣିଥିବା ବା ନ ଜାଣିଥିବା ଯେକୌଣସି ବ୍ୟକ୍ତି ନିଶ୍ଚୟ ପ୍ରଭାବିତ ହୋଇଥିବେ । ନିରାକାରର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଯେ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୁଏ ଏଥିରେ ସନ୍ଦେହ ନାହିଁ । ମାତ୍ର ସେଦିନ ଅପରାହ୍ନ ୩ଟା ସମୟରେ ସାଙ୍ଘାତିକ ଖରା – ତା' ସତ୍ତ୍ୱେ ମାନବର ସମସ୍ତ ଦିଗକୁ ସ୍ପର୍ଶ କରୁଥିବା ପ୍ରଶ୍ନଗୁଡ଼ିକର ସଂଗ୍ରହ ଓ ସବୁଗୁଡ଼ିକର ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନ ଆଧାରିତ କାଳଜୟୀ ଉତ୍ତର ସେ ପରିବେଶକୁ ସମ୍ପୂର୍ଣ୍ଣ ମନ୍ତ୍ରମୁଗ୍ଧ କରି ଦେଲା ।

ରାମକୃଷ୍ଣ ତା'ର ପ୍ରତ୍ୟେକଟି ଆୟୋଜନରେ ନିଶ୍ଚୟ ମା'ଙ୍କୁ ପ୍ରାର୍ଥନା କରି ଆରମ୍ଭ କରିଥିବ — ଏଥିରେ ମୋର ସନ୍ଦେହ ନଥିଲା । ମାତ୍ର ସେ ଦିନ ଆହୁରି ତୀବ୍ର ଭାବରେ ଅନୁଭବ ହେଲା ମା' ଖାଲି ଆଶୀର୍ବାଦ କରି ନାହାନ୍ତି କି କୃପା, କରୁଣା ବୃଷ୍ଟି କରି ନାହାନ୍ତି — ସେ ନିଜେ ସାକ୍ଷାତ୍‌ରେ ଥାଇ ସମସ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି । ମନେ ହେଲା ବାସ୍ତବିକ ତରୁଣମାନେହିଁ ମାତୃକାର୍ଯ୍ୟର ଅସଲ ଦାୟିତ୍ୱ ବହନ କରିଛନ୍ତି । ରାମକୃଷ୍ଣ ତଥା ତା'ର ବନ୍ଧୁମାନଙ୍କର ଚିର ତାରୁଣ୍ୟ ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା ଜଣାଇ କଟକ ବାହୁଡ଼ିଲୁ ।

(ଏବେ ବି ମନେପଡ଼େ, ଦ୍ୱିତୀୟ ଭାଗ,
ପୃଷ୍ଠା : ୧୫୨-୧୫୫)

❑❑❑

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ
## (ଡିସେମ୍ବର ୯, ୧୦, ୧୧ - ୨୦୨୩)

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଖଣ୍ଡଗିରିସ୍ଥିତ ମାତୃବିହାର ପରିସରରେ ତ୍ରିଂଶତ୍ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ; ମହାଯୋଗୀ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ୨୦୨୩ ଡିସେମ୍ବର ୯ ତାରିଖଠାରୁ ଆରମ୍ଭ କରି ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବ । ଓଡ଼ିଶାର ବିଶିଷ୍ଟ ବକ୍ତାବୃନ୍ଦ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ସମ୍ମିଳନୀ ୯ ତାରିଖ ଅପରାହ୍ଣ ୫ଟା ସମୟରେ ଉଦ୍‌ଘାଟିତ ହୋଇ ୧୧ ତାରିଖ ରାତ୍ରୀ ଘ୮.୩୦ ସୁଦ୍ଧା ଶେଷ ହେବ । ଏଥିରେ ଯୋଗଦେବା ନିମନ୍ତେ ପ୍ରତିନିଧି ଦେୟ ୫୦ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି । ଶ୍ରୀଅରବିନ୍ଦ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଆପଣଙ୍କର ନିକଟସ୍ଥ ପାଠଚକ୍ରର ସମସ୍ତ ମାତୃପ୍ରେମୀ ଭାଇଭଉଣୀଙ୍କୁ ଏଥିରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ କରୁଛୁ ।

ଆପଣମାନଙ୍କ ପାଠଚକ୍ରରୁ ଆସୁଥିବା ପ୍ରତିନିଧିମାନଙ୍କ ତାଲିକା ଯଥାଶୀଘ୍ର ଜଣାଇବାକୁ ଅନୁରୋଧ । ଏହି ସମ୍ମିଳନୀ ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛା କଲେ ନିମ୍ନରେ ପ୍ରଦତ୍ତ ଠିକଣା କିଂବା ମୋବାଇଲ ନମ୍ବର ସହ ଯୋଗାଯୋଗ କରିପାରନ୍ତି ।

ବିନୀତ
ଡ. ପ୍ରଫୁଲ୍ଲ କୁମାର ମିଶ୍ର
ସଭାପତି, ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ

**Sri Aurobindo Sanskruti Sansad**
Matruvihar, Khandagiri, Bhubaneswar, Odisha - 751 030
Mobile : 8763124022, 9238560707, 9473213155, Email : principalsaiie@gmail.com

# ଏକ ବାସ୍ତବ ପ୍ରଶ୍ନ : ଏକ ସଂକ୍ଷିପ୍ତ ଉତ୍ତର

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ଏକ ବାସ୍ତବ ପ୍ରଶ୍ନ : ଏକ ସଂକ୍ଷିପ୍ତ ଉତ୍ତର**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ଏ ସ୍ତମ୍ଭର ଜଣେ ତରୁଣ ପାଠକ ଜଣାଇଛନ୍ତି, ତାଙ୍କ ଜୀବନର ଗତିପଥକୁ ବହୁ ମାତ୍ରାରେ ପ୍ରଭାବିତ କରିଛି ଏ ସ୍ତମ୍ଭରେ ପରିବେଷିତ ବିଭିନ୍ନ ପରାମର୍ଶ । ଯେହେତୁ ସେସବୁ ତୁଚ୍ଛା ତାତ୍ତ୍ୱିକ ନୁହେଁ, ସେସବୁକୁ ବାସ୍ତବ ଜୀବନରେ ପ୍ରୟୋଗ କରାଯାଇପାରେ । ତେବେ ତାଙ୍କର ଗୋଟିଏ ଅନୁରୋଧ : ''ମୁଁ ନିମ୍ନ ମଧ୍ୟବିତ୍ତ ଘରର ପିଲା । ମୋ ପାଇଁ ଜୀବିକାର୍ଜନର ସୁବିଧା ସୁଯୋଗ ସୀମିତ । କୌଣସି ଏକ ପ୍ରତିଯୋଗିତାରେ ମୋତେ ସଫଳ ହେବାକୁ ପଡ଼ିବ । କେଉଁ ପ୍ରକାର ମନୋଭାବ ନେଇ ମୁଁ ନିଜକୁ ପ୍ରସ୍ତୁତ କରିବି ? ମୋତେ ଅତି ସଂକ୍ଷେପରେ ଏବଂ ସରଳ ଭାବରେ ମାତ୍ର ଗୋଟାଏ ପରାମର୍ଶ ଦିଅନ୍ତୁ ।''

ତାହାହିଁ ହେଉ ।

ମୋର ଜଣେ ବିଜ୍ଞ ଶିକ୍ଷକଙ୍କଠାରୁ ଶୁଣିଥିବା କଥାଟିଏ କହୁଛି । –

ପ୍ରାନ୍ତର ଉପରେ ବରଫ ପଡ଼ିଥାଏ । ସ୍ଥାନୀୟ ବିଦ୍ୟାଳୟର ଖେଳ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ତିନିଜଣ ବାଳକ ଗୋଟାଏ ଦୌଡ଼ ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତ ହେଲେ । ସେ ପ୍ରତିଯୋଗିତାର ବିଶେଷତ୍ୱ ହେଲା, ଯାହାର ପାଦଚିହ୍ନ ତୁଷାର ଉପରେ ସଳଖ ଓ ସଂହତିପୂର୍ଣ୍ଣ ଦେଖାଯିବ, ତାକୁହିଁ ମିଳିବ ସାଫଲ୍ୟର ପ୍ରତୀକ, ଯିଏ ଆଗ ପହଞ୍ଚିବ ତାକୁ ନୁହେଁ ।

ଶିକ୍ଷକ ଠିଆ ହୋଇ ରହିଲେ । ବିସ୍ତୀର୍ଣ୍ଣ ପ୍ରାନ୍ତର । ବେଶ୍ କିଛି ବ୍ୟବଧାନରେ ଠିଆ ହେଲେ ପ୍ରତିଯୋଗୀମାନେ । ଦୌଡ଼ ଶେଷ ହେଲା । ଦେଖାଗଲା, କେବଳ ଜଣେ ମାତ୍ର ବାଳକର ପାଦ ଚିହ୍ନ ସେ ପରୀକ୍ଷା ନିମନ୍ତେ ନିର୍ଦ୍ଦିଷ୍ଟ ମାପକାଠିରେ ସାଫଲ୍ୟ ଅର୍ଜନ କରିଛି । ସମୀକ୍ଷାରେ ଦେଖାଗଲା, ଜଣେ ବାଳକ ନିଜ ଦୌଡ଼ିବାର ଶୈଳୀ ଓ ପଦକ୍ଷେପ ଉପରେ ଦୃଷ୍ଟି ରଖିଥାଏ – ଠିକ୍ ସିଧାସଳଖ ପଡୁଛି କି ନାହିଁ । ଦ୍ୱିତୀୟ ବାଳକଟି ବାରଂବାର ଅନାଉ ଥାଏ ଅନ୍ୟ ପ୍ରତିଯୋଗୀ ଦୁଇଙ୍କ ପଦକ୍ଷେପ ରୀତି ଆଡ଼େ; କିନ୍ତୁ ସଫଳ ଛାତ୍ରଟିର ଦୃଷ୍ଟି ନିବଦ୍ଧ ଥାଏ କେବଳ ମାତ୍ର ପ୍ରାନ୍ତର ସୀମାରେ ଦଣ୍ଡାୟମାନ ଶିକ୍ଷକଙ୍କ ଉପରେ । ସେହି ଲକ୍ଷ୍ୟରେ ତାକୁ ପହଞ୍ଚିବାକୁ ହେବ । ଲକ୍ଷ୍ୟ ସ୍ଥିର ଥିବା ଯୋଗୁଁ ତା'ର ପଦକ୍ଷେପ ମଧ୍ୟ ସ୍ଥିର ଏବଂ ସଂହତିପୂର୍ଣ୍ଣ ଥିଲା । ସଂକ୍ଷେପରେ ଏବଂ ସରଳ ଭାବରେ ଏହାଠୁଁ ଅଧିକ ଆଉ କିଛି କହିବାର ନାହିଁ ।

('ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ'ରୁ ସଂଗୃହୀତ, ପୃ. ୫୧-୫୨) ❑

# ଛାତ୍ର ଓ ଶିକ୍ଷକ ହିସାବରେ ମୋର ଅଭିଜ୍ଞତା

## ମନୋଜ ଦାସଗୁପ୍ତ

[ଶ୍ରୀ ମନୋଜ ଦାସଗୁପ୍ତ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଜନୈକ ବିଶିଷ୍ଟ କୃତବିଦ୍ୟ ଛାତ୍ର ଓ ସ୍ୱନାମଧନ୍ୟ ଅଧ୍ୟାପକ । ଖେଳ କସରତ, ଆଥଲେଟିକ୍‌ସଠାରୁ ଆରମ୍ଭ କରି ଗଣିତଶାସ୍ତ୍ରର ଗଭୀର ତତ୍ତ୍ୱ, ବିଭିନ୍ନ ଭାଷା ଓ ସଙ୍ଗୀତ, ନାଟ୍ୟକଳା ଇତ୍ୟାଦିରେ ତାଙ୍କର ଖୁବ୍ ପାରଦର୍ଶିତା ରହିଛି । ୧୯୫୦ ସାଲରେ ସକଳ ବିଷୟରେ ଜଣେ କୃତୀଛାତ୍ର ରୂପେ ଶ୍ରୀମା'ଙ୍କ ହସ୍ତରୁ ଶିକ୍ଷାକେନ୍ଦ୍ରରୁ ପ୍ରଥମଥର ପାଇଁ ସେ ସ୍ୱର୍ଣ୍ଣପଦକ ଲାଭ କରିଥିଲେ ।

ଶ୍ରୀ ଦାସଗୁପ୍ତ ଶ୍ରୀମା'ଙ୍କ ବିଶେଷ ନିର୍ଦ୍ଦେଶାନୁସାରେ ଏହି ପ୍ରବନ୍ଧଟି ରଚନା କରି ଶ୍ରୀଅରବିନ୍ଦ ସୋସାଇଟିର ୧୯୬୩ ମସିହା ବାର୍ଷିକ ଅଧିବେଶନରେ ପାଠ କରି ଶ୍ରୋତୃବର୍ଗଙ୍କୁ ଚମତ୍କୃତ କରିଥିଲେ । ଏଥିରେ ଲେଖକ ତାଙ୍କର ଛାତ୍ର ଜୀବନର ଓ ତତ୍ପରବର୍ତ୍ତୀ ଅଧ୍ୟାପକ ଜୀବନର ଅନୁଭୂତି ବର୍ଣ୍ଣନା କରିଅଛନ୍ତି ।

ଅଧୁନା ସେ ଶ୍ରୀଅରବିନ୍ଦ ଆଶ୍ରମର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଭାବେ କାର୍ଯ୍ୟରତ ଅଛନ୍ତି । – ସମ୍ପାଦନା]

ସମ୍ମାନନୀୟ ଭଦ୍ର ମହିଳା ଓ ଭଦ୍ର ମହୋଦୟଗଣ,

ବର୍ତ୍ତମାନ ମୁଁ ଏକ ସ୍ୱୀକାରୋକ୍ତି ଓ ଏକ ପ୍ରାର୍ଥନା ସହ ଆରମ୍ଭ କରୁଛି । ମୁଁ ସ୍ୱୀକାର କରୁଛି ଯେ ମୁଁ ଖୁବ୍ ଭୟଭୀତ ହୋଇପଡ଼ିଛି; କାରଣ ଏପରି ଏକ ପ୍ରଖ୍ୟାତ ସମ୍ମିଳନୀରେ ଭାଷଣ ଦେବାକୁ ମୁଁ ନିଜକୁ ଅତ୍ୟନ୍ତ ଅନୁପଯୁକ୍ତ ମନେ କରୁଛି । କିନ୍ତୁ ପରିସ୍ଥିତିର ଏକ ଅଦ୍ଭୁତ ଚାପରେ ମୁଁ ବର୍ତ୍ତମାନ ଅବସ୍ଥାରେ ପଡ଼ିଛି । ''ଯଦି ତୁମର ପ୍ରଭୁ ତୁମ ପାଇଁ ଦୁଃଖ ଯନ୍ତ୍ରଣାହିଁ ରଖିଥାଆନ୍ତି, ତେବେ ପ୍ରତିବାଦ କର ନାହିଁ । ଏହାକୁ ଆଶୀର୍ବାଦ ରୂପେ ଗ୍ରହଣ କର ଏବଂ ବାସ୍ତବରେ ଏହା ତାହାହିଁ ହୋଇ ଉଠିବ ।'' – ମା'ଙ୍କର ଏହି ବାଣୀ ସ୍ମରଣ କରି ମୁଁ ଏଠାକୁ ଧାଇଁ ଆସିଛି ଯେଉଁଠାରେ କି ବଡ଼ ବଡ଼ ଲୋକଙ୍କର ସାହସ କୁଳାଏ ନାହିଁ । ସାଧାରଣ ସଭାରେ ଭାଷଣ ଦେବା ଏହାହିଁ ମୋର ପ୍ରଥମ, ତେଣୁ ମୁଁ ସମସ୍ତଙ୍କୁ ପ୍ରାର୍ଥନା କରୁଛି : ଧୈର୍ଯ୍ୟର ସହିତ ମୁଁ ଯାହା କହୁଛି ଶୁଣନ୍ତୁ, ଯଦି ସମ୍ଭବ ହୁଏ ସ୍ନେହ ଓ ଶ୍ରଦ୍ଧାର ସହିତ । ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଛି ବହୁତ ସମୟ ନେବି ନାହିଁ ।

ଶିକ୍ଷାକେନ୍ଦ୍ର ତରଫରୁ କିଛି କହିବାକୁ ମୁଁ ଅନୁରୁଦ୍ଧ ହୋଇଛି । ଶିକ୍ଷାକେନ୍ଦ୍ର ସହିତ ମୋର ବ୍ୟକ୍ତିଗତ ସମ୍ବନ୍ଧ – ଏଠାରେ ମୋର ଶିକ୍ଷାଲାଭ ଓ କିପରି ମୁଁ ଏଠାରେ ଅଧ୍ୟାପକ ହେଲି, ଏହିସବୁ ବିଷୟରେ ମୁଁ ଏଠାରେ ଦୃଢ଼ତା ଓ ସୁବିଚାର ସହିତ କହିପାରିବି । କିନ୍ତୁ ତଦ୍ୱାରା ପ୍ରଥମ ପୁରୁଷ ଏକ ବଚନ ବାରମ୍ବାର ବ୍ୟବହାର କରିବାକୁ ହେବ । ଏଣୁ ମୋର ଅନୁରୋଧ ଦୟାପୂର୍ବକ ସ୍ମରଣ ରଖିବେ ଯେ ଏହାଦ୍ୱାରା ଆପଣମାନେ କେବଳ ମୋ ପରି ଜଣେ ବ୍ୟକ୍ତିକୁ ବୁଝିବେ ନାହିଁ, ବରଂ ଏହି ଅନୁଷ୍ଠାନର ଯେକୌଣସି ବ୍ୟକ୍ତିକୁ ଏହିପରି ବୁଝି ପାରିବେ ।

ଯେଉଁ କେତେକ ଭାଗ୍ୟବାନ୍ ଛାତ୍ର ଏହି ଅନୁଷ୍ଠାନ ସହିତ ପ୍ରଥମରୁ ସଂପୃକ୍ତ ମୁଁ ସେମାନଙ୍କ ମଧ୍ୟରୁ ଜଣେ । ଯଦି ମୋତେ ପଚରାଯାଏ ମୋ ଛାତ୍ର-ଜୀବନର ବୈଶିଷ୍ଟ୍ୟ କ'ଣ, ତେବେ ମୋର ଉତ୍ତର ହେବ : ''ସଂପୂର୍ଣ୍ଣ ସ୍ୱାଧୀନତା'' । ଏହି ସ୍ୱାଧୀନ ବାତାବରଣ ଯେ କେବଳ ଶିକ୍ଷାକେନ୍ଦ୍ର ସମ୍ବନ୍ଧରେ ପ୍ରଯୁଜ୍ୟ ତାହା ନୁହେଁ, ବରଂ ଆଶ୍ରମର ସମଗ୍ର ଜୀବନ ପ୍ରତି ଏହା ପ୍ରଯୁଜ୍ୟ । କହିବା ବାହୁଲ୍ୟ ଯେ ଏହି ଅନନ୍ୟସାଧାରଣ ସ୍ୱାଧୀନତାର ଅସଦ୍-ବ୍ୟବହାର ଆମ୍ଭେମାନେ ଅନେକ ପରିମାଣରେ କରିଛୁ ଓ କରୁଛୁ ମଧ୍ୟ । ଏ ସମ୍ବନ୍ଧରେ ଅନେକ ଉତ୍କଟ ଶୃଙ୍ଖଳାପ୍ରିୟ ବ୍ୟକ୍ତି (Purist) ବିପଦସୂଚକ ଚକ୍ଷୁରେ ଜିଜ୍ଞାସା କରନ୍ତି, ''କାହିଁକି ଏହି ସ୍ୱାଧୀନତା ?'' ବାସ୍ତବିକ କାହିଁକି ଏହି ସ୍ୱାଧୀନତା ? ଆଚ୍ଛା, ଦିନେ ମା' ବୁଧବାର ଦିନ କ୍ଲାସରେ ଯାହା ଆମ୍ଭମାନଙ୍କୁ କହିଥିଲେ ତାହା କହୁଛି :

''... ତୁମ୍ଭମାନଙ୍କୁ ଅକଳ୍ପନୀୟ ସ୍ୱାଧୀନତା ଦିଆ-ହୋଇଛି, ପୃଥିବୀରେ ଅନ୍ୟ କୌଣସି ଅନୁଷ୍ଠାନ ଅଛି କି ଯେଉଁଠି ପିଲାମାନେ ଏତେ ସ୍ୱାଧୀନ – ଏହା ମୁଁ ବିଶ୍ୱାସ କରେ ନାହିଁ । ବାସ୍ତବରେ ଏତେ ପରିମାଣରେ ସ୍ୱାଧୀନତାର ସଦ୍‌ବ୍ୟବହାର କରିବା ଅତ୍ୟନ୍ତ କଷ୍ଟକର ।

''ତଥାପି ଏହା ପରୀକ୍ଷାଯୋଗ୍ୟ । ତୁମେ ଏହାକୁ ଗ୍ରହଣ କରିପାରୁ ନାହଁ, କାରଣ ବସ୍ତୁ ସକଳ ସେମାନଙ୍କ ଯଥାର୍ଥ ସ୍ୱରୂପରେ କ'ଣ ତାହା ତୁମେ ଜାଣ ନାହିଁ । ତୁମ୍ଭମାନଙ୍କୁ ଏଠାରେ

ସବୁକିଛି ସ୍ୱାଭାବିକ ବୋଧ ହେଉଅଛି । କିନ୍ତୁ ନିଜ ସ୍ୱାଧୀନତାର ସୁଶୃଙ୍ଖଳ ବ୍ୟବସ୍ଥା କରିବା ବହୁତ କଠିନ । ଆଉ ଥରେ ଯଦି ତୁମ୍ଭେ ନିଜକୁ ଶୃଙ୍ଖଳାବଦ୍ଧ କରିବାରେ କୃତକାର୍ଯ୍ୟ ହୁଅ – ଏବଂ ତାହା ହେବା ଉଚିତ ଉଚ୍ଚତର ଲକ୍ଷ୍ୟ ନିମିତ୍ତ; ପରୀକ୍ଷାରେ ପାଶ୍ କରିବା, ଚାକିରି ପାଇବା, ଶିକ୍ଷକଙ୍କୁ ସନ୍ତୁଷ୍ଟ କରିବା, ଅନେକ ପୁରସ୍କାର ପାଇବା ବା ଏହିପରି ଅନ୍ୟାନ୍ୟ ସାଧାରଣ ଉଦ୍ଦେଶ୍ୟ ନିମିତ୍ତ ନୁହେଁ ଯାହା ସାଧାରଣତଃ ପିଲାମାନଙ୍କର ଥାଏ; ଗାଳି ନ ଖାଇବା, ଦଣ୍ଡ ନ ପାଇବା – ଭୟ ସକାଶେ ବି ନୁହେଁ; ଏବଂ ଏସବୁ ସତ୍ତ୍ୱେ ଯଦି ତୁମେ ନିଜକୁ ନିୟମାନୁବର୍ତ୍ତୀ କରିବାରେ କୃତକାର୍ଯ୍ୟ ହୁଅ (ନିଜେ ନିଜର ଶୃଙ୍ଖଳା ବାହାର କରିବା ଦରକାର, ଅନ୍ୟର ଶୃଙ୍ଖଳାକୁ ଅନୁସରଣ କରିବାର ଆବଶ୍ୟକତା ନାହିଁ), କାରଣ ତୁମେ ଉନ୍ନତି କରିବାକୁ ଚାହଁ, ତୁମ ମଧ୍ୟରେ ଯାହା ସର୍ବଶ୍ରେଷ୍ଠ ତାହାର ପ୍ରକାଶ ତୁମେ ଚାହଁ, ତେବେହିଁ ତୁମ୍ଭେ ସ୍କୁଲର ସାଧାରଣ ଶୃଙ୍ଖଳା ପାଳନ କରୁଥିବା ଛାତ୍ରଙ୍କଠାରୁ ମହତ୍ତର ବ୍ୟକ୍ତି ହୋଇ ପାରିବ । ତାହାହିଁ ମୁଁ ପରୀକ୍ଷା କରିବାକୁ ଚାହୁଁଛି । ମନେରଖ, ମୁଁ କହୁ ନାହିଁ ଯେ ମୁଁ ଅକୃତକାର୍ଯ୍ୟ ହୋଇଛି; ତଥାପି ମୋର ଉଜ୍ଜ୍ୱଳ ଆଶା ରହିଛି ଦିନେ ତୁମେମାନେ ଜାଣିବ ଏହି ଅନନ୍ୟସାଧାରଣ ସୁଯୋଗରୁ କିପରି ଲାଭବାନ୍ ହେବାକୁ ହୁଏ । କିନ୍ତୁ ତୁମକୁ ଗୋଟାଏ ଜିନିଷ ଖୋଜି ବାହାର କରିବାକୁ ହେବ : ଗୋଟାଏ ଆନ୍ତର ଶୃଙ୍ଖଳାର ଆବଶ୍ୟକତା; ଶୃଙ୍ଖଳା ବ୍ୟତୀତ ତୁମେ ଏକ ପାଦ ମାତ୍ର ଅଗ୍ରସର ହୋଇ ପାରିବ ନାହିଁ; ଏପରିକି ମନୁଷ୍ୟଭାବେ ଅତି ସାଧାରଣ ଜୀବନ ମଧ୍ୟ ଯାପନ କରି ପାରିବ ନାହିଁ । କିନ୍ତୁ ସାଧାରଣ ସମାଜ, ସାଧାରଣ ଅନୁଷ୍ଠାନରେ ପ୍ରଚଳିତ ଶୃଙ୍ଖଳା ପରିବର୍ତ୍ତେ ମୁଁ ଚାହୁଁଥିଲି ଏବଂ ବର୍ତ୍ତମାନ ମଧ୍ୟ ଚାହୁଁଛି ତୁମେମାନେ ନିଜେ ନିଜର ଶୃଙ୍ଖଳା ବାଛିନିଅ । ଆଉ ତାହାର ଉଦ୍ଦେଶ୍ୟ ହେଉ ପୂର୍ଣ୍ଣତା ପ୍ରାପ୍ତି – ତୁମ ନିଜର ପୂର୍ଣ୍ଣତା, ତୁମ ସତ୍ତାର ପୂର୍ଣ୍ଣତା ... ।''

ପୁନଶ୍ଚ ସେହି ଦିନହିଁ ମା' କହିଥିଲେ, ''ଏହାର ଅର୍ଥ ନୁହେଁ ଯେ ସାମାଜିକ ବା ଅନ୍ୟ କୌଣସି ପ୍ରକାର ପ୍ରଚଳିତ ସାଧାରଣ ଶୃଙ୍ଖଳାକୁ ମୁଁ ଅତ୍ୟନ୍ତ ଘୃଣା କରେ ଏବଂ ସମସ୍ତ ପ୍ରକାର ଶୃଙ୍ଖଳାରୁ ନିଜକୁ ଦୂରରେ ରଖିବାକୁ ହେବ । ବରଂ ମୁଁ ଚାହେଁ ଯେ ପ୍ରତ୍ୟେକଙ୍କୁ ନିଜର ଆନ୍ତର ଆସ୍ପୃହାର ଐକାନ୍ତିକତା ଓ ନିଜକୁ ଉପଲବ୍ଧି କରିବାର ଇଚ୍ଛା ସାହାଯ୍ୟରେ ନିଜର ଶୃଙ୍ଖଳା ଖୋଜି ବାହାର କରିବାକୁ ହେବ ।'' ଏହି ବାକ୍ୟ ପ୍ରତି ଲକ୍ଷ୍ୟ ରଖ : ବରଂ ମୁଁ ଚାହେଁ ... ... ।

ମୁଁ ଏକନିଷ୍ଠ ଭାବରେ ବିଶ୍ୱାସ କରେ ଯେ ଆମ ଶିକ୍ଷାକେନ୍ଦ୍ର ସମ୍ବନ୍ଧରେ ଯାହା ଅନନ୍ୟସାଧାରଣ ତାହା ତାହାର ଶିକ୍ଷାଗତ ସଂଗଠନ ନୁହେଁ, ବରଂ ତାହାର ବୈଶିଷ୍ଟ୍ୟ ହେଲା ଦିବ୍ୟ ଜନନୀଙ୍କର ସାନ୍ନିଧ, ଜୀବନ୍ତ ବାତାବରଣ; ଯାହା ଏଠାରେ ଥିବା ଛାତ୍ରକୁ ଦିନେ ନା ଦିନେ କୌଣସି ବାହ୍ୟିକ ବାଧବାଧକତା ବ୍ୟତୀତ, ଏକ ଆନ୍ତର ଶୃଙ୍ଖଳା, ଏକ ଆନ୍ତର ପୂର୍ଣ୍ଣତା ପାଇଁ ଜାଗ୍ରତ୍ କରାଏ ।

ପ୍ରଥମରୁହିଁ ଆମ୍ଭେମାନେ ସଚେତନ ଥିଲୁ ଯେ ଏଠାରେ କେବଳ ଅଧ୍ୟୟନର ସଫଳତାକୁ ଲକ୍ଷ୍ୟ ବୋଲି ଧରାଯାଇ ନାହିଁ । ଶିକ୍ଷକମାନଙ୍କୁ ଗୋଟିଏ ବାଣୀରେ ମା' ଥରେ କହିଛନ୍ତି :

''ଆମ୍ଭେମାନେ ଏଠାରେ ବହୁସଂଖ୍ୟକ ଛାତ୍ର ଚାହୁଁ ନାହୁଁ ବରଂ କେତେକ ନିର୍ବାଚିତ ଛାତ୍ରଙ୍କୁ ଚାହୁଁ; ଆମ୍ଭେମାନେ ଚାହୁଁ ନାହୁଁ ଖୁବ୍ ବୁଦ୍ଧିମାନ୍ ଛାତ୍ର, କିନ୍ତୁ ଜାଗ୍ରତ୍ ଆତ୍ମା ।''

ଏ କଥାର ଅର୍ଥ ଯେପରି କେହି ଭୁଲ୍ ନ ବୁଝନ୍ତି ଯେ ମା' ବିଦ୍ୟାଚର୍ଚ୍ଚାକୁ ବିଶେଷ ମୂଲ୍ୟ ଦିଅନ୍ତି ନାହଁ । ବାସ୍ତବରେ ଗୋଟିଏ କ୍ଲାସରେ ସେ ଥରେ ଆମ୍ଭମାନଙ୍କୁ କହିଥିଲେ :

''ଏ ପ୍ରକାର କୌଣସି ଭ୍ରାନ୍ତ ଧାରଣା ରଖ ନାହିଁ ଯେ ଯଦି ତୁମେ ପଠନ ନିମିତ୍ତ ସମସ୍ତ ପ୍ରକାର ଚେଷ୍ଟାରୁ ନିବୃତ୍ତ ହୁଅ, ଅତିମାନସର କ୍ରିୟା ଫଳରେ ତୁମ୍ଭେ ଉଚ୍ଚ ପ୍ରତିଭାସମ୍ପନ୍ନ ବ୍ୟକ୍ତି ହୋଇପାରିବ ବା ଅତିମାନସ ପ୍ରତିଭାର ଅଧିକାରୀ ହୋଇପାରିବ । କାରଣ, ଏପରିକି ତୁମ୍ଭେ ଯଦି ନିଜର ଆନ୍ତର ଆସ୍ପୃହା ବା ଭଗବତ୍ କୃପା ସାହାଯ୍ୟରେ ଉଚ୍ଚତର ଜ୍ୟୋତିଃର ସଂସ୍ପର୍ଶରେ ଆସ, ତଥାପି ତୁମ ମସ୍ତିଷ୍କରେ ଏପରି କିଛି ନ ଥିବ ଯାହା ତାହାକୁ ପ୍ରକାଶ କରିବାରେ ତୁମକୁ ସାହାଯ୍ୟ କରିବ । ସୁତରାଂ ତାହା ସମ୍ପୂର୍ଣ୍ଣ ଏକ ଅସ୍ପଷ୍ଟ ଅବସ୍ଥାରେ ରହିବ ଏବଂ ତୁମ୍ଭର ବାହ୍ୟ ଜୀବନରେ କୌଣସି ପରିବର୍ତ୍ତନ ଆଣିବ ନାହିଁ । କିନ୍ତୁ ସେହିପରି ରହିବାକୁ ତୁମକୁ ଯଦି ଖୁସି ଲାଗେ, ତେବେ ଅନ୍ୟ କାହାରି କୌଣସି ଅଧିକାର ନାହିଁ ତୁମକୁ ଅନ୍ୟ କିଛି ହେବାକୁ ବାଧ କରିବା ପାଇଁ । ତୁମକୁ ସେପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ଯେପର୍ଯ୍ୟନ୍ତ ତୁମର ଚେତନାର ଉନ୍ନତି ନ ହୋଇଛି ଯାହାଦ୍ୱାରା ତୁମେ ଭଲ ମନ୍ଦ ବାଛିପାରିବ ।''

''ସାବିତ୍ରୀ''ରେ ଉଲ୍ଲେଖ ଅଛି :

"But how shall come the glory and the flame
If mind is cast away into the abyss ?"

(Savitri, p. 491)

ଅର୍ଥାତ୍, ''ଯଦି ମନକୁ ବର୍ଜନ କରାଯାଏ, ତେବେ ସେହି ଐଶ୍ୱର୍ଯ୍ୟ ଓ ଦୀପ୍ତି ଦେଖାଦେବ କିପରି ?''

ମନେ ପଡୁଛି, କିଛିଦିନ ପୂର୍ବେ ମୋର ସହପାଠୀ ଓ ଅନ୍ତରଙ୍ଗ ବନ୍ଧୁମାନଙ୍କ ସହିତ ମୋର ଖୁବ୍ ଗରମାଗରମ ଆଲୋଚନାର କଥା । ଆଲୋଚନାର ସାରାଂଶ ହେଲା ଅଧ୍ୟୟନର ନିରର୍ଥକତା : ମୋର ବନ୍ଧୁମାନଙ୍କ ମଧ୍ୟରୁ ଜଣେ କହିଲେ, ''ଦେଖ, ମୋର ପିତା ମାଟ୍ରିକ୍ୟୁଲେସନ୍ ପର୍ଯ୍ୟନ୍ତ ମଧ୍ୟ ପଢ଼ି ନାହାନ୍ତି; ତଥାପି ସେ କେତେ ଚମତ୍କାର ଇଂରାଜୀ କହନ୍ତି, ଏବଂ ସେ ଜଣେ ଖୁବ୍ ଦକ୍ଷ ବ୍ୟବସାୟୀ !'' ଅନ୍ୟ ଜଣେ ଶ୍ରୀରାମକୃଷ୍ଣଙ୍କ ଉଦାହରଣ ଦେଲେ, ଇତ୍ୟାଦି, ଇତ୍ୟାଦି । ତା'ପର ଦିନ ସକାଳେ ମୁଁ ସବୁକଥା ମା'ଙ୍କୁ କହିଲି । ଶେଷରେ ମା' ମୋତେ ବୁଝାଇ ଦେଲେ ଶ୍ରୀଅରବିନ୍ଦ କିପରି ସୁପଣ୍ଡିତ ଥିଲେ ଏବଂ କିପରି ସେ ନିଜେ ଛୁଟି ଦିନମାନଙ୍କରେ ସ୍କୁଲ ପାଠ୍ୟ ବ୍ୟତୀତ ଅନ୍ୟ ବିଷୟ ପଢୁଥିଲେ, କିପରି ସେ ଉଚ୍ଚତର ଶ୍ରେଣୀରେ ପଢୁଥିବା ତାଙ୍କ ଭାଇଙ୍କ ପାଠ୍ୟ ବିଷୟ ମଧ୍ୟ ପଢୁଥିଲେ । ଯେତେବେଳେ ମୁଁ ପଚାରିଲି, ''କିନ୍ତୁ ମା', ଆପଣ ତ' ମୋର ବନ୍ଧୁ 'କ'ଙ୍କୁ ପଢ଼ା ଛାଡ଼ିବାକୁ ଅନୁମତି ଦେଲେ !'', ସେ ସ୍ମିତହାସ୍ୟ ସହିତ କହିଲେ, ''ଲୋକମାନେ ମୋ ପାଖକୁ ଆସି ମୋତେ କହନ୍ତି, 'ମୁଁ ଏହା କରିବାକୁ ଚାହେଁ'– ମୁଁ କହେ, 'ଠିକ୍ ଅଛି, ତାହାହିଁ କର ।' କିନ୍ତୁ ସେମାନେ ଯଦି ମୋର ମତାମତ ଚାହିଁବେ ତେବେ ତାହା ଅନ୍ୟ କଥା ।''

ଏ ସମ୍ବନ୍ଧରେ ମୋର ଅନ୍ୟ ଗୋଟିଏ କଥା ମନେ ପଡୁଛି । ସହରରେ ଏକ ବିଖ୍ୟାତ ସିନେମା ଚାଲିଥିଲା । ସଂକ୍ଷେପରେ କହିଲେ ହିନ୍ଦୀ ସିନେମା ''ଆୱାରା'' । ମୋର କେତେକ ବନ୍ଧୁ ଏହି ସିନେମାଟି ଦେଖି ମୋତେ କହିଲେ ଯେ ଏପରି ଗୋଟିଏ ସିନେମା ନ ଦେଖିବା ମୋ ପକ୍ଷରେ ବୋକାମିର ପରିଚାୟକ ହେବ । ତେଣୁ ମୁଁ ମା'ଙ୍କୁ ପଚାରିଲି ଓ ତାଙ୍କର ଅନୁମତି ଚାହିଁଲି । ମା' କହିଲେ ଯେ ମୁଁ ଯାଇପାରେ । କିନ୍ତୁ ତା'ପରେ ମୁଁ କହିଲି, ''ମା', ଯଦି ଆପଣଙ୍କର ତିଳେ ମାତ୍ର ଆପତ୍ତି ଥାଏ, ତେବେ ମୁଁ ଯିବି ନାହିଁ ।'' ତା'ପରେ ମା' ମୋତେ ବୁଝାଇ ଦେଲେ କାହିଁକି ସେ ଆମମାନଙ୍କର ବାହାର ସିନେମା ହଲ୍‌କୁ ଯିବା ପସନ୍ଦ କରନ୍ତି ନାହିଁ ଏବଂ କିପରି ତଦ୍ୱାରା ଏପରି ଶକ୍ତି (force)ର ବିନିମୟ ହୁଏ ଯାହାକି ଆଶ୍ରମ ଜୀବନ ପକ୍ଷରେ କ୍ଷତିକାରକ । ସୁତରାଂ ମୁଁ ଗଲି ନାହିଁ ଏବଂ ତଦ୍ୱାରା ମୁଁ ସୁଖୀ ହୋଇଥିଲି ।

ବାସ୍ତବରେ ମା'ଙ୍କ ସମ୍ବନ୍ଧରେ ଏହାହିଁ ଆମ ସମସ୍ତଙ୍କର ଅଭିଜ୍ଞତା । ସେ ନିଜ ଇଚ୍ଛା କେବେହେଲେ ଅନ୍ୟ ଉପରେ ଲଦି ଦିଅନ୍ତି ନାହିଁ, କାହାକୁ କୌଣସି କାର୍ଯ୍ୟ କରିବାକୁ କଦାପି ବାଧ୍ୟ କରନ୍ତି ନାହିଁ । ସେ ପଥ ଦେଖାଇ ଦିଅନ୍ତି । ବ୍ୟକ୍ତି ତାହାକୁ ଅନୁସରଣ କରିବ କି ନାହିଁ ତାହା ପୂର୍ଣ୍ଣରୂପେ ନିର୍ଭର କରେ ବ୍ୟକ୍ତି ଉପରେ ।

ମୁଁ କିପରି ଅଧ୍ୟାପକ ହେଲି ବର୍ତ୍ତମାନ ସେ ସମ୍ବନ୍ଧରେ କହି ଶେଷ କରିବି ।

୧୯୫୪ ମସିହା ମାର୍ଚ୍ଚ ୧୬ ତାରିଖ । ସକାଳେ ମା'ଙ୍କୁ ପ୍ରଣାମ କରିବାକୁ ମୁଁ ଯାଉଥିଲି । ହଠାତ୍ ଆଶ୍ରମ ପ୍ରାଙ୍ଗଣରେ ସମାଧି ଉପରେ ସେବା ବୃକ୍ଷରୁ ଗୋଟିଏ ପୁଷ୍ପ ମୋ ସମ୍ମୁଖରେ ଝଡ଼ି ପଡ଼ିଲା । ମୁଁ ସ୍ୱତଃସ୍ଫୂର୍ତ୍ତ ଭାବେ ଫୁଲଟି ଉଠାଇ ଆଣିଲି ଏବଂ ସ୍ଥିର କଲି ଯେ ଏହାହିଁ ମା'ଙ୍କୁ ଆଜି ଅର୍ପଣ କରିବି । ମୁଁ ଅନ୍ୟ କୌଣସି ପୁଷ୍ପ ନେଲି ନାହିଁ । ମୁଁ ଯେତେବେଳେ ମା'ଙ୍କୁ 'ସର୍ଭିସ୍' ଫୁଲଟି ଅର୍ପଣ କଲି, ସେ ମୋତେ ଚାହିଁ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ହସିଲେ । ପରେ ସନ୍ଧ୍ୟାବେଳେ ସେ ମୋତେ କହିଲେ, ''ଆଜି ସକାଳେ ତୁ ମୋତେ 'ସର୍ଭିସ୍' ଫୁଲଟିଏ ଅର୍ପଣ କରିଥିଲୁ, ତେବେ କିଛି ସେବା (ସର୍ଭିସ୍) କର – କିଛି ଦାୟିତ୍ୱ ନେ ।'' ମୁଁ ଖୁବ୍ ଆନନ୍ଦିତ ହୋଇଗଲି ଏବଂ କହିଲି ଯେ ଗଣିତ ଶିକ୍ଷକ ହେବା ପାଇଁ ମୁଁ ସବୁବେଳେ ଇଚ୍ଛା କରିଛି । ମା' କହିଲେ, ''ଆଃ, ମୋର ଅନୁମାନ (intuition) ତେବେ ଠିକ୍ ।'' ସେ ତତ୍‌କ୍ଷଣାତ୍ ପବିତ୍ର (Director of Sri Aurobindo International Centre of Education)ଙ୍କୁ ଡାକି ମୋ ପାଇଁ ଗୋଟିଏ ଗଣିତ କ୍ଲାସର ବ୍ୟବସ୍ଥା କରିଦେବାକୁ କହିଲେ । ବିଚାରା ପବିତ୍ର ଖୁବ୍ ହଇରାଣରେ ପଡ଼ିଲେ । କାରଣ ସେତେବେଳକୁ ଶିକ୍ଷାବର୍ଷ ଆରମ୍ଭ ହୋଇ ଯାଇଥିଲା, କ୍ଲାସ ଓ ଶିକ୍ଷକ ନିର୍ଦ୍ଦିଷ୍ଟ ହୋଇ ସାରିଥିଲେ – ଏବଂ ସବୁଠାରୁ ମୁସ୍କିଲ ହେଲା ଯେ ମୁଁ ଥିଲି ସେତେବେଳେ ପୂରାପୂରି ଛାତ୍ର । କେତେ ଘଣ୍ଟା ଉପଯୁକ୍ତ ଓ ଅଲଗା ସମୟ ଠିକ୍ କରିବାକୁ ପବିତ୍ରଙ୍କୁ ପ୍ରାୟ ସପ୍ତାହେ ସମୟ ଲାଗିଗଲା । ଠିକ୍ କରାହେଲା ଯେ ଚତୁର୍ଥ ଶ୍ରେଣୀର ପିଲାମାନଙ୍କ ପାଇଁ ମୁଁ ଅଧିକା ଗଣିତ କ୍ଲାସ ନେବି । ମାର୍ଚ୍ଚ ୨୩ ତାରିଖ ଦିନ ମୋର ପ୍ରଥମ କ୍ଲାସ ଥିଲା । ଏହି ତାରିଖଟି ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ହେଉଛି ମୋ ମା'ଙ୍କର ଜନ୍ମଦିନ ଯେ କି ପାଞ୍ଚମାସ ପୂର୍ବରୁ ଦେହତ୍ୟାଗ କରିଥିଲେ । ନିର୍ଦ୍ଧାରିତ କୌଣସି ପାଠ୍ୟପୁସ୍ତକକୁ ଅନୁସରଣ

ନକରି ପିଲାମାନଙ୍କୁ ବୁଦ୍ଧିପରୀକ୍ଷାମୂଳକ ଅଙ୍କ କରାଇବାକୁ ମା' ମୋତେ ଉପଦେଶ ଦେଲେ, ଯେଉଁ ପ୍ରକାରର ଅଙ୍କ ମା' ନିଜେ କିଛିବର୍ଷ ପୂର୍ବେ ମୋତେ ଶିଖାଇ ଥିଲେ ।

କୌଣସି ନିର୍ଦ୍ଧାରିତ ପାଠ୍ୟ ପୁସ୍ତକକୁ ଅନୁସରଣ ନ କରିବାକୁ ମା' ଅନେକ ଥର ଶିକ୍ଷକମାନଙ୍କୁ କହିଛନ୍ତି । ଥରେ ଯେତେବେଳେ ମୁଁ ମା'ଙ୍କୁ ଆସନ୍ତା ବର୍ଷର କ୍ଲାସ ଏବଂ ମୋର କିଶୋର ଛାତ୍ରମାନଙ୍କର ତାଲିକା ଦେଖାଇଲି, ମା' କହିଲେ, ''ଦେଖ, ମୁଁ ଚାହେଁ କିପରି ଭାବିବାକୁ ହୁଏ ତାହା ତୁ ସେମାନଙ୍କୁ ଶିକ୍ଷା ଦେବୁ । ଚିନ୍ତା କରିବାକୁ ସେମାନେ ଶିଖିବା ଉଚିତ ।'' ସେ ମଧ୍ୟ ମୋତେ କହିଲେ କିପରି ଶ୍ରୀଅରବିନ୍ଦ କୌଣସି ପାଠ୍ୟ ପୁସ୍ତକର ବିନା ସାହାଯ୍ୟରେ ପଢ଼ାଉ ଥିଲେ ।

ଯଦି ମୋତେ ପଚରାଯାଏ ଶିକ୍ଷକ ହିସାବରେ ମୋର ଅଭିଜ୍ଞତା କ'ଣ, ତେବେ ମୁଁ କହିବି : ''ନିଜକୁ ଭଲ ଭାବରେ ଜାଣିବା ପାଇଁ ଏହା ଏକ ସୁଯୋଗ ।'' ଏଥିରେ କେବଳ ଯେ ମୋର ଜ୍ଞାନର ଅପରିପକ୍ୱତା ସ୍ପଷ୍ଟ ଭାବେ ଜଣାପଡ଼େ ତାହା ନୁହେଁ, ମୋର ସ୍ୱଭାବର ସମସ୍ତ ଦୁର୍ବଳତା ଆପେ ଆପେ ଧରା ପଡ଼ିଯାଏ । ଅନ୍ୟମାନଙ୍କୁ ଶୃଙ୍ଖଳିତ କରିବା ପୂର୍ବରୁ ଏକ ଆନ୍ତର ଶୃଙ୍ଖଳାର ଆବଶ୍ୟକତା ଉପଲବ୍ଧି କରାଯାଏ । ବିଶ୍ୱାସ କର, ଶିକ୍ଷାଦେବା କେବେହେଲେ ସହଜ ନୁହେଁ । ଥରେ ଶ୍ରୀମା ଆମ୍ଭମାନଙ୍କୁ କହିଥିଲେ :

''ଯେଉଁ ଶିକ୍ଷକମାନେ ଏକ ପୂର୍ଣ୍ଣ ଅଚଞ୍ଚଳତା, ଏକ ଅବ୍ୟର୍ଥ ସହନଶୀଳତା, ଗୋଟାଏ ଅଟଳ ସ୍ଥିରତାର ଅଧିକାରୀ ନୁହନ୍ତି, ଯେଉଁମାନେ ନିଜ ଅହଂକାରରେ ଭରପୂର ସେମାନଙ୍କ ପାଇଁ କେଉଁଠି ହେଲେ ସ୍ଥାନ ନାହିଁ ।

''ଜଣେ ଉତ୍ତମ ଶିକ୍ଷକ ହେବାକୁ ହେଲେ ସାଧୁ ଓ ବୀର ହେବା ଆବଶ୍ୟକ ।

''ଜଣେ ଉତ୍ତମ ଶିକ୍ଷକ ହେବାକୁ ହେଲେ ଯୋଗୀ ହେବା ଆବଶ୍ୟକ ।

''ତୁମେ ଯଦି ଚାହଁ ଯେ ତୁମର ଛାତ୍ରମାନେ ଯଥାର୍ଥ ଭାବ ପୋଷଣ କରନ୍ତୁ, ତେବେ ତୁମ୍ଭଙ୍କୁ ଯଥାର୍ଥ ଭାବ ପୋଷଣ କରିବାକୁ ହେବ ।

''ତୁମ୍ଭେ ନିଜେ ଯାହା କର ନାହିଁ ଅନ୍ୟକୁ ତାହା କରିବାକୁ କହିପାରିବ ନାହିଁ । ଏହାହିଁ ନିୟମ ।

''ତୁମେ ବର୍ତ୍ତମାନ କ'ଣ ଅଛ ଏବଂ ତୁମକୁ କ'ଣ ହେବାକୁ ହେବ — ଏହା ମଧ୍ୟରେ ଥିବା ପାର୍ଥକ୍ୟ ପ୍ରତି ତୁମକୁ ନିଜ ଅନ୍ତରରେ ଦୃଷ୍ଟି ଦେବାକୁ ହେବ । ଏହି ପାର୍ଥକ୍ୟହିଁ କ୍ଲାସରେ ତୁମର ସଫଳତାର ମାପକାଠି ।

''ଏତିକି ମାତ୍ର ମୁଁ ତୁମମାନଙ୍କୁ କହିପାରେ ।''

ପୁନଶ୍ଚ, ଯେତେବେଳେ ସୁଯୋଗ ମିଳିଛି ଆଉ ଦି'ପଦ କହେ : ଏଠାରେ ମୁଁ ଅନେକ ଛାତ୍ରଙ୍କୁ, ଯେତେବେଳେ ସେମାନଙ୍କର ବୟସ ହୁଏ ଓ ସେମାନେ କିଛି ଜାଣନ୍ତି,ତାଙ୍କୁ ଶିକ୍ଷକତା କରିବାକୁ କହେ । ବୋଧହୁଏ କେତେକ ଜାଣନ୍ତି କାହିଁକି ଏହା କହେ । କିନ୍ତୁ ଆଉ କେତେକ ଭାବନ୍ତି ଯେ କୌଣସି ନା କୌଣସି କାର୍ଯ୍ୟ କରିବା ଭଲ ଏବଂ ସର୍ବୋପରି ଶିକ୍ଷକମାନଙ୍କର ଆବଶ୍ୟକତା ଅଛି ଏବଂ ସେମାନଙ୍କୁ ପାଇଲେ ମୁଁ ଖୁସି ହେବି । କିନ୍ତୁ ମୁଁ କହି ରଖୁଛି — କାରଣ ଏହା ଏକ ବାସ୍ତବ ସତ୍ୟ — ଯେଉଁମାନେ ଏଠାରେ ଶିକ୍ଷାଦୀକ୍ଷା ପାଇଛନ୍ତି ସେମାନଙ୍କ ମଧ୍ୟରୁ କାହାକୁ ମୁଁ ଅଧ୍ୟାପନା କରିବାକୁ କହେ ନାହିଁ, ଯଦି ମୁଁ ନ ଦେଖେ ଯେ ଏହାହିଁ ତା' ନିଜକୁ ଶୃଙ୍ଖଳାବଦ୍ଧ କରିବାର ସର୍ବୋତ୍କୃଷ୍ଟ ଉପାୟ । ଯଦି ମୋର ହୃଦ୍‌ବୋଧ ନ ହୁଏ ଯେ ଏହାଦ୍ୱାରାହିଁ ତାହାକୁ ଯାହା ଶିକ୍ଷା ଦେବାକୁ ହେବ ତାହା ସେ ଉତ୍ତମ ରୂପେ ଶିକ୍ଷା କରି ପାରିବ ଏବଂ ଏକ ଆନ୍ତର ପୂର୍ଣ୍ଣତା ପ୍ରାପ୍ତ କରିପାରିବ — ଯାହା କି ଶିକ୍ଷକ ନ ହୋଇଥିଲେ ଏବଂ ନିଜକୁ ନିୟମାନୁବର୍ତ୍ତୀ କରିବାର ଏହି ସୁଯୋଗ, ଯାହା ଅସ୍ୱାଭାବିକ ଭାବରେ କଠିନ, ଏଠାରେ ଉପସ୍ଥିତ ନ ହୋଇଥିଲେ ସେ କେବେହେଲେ ପ୍ରାପ୍ତ କରିପାରି ନ ଥା'ନ୍ତା ।

ଯେତେବେଳେ ମୁଁ ମୋ ନିଜ ପ୍ରତି ଦୃଷ୍ଟି ଦିଏ ଓ ମା' ଆମ ସମ୍ମୁଖରେ ଯେଉଁ ମହାନ୍ ଆଦର୍ଶ ଉପସ୍ଥାପିତ କରିଛନ୍ତି ତାହାରି ଆଲୋକରେ ମୋର ସମସ୍ତ ତ୍ରୁଟିବିଚ୍ୟୁତିର ବିଚାର କରେ ସେତେବେଳେ ଏକ ଗଭୀର ଦୁଃଖ ମୋର ସତ୍ତାକୁ ଆବୃତ କରିପକାଏ । କିନ୍ତୁ ତତ୍‌କ୍ଷଣାତ୍ ମୁଁ ମା'ଙ୍କ ବାଣୀ ସ୍ମରଣ କରେ :

''ବିଶ୍ୱ ଇତିହାସରେ ଶ୍ରୀଅରବିନ୍ଦ ଯାହା ଉପସ୍ଥାପିତ କରୁଅଛନ୍ତି ତାହା ଏକ ସାଧାରଣ ଶିକ୍ଷା ନୁହେଁ, ଏପରିକି ଏକ ଶ୍ରୁତ-ବାଣୀ ନୁହେଁ; ଏହା ସର୍ବୋତ୍ତମଙ୍କଠାରୁ ଏକ ପ୍ରତ୍ୟକ୍ଷ ନିର୍ଦ୍ଦିଷ୍ଟ କ୍ରିୟା ।''

ତତ୍ପରେ ମୁଁ ନିଜକୁ କହେ : ଆମମାନଙ୍କର ମାନବିକ ଦୁର୍ବଳତା କେବେହେଲେ ଭଗବାନଙ୍କ ଅଭିବ୍ୟକ୍ତିର ପଥରେ ବାଧକ ହେବ ନାହିଁ । ସେତେବେଳେ ଏହି କୁହୁକ ମନ୍ତ୍ର ମୋ କର୍ଣ୍ଣକୁହରରେ ପ୍ରତିଧ୍ୱନିତ ହୋଇଉଠେ :

"A few shall see what none
yet understands;
God shall grow up while the
wise men talk and sleep;
For man shall not know the coming till its hour
And belief shall be not till
the work is done."

(Savitri, p. 55) ❑

# ନୈବେଦ୍ୟ

## ନିମାଇଁ ପଟ୍ଟନାୟକ

ଊର୍ଦ୍ଧ୍ୱରେ ଆଲୋକ
ଉଜ୍ଜ୍ୱଳ ଆକାଶର ଆହ୍ଲାଦ ...
କେମିତି ଭଲପାଇବି ସତେ
ପଦ୍ମନାଡ଼କୁ ଜାବୁଡ଼ି ଥିବା ପଙ୍କରାଶିକୁ ?

ସତେ କେହି ଓହ୍ଲାଇପାରେ ତଳକୁ
ଏଡ଼ିଦେଇ ସୁନେଲି ସୂର୍ଯ୍ୟାଲୋକ !
ଆନନ୍ଦ ଗୁଞ୍ଜରିତ ପଦ୍ମ କେଶରର ମହକ ଆଶ୍ଲେଷ !

ସେ ମହନୀୟ ଉଚ୍ଚତାରେ ଲୀନ
କାହା ଚୈତ୍ୟ-ପୁରୁଷାକାରକୁ
କେମିତି ବା ଛୁଇଁପାରେ
ମେନକା କଟାକ୍ଷ
ଅବା ଉର୍ବଶୀର ଲାସ୍ୟ ?



ହେ ପରମା !
ଶକୁନ୍ତଳା ଇତିହାସର ବିକ୍ଷୁବ୍ଧ ଭୂମିରୁ
ମୁଁ ବାମନ ଅଭିଳଷିଛି ଆଉ ଏକ ପାଦ
ହୃତ୍‌କେନ୍ଦ୍ରରୁ ପ୍ରସରି ଯାଇ ଯାହା ଦିନେ ଖୋଜି ନେବ ଭୂମି
ତୁମ ଅପହଞ୍ଚ କରୁଣାର ଆନନ୍ଦାଲୋକରେ ।

ମାଭୈଃ !
ମୋର ଲୋଡ଼ା ପଙ୍କର ତପସ୍ୟା
ବିବର୍ତ୍ତିତ ପଦ୍ମଟିଏ ମୋର ଚରମ ଆକାଂକ୍ଷା
ନୈବେଦ୍ୟ ତୋ ଅପୂର୍ବ ପାଦରେ । ❑

# ଚିତ୍ତାନୁରାଗିଣଃ ଚରନ୍ତୁ ଇତି

## (ଚିତ୍ତଭାଇଙ୍କ ଜନ୍ମଶତବାର୍ଷିକୀ ଅବସରରେ ସ୍ୱନକ୍ଷତ୍ର ଶ୍ରଦ୍ଧାଞ୍ଜଳି)

## ରବୀନ୍ଦ୍ର ନାଥ ଦାସ

ସୌରମାନର ପ୍ରକୋଷ୍ଠ କନ୍ୟାରାଶି ଅନ୍ତର୍ଗତ ହସ୍ତା ନକ୍ଷତ୍ରର ଏହି ଅମୃତ ଲଗ୍ନରେ ଆମ୍ଭମାନଙ୍କ ଚେତନାର ଚିରଞ୍ଜୀବୀ ପ୍ରଜ୍ଞାପୁରୁଷ ଚିତ୍ତଭାଇ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ସହିତ ଦୀର୍ଘ ଅଢ଼େଇ ଦଶନ୍ଧି ଅବଧି ସହଚାରିତାରେ ତାଙ୍କ ଜୀବନଚର୍ଯ୍ୟାକୁ ମୁଁ ଯେତିକି କଳି ପାରିଛି, ତାଙ୍କ ସାମୀପ୍ୟ ଏବଂ ସାନ୍ନିଧ୍ୟରୁ ମୋର ଯତ୍‌କିଞ୍ଚିତ୍ ହୃଦ୍‌ବୋଧ ହୋଇଛି, ସେସବୁର କିଞ୍ଚିତ୍ ସ୍ମୃତି ରୋମନ୍ଥନହିଁ ସେହି ପ୍ରାଜ୍ଞ ପରମାର୍ଥୀଙ୍କ ପ୍ରତି ମୋର ସ୍ୱନକ୍ଷତ୍ରରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

ଚିତ୍ତଭାଇ ବୃହତ୍ତର ଅର୍ଥରେ ଏକ ଚେତନା । ତାଙ୍କର ମୂର୍ତ୍ତରୂପ ୧୬ ଜାନୁଆରୀ ୨୦୧୧ରେ ପଞ୍ଚଭୂତରେ ଲୀନ ହୋଇ ଯାଇଥିଲେ ମଧ୍ୟ ତାଙ୍କ ଚେତନା ଆମ୍ଭମାନଙ୍କୁ ନଛୋଡ଼ବନ୍ଧା ଭାବରେ ଉବୁଟୁବୁ କରୁଛି । ତା'ର କାରଣ ଆମ ପ୍ରତ୍ୟେକଙ୍କ ମଧ୍ୟରେ ଅପେକ୍ଷମାଣ ଆମ ବ୍ୟକ୍ତିଚେତନା ଅତୀତରେ କୌଣସି ନା କୌଣସି ଘଟଣାକ୍ରମରେ ତାଙ୍କ ଚେତନା ସଂସ୍ପର୍ଶରେ ଆସି ଆମ ଭିତରେ ତାଙ୍କ ଆହ୍ୱାନକୁ ଗ୍ରହଣ କରିଛି । ସେ ଆହ୍ୱାନର ଅନ୍ତ ନାହିଁ । ମୋର ପ୍ରତ୍ୟୟ ହେଉଛି ଯେ ଆଜି ବି ସେ ଆମ ସହିତ ସଂଶ୍ଳିଷ୍ଟ ହୋଇ ରହିଛନ୍ତି । ଶ୍ରମଶିବିରର ସାନ୍ଧ୍ୟ ଆଲୋଚନାଗୁଡ଼ିକରେ ଦୁଇ ଆଣ୍ଠୁ ମଝିରେ ମୁଣ୍ଡକୁ ପୋତି ସଭା ପଛରେ ବସି ସମସ୍ତଙ୍କର କଥା ଟିକିନିଖି ଶୁଣୁଥିବା ପରି ଆଜି ବି ଆମ ଆଲୋଚନା ସେ ଶୁଣୁଛନ୍ତି ଏବଂ ଆମେ ଆସନ୍ନ ଭବିତବ୍ୟର ମହାଯୁଦ୍ଧ ଲାଗି କେତେ ପ୍ରସ୍ତୁତ ହେଲୁଣି ତାହା ପ୍ରତ୍ୟକ୍ଷ କରୁଛନ୍ତି ।

ଚିତ୍ତଭାଇଙ୍କର ଆମମାନଙ୍କ ପ୍ରତି ମହତ୍ତର ଅବଦାନ ହେଉଛି ଶ୍ରୀମା ଶ୍ରୀଅରବିନ୍ଦ ଯେଉଁ ଅନାଗତ ଭବିଷ୍ୟତକୁ ସାରା ସଂସାରରେ ପ୍ରତିଷ୍ଠା କରିବାରେ ସତତ କାର୍ଯ୍ୟ କରି ଚାଲିଛନ୍ତି, ସେହି ପ୍ରକ୍ରିୟା ସହିତ ଆମ୍ଭମାନଙ୍କୁ ପରିଚିତ କରାଇବା ଏବଂ ଆମ୍ଭମାନଙ୍କୁ ସେଥିଲାଗି ପ୍ରସ୍ତୁତ କରାଇବା । ଦୀର୍ଘ ଅଠାଶୀ ବର୍ଷ ଧରି ଏ ସଂସାରରେ ଜଣେ ଅନାସକ୍ତ ଯୋଗୀର ଜୀବନ ବଞ୍ଚିଛନ୍ତି ସେ । ଜନ୍ମଭୂମିରୁ ଜର୍ମାନ୍ ପର୍ଯ୍ୟନ୍ତ ସବୁଠି ଆସ୍ଥାନ ଥିଲେ ବି କେଉଁଠି ବି ସେ ମୋହଗ୍ରସ୍ତ ହୋଇ ଅଟକି ଯାଇ ନାହାନ୍ତି । ସଂସାରର ସକଳ ବୈଭବ ତାଙ୍କ ହାତ ପାହାନ୍ତାରେ ଥିଲେ ମଧ୍ୟ ଜଣେ ସତସତିଆ ସକାରାତ୍ମକ ବୈରାଗୀ ଭାବରେ ସେସବୁକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଆସ୍ପୃହା ଓ ଅଧ୍ୟବସାୟର ଦ୍ୱି-ଚକ୍ରଯାନରେ ପରମ ଉତ୍ସାହର ସହିତ ସମଗ୍ର ଜଗତକୁ ଖେଦି ଯାଇଛନ୍ତି ସେ । ଆପଣାକୁ ଅଧିକରୁ ଅଧିକ ସାମର୍ଥ୍ୟଯୁକ୍ତ କରିବା ଲାଗି ଶତ ସହସ୍ରଙ୍କ ମଧ୍ୟରେ ଆପଣାର ଏକକ ଗୁରୁଙ୍କୁ ସନ୍ଧାନ କରିଛନ୍ତି ଏବଂ ସଂସାରରେ ଉପଲବ୍ଧ ଯାବତୀୟ ଶାସ୍ତ୍ରରୁ ନିର୍ଯାସ ସଂଗ୍ରହ କରି ଅପରର ଉପକାର ଲାଗି ସେସବୁକୁ ଶେଷ ପର୍ଯ୍ୟନ୍ତ ବାଣ୍ଟି ବାଣ୍ଟି ଚାଲି ଯାଇଛନ୍ତି । ତେଣୁ କାଳ ତାଙ୍କୁ କରିଛି ନନ୍ଦିତ, ମଣ୍ଡିତ । ଜୀବନପାତ୍ର ତାଙ୍କର ବହୁ ଭାବରେ ପୂର୍ଣ୍ଣ । ହୀନମନ୍ୟତା ତାଙ୍କୁ ଛୁଇଁ ପାରି ନାହିଁ । ତେଣୁ ଅହଂକାର ଲେଶମାତ୍ର ନାହିଁ । ଜ୍ଞାନ, କର୍ମ ଓ ଭକ୍ତିର ତ୍ରିବେଣୀ ସଙ୍ଗମରେ ଅହରହ ବୁଡ଼ ପକାଇ ଶୁଦ୍ଧପୂତ ଭାବରେ ଆପଣାର ପ୍ରତି ମୁହୂର୍ତ୍ତକୁ ଅନ୍ୟର କଲ୍ୟାଣ ଉଦ୍ଦେଶ୍ୟରେ ନିବେଦନ କରି ଯାଇଛନ୍ତି ସେ । ତେଣୁ ଅସନ୍ତୋଷ ଅଥବା ଅନୁଶୋଚନାର ଅବକାଶ ତାଙ୍କ ଜୀବନରେ ଆସି ନାହିଁ । ଆଜୀବନ ଜଣେ ଆଦର୍ଶ ଶିକ୍ଷକ, ସ୍ୱାମୀ, ପିତା, ବନ୍ଧୁ, ଆଦର୍ଶ ଦେଶପ୍ରେମୀ, ଆଦର୍ଶ ସମାଲୋଚକ ତଥା ପ୍ରେରଣାଦାତାର ଜୀବନ ବଞ୍ଚି ସେ ଜ୍ୟେଷ୍ଠ, କନିଷ୍ଠ, ଶିକ୍ଷିତ, ଅଶିକ୍ଷିତ, ପ୍ରତିଷ୍ଠିତ, ଅବହେଳିତ – ସବୁରି ଭିତରେ ସେହି ପରମ ବନ୍ଧୁ, ପରମ ସୁହୃଦ୍‌ଙ୍କୁ ପ୍ରତ୍ୟକ୍ଷ କରି ଜଣେ ନିଷ୍ଠାପର ସାଧକର ଜୀବନ ଜିଇଁ ଯାଇଛନ୍ତି । ତାଙ୍କର ଜୀବନଚର୍ଯ୍ୟା, ଅର୍ଥାତ୍ ତାଙ୍କ ପଢ଼ାଶୁଣା, ଖାଦ୍ୟ, ପେୟ ବିଶ୍ୱର ଯାବତୀୟ ଘନଘଟା ସହିତ ସତତ ସଂଶ୍ଳିଷ୍ଟ ହୋଇ ରହିବା, ସଭାସମିତି, ବନ୍ଧୁମାନଙ୍କ ମେଳରେ ମନ କଥା ଖୋଲି କରି କହି ଦେବା, ଶ୍ରମ ପ୍ରତି ସମ୍ମାନ ଦେଖାଇବା, ଘରେ ଗାଡ଼ି ବନ୍ଧା ହୋଇଥିଲେ ମଧ୍ୟ ସହଜେ ଗାଡ଼ିର ବ୍ୟବହାର ନକରି ପାଦରେ ଚାଲି ଚାଲି ଯିବା ଏବଂ ସୁବିଧା ଅନୁସାରେ ସାଇକେଲରେ ଯିବା, ଅଳ୍ପ ଲୁଗାପଟାରେ ଏବଂ ବ୍ୟବହାର୍ଯ୍ୟ ସାମଗ୍ରୀରେ ଚଳିଯିବା, ଅସାଧାରଣ ପାଣ୍ଡିତ୍ୟ ସତ୍ତ୍ୱେ ସର୍ବଦା ନମ୍ର ହୋଇ ଚଳିବା, ବହୁଭାଷୀ ହୋଇଥିଲେ ମଧ୍ୟ ମାତୃଭାଷା

ପ୍ରତି ଅନାବିଳ ପ୍ରେମ କାରଣରୁ ତା'ର ପ୍ରଭାବ ଓ ପ୍ରତିଷ୍ଠା ଲାଗି ସର୍ବଦା ଚେଷ୍ଟିତ ହୋଇ ରହିବା, ଅଗଣିତ ସାର୍ଥକ ପୁସ୍ତକର ରଚୟିତା ହୋଇଥିଲେ ମଧ୍ୟ ଅନ୍ୟର ଛୋଟ ଲେଖାଟି ପ୍ରତି ସରାଗ ଓ ପ୍ରୋତ୍ସାହନ ଦେବା, ପୃଥିବୀର ଏ ମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଖେଦି ଯାଇଥିଲେ ମଧ୍ୟ ଗ୍ରାମ୍ୟ ଜୀବନ ପ୍ରତି ଅଜସ୍ର ଭଲ ପାଇବା, ତାଙ୍କ ଦୋଷ ଦୁର୍ବଳତାକୁ କଟାକ୍ଷ କରୁଥିବା ସମାଲୋଚକମାନଙ୍କୁ ଶ୍ରଦ୍ଧା ଜଣାଇବା ଆଦି ଅନନ୍ୟ କଳା ସବୁକିଛି ପ୍ରତ୍ୟେକ ଅଭୀପ୍ସୁଙ୍କ ଲାଗି ଏକ ଏକ ଉଦାହରଣ । ବୟସ, ଲିଙ୍ଗ, ଶିକ୍ଷାଗତ ଯୋଗ୍ୟତା, ସାମାଜିକ ପ୍ରତିଷ୍ଠା ନିର୍ବିଶେଷରେ ଯାହା ଭିତରେ କିଛି ବି ସମ୍ଭାବନା ସେ ଦେଖିଛନ୍ତି, ତା' ସହିତ ବନ୍ଧୁ ବାନ୍ଧିଛନ୍ତି । ତା' ଭିତରର ସୁପ୍ତ ସମ୍ଭାବନାସବୁକୁ ସାକାର କରିବା ଲାଗି ତା' ପଛରେ ଲାଗି ଯାଇଛନ୍ତି । ନିଦ୍ରିତକୁ ଜାଗ୍ରତ୍ କରି ସେ ସର୍ବଦା ଅସୁମାରି ଆନନ୍ଦ ଲାଭ କରିଛନ୍ତି ।

ପ୍ରଚାର ଏବଂ ପ୍ରଶଂସା ବିମୁଖ ଚିତ୍ତଭାଇ ସାହିତ୍ୟିକ ଭାବରେ ପ୍ରତିଷ୍ଠା ଅର୍ଜନ ନିମନ୍ତେ ଅଥବା ପୁରସ୍କାରର ପ୍ରଲୋଭନରେ ସାହିତ୍ୟ ଭିତରେ ପଶି ନାହାନ୍ତି । ସମାଜ ପରିବର୍ତ୍ତନରେ ସାହିତ୍ୟର ଏକ ବଳିଷ୍ଠ ଭୂମିକାକୁ ଅନୁଭବ କରି ସାହିତ୍ୟ ନାମରେ ପ୍ରଚଳିତ ଯାବତୀୟ ଅସାହିତ୍ୟ ଅଥବା ଅଣ-ସାହିତ୍ୟର ସମାଲୋଚନା କରିଛନ୍ତି । କାଳଜୟୀ ସାହିତ୍ୟର ମୂଲ୍ୟାୟନ କରିଛନ୍ତି ଏବଂ ଅସଲ ସାହିତ୍ୟ ଅର୍ଥାତ୍ ମଣିଷକୁ ଦେବତ୍ୱ ଆଡ଼କୁ ମୁହାଁଇ ନେଇଯାଉଥିବା ସାହିତ୍ୟ ଏବଂ ଅଭିଳଷିତ ଆଗାମୀ ଜୀବନକୁ ମୂର୍ତ୍ତ ରୂପ ଦେବା ଲାଗି ଅଭିପ୍ରେତ ସାହିତ୍ୟ କିଭଳି ହେବା ଉଚିତ ସେଇ କଥାସବୁ ଗ୍ରନ୍ଥ ପରେ ଗ୍ରନ୍ଥ ଆକାରରେ ସେ ଲେଖି ଯାଇଛନ୍ତି । ସେଗୁଡ଼ିକ କିଏ ପୁଣି କେବେ ଛାପିବ, ବିକ୍ରୟଲବ୍ଧ ଅର୍ଥରୁ କିଛି ହେଲେ ପାରିତୋଷିକ ମିଳିବ କି ନାହିଁ – ଏସବୁ ପ୍ରଲୋଭନର ଚକ୍ରାବର୍ତ୍ତରେ ସେ କେବେ ବି ପଡ଼ି ନାହାନ୍ତି । ଦେଶ ବିଦେଶର ଅସଂଖ୍ୟ ପୁସ୍ତକକୁ ଅଧ୍ୟୟନ କରି ଉତ୍ତର ପିଢ଼ି ଯାହା ଦ୍ୱାରା ଅଗ୍ରଗାମୀ ହୋଇ ପାରିବେ ସେଗୁଡ଼ିକୁ ସେ ମାତୃଭାଷାରେ ଅନୁବାଦ କରିଛନ୍ତି । ଭ୍ରମଣ କାଳରେ ଦେଶ ବିଦେଶର ଯେଉଁ କଥାମାନ ଅନ୍ୟମାନଙ୍କ ଅଗ୍ରଗତିରେ ସହାୟକ ହୋଇପାରିବ ବୋଲି ଅନୁଭବ କରିଛନ୍ତି, ସେସବୁ ଲେଖୁ ଲେଖୁ ଏତେଗୁଡ଼ିଏ ଭ୍ରମଣ କାହାଣୀ ତାଙ୍କ ଲେଖନୀ ମୁନରୁ ନିସୃତ ହୋଇ ଯାଇଛି । ଖବର କାଗଜ ସାମାଜିକ ସଂକ୍ରମଣର ଅନ୍ୟ ଏକ ସହଜ ମାଧ୍ୟମ ହୋଇଥିବାରୁ ଅନେକ ଦିନ ପର୍ଯ୍ୟନ୍ତ ସେ ବିଭିନ୍ନ ସମ୍ବାଦପତ୍ରର ସମ୍ପାଦକୀୟ ଲେଖିଛନ୍ତି । ଲୋକମାନଙ୍କର ମୌଳିକ ଚିନ୍ତନରେ ସୁଧାର ଆଣିବା ଲାଗି ବିଭିନ୍ନ ସଭା ସମିତି, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଆଦିରେ ଦୀକ୍ଷାନ୍ତ ଭାଷଣମାନ ଦେଇଛନ୍ତି । ମଣିଷର ସର୍ବତୋମୁଖ ଉତ୍ଥାନ ଏବଂ ତା' ଭିତରର ଦେବାବତରଣକୁ ନେଇ ପ୍ରତିଦିନ ନିଜ ଭିତରକୁ ଆସିଯାଉଥିବା ଭାବନାସବୁକୁ ସେ 'ରୋହିତର ଡାଏରୀ' ନାମରେ ଆମରଣ ଲେଖି ଯାଇଛନ୍ତି; ଯାହା କେବଳ ଓଡ଼ିଆ ସାହିତ୍ୟରେ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟରେ ଅନନ୍ୟ । ସାରା ସଂସାର ରୂପକ ବିରାଟ ପୁସ୍ତକକୁ ସେ ପାରୁପର୍ଯ୍ୟନ୍ତ ଅଧ୍ୟୟନ କରି ତାହାର ନିର୍ଯାସକୁ ପୁସ୍ତକ ଆକାରରେ ଉତ୍ତରପିଢ଼ି ଲାଗି ଭେଟି ଦେଇଯାଇଛନ୍ତି । ତାଙ୍କ ରଚନା ସମଗ୍ରରେ ଫୁଟି ଉଠିଛି ଗଭୀର ମାନବବାଦର ଆବେଦନ ସାଙ୍ଗକୁ ଏକ ସୁସ୍ଥ, ସୁନ୍ଦର ଏବଂ ସମ୍ପନ୍ନ ସମାଜର ଆହ୍ୱାନ ।

ଚିତ୍ତଭାଇ ମଣିଷକୁ ଭଲ ପାଇଛନ୍ତି । ମଣିଷର ଅଗ୍ରଗତି ଓ ଅଭ୍ୟୁଦୟ ଲାଗି ବିବିଧ ପ୍ରଚେଷ୍ଟା କରିଛନ୍ତି । ଅନୁଭବ କରିଛନ୍ତି, 'ସବାମୂଳରେ ମଣିଷ' । ମିଷ୍ଟଭାଷୀ ନୁହେଁ, ବରଂ ସ୍ପଷ୍ଟଭାଷୀ ଚିତ୍ତରଞ୍ଜନ ଅପ୍ରିୟ ସତ୍ୟ କହିବାକୁ ଯାଇ ଅନେକଙ୍କୁ କଟୁ ସମାଲୋଚନା ବି କରିଛନ୍ତି । ତାଙ୍କର ଏତାଦୃଶ ବ୍ୟବହାରରେ ବୀତସ୍ପୃହ ହୋଇ ଅନେକେ ତାଙ୍କୁ ଭୁଲ୍ ବୁଝିଛନ୍ତି । ତାଙ୍କଠାରୁ ଦୂରେଇ ବି ଯାଇଛନ୍ତି, ତାଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି । ହେଲେ ଚିତ୍ତଭାଇ ସେମାନଙ୍କ ପ୍ରତି କେବେ ବି ବୈରଭାବ ପୋଷଣ କରି ନାହାନ୍ତି । ଅନ୍ତରରେ ଅନନ୍ତ କ୍ଷମା ଓ ଅସୀମ ଧୈର୍ଯ୍ୟର ଆକର ଚିତ୍ତଭାଇ ସେମାନଙ୍କର ମୋହମୁକ୍ତି ପର୍ଯ୍ୟନ୍ତ ଅପେକ୍ଷମାଣ ହୋଇ ରହିଛନ୍ତି । ଭିନ୍ନ ଉପାଦାନରେ ଗଢ଼ା ଚିତ୍ତଭାଇ ଖାଲି ଓଡ଼ିଶାବାସୀ କି ଭାରତବାସୀ ନୁହେଁ ବରଂ ବିଶ୍ୱବାସୀଙ୍କର ଚିତ୍ତଭାଇ ହୋଇ ପାରିଛନ୍ତି । ସେଥିପାଇଁ ତାଙ୍କର ଆସ୍ଥାନହିଁ 'ବିଶ୍ୱନୀଡ଼' । ସାମଗ୍ରିକ ଭାବରେ ସେ ଯାହାସବୁ କହି ଯାଇଛନ୍ତି ଅଥବା ଲେଖି ଯାଇଛନ୍ତି ବା ବହୁ ବହୁ ଉଦାହରଣ ଛାଡ଼ି ଯାଇଛନ୍ତି ସେସବୁର ମହତ୍ ଉଦ୍ଦେଶ୍ୟ ସେଇ ଗୋଟିଏ : ତାହା ହେଲା, ଅନ୍ୟମାନଙ୍କ ମଧ୍ୟରେ ଅବିକଶିତ ସାମର୍ଥ୍ୟ ସକଳକୁ ଜାଗ୍ରତ୍ କରାଇ ସେମାନଙ୍କ ଅଗ୍ରଗତିରେ ସାହାଯ୍ୟ କରିବାରେ ଅପାର ଆନନ୍ଦ ଲାଭ କରିବା । ସର୍ବତ୍ର ସେହି 'ଚରୈବେତି ରୋହିତ' ଅର୍ଥାତ୍ ଅବିଶ୍ରାନ୍ତ ଭାବରେ ଆଗେଇ ଚାଲିବାର ଆହ୍ୱାନ ।

ସାରା ରାଜ୍ୟରେ ଶିକ୍ଷା ପଦ୍ଧତିର ବାତାବରଣରେ

ପରିବର୍ତ୍ତନ ଆଣି ଆଗାମୀ ପିଢ଼ିକୁ ସମୃଦ୍ଧ କରି ଗଢ଼ିତୋଳିବା ଲାଗି ପୂର୍ଣ୍ଣାଙ୍ଗ ଶିକ୍ଷା ବାସ୍ତବରେ ଏକ ନିର୍ଭରଯୋଗ୍ୟ ବିକଳ୍ପ ବୋଲି ଚିତ୍ତଭାଇଙ୍କର ହୃଦ୍‌ବୋଧ ହୋଇଥିଲା । ଏହି ଅନୁଷ୍ଠାନ-ମାନଙ୍କରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସେ ଆଗାମୀ କାଲିର ବୀର ସୈନିକ ବୋଲି କହୁଥିଲେ । ବିଶେଷ କରି ଓଡ଼ିଶାର ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପାଭାଇମାନଙ୍କୁ ସେ ଯଥାର୍ଥରେ ଆପଣାର ଭାଇଭଉଣୀ ବୋଲି ଜ୍ଞାନ କରୁଥିଲେ । ସେମାନଙ୍କ ଦୁଃଖରେ ଦୁଃଖ ଏବଂ ସୁଖରେ ସୁଖ ଅନୁଭବ କରୁଥିଲେ ସେ । ତେଣୁ ସେମାନଙ୍କୁ ଆକ୍ଷେପ କରି କିଏ କେବେ ଯଦି ପଦେ ଅଧେ କହି ଦେଲେ ତେବେ ଦେହରେ ତାଙ୍କର ଚିଆଁ ଲାଗି ଯାଉଥିଲା ପରି ଅନୁଭବ କରୁଥିଲେ ସେ । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସେ ପ୍ରକାଶୋନ୍ମୁଖ ଶତଦଳ ନ୍ୟାୟରେହିଁ ଦେଖୁଥିଲେ । ତେଣୁ ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟଙ୍କର ସୁସ୍ଥ ତଥା ଅପ୍ରତିହତ ବିକାଶହିଁ ତାଙ୍କର ଧ୍ୟେୟ ହୋଇ ରହିଥିଲା । ସେମାନଙ୍କୁ ନିରଳସ, ନିର୍ଭୟ ଓ ଆତ୍ମନିର୍ଭରଶୀଳ କରିବା ଲାଗି ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ ସମୃଦ୍ଧ ପୁସ୍ତକାଗାରଟିଏ କିଭଳି ଗଢ଼ି ଉଠିବ ଏବଂ ଛାତ୍ର, ଶିକ୍ଷକ ଉଭୟେ ସେସବୁର ସହଜ ବ୍ୟବହାର କିପରି କରିପାରିବେ ତା' ଉପରେ ସେ ବିଶେଷ ଗୁରୁତ୍ୱ ଦେଉଥିଲେ । ଆର୍ଥିକ, ପାରିପାର୍ଶ୍ୱିକ ଏବଂ ଶିକ୍ଷା ସଂରକ୍ଷଣ ଦୃଷ୍ଟିରୁ ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆପଣାର ମୂଳଦୁଆ ମଜବୁତ କରି ଆପଣା ଢଙ୍ଗରେ କିଭଳି ବିକଶିତ ହୋଇପାରିବେ ସେଥିଲାଗି ସେ ବାରଂବାର ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ । ଆପଣାର ବ୍ୟସ୍ତ ଜୀବନଚର୍ଯ୍ୟା ମଧ୍ୟରୁ ସମୟ ବାହାର କରି ତୁଳନାତ୍ମକ ଭାବରେ ପଛରେ ପଡ଼ି ଯାଇଥିବା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକରେ ପହଞ୍ଚି ସେଠାକାର ଶିକ୍ଷା ପରିବେଶକୁ କର୍ମଚଞ୍ଚଳ କରିପକାଇବା ସହିତ ଉଦ୍ୟୋକ୍ତାମାନଙ୍କ ଉତ୍ସାହ ବହୁଗୁଣିତ କରି ପକାଉଥିଲେ । ସେ ଛାଡ଼ି ଯାଇଥିବା ଏହି ଭଳି ବହୁ ବହୁ ଉଦାହରଣରୁ ଆମେ ମନ କଲେ ଅନେକ କଥା ଆପଣାଇ ପାରିବା ।

ଚିତ୍ତଭାଇଙ୍କର ଜୀବନାୟନରେ କହିବା ଏବଂ କରିବା ମଧ୍ୟରେ ପ୍ରଭେଦ ନଥିଲା କି କୌଣସି ପ୍ରକାର କପଟାଚାର ନ ଥିଲା । ତେଣୁ ସେ ଯାହା କହୁଥିଲେ ତା'ର ପୂର୍ଣ୍ଣ ପ୍ରଭାବ ଅନ୍ୟମାନଙ୍କ ଉପରେ ପଡ଼ୁଥିଲା । ସେ ଯେପରି ଆପଣାକୁ ଗଢ଼ିଥିଲେ, ଅଜ୍ଞାନ ଓ ଅସାମର୍ଥ୍ୟକୁ ଜୟ କରିଥିଲେ — ଆମେ ଆମକୁ ସେହିଭଳି ଭାବରେ ନିରନ୍ତର ପ୍ରସ୍ତୁତ କରିବାକୁ ପଣ କରିବା । ସେଥିଲାଗି ଭିତରର ସ୍ଥିରତା ଏବଂ ପରିପକ୍ୱତା ବହୁ ଭାବରେ ଆବଶ୍ୟକ । ଆମ ଭିତରେ ବହୁ ପ୍ରକାରର ଅପୂର୍ଣ୍ଣତା ପୂରି ରହିଛି । ଆମମାନଙ୍କୁ ସେ ବିଷୟରେ ସଚେତନ ହେବା ସହିତ ଚିତ୍ତଚେତନା ସହିତ ଅଧିକରୁ ଅଧିକ ସଂଶ୍ଳିଷ୍ଟ ହେବାକୁ ହେବ, ଅଧିକରୁ ଅଧିକ ଯୋଗ୍ୟ ହୋଇ ଉଠିବାକୁ ହେବ । ଆମ ଭିତରେ ସୁପ୍ତ ତଥା ଲୁକ୍କାୟିତ ଅସୁମାରି ସମ୍ଭାବନାକୁ ଆମକୁ ଉଜ୍ଜୀବିତ କରିବାକୁ ହେବ ଏବଂ ତା'ର ଫଳାଫଳକୁ ଜଗତର କଲ୍ୟାଣ ଉଦ୍ଦେଶ୍ୟରେ ଏବଂ ପ୍ରକାରାନ୍ତରେ ଦିବ୍ୟଜନନୀଙ୍କ ସେବା ଉଦ୍ଦେଶ୍ୟରେ ନିୟୋଜିତ କରିବାକୁ ହେବ । ଚିତ୍ତଭାଇ ବାରଂବାର ଜୋର୍ ଦେଇ କହୁଥିବା ଶ୍ରୀମା ଶ୍ରୀଅରବିନ୍ଦଙ୍କର ମୂଳଗ୍ରନ୍ଥଗୁଡ଼ିକୁ ଶ୍ରଦ୍ଧାର ସହିତ ଅଧ୍ୟୟନ କରି ସେଥିରୁ ପାଥେୟ ସଂଗ୍ରହ କରିବାକୁ ହେବ । ଏଥିଲାଗି ଆମେ ଆପଣାକୁ ଅକିଞ୍ଚନ ମଣିବା ନାହିଁ କି କାହା ଉପରେ ଦୋଷାରୋପ ମଧ୍ୟ କରିବା ନାହିଁ, ଆମେ ଅଧିକନ୍ତୁ ଶୃଙ୍ଖଳିତ ହେବା । ଆତ୍ମମାନଙ୍କର ପ୍ରସ୍ତୁତି ଓ ଆସ୍ପୃହାର ଆଧାରରେ ଆମେ ଅଜ୍ଞତାରୁ ମୁକ୍ତ ହେବା ସହିତ ସାମର୍ଥ୍ୟଯୁକ୍ତ ହୋଇ ଜଗତର କଲ୍ୟାଣରେ ଲାଗିଯିବା । ତାହାହିଁ ହେବ ଚିତ୍ତ-ଚେତନା ପ୍ରତି ଆତ୍ମମାନଙ୍କର ଅସଲ ଅର୍ଘ୍ୟ । କରୁଣାମୟୀ ଦିବ୍ୟଜନନୀ ଆମ ଅଗ୍ରଗତିରେ ସହାୟ ହୁଅନ୍ତୁ । 'ଚିତ୍ତାନୁରାଗିଣଃ ଚରନ୍ତୁ ଇତି ।।'

୧୯୨୩ ମସିହାର ଶ୍ୟାମାକାଳୀଙ୍କର ଆରାଧନା ଦିବସରେ ସଂସାରକୁ ଆଗମନ କରିଥିବା ଚିତ୍ତରଞ୍ଜନ ଦାସଙ୍କ ଏ ବର୍ଷ ଜନ୍ମଶତବାର୍ଷିକୀ । ଏହି ସ୍ମୃତିଚାରଣଟି ତାଙ୍କ ଅମର କୃତି ପ୍ରତି ସ୍ୱପ୍ନନକ୍ଷତ୍ରର ଶ୍ରଦ୍ଧାଞ୍ଜଳି । ❑

> ନିରନ୍ତର ଏପରି ଜୀବନ ଯାପନ କର ଯେପରି ସ୍ୱୟଂ ପରମ ପ୍ରଭୁ ଓ ଦିବ୍ୟଜନନୀ ତୁମକୁ ଚାହିଁ ରହିଛନ୍ତି । ଏପରି କିଛି କରନା ଓ ଚିନ୍ତା ତଥା ଅନୁଭୂତିରେ ସ୍ଥାନ ଦେବାକୁ ଚେଷ୍ଟା କରନା ଯାହା ଏହି ଦିବ୍ୟ-ଉପସ୍ଥିତିର ଅଯୋଗ୍ୟ ।
>
> — ଶ୍ରୀଅରବିନ୍ଦ

# ଗାଜର, ଅଣ୍ଡା ଓ କଫି

ସେଦିନ କଲେଜରୁ ଫେରିବାବେଳକୁ ଝିଅର ମୁହଁ ଥମଥମ ଦିଶୁଥିଲା ।

ଘରକାମ ବନ୍ଦ ରଖି ମା ପଚାରିଲେ, ''କ'ଣ ହେଲା, ଏମିତି ଶୁଖିଲା ଦିଶୁଛୁ କାହିଁକି ? କିଏ କ'ଣ କହିଲା କି ?''

ବିଛଣା ଉପରେ ଗଡ଼ି ପଡ଼ୁ ପଡ଼ୁ ଝିଅ କହିଲା, ''ବୋଉ, ମୁଁ ଆଉ ପାରୁ ନାହିଁ । ମୋତେ ସବୁଠି ହାରିଗଲା ପରି ଲାଗୁଛି । କଲେଜରେ, ସାଙ୍ଗ ମେଳରେ । ଲାଗୁଛି, କେହି ମୋ କାମରେ ସନ୍ତୁଷ୍ଟ ନୁହନ୍ତି କିଂବା ପରିସ୍ଥିତି ମୋ ପାଇଁ ଅନୁକୂଳ ନୁହେଁ । ସମସ୍ତଙ୍କ ସହ ଖାପ ଖୁଆଇ ଚଳିବା ମୋ ପକ୍ଷେ ଅସମ୍ଭବ ।''

ମାଆ ତାଙ୍କ ପଣତକାନିରେ ଝିଅର କପାଳରୁ ଝାଳ ପୋଛି ଦେଲେ । ପାଣି ଗିଲାସେ ପିଇବାକୁ ଦେଇ ସାରି ତାକୁ ଡାକିଲେ, ''ମୋ ସାଙ୍ଗରେ ରୋଷେଇ ଘରକୁ ଚାଲ୍ ।''

ଆଗେ ଆଗେ ମାଆ, ପଛରେ ଝିଅ ।

ରୋଷେଇ ଘରେ ତିନିଟିକିଆ ଝିଙ୍କା ଥିବା ଗ୍ୟାସ୍ ଚୁଲା । ମାଆ ତିନି ଚୁଲିରେ ତିନିଟି ସସ୍‌ପ୍ୟାନ୍ ରଖିଲେ ଏବଂ ନିଆଁ ଧରାଇଲେ । ପାଣି ଟକଟକ ହୋଇ ଫୁଟିବାକୁ ଆରମ୍ଭ କଲା । ଏଥର ମାଆ କ'ଣ କଲେନା, ପ୍ରଥମରେ ଗୋଟେ ଗାଜର, ଦ୍ୱିତୀୟରେ ଗୋଟେ ଅଣ୍ଡା ଓ ତୃତୀୟଟିରେ ମୁଠାଏ କଫି ମଞ୍ଜି ପକେଇ ଦେଲେ । ତା'ପରେ ଉଁ କି ଚୁଁ କିଛି ନ କହି ଚଉକି ଉପରେ ବସି ପଡ଼ିଲେ; ପାଖ ଚଉକିରେ ବସିବା ଲାଗି ଝିଅକୁ ଇସାରା କଲେ ।

ମାଆଙ୍କ ଏ କାରବାରର କିଛି ଅର୍ଥ ବୁଝିପାରୁ ନଥାଏ ଝିଅ ।

ପ୍ରାୟ କୋଡ଼ିଏ ମିନିଟ ପରେ ସେ ଚୁଲିର ନିଆଁ ଲିଭେଇ ଦେଲେ । ଗାଜରଟିକୁ ବାହାର କରି ଆଣି ଗୋଟେ ପ୍ଲେଟ୍‌ରେ ରଖିଲେ, ଅଣ୍ଡାକୁ କାଢ଼ି ଆଣି ରଖିଲେ ଦ୍ୱିତୀୟ ପ୍ଲେଟ୍‌ରେ । କଫି ସସ୍‌ପ୍ୟାନ୍‌ରୁ ଢାଙ୍କୁଣି ଖୋଲିଲା ବେଳକୁ ମଞ୍ଜିଗୁଡ଼ିକ ଫିଟି ଯାଇଛି ।

ମାଆ ପଚାରିଲେ ଝିଅକୁ, ''କ'ଣ ଦେଖୁଛୁ ?''

ନିସ୍ପୃହ ଭାବରେ ଝିଅ ଉତ୍ତର ଦେଲା, ''ଗାଜର, ଅଣ୍ଡା ଓ କଫି ।''

ମାଆ କହିଲେ, ''ଗାଜରକୁ ଚିପିକି ଦେଖିଲୁ ।''

: ପୁତୁପୁତୁ ନରମ ହୋଇ ଯାଇଛି – ଝିଅ କହିଲା ।

: ଅଥଚ କିଛି ସମୟ ଆଗରୁ ସେଇଟି ଟାଣ ଥିଲା । ହଉ, ଏଥର ଅଣ୍ଡାକୁ ଦେଖିଲୁ । ଝିଅ ଅଣ୍ଡାକୁ ଛୁଇଁ ଦେଇ କହିଲା, ''ଏହା ଭିତରେ ଥିବା ତରଳ ଲାଳ ଓ କେଶର ଗରମ ପାଣିରେ ସିଝି ଟାଣ ହୋଇ ଯାଇଛି ।''

: ଆଉ କଫି ? ଟିକିଏ ଚାଖିକି କହିଲୁ – ମାଆ କହିଲେ ।

ଝିଅ କଫି ସସ୍‌ପ୍ୟାନ୍ ପାଖକୁ ଗଲା । ସେଥିରୁ କିଛି ଗୋଟେ କପ୍‌ରେ ଅଜାଡ଼ି ସୁଡୁକାଏ ପିଇଲା, କହିଲା – ''ବଢ଼ିଆ କଫି । ଥକ୍କା ଦୂର ହେଇଯାଉଛି ।''

ଏଥର ମାଆ କହିଲେ, ''ଗାଜର, ଅଣ୍ଡା ଓ କଫି ଏ ତିନିଟିଯାକ ଏକା ରକମ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି – ଗରମ ପାଣିରେ ଫୁଟିବା । ସମସ୍ୟା ଭିତରୁ ବାହାରି ଆସିବା ବେଳକୁ ଟାଣ ଗାଜର ନରମ ହୋଇ ଯାଇଛି ଓ ଅଣ୍ଡାଟି ନିଜ ଭିତରର କୋମଳତା ହରେଇ କଠୋର ହୋଇ ଯାଇଛି । ମାତ୍ର କଫି କ୍ଷେତ୍ରରେ ଅଲଗା ଘଟିଛି । ସେ ତା' ପରିବେଶ ବା ଏ କ୍ଷେତ୍ରରେ ପାଣିର ଚେହେରା ଆଉ ଚରିତ୍ରକୁହିଁ ବଦଳେଇ ଦେଇଛି । ଏବେ କହ, ଏ ତିନିଟା ଭିତରୁ ତୁ ନିଜେ କେଉଁଟି ? ଗାଜର ପରି ଟାଣ ଥିବୁ, ଅଥଚ ବିପଦ ଆସିଲେ ଦୁର୍ବଳ ହୋଇଯିବୁ ନା ଅଣ୍ଡା ପରି ଭିତରର ସବୁ କୋମଳତାକୁ ହରେଇ ବସିବୁ ଟିକିଏ ବିପଦ ଆସିଲେ, ନା କଫି ମଞ୍ଜି ପରି ସେଇ ଦୁର୍ଯୋଗକୁ ହିଁ ସୁଯୋଗରେ ତୁ ରୂପାନ୍ତରିତ କରି ଦେବୁ ? ତୁ ଯଦି କଫି ମଞ୍ଜି ପରି ହେବୁ ତାହାହେଲେ ତୋ'ର ସବୁଠୁ କଠିନ ମୁହୂର୍ତ୍ତଗୁଡ଼ିକ ମଧ ସବୁଠୁ ଉଲ୍ଲେଖନୀୟ ହୋଇଯିବ । ତୁ ଗୋଟିଏ ସ୍ତରରୁ ଅଧିକ ଉଚ୍ଚତର ଓ ମହତ୍ତର ସ୍ତରକୁ ଉତ୍ତୀର୍ଣ୍ଣ ହୋଇଯିବୁ । ମନେ ରଖିବୁ ଝିଅ, ଯେଉଁ ମଣିଷମାନେ ସୁଖୀ ଦିଶୁଛନ୍ତି ସେମାନଙ୍କର ସମସ୍ୟା ନାହିଁ ବୋଲି ସେମାନେ ସେମିତି ଦିଶୁ ନାହାନ୍ତି; ବରଂ ସବୁ ପ୍ରକାର ଜଟିଳ ପରିସ୍ଥିତି ସତ୍ତ୍ୱେ ସେମିତି ଖୁସି ରହି ପାରୁଛନ୍ତି ।

ଝିଅ ଚୁପ୍‌ଚାପ୍ ଶୁଣୁଥିଲା ମାଆଙ୍କ କଥା । ଧୀରେ ଧୀରେ ତା' ମୁହଁରୁ ଦୁଃଖ ଓ ବିଷାଦର ଛାଇ ଦୂର ହୋଇ ଯାଉଥିଲା ।

('**କଥାଟିଏ**'ରୁ ସଂଗୃହୀତ ।
ସଂକଳକ : ଗୌରହରି ଦାସ)

❑❑❑

# ମୃତ୍ୟୁକୁ ଜୟ କରିବାର ଏକ ପଦକ୍ଷେପ

## ବାଞ୍ଛାନିଧି ମହାପାତ୍ର

ଥରେ ଜଣେ ଗୁରୁ ନିଜ ଶିଷ୍ୟକୁ ଡାକି କହିଲେ, ''ବାପା ! ମୋର ଯିବାର ସମୟ ହୋଇଗଲା । ମୁଁ ଆଗାମୀ କାଲି ଭୋର ପାଞ୍ଚଟା ବେଳେ ଶରୀର ତ୍ୟାଗ କରିବି । ଈଶ୍ୱର ତୋର ମଙ୍ଗଳ କରନ୍ତୁ ।'' ଏ ଅପ୍ରତ୍ୟାଶିତ ବାର୍ତ୍ତାରେ ଶିଷ୍ୟ ଜଣକ ଚମକି ପଡ଼ିବା ସଙ୍ଗେ ସଙ୍ଗେ ଉତ୍ତର ଦେଲେ – ''ଔଦ୍ଧତ୍ୟ କ୍ଷମା କରିବେ ଗୁରୁଦେବ । ଜାଣିଶୁଣି ଦେହତ୍ୟାଗ କରିବା ଆତ୍ମହତ୍ୟା ତୁଲ୍ୟ । ଏତତ୍ ବ୍ୟତୀତ ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ ଶିଷ୍ୟର ଆଧ୍ୟାତ୍ମିକ ପିପାସା ଅପୂର୍ଣ୍ଣ ରଖି ଶରୀର ତ୍ୟାଗ କରିବା ଗୁରୁଙ୍କ ପକ୍ଷେ ଏକ ଗର୍ହିତ କାର୍ଯ୍ୟ ।'' ''ଶୁଣ ବାପା ! ମୁଁ ଆତ୍ମହତ୍ୟା କରୁ ନାହିଁ, ଶରୀର ବଦଳାଉଛି ମାତ୍ର । ବହିର ପୁରୁଣା ମଲାଟ କିଂବା ତକିଆର ଖୋଳ ବଦଳାଇଲେ ବହି କି ତକିଆ ନଷ୍ଟ ହୋଇଯାଏ ନାହିଁ । ସାପ କାତି ଛଡ଼ାଇଲେ ନିଜକୁ ହତ୍ୟା କରେ ନାହିଁ । ଅବଶ୍ୟ ମୁଁ ଆଉ ତାହା କରିବି ନାହିଁ । କାରଣ ଏ ଯାଏ ତୋର ଆଧ୍ୟାତ୍ମିକ ଜିଜ୍ଞାସା ଦୂର ହୋଇ ନାହିଁ । ତୁ ଦିବ୍ୟଜ୍ଞାନରେ ସମୃଦ୍ଧ ହେଲା ପର୍ଯ୍ୟନ୍ତ ଏ ଶରୀରରେ ଆଉ କିଛି ଦିନ ଅବଶ୍ୟ ରହିବି ।''

ଠିକ୍ ଦଶବର୍ଷ ପରେ ଶିଷ୍ୟ ଜଣକ ଗଙ୍ଗାନଦୀରେ ସ୍ନାନ କରୁଛନ୍ତି, ଭାବିଲେ – ''ଗୁରୁ ତ ମୋତେ ଯଥେଷ୍ଟ ଜ୍ଞାନ ପ୍ରଦାନ କରି ସାରିଲେଣି । ତାଙ୍କୁ ସେହି ଶରୀରରେ ଆଉ ରହିବାକୁ ବାଧ କରିବା ମୋ ପାଇଁ ଅନଧିକାର; ସମ୍ଭବତଃ ଅପରାଧ ମଧ । ପରନ୍ତୁ ଶରୀର କ୍ଷୟଶୀଳ । ଦିନେ ନା ଦିନେ ତାହା ନଷ୍ଟ ହୋଇଯିବ ।'' ମନର ଏ ଭାବନା ମନରେ ରଖି ଶିଷ୍ୟଜଣକ ପର ମୁହୂର୍ତ୍ତରେ ଯେତେବେଳେ ଗୁରୁଙ୍କୁ ଭେଟିଲେ, ଗୁରୁଜି ତତ୍‌କ୍ଷଣାତ୍ କହିଲେ – ''ବାପା ! ଅନ୍ୟ ଶିଷ୍ୟ ଭାଇମାନଙ୍କୁ ମୋ ନିକଟକୁ ଡାକି ଆଣ । ମୋଠାରୁ ଆଉ ଯେଉଁ ଆଧ୍ୟାତ୍ମିକ ସାଧନା ସମ୍ପର୍କରେ ଜାଣିବାକୁ ଚାହୁଁଛ, ତାହା ପ୍ରକାଶ କର । ମୁଁ ଶିଖାଇ ଦେବି ଏବଂ ତାହାହିଁ ହେବ ମୋ'ଠାରୁ ତୁମମାନଙ୍କର ଅନ୍ତିମ ଶିକ୍ଷା । କାରଣ ଆଗାମୀ କାଲି ପ୍ରଭାତରେ ମୁଁ ଏ କଳେବରରେ ରହିବି ନାହିଁ ।'' ''କାହିଁକି ଗୁରୁଦେବ ?'' ବୋଲି ଶିଷ୍ୟ ଜଣକ ପ୍ରଶ୍ନ କରନ୍ତେ ଗୁରୁଦେବ ଉତ୍ତର ଦେଲେ – ''ବାବା ! ଆଜି ତୁମେ ସ୍ନାନ କଲାବେଳେ ଏ ଶରୀରରେ ମୋତେ ଆଉ ରହିବାକୁ ବାଧ କରିବା ଅନୁଚିତ ବୋଲି ଭାବୁ ନ ଥିଲ ? ଏତତ୍ ବ୍ୟତୀତ ଏବେ ତୁମେ ଆଧ୍ୟାତ୍ମିକ ଜ୍ଞାନରେ ସମୃଦ୍ଧ । ଉଚ୍ଚତର ସିଦ୍ଧି ହାସଲ ପାଇଁ ଏବେ ତୁମେ ସ୍ୱୟଂ ସକ୍ଷମ । ଅତଏବ ତୁମ ପ୍ରତି ମୋର କର୍ତ୍ତବ୍ୟ ସମାପ୍ତ । ଜୀବନର ପରପାରିରେ ଯାତ୍ରା ଆରମ୍ଭ କରିବା ପାଇଁ ମୁଁ ମୁକ୍ତ ଓ ସେଥିପାଇଁ ଏ ଜୀର୍ଣ୍ଣଶୀର୍ଣ୍ଣ ପୁରାତନ ଶରୀର ତ୍ୟାଗ ଆବଶ୍ୟକ ।

ନିର୍ଦ୍ଦିଷ୍ଟ ସମୟରେ ଗୁରୁ ହିମାଳୟର ଏକ ତୁଙ୍ଗ ଶିଖରରେ ଅନ୍ୟ ଶିଷ୍ୟମାନଙ୍କର ଜିଜ୍ଞାସା ଦୂର କରି ସାରି ଖାସ୍ ସେହି ଶିଷ୍ୟକୁ ପଚାରିଲେ – ''ବାପା ! ଏବେ ତୁମେ କୁହ ମୋ ଠାରୁ ଆଉ କ'ଣ ଚାହଁ ?'' ମର୍ମାହତ ଶିଷ୍ୟ ଜଣକ କମ୍ପିତ କଣ୍ଠରେ କହିଲେ – ''ଗୁରୁଦେବ ! ମୁଁ ଆପଣଙ୍କୁହିଁ ଚାହେଁ । ଆପଣଙ୍କ ନିରନ୍ତର ସାନ୍ନିଧ୍ୟହିଁ ମୋର ଏକାନ୍ତ କାମନା । ଅବଶିଷ୍ଟ ଜୀବନର ସଙ୍କଟ ବେଳେ ଆପଣଙ୍କ ସହାୟତାହିଁ ମୋର ଅନ୍ତିମ ଅଭୀପ୍ସା ।'' ଗୁରୁ ପ୍ରତିଶ୍ରୁତି ଦେଲେ ଓ ସମସ୍ତଙ୍କୁ ଆଶୀର୍ବାଦ କଲେ । ଶିଷ୍ୟମାନଙ୍କର ଶେଷ ପ୍ରଣାମ ଗ୍ରହଣ କରି ସିଦ୍ଧାସନରେ ବସି ଧୀରେ ଧୀରେ ଆଖିବନ୍ଦ କରି ସ୍ଥିର ନିଶ୍ଚଳ ହୋଇଗଲେ । କିଛି କ୍ଷଣ ପରେ 'ଓଁ' ଉଚ୍ଚାରଣ କରି ସେହି ଅବସ୍ଥାରେ ପ୍ରାଣହୀନ ହୋଇଗଲେ । ମ୍ରିୟମାଣ ଶିଷ୍ୟଗଣ ଅବଶ୍ୟ ଦୁଃଖରେ ଭାଙ୍ଗି ପଡ଼ିଲେ ନାହିଁ; କିନ୍ତୁ ଦୀର୍ଘସମୟ ବିଚାରବିମର୍ଶ କରିବା ସତ୍ତ୍ୱେ ବି ମୃତ ଶରୀରକୁ ପୋତି ଦେବେ ନା ଗଙ୍ଗାରେ ବିସର୍ଜନ କରିଦେବେ ସ୍ଥିର କରିପାରିଲେ ନାହିଁ । ଅବଶେଷରେ ଚଉଷଠି ମାଇଲ ଦୂରବର୍ତ୍ତୀ ଗୁରୁଙ୍କର ଅବସ୍ଥାନ ସ୍ଥଳରେହିଁ ସମାଧି ଦେବା ନିମନ୍ତେ ଶବଟିକୁ କାନ୍ଧରେ ବହନ କରି ପାର୍ବତ୍ୟ ପ୍ରଦେଶର ଦୁର୍ଗମ ପଥରେ ଚାଲିବାକୁ ଆରମ୍ଭ କଲେ । କିନ୍ତୁ ଦୁଇ ଦିନ ଦୁଇ ରାତି ବିତି ଯିବା ପରେ ବି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଲେ ନାହିଁ । ସେତେବେଳକୁ ଭୋକ, ଓପାସ ଓ ପଥଚଲା ପରିଶ୍ରମ ସମସ୍ତଙ୍କୁ ଅତ୍ୟନ୍ତ ଦୁର୍ବଳ କରିଦେଇ ସାରିଥାଏ । ଅପର ପକ୍ଷରେ ଶବଟି ପଚିଶଢ଼ି ଯିବାର ଆଶଙ୍କା ମଧ ଦୃଢ଼ରୁ ଦୃଢ଼ତର ହୋଇ ସାରିଥାଏ । ତେଣୁ ବାଧ ହୋଇ ସେହିଠାରେହିଁ ଗାତ ଖୋଳି ପୋତି ଦେବାକୁ ନିଷ୍ପତ୍ତି ନେଲେ । ଛଅଫୁଟ ଲମ୍ବ ଓ ଛଅଫୁଟ ଓସାରର ଗାତଟିଏ ଖୋଳି ସେଥିରେ ମୃତ ଶରୀରକୁ ଥୋଇ

ଦେଲେ; ତା' ଉପରେ ଯେତେବେଳେ ମାଟି ଘୋଡ଼ାଇ ଦେବାକୁ ଯାଉଛନ୍ତି ଆଶ୍ଚର୍ଯ୍ୟଜନକ ଭାବେ ସମସ୍ତଙ୍କର ହାତଗୋଡ଼ ଅଚଳ ହୋଇଗଲା । ସମସ୍ତଙ୍କ ଶରୀରରୁ ଜୀବନ ବାହାରି ଗଲା ପରି ଲାଗିଲା । ହଠାତ୍ ଅଦୂରରୁ ଶୁଣାଗଲା ଗୁରୁଙ୍କର କଣ୍ଠସ୍ୱର – ''ମୁଁ ଏଇଠାରେ ଅଛି । ଉଠ ! ଦୁଃଖ କର ନାହିଁ । ତୁମେମାନେ ମୋର ସାହାଯ୍ୟ ଚାହଁ ନା ମୋତେ ପୁନର୍ବାର ସେହି ଶରୀରରେ ଚାହଁ ?'' ''ଆପଣଙ୍କୁ ଆମେ ଏଇ ଶରୀରରେ ପୁନର୍ବାର ଚାହୁଁ'' ବୋଲି ଶିଷ୍ୟଗଣ ଉତ୍ତର ଦିଅନ୍ତେ ତତ୍‌କ୍ଷଣାତ୍ ସମସ୍ତଙ୍କର ହାତଗୋଡ଼ ସଚଳ ହୋଇଗଲା । ଦେହରୁ କ୍ଳାନ୍ତି ଅପସରି ଗଲା । ପ୍ରତ୍ୟେକଙ୍କ ଉଦାସ ମନ ପ୍ରସନ୍ନତାରେ ପୂର୍ଣ୍ଣ ହୋଇଗଲା । ଗାତ ଭିତରୁ ଗୁରୁ ଧୀରେ ଧୀରେ ଉଠି ବସିଲେ ଓ କହିଲେ – ''ଏହା ଅତ୍ୟନ୍ତ ଦୁଃଖର ବିଷୟ ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ତୁମେମାନେ ଶରୀର ମୋହରୁ ମୁକ୍ତ ହୋଇପାରି ନାହଁ, ଯାହାକି ଦିବ୍ୟଜ୍ଞାନ ପ୍ରାପ୍ତି ଦିଗରେ ଅନ୍ତରାୟ । ଯିଏ ସାକାର ଶରୀର ଓ ନିରାକାର ଆତ୍ମାର ସମ୍ପର୍କ ବିଷୟରେ ଅଚେତନ ସେହିଁ ସ୍ଥୂଳ ଶରୀର ପ୍ରତି ଆସକ୍ତ ରହେ ଓ ମୃତ୍ୟୁରେ ମର୍ମାହତ ହୁଏ । ଜଣେ ଆଧାତ୍ମିକ ବ୍ୟକ୍ତି ମୃତ୍ୟୁରେ ମର୍ମାହତ ହେବା ଅସ୍ୱାଭାବିକ । ସ୍ଥୂଳ ମୃତ୍ୟୁର ଅର୍ଥ ସେମାନଙ୍କ ପାଇଁ ଭିନ୍ନ । କାରଣ ସେମାନେ ଜାଣନ୍ତି ଯେ, ନିଃଶ୍ୱାସ ପ୍ରଶ୍ୱାସ ଜରିଆରେହିଁ ଦେହ ଓ ଆତ୍ମା ମଧ୍ୟରେ ସମ୍ପର୍କ ସ୍ଥାପିତ ହୋଇଥାଏ । ଯେତେବେଳେ ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯାଏ ସେତେବେଳେ ସେହି ସଂପର୍କ ଛିନ୍ନ ହୁଏ । ଦେହରୁ ଆତ୍ମା ବାହାରି ଯାଏ । ତାହାହିଁ ତଥାକଥିତ ମୃତ୍ୟୁ । ଯାହାକି ଶରୀରର ଏକ ଗତାନୁଗତିକ ଅଭ୍ୟାସ । ଜୀବନର ଅନ୍ୟାନ୍ୟ ପରିବର୍ତ୍ତନ ପରି ଏକ ଆବଶ୍ୟକ ପରିବର୍ତ୍ତନ । ସେ ପରିବର୍ତ୍ତନ ଆତ୍ମାରହିଁ ସିଦ୍ଧାନ୍ତ । ଆତ୍ମା ନିଜେ ନିଜ ବିକାଶକୁ କ୍ଷିପ୍ରତର କରିବା ପାଇଁ ମୃତ୍ୟୁକୁ ସ୍ୱାଗତ କରିଥାଏ । ତେଣୁ କୌଣସି ବ୍ୟକ୍ତି ଗୋଟିଏ ନିର୍ଦ୍ଦିଷ୍ଟ ଶରୀରରେ ଚିରଦିନ ରହିପାରିବ ନାହିଁ । ଅବଶ୍ୟ ଶରୀରରୁ ବାହାରି ଗଲା ପରେ ମଧ୍ୟ ଜଣେ ବିନା ଶରୀରରେ ନିଜ ଅସ୍ତିତ୍ୱକୁ ଅନୁଭବ କରିପାରିବ । ପୋଷାକ ବିନା ଖୋଲା ଦେହରେ ବାହାରକୁ ଗଲେ ଆମକୁ ଯେପରି ଲାଗେ, ଶରୀର ବିନା ନିଜ ଅସ୍ତିତ୍ୱ ଠିକ୍ ସେହିଭଳି ଅନୁଭୂତ ହୁଏ । ତେଣୁ ମୃତ୍ୟୁ କାହାରିକୁ ଶେଷ କରିପାରେ ନାହିଁ । କେବଳ ଗୋଟିଏ ଶରୀରର ବନ୍ଧନରୁହିଁ ମୁକ୍ତ କରିଦିଏ । ତେଣୁ ମୃତ୍ୟୁକୁ ଭୟ କରିବାର କୌଣସି କାରଣ ନାହିଁ । ସ୍ୱୟଂ ମୃତ୍ୟୁ ମଧ୍ୟ କଷ୍ଟଦାୟକ ନୁହେଁ; ମୃତ୍ୟୁର ଭୟହିଁ କଷ୍ଟଦାୟକ । ସଚ୍ଚା ସାଧୁସନ୍ଥ, ସ୍ୱାମୀ-ସନ୍ନ୍ୟାସୀ, ଯୋଗୀ, ଋଷିମାନେ ମୃତ୍ୟୁର ଏହି ରହସ୍ୟ ଜାଣିଥିବାରୁ ମୃତ୍ୟୁରେ ସେମାନେ ଦୁଃଖିତ ହୁଅନ୍ତି ନାହିଁ କି ମୃତ୍ୟୁକୁ ଭୟ କରନ୍ତି ନାହିଁ । ବରଂ ପରପାରି ଉଦ୍ଦେଶ୍ୟରେ ବିଦାୟର ମୁହୂର୍ତ୍ତ ଆସିଗଲେ ତାହା ସେମାନେ ଜାଣି ପାରନ୍ତି । ମୃତ୍ୟୁର ଏହି ରହସ୍ୟକୁ ଉପଲବ୍ଧି କରିବା ପାଇଁ ଯେଉଁ ପ୍ରାଚୀନ ପ୍ରକ୍ରିୟା ବା କୌଶଳ ଅଛି ତାହାହିଁ ହେଉଛି ଯୋଗ । ଯୋଗବଳରେ ଜଣେ ଅନାୟାସରେ ଉପଲବ୍ଧି କରିବ ଯେ ମୃତ୍ୟୁ ଅଳୀକ ଓ ଅବାସ୍ତବ । ମୃତ୍ୟୁ ଜୀବନର ସମାପ୍ତି ବି ନୁହେଁ; ବରଂ ବ୍ୟାପକତର ଜୀବନର ସାବ୍ୟସ୍ତି । ସୂର୍ଯ୍ୟାସ୍ତ ଭିତରେ ସୂର୍ଯ୍ୟୋଦୟର ପ୍ରତିଶ୍ରୁତି ଯେପରି ନିହିତ, ମୃତ୍ୟୁ ଭିତରେ ପୁନର୍ଜନ୍ମର ପ୍ରତିଶ୍ରୁତି ମଧ୍ୟ ସେହିପରି ନିହିତ । ଯୋଗ-ସାଧକମାନଙ୍କ ପାଇଁ ଜନ୍ମ ଓ ମୃତ୍ୟୁ ଜୀବନର ଅନ୍ୟାନ୍ୟ ଘଟଣା ପରି ଦୁଇଗୋଟି ସାଧାରଣ ଓ ସ୍ୱାଭାବିକ ଘଟଣା । ଜୀବନ ରୂପକ ରେଖାର ଦୁଇଗୋଟି ବିନ୍ଦୁ ସଦୃଶ । ଯାହାର ଏ ଜ୍ଞାନ ନାହିଁ ସେହିଁ ମୃତ୍ୟୁକୁ ଭୟ କରେ, ମୃତ୍ୟୁ ସମୟରେ ବହୁ ମାନସିକ ଯନ୍ତ୍ରଣା ଭୋଗେ । ଆଜିର ବିଜ୍ଞାନୀ ମଣିଷ ଅନେକ କିଛି ଜାଣିଛି । ଜନ୍ମ ହେବାର ବହୁ ରହସ୍ୟକୁ ମଧ୍ୟ ଉନ୍ମୋଚନ କରିଛି । କିନ୍ତୁ ଜୀବନର ଦର୍ଶନ ବୁଝି ନ ଥିବାରୁ ସୁଖକର ମୃତ୍ୟୁ ବରଣ କରିପାରୁ ନାହିଁ କି ମୃତ୍ୟୁର ବେଦନାଦାୟକ ମାନସିକ ପର୍ଯ୍ୟାୟରୁ ଉତ୍ତୀର୍ଣ୍ଣ ହୋଇ ପାରୁ ନାହିଁ ।

ହିମାଳୟର ଅସରନ୍ତି ପର୍ବତମାଳାରେ ଅନେକ ସାଧୁସନ୍ଥ, ମୁନିଋଷି, ଯୋଗୀ, ତପସ୍ୱୀ ଅଛନ୍ତି ଯେଉଁମାନେ କି ଯୋଗବଳରେ ନିଜ ଆନ୍ତର ସତ୍ତାରେ ସାଇତି ରଖିଛନ୍ତି ତପସ୍ୟାଲବ୍ଧ କେତେ ସିଦ୍ଧି । ଯେଉଁମାନେ ଇଚ୍ଛା କଲେ ହଜାର ହଜାର ବର୍ଷ ବଞ୍ଚି ପାରନ୍ତି, ଇଚ୍ଛା କଲେ ମୁହୂର୍ତ୍ତକ ମଧ୍ୟରେ ଦେହତ୍ୟାଗ କରି ପାରନ୍ତି, ଇଚ୍ଛା କଲେ ଅନ୍ୟର ଶରୀରରେ ମଧ୍ୟ ପ୍ରବେଶ କରି ପାରନ୍ତି । ମୃତ୍ୟୁ ଉପରେ ବିଜୟର ଏହା ଏକ ପଦକ୍ଷେପ କିନ୍ତୁ ଏହା ମୃତ୍ୟୁ ଉପରେ ଚରମ ବିଜୟ ନୁହେଁ । ଯେତେବେଳେ ଭୌତିକ ଶରୀର ଅତିମାନସ ତତ୍ତ୍ୱରେ ସଂପୂର୍ଣ୍ଣ ରୂପାନ୍ତରିତ ହେବ ଅଥବା ଅତିମାନସ ଜୀବ ସିଧା ପୃଥିବୀରେ ଜନ୍ମ ଗ୍ରହଣ କରିବେ ସେତେବେଳେ ମୃତ୍ୟୁର ଆବଶ୍ୟକତା ଓ ଅସ୍ତିତ୍ୱ ଆଉ ରହିବ ନାହିଁ ।

(ବି. ଦ୍ର. *Living with Himalayan Master* ଗ୍ରନ୍ଥର ଅନୁସରଣରେ ।)

❑❑❑

କାହାଣୀ :

# ପିଶାଚ-ପତି-ଗୁମ୍ଫ-ବିନାଶନ ବୀର

## ମନୋଜ ଦାସ

ଥିଲା ଏକ ପର୍ବତ-ପରିବେଷ୍ଟିତ ଗାଁ । ଦୁଇ ପର୍ବତ ଶ୍ରେଣୀ ମଝିଦେଇ ଯେଉଁ ରାସ୍ତାଟି ଅଦୂରର ଛୋଟ ସହର ଆଡ଼େ ଲମ୍ବି ଯାଇଥିଲା, ସେ ରାସ୍ତା ପୁଣି ଘନ ଜଙ୍ଗଲ ପରିବୃତ । କିନ୍ତୁ ସେ ଜଙ୍ଗଲରେ କୌଣସି ବାଘ ଭାଲୁ ନଥିଲେ । ଲୋକେ ନିରାପଦରେ ସହରକୁ ଯାଇ ପନିପରିବା ବିକି, ମୂଲ ଖଟି, ଦୁଇ ପଇସା ଆୟ କରୁଥିଲେ । ସହରରୁ ମଧ୍ୟ ବେପାରୀମାନେ ଆସି ଗାଁରେ ସେମାନଙ୍କ ଚିଜ ବିକ୍ରିବଟା କରି ଯାଉଥିଲେ ।

କିନ୍ତୁ କାହୁଁ କେଜାଣି ବାଘ ଭାଲୁଠାରୁ ଭୀଷଣ ଗୋଟାଏ ପ୍ରାଣୀ ଆସି ସେ ଜଙ୍ଗଲରେ ବସବାସ କରିବାକୁ ଆରମ୍ଭ କଲା । ସେଇଟି ଗୋଟାଏ ରାକ୍ଷସ । ଗାଁ ପଟରୁ ହେଉ ବା ସହର ପଟରୁ ହେଉ ଯିଏ ବଣରେ ପଶିଲା, ସିଏ ଆଉ ବାହାରିବାର ଦେଖାଗଲା ନାହିଁ । ଫଳରେ ଦୁଇ ପଟର ଲୋକେ ଆତଙ୍କିତ ହୋଇ ରହିଲେ ।

ସହର ଲୋକଙ୍କର ବା କ'ଣ ଯାଏ ଆସେ ! କିନ୍ତୁ ଗାଁ ଲୋକେ କ୍ରମେ କ୍ରମେ ଅଧିକରୁ ଅଧିକ ଅସୁବିଧା ଭୋଗ କଲେ । ଅବସ୍ଥା ଏମିତି ହେଲା ଯେ ମୂଲ ଲାଗିବାକୁ ଯାଇ ନପାରି ଗାଁର ସବୁ ପରିବାର ଅର୍ଦ୍ଧାହାରରେ ରହିଲେ ।

ଗାଁରେ ଥିଲା ହୁସୁ ବୋଲି ଚତୁର ଏବଂ ସାହସୀ ଟୋକା । ଦିନେ ତା'ର ବାପା ବେମାର ପଡ଼ିଲେ । କିନ୍ତୁ ଜଣେ ସହରକୁ ଗଲେ ସିନା ବୈଦ୍ୟଙ୍କୁ ଭେଟିବ ଏବଂ ଔଷଧପତ୍ର ଆଣିବ ! ସହରକୁ ଯିବାର ଉପାୟ କ'ଣ ?

ହୁସୁ ସ୍ଥିର କଲା ସେ ଯିବହିଁ ଯିବ । ପ୍ରାଣ ଗଲେ ଯାଉ, କିନ୍ତୁ ଗାଁ ଲୋକଙ୍କୁ ସେ ଏହି ଭୟଙ୍କର ସଙ୍କଟରୁ ଉଦ୍ଧାର କରିବାର ଚେଷ୍ଟା ଅବଶ୍ୟ କରିବ ।

ଦିନେ ହୁସୁ ପଶିଲା ଜଙ୍ଗଲରେ । ସାଥିରେ ଅସ୍ତ୍ରଶସ୍ତ୍ର ତ ଦୂରର କଥା, ଖଣ୍ଡିଏ ବାଡ଼ି ମଧ୍ୟ ନେଲା ନାହିଁ । ତେବେ ମୁଣିରେ ପୂରାଇଥାଏ ଗୋଟାଏ ବତକ ଅଣ୍ଡା ।

ହୁସୁ ଗଛଲତାରୁ ଫଳମାନ ତୋଳି ଖାଉଥାଏ । କିନ୍ତୁ ଖୁବ୍ ସାବଧାନରେ ଏଣେତେଣେ ଅନାଇ ସବୁ ଲକ୍ଷ୍ୟ କରୁଥାଏ । ଦେଖିଲା, ଗୋଟାଏ ବିଲୁଆ ତା' ଉପରେ ଆଖି ରଖି ସେ ଯୁଆଡ଼େ ଗଲେ ଯାଉଛି । ଦୁଇପହର ବେଳକୁ ସେ ଦେଖିଲା, ଗୋଟାଏ ଶିଳାଢିପ ପଛପଟେ ଲୁଚିରହି ରାକ୍ଷସ ତାକୁ ଅନାଇଛି । ନିଶ୍ଚୟ ତା' ଉପରକୁ କୁଦା ମାରିବାକୁ ବେଳ ଉଣ୍ଡୁଛି ।

''ଆରେ କୁନି ରାକ୍ଷସ ! ମୋତେ ଡରୁଛୁ କି ? ମୁଁ ଆସିଛି ବୋଲି ବୋଧହୁଏ ତୋତେ କେହି ଖବର ଦେଇଛି । ମୁଁ ସେହି ହୁସୁ — ଭୀଷଣ, ବିଭୀଷଣ, ପିଶାଚ-ପତି-ଗୁମ୍ଫ-ବିନାଶନ ବୀର ହୁସୁ । ମୋ ସାମନାକୁ ବାହାରିଆ ।'' ଡାକ ଦେଲା ହୁସୁ ।

ଆଶ୍ଚର୍ଯ୍ୟ ହୋଇ ଧୀରେ ଧୀରେ ବାହାରି ଆସିଲା ରାକ୍ଷସ । ଯୋଡ଼ାଏ କଳାନାଗ ଭଳି ଦିଶୁଥିବା ତା' ଦୁଇ ଭ୍ରୂଲତା ଉପରକୁ ଉଠିଗଲା । ସେ କହିଲା, ''ଭୀଷଣ, ବିଭୀଷଣ — ଏ ଦୁଇଟି ଶବ୍ଦ ବୁଝିଲି । ପିଶାଚ-ପତି-ଗୁମ୍ଫ-ବିନାଶନ ମାନେ ?''

''ତୋର କିଛି ଭାଷାଜ୍ଞାନ ଅଛି ଦେଖୁଛି । ଶୁଣ । ନରପତି ମାନେ କ'ଣ ? ଯିଏ ମଣିଷଙ୍କ ରାଜା । ପିଶାଚ-ପତିର ମାନେ ପିଶାଚଙ୍କ ରାଜା । ଗୁମ୍ଫ ମାନେ ନିଶ । ଥରେ ମୁଁ ପିଶାଚପୁରୀରେ ପଶି ପିଶାଚ-ପତିର ନିଶ ହଳକ ଜଳାଇ ଦେଲି । କାରଣ ନିଶ ଲମ୍ବାଇ ଦେଇ ସେ ଲୋକଙ୍କର କଣ୍ଠରୋଧ କରୁଥାଏ । ମୋତେ ମିଳିଗଲା ପିଶାଚ-ପତି-ଗୁମ୍ଫ-ବିନାଶନ ଉପାଧି । ଦରକାର ପଡ଼ିଲେ ଦିନେ ରାକ୍ଷସପୁରୀ ଯାଇ ରାକ୍ଷସପତିକୁ ଚେଙ୍କେ ଦେବାର ଇଚ୍ଛା ଅଛି । ସେତେବେଳେ ଆଉ ଗୋଟାଏ ଉପାଧି ମିଳିଯିବ । ତେବେ ତୋର ଭୟ ନାହିଁ । ତୋ ଭଳି ନିରାଶ୍ରୟ, କୁନି ରାକ୍ଷସକୁ ମୁଁ ଦଣ୍ଡ ଦେବି ନାହିଁ ।''

''କିନ୍ତୁ ମୁଁ ତୁମ ବିଷୟରେ ତ କିଛି ଶୁଣି ନ ଥିଲି !'' ରାକ୍ଷସ କହିଲା ।

''ଶୁଣି ନ ଥିଲୁ ? ଟୋକା ! ତୁ କେବେ ବି ସାଧାରଣଜ୍ଞାନ ପରୀକ୍ଷାରେ ସଫଳ ହେବାର ଆଶା ନାହିଁ । ସେ ଯାହା ହେଉ, ମୁଁ ତୋର ପରୀକ୍ଷା ନେବାକୁ ଆସି ନାହିଁ । ଖାଲି ତୋତେ ଏଠାରୁ ବିଦାୟ ଦେବାକୁ ଆସିଛି । ଜାଣିଛୁ ତ, ତୋର ମଣିଷଟିଏ ଦେଖିଲେ ତାକୁ ଚୋବାଇ ପକାଇବାର ବଦଭ୍ୟାସ ରହିଛି । ଆମ ଏଠାକାର ଲୋକେ କାହା ଦ୍ୱାରା

ଚୋବାଇ ହେବାକୁ ପସନ୍ଦ କରନ୍ତି ନାହିଁ । ମୁଁ ପିଶାଚପୁରୀରୁ ଫେରିଆସନ୍ତେ ଆମ ଲୋକେ ମୋତେ ଅନୁରୋଧ କଲେ ତୋତେ ଚେତାବନୀ ଦେବା ପାଇଁ । ଏଠାରୁ ପଳା, ନ ହେଲେ ଅବଶ୍ୟ ଅନିଚ୍ଛା ସତ୍ତ୍ୱେ ତୋ ପେଟରେ ଗୋଟାଏ ଏମିତି ଭୁସା ମାରିବି, ତୁ ପକ୍ଷୀଟିଏ ବନିଯାଇ କିଛି ଦୂର ଉଡ଼ି ତଳେ କଚାଡ଼ି ହୋଇ ପଡ଼ିବୁ । ସେଇଟା ତୋ' ପାଇଁ ସୁଖକର ହେବ କି ?'' ଛାତି ଉପରେ ବାହୁ ଛନ୍ଦି ହୁସୁ ପ୍ରଶ୍ନ କଲା ।

''ଏମିତି କଥା ! କିନ୍ତୁ ତୁମେ ସେଡ଼େ ବଳବାନ୍ ବୋଲି ତ କାହିଁ ମନେ ହେଉ ନାହିଁ !'' ରାକ୍ଷସ ସନ୍ଦେହ ପ୍ରକଟ କଲା ।

ହୁସୁ ହସିଲା । ''ଶୁଣ ରାକ୍ଷସ ଟୋକା, ମୁଁ ମୋର ବଳ ଦେଖାଇ ହୁଏ ନାହିଁ । ମୋତେ ଦେଖି ଲୋକେ ଡରି ଯାଆନ୍ତୁ, ମୁଁ ସେକଥା ଚାହେଁନା । କିନ୍ତୁ ତୋ ଭଳି ରାକ୍ଷସଟିଏ ଚୂନା କରି ପକାଇବା ମୋ ପାଇଁ ଖେଳ କଥା – ଗୋଟାଏ ଲେମ୍ବୁ ଚିପୁଡ଼ିବା ପ୍ରାୟ । ତୋତେ ଦେଖାଇ ଦେଉଛି ।'' ଏହା କହି ହୁସୁ ଖଣ୍ଡିଏ ପଥର ଟେକା ଉଠାଇ ନେଇ ରାକ୍ଷସକୁ ଧରାଇ ଦେଇ କହିଲା, ''ଏହାକୁ ଚିପି ଧୂଳି କରୁ ।''

ରାକ୍ଷସ ଚେଷ୍ଟା କଲା । କିନ୍ତୁ ପାରିଲା ନାହିଁ । ହୁସୁ ପଥର ଖଣ୍ଡିକ ତା' ହାତରୁ ନେଇ ଆଖି ପଲକରେ ତାକୁ ଲୁଚାଇ ଅଣ୍ଡାଟିକୁ ଧରି ସତେ ଯେମିତି ବହୁତ ବଳ ପ୍ରୟୋଗ କରୁଛି, ସେମିତି ଅଭିନୟ କରି ଚିପି ଦେଲା । ସେଥିରୁ ଝରି ପଡ଼ିଲା ଜଳୀୟ ବସ୍ତୁ ।

ରାକ୍ଷସ ସ୍ତବ୍ଧ ହୋଇ ଠିଆ ହୋଇରହିଲା । କ୍ରମେ ସେ ବୁଝିଲା, ହୁସୁ ସହ ଲଢ଼ିବା ସହଜ ନୁହେଁ । କୌଶଳ କରି ତାକୁ ମାରିଦେବା ହିଁ ଏକମାତ୍ର ଉପାୟ । ସେ କହିଲା, ''ଦେଖ ବାବୁ, ମୁଁ ବଣ ଛାଡ଼ି ଚାଲିଯିବି । କିନ୍ତୁ ବେପାରୀ ଓ ଅନ୍ୟାନ୍ୟ ବାଟୋଇଙ୍କୁ ମାରି ସେମାନଙ୍କଠୁଁ ଗୁଡ଼ାଏ ପଇସାପତ୍ର ଓ ଧନରତ୍ନ ଛଡ଼ାଇ ରଖିଛି । ତୁମକୁ ସେସବୁ ଦେଖାଇ ଦେବି । ତୁମେ ଯେତେ ଇଚ୍ଛା ସେତେ ସେହିସବୁ ବିତ୍ତ ଘରକୁ ବୋହି ନେଇଯିବ । ଗୋଟାଏ ଅନୁରୋଧ । ରାତିଟି ମୋର ଅତିଥି ହୋଇ କଟାଅ ।''

''ବେଶ୍ !'' ହୁସୁ ରାଜି ହୋଇ ରାକ୍ଷସ ସହ ତା'ର ବାସସ୍ଥାନ ପ୍ରଶସ୍ତ ଗୁମ୍ଫାରେ ପଶିଲା । ରାକ୍ଷସ ତାକୁ ପରଶି ଦେଲା ଅନେକ ସୁସ୍ୱାଦୁ ଫଳମୂଳ – ଯେହେତୁ ସେ କଞ୍ଚାମାଂସ ଗିଳିବାକୁ ମଙ୍ଗିଲା ନାହିଁ ।

ତା'ପରେ ଦୁହେଁ ଶୋଇଲେ । ରାକ୍ଷସମାନଙ୍କୁ ଚଟାପଟ ନିଦ ହୋଇଯାଏ । ଏ ରାକ୍ଷସ ବି ଯଥାଶୀଘ୍ର ଘଡ଼ଘଡ଼ି ମାରିଲା ଭଳି ଘୁଙ୍ଗୁଡ଼ି ମାରିଲା । ହୁସୁ ଚେଇଁ ରହିଥାଏ । କିଛି ସମୟ ପରେ ସେ ଗୋଟାଏ କାଠଖଣ୍ଡ ଆଣି ବିଛଣାରେ ଥୋଇ ତା' ଉପରେ ଚଦର ଘୋଡ଼ାଇ ଦେଲା ଏବଂ ନିଜେ ଯାଇ ଗୋଟାଏ କୋଣରେ ବସିଲା । ସେ ଯାହା ଆଶଙ୍କା କରୁଥିଲା, ତାହାହିଁ ହେଲା । ମଝି ରାତି ବେଳକୁ ରାକ୍ଷସ ଉଠି ପଡ଼ିଲା । ତା'ପରେ ଗୋଟାଏ ବିଶାଳ ପଥର ଗଦା ଆଣି ଯଥାସାଧ୍ୟ ଜୋର୍‌ରେ ସେ କାଠଖଣ୍ଡ ଉପରେ ପିଟିଲା – ଥରେ ନୁହେଁ, ତିନିଥର । ଅତିଥି ସୋରଶବଦ ନ ଦେବାରୁ ସେ ମରିଛି ବୋଲି ନିଶ୍ଚିତ ହୋଇ ରାକ୍ଷସ ପୁଣି ଶୋଇ ପଡ଼ିଲା । ଖୁସିରେ ଏଥର ଆହୁରି ଚଟାପଟ ନିଦ ଆସିଗଲା । ରାତ୍ରିରେ ଏମିତି ଘୁଙ୍ଗୁଡ଼ି ମାରିଲା ସତେ ଯେମିତି ଭୂମିକମ୍ପ ହୋଇଯିବ ।

ହୁସୁ କାଠଗଡ଼ ଦୂରେଇ ଦେଇ ପୁଣି ବିଛଣାରେ ଶୋଇ ପଡ଼ିଲା । ଭୋର ବେଳକୁ ରାକ୍ଷସର ଘୁଙ୍ଗୁଡ଼ି କ୍ରମେ ମନ୍ଥର ହୋଇ ଆସନ୍ତେ ସେ ଉଠି ବସି ନିଦୁଆ କଣ୍ଠରେ କହିଲା, ''ଆରେ ରାକ୍ଷସ ଟୋକା ! ତୋର ଏ ବସାଘରେ ବଣୁଆ ଅସରପା କିଂବା ବାଦୁଡ଼ି ଭଳି ଜୀବଟିଏ ଅଛି ପରା ! ତିନିଥର ଆସି ମୋ ମୁଣ୍ଡରେ ଡେଣା ପିଟିଲା । ମୁଁ ଭଲ ଭାବରେ ଶୋଇ ପାରିଲି ନାହିଁ । ଆଚ୍ଛା, ଆଉ ଥରେ ଶୋଇବାକୁ ଚେଷ୍ଟା କରେ ।''

ସେତେବେଳକୁ ରାକ୍ଷସ ଦେହରୁ ଝାଳ ବହିଗଲାଣି । ବର୍ତ୍ତମାନ ତା'ର ଏକାମାତ୍ର ଭରସା ଗୋଟାଏ ବିଲୁଆ । କେହି ମଣିଷ ବଣରେ ପଶିଲେ ସେ ଆସି ଯଥାସମୟରେ ରାକ୍ଷସକୁ ଇଙ୍ଗିତ ଦେଉଥାଏ । ସେ ବାବଦରେ ରାକ୍ଷସ ହରିଣ ବା ସେମିତି କିଛି ପଶୁ ମାରିଲେ ବିଲୁଆଟିକୁ ତା'ର କିଛି ଅଂଶ ଦେଉଥାଏ ।

''ମୁଁ ଟିକିଏ ଆସୁଛି, ତୁମେ ଶୋଇଥା !'' କହି ରାକ୍ଷସ ବାହାରିଗଲା ।

କିଛି ସମୟ ପରେ ହୁସୁ ବାହାରକୁ ଆସିଲା ବେଳକୁ ଦେଖିଲା, ବିଲୁଆଟି ଆସୁଛି । ତା'ପଛରେ ଆସୁଛି ରାକ୍ଷସ । ଅବସ୍ଥା ଅନ୍ଦାଜ କରିନେଲା ହୁସୁ । ସେ ଗୋଟାଏ ଶକ୍ତ ଟେକା ଉଠାଇ ବିଲୁଆକୁ କହିଲା, ''ହଇରେ ଅଯୋଗ୍ୟ ପଶୁ ! ତୋତେ କାହିଁକି ମୁଁ ଗୁପ୍ତଚର ନିଯୁକ୍ତ କରିଥିଲି ? ତୁ ଏହି ଖେଳନା ଭଳି ସାମାନ୍ୟ ରାକ୍ଷସଟାକୁ କୌଣସି ଉପାୟରେ ବାନ୍ଧି ପାରିଲୁ ନାହିଁ ? ମୋତେ ଏତେ କଷ୍ଟ କରି ଆସିବାକୁ ପଡ଼ିଲା !''

ହୁସୁର ଟେକା ଶିଆଳ ମୁଣ୍ଡରେ ବାଜିଲା । ସେ ମୂର୍ଚ୍ଛା ଗଲା ।

‘‘ମୁଁ ଚାଲିଯାଉଛି’’ କହି ରାକ୍ଷସ ଦୌଡ଼ିବାକୁ ଲାଗିଲା । ବଣ ବାହାରେ, ସହର ଏଡ଼ାଇ ସେ ଗୋଟାଏ ବିଶାଳ ମଇଦାନ ଦେଇ ଦୌଡୁଥିବାର କେହି କେହି ଦେଖିଥିଲେ; ହୁଏତ ଏବେ ବି ଦୌଡୁଥିବ ।

(‘ମନୋଜ କିଶୋର ସାହିତ୍ୟ ସଙ୍କଳନ’ରୁ ସଂଗୃହୀତ, ପୃ. ୮୮-୯୩) ❑

*“What is God after all ? An eternal child playing an eternal game in an eternal garden.”*

*(Thoughts and Glimpses, SABCL, Vol. 16, pp. 380 – 81)* – *Sri Aurobindo*

‘‘ପରମେଶ୍ୱର କହିଲେ ଆମେ କ’ଣ ବୁଝିବା ? ସେ ହେଉଛନ୍ତି ଜଣେ ଶାଶ୍ୱତ ଶିଶୁ, ଯିଏକି ଶାଶ୍ୱତ ଉଦ୍ୟାନଟିରେ ଏକ ଶାଶ୍ୱତ କ୍ରୀଡ଼ାରେ ମଗ୍ନହୋଇ ରହିଛନ୍ତି ।

– ଶ୍ରୀଅରବିନ୍ଦ

# ବଇଁଶୀଟିଏ ମୁଁ ହେବାକୁ ଚାହେଁ

## ଦୀପ୍ତି ମିଶ୍ର

ମୁଁ ଏକ ଅଲେଖା ସଫେଦ କାଗଜ
(ପ୍ରଭୁ) ଛାପିଦିଅ ମୋର ଜୀବନ ଗାଥା,
ନୀରବତା ମୋର କହୁ ଥାଉ ସଦା
ତୁମ ଦରଶନ ବିଜୟ କଥା ।

ତୁମରି ପରଶେ ଧୋଇ ଯାଉ ଯେତେ
ଦୁଃଖ ଯନ୍ତ୍ରଣା ଏ ଜୀବନର,
ମୋ ନୟନ ବାରି ଧୋଇ ଦେଉ ତବ
ଅଗତିର ଗତି ପଦ ଯୁଗଳ ।

ଯେତେ ଅବସାଦ, ହତାଶା, ନିରାଶା
ଲିଭିଯାଉ ଏଇ ଜୀବନୁ ମୋର,
ହୃଦ ଉପବନେ ଫୁଟୁଥାଉ ସଦା
ଦିବ୍ୟ ପାରିଜାତ ଫୁଲ ଖୁସିର ।



ତୁମରି ପ୍ରୀତିର ଜୁଆରରେ ମିଶୁ
ମୋର ହସ, ଲୁହ, ରୋଗ, ବିରାଗ,
ତୁମ ଆଶିଷର ଅମୃତ ପରଶେ
ମାନୁଷୀ ବନ୍ଧନୁ ହୁଏ ମୁଁ ମୁକ୍ତ ।

ବାଉଁଶ ଖଣ୍ଡେ ମୁଁ ତୁମରି ହାତରେ
ବଇଁଶୀଟିଏ ମୁଁ ହେବାକୁ ଚାହେଁ,
ଏଥିପାଇଁ ଯେତେ ସଂକଟ ସାଧନା
ବରି ନେବା ପାଇଁ କୁଣ୍ଠିତ ନୁହେଁ ।

ତୁମରି ହାତରେ ବଇଁଶୀ ହୋଇ ମୁଁ
ବାଜିବି ତୁମରି ଅଧର ସ୍ୱର୍ଶେ,
ବିଶ୍ୱ କାରିଗର ହେ ମହାନୁଭବ
ଧନ୍ୟ ହୋଇଯିବ ଜୀବନ ତେବେ । ❑

# ଏକ ସରଳ ପ୍ରାର୍ଥନା

ମୋ ପୁଅ ଗିଲ୍‌ବର୍ଟକୁ ସେତେବେଳେ ଆଠବର୍ଷ ହୋଇଥିଲା ଏବଂ ମାତ୍ର ଅଳ୍ପ ସମୟ ପାଇଁ ସେ ''କବ୍-ସ୍କାଉଟ୍'' (Cub-Scout)ରେ ଯୋଗ ଦେଇଥିଲା । ଗୋଟିଏ ସଭା ହେଉଥିବା ସମୟରେ ଖଣ୍ଡେ କାଗଜ, ଏକ କାଠଖଣ୍ଡ ଏବଂ ଚାରୋଟି ଟାୟାର୍ ଦିଆଯାଇ ତାକୁ କୁହାଯାଇଥିଲା ଯେ ଘରକୁ ଫେରି ସେ ସମସ୍ତ ଜିନିଷ ତା'ର ବାପାଙ୍କୁ ଦେବ । ତାହା ଗିଲ୍‌ବର୍ଟ ପକ୍ଷରେ ଏତେ ସହଜ କାର୍ଯ୍ୟ ନଥିଲା । କାରଣ ପୁଅ ସହିତ କାମ କରିବା ପାଇଁ ବାପା ତା'ର ପ୍ରସ୍ତୁତ ନଥିଲେ । କିନ୍ତୁ ଗିଲ୍‌ବର୍ଟ ସେ ଦିଗରେ ଉଦ୍ୟମ କରିଥିଲା । ତା' ବାପା ସେ କାଗଜଟି ପାଇ ପଢ଼ିଥିଲେ ଏବଂ ତାଙ୍କର ଛୋଟ ଆଗ୍ରହୀ ପୁଅ ସାଙ୍ଗରେ ମିଶି 'ପାଇନ୍ ଉଡ୍'ର ଏକ 'ଡର୍ବି କାର୍' ତିଆରି କରିବା କଥାକୁ ଉପହାସ କରିଥିଲେ । କେତେ ସପ୍ତାହ ବିତି ଯାଇଥିଲେ ମଧ୍ୟ ସେ କାଠଖଣ୍ଡଟିକୁ କେହି ଛୁଇଁ ନଥିଲେ । ପରିଶେଷରେ ମା ହିସାବରେ ମୁଁ ସେଥିରେ ହସ୍ତକ୍ଷେପ କଲି ଓ ଦେଖିବାକୁ ଚେଷ୍ଟା କଲି କାଳେ ଏହାକୁ ତିଆରି କରି ପାରିବାରେ କିଛି ସାହାଯ୍ୟ କରି ପାରିବି କି ନାହିଁ । ଏଥର କାର୍ଯ୍ୟ ଆରମ୍ଭ ହେଲା । ମୋତେ ବଢ଼େଇର କୌଶଳ ଜଣା ନଥିଲେ ମଧ୍ୟ ମୁଁ ସ୍ଥିର କଲି ଯେ ସବୁଠାରୁ ଭଲ ହେବ ଯଦି ମୁଁ କେବଳ ଲେଖାଥିବା ନିର୍ଦ୍ଦେଶକୁ ପଢ଼ିବି ଏବଂ ଗିଲ୍‌ବର୍ଟକୁ ସେହି କାମ କରିବାକୁ କହିବି । ସେ ସେହିପରି କରିଥିଲା । ସେଥିରେ ଲେଖା ହୋଇଥିବା ମାପଚୁପ ଏବଂ ଆମକୁ କ'ଣ କରିବାକୁ ହେବ ଓ କ'ଣ କରିବାକୁ ହେବ ନାହିଁ ତାହାର ନିୟମ ସବୁ ମୁଁ ସ୍ପଷ୍ଟ ଭାବେ ପାଟିକରି ପଢ଼ିଥିଲି ।

କିଛିଦିନ ମଧ୍ୟରେ ସେହି ପାଇନ୍ କାଠଖଣ୍ଡଟି ଗୋଟିଏ 'ଡର୍ବି କାର୍'ରେ ପରିଣତ ହୋଇଗଲା । ଗୋଟିଏ ପଟକୁ ସାମାନ୍ୟ ଢଳି ପଡ଼ିଥିଲେ ମଧ୍ୟ ତାହା ଭଲ ଦେଖା ଯାଉଥିଲା (ଅନ୍ତତଃ ମା'ର ଦୃଷ୍ଟିରେ) । ଗିଲ୍‌ବର୍ଟ ଅନ୍ୟ କୌଣସି ପିଲାର କାର୍ ଦେଖି ନଥିଲା ଏବଂ ତା'ର '*ବ୍ଲୁ ଲାଇଟ୍‌ନିଂ*' ଗାଡ଼ି ପାଇଁ ସେ ନିଜେ ବହୁତ ଗର୍ବ ଅନୁଭବ କରୁଥିଲା । ସେ ନିଜେ କିଛି କରି ପାରିଥିବାରୁ ମନରେ ତା'ର ଏହି ଗର୍ବ ଆସିଥିଲା । ତା'ପରେ ଆସିଥିଲା ସେହି ଗୁରୁତ୍ୱପୂର୍ଣ୍ଣ ରାତି । ସେ ଗର୍ବିତ ହୃଦୟରେ ତା' ହାତରେ ପାଇନ୍ କାଠରେ ତିଆରି ନୀଳ ରଙ୍ଗର 'ଡର୍ବି କାର୍'କୁ ଧରିଥିଲା ଏବଂ ଆମେ ଦଉଡ଼ ସ୍ଥାନକୁ ଯାଇଥିଲୁ । ସେଠାରେ ପହଞ୍ଚିବା ପରେ ମୋର ସେହି ଛୋଟ ପୁଅଟିର ଗର୍ବ ନମ୍ରତାରେ ପରିଣତ ହୋଇଥିଲା । ଗିଲ୍‌ବର୍ଟର କାର୍‌ଟି ଏକମାତ୍ର କାର୍, ଯାହାକି ନିଶ୍ଚିତ ଭାବେ ସେ ନିଜେ ତିଆରି କରିଥିଲା । ଅନ୍ୟସବୁ କାର୍‌ଗୁଡ଼ିକ ବାପାପୁଅ ଉଭୟଙ୍କର ସହଯୋଗିତାରେ ତିଆରି ହୋଇଥିଲା, ଯେଉଁଥିରେ କି ସୁନ୍ଦର ପେଣ୍ଟିଂ ହୋଇଥିଲା । ଏବଂ ଦ୍ରୁତଗତିରେ ଯିବା ପାଇଁ କାର୍‌ଗୁଡ଼ିକୁ ଖୁବ୍ ଚିକ୍କଣ କରାଯାଇଥିଲା । କେତେକ ପିଲା ଗିଲ୍‌ବର୍ଟର ଗୋଟିଏ ଦିଗକୁ ଢଳି ପଡ଼ିଥିବା ଦୋଦୁଲ୍ୟମାନ ଓ ଅସୁନ୍ଦର ଗାଡ଼ିଟିକୁ ଦେଖି ହସିଥିଲେ । ଗିଲ୍‌ବର୍ଟ ହେଉଛି ଏକମାତ୍ର ବାଳକ ଯାହା ପାଖରେ କି କୌଣସି ପୁରୁଷ ବ୍ୟକ୍ତି ନ ଥିଲେ ଏବଂ ସେଥିପାଇଁ ସେ ଅଧିକ ନମ୍ର ହୋଇଥିଲା । ଅନ୍ୟ ଦୁଇଜଣ ବାଳକ ଯାହାଙ୍କର କି ବାପା ପାଖରେ ନଥିଲେ କିନ୍ତୁ ସେମାନଙ୍କର ଅନ୍ତତଃ ଜଣେ କକା କିଂବା ଜେଜେବାପା ତାଙ୍କ ସହିତ ଥିଲେ । ଗିଲ୍‌ବର୍ଟର ଏଇ ମା'ହିଁ ତା' ପାଖରେ ଥିଲା ।

ଯେତେବେଳେ ଦଉଡ଼ ଆରମ୍ଭ ହେଲା ତାହା ଜଣ ଜଣକୁ ବାଦ୍ ଦେବା ନୀତିରେ ଚାଲିଲା । ଯେଉଁ ପର୍ଯ୍ୟନ୍ତ ଜଣେ ଜିତୁ ଥିବ ସେପର୍ଯ୍ୟନ୍ତ ସେ ଦଉଡ଼ରେ ଭାଗ ନେଉଥିବ । କାର୍‌ଗୁଡ଼ିକ ଗୋଟିକ ପରେ ଗୋଟିଏ ଯାଇ ସୁନ୍ଦର ଭାବରେ ବାଲି ପଡ଼ିଥିବା ଲକ୍ଷ୍ୟ ସ୍ଥଳରେ ପହଞ୍ଚିଲେ । ସର୍ବଶେଷରେ ରହିଲା ଗିଲ୍‌ବର୍ଟର କାର୍ ଏବଂ ସବୁଠାରୁ ପତଳା ଏବଂ ଅଧିକ ଜୋର୍‌ରେ ଦଉଡ଼ି ପାରୁଥିବା ଭଳି ଏକ କାର୍ ।

ଯେତେବେଳେ ଶେଷ ଦଉଡ଼ ପ୍ରାୟ ଆରମ୍ଭ ହେବାକୁ ଯାଉଚି, ସେତେବେଳେ ମୋର ଆଠବର୍ଷର ଲାଜକୁଳା ବଡ଼ ବଡ଼ ଆଖି ବିଶିଷ୍ଟ ପୁଅ ପଚାରିଲା, ''ସେମାନେ ଗୋଟିଏ ମିନିଟ୍ ପାଇଁ ଏହି ଦଉଡ଼ ବନ୍ଦ କରିପାରିବେ କି ?'' କାରଣ ସେ ପ୍ରାର୍ଥନା କରିବାକୁ ଚାହୁଁଥିଲା । ତା'ର ଏହି କଥା ଶୁଣି ଏହି ଦଉଡ଼ ବନ୍ଦ କରା ହୋଇଥିଲା । ଗିଲ୍‌ବର୍ଟ ଆଣ୍ଠୁମାଡ଼ି ବସିଲା ଓ ସେହି କୌତୁକିଆ ଗାଡ଼ିଟିକୁ ହାତରେ ଧରି ଭଗବାନ୍‌ଙ୍କୁ ପ୍ରାର୍ଥନା କରିଥିଲା । ସେ ଆନ୍ତରିକତାର ସହିତ ସ୍ୱଳ୍ପ ସମୟ ଧରି ପ୍ରାର୍ଥନା କରିଥିଲା । ତା'ପରେ ସେ ଈଷତ୍ ହସି କରି ଠିଆହେଲା ଏବଂ ଘୋଷଣା କଲା ''ଆଚ୍ଛା ! ମୁଁ ବର୍ତ୍ତମାନ ପ୍ରସ୍ତୁତ ।''

ଦର୍ଶକମାନେ ଯେତେବେଳେ ପାଟିକରି ଉତ୍ସାହିତ କରୁଥିଲେ, ଟମି ନାମକ ଏକ ବାଳକ ତା' ବାପାଙ୍କ ସହିତ ଠିଆ ହୋଇଥିଲା ଓ ସେତେବେଳେ ତା କାର୍‌ଟି ଲକ୍ଷ୍ୟସ୍ଥଳ ଆଡ଼କୁ ଯାଉଥିଲା । ଗିଲ୍‌ବର୍ଟ ଭଗବାନ୍‌ଙ୍କୁ ସ୍ମରଣ କରି ସେଠାରେ ଠିଆ ହୋଇଥିଲା ଏବଂ ଲକ୍ଷ୍ୟ କରିଥିଲା ଯେ ଆଶ୍ଚର୍ଯ୍ୟଜନକ ଭାବରେ ଖୁବ୍ ଦ୍ରୁତ ଗତିରେ ତା କାର୍‌ଟି ଢଳି ଢଳି ଟମିର କାର୍ ପହଞ୍ଚିବାର ଏକ ସେକେଣ୍ଡ ପୂର୍ବରୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଥିଲା । ଉପସ୍ଥିତ ଜନତା ଉଚ୍ଚସ୍ୱରରେ ପ୍ରଶଂସା କରୁଥିଲା ବେଳେ ଗିଲ୍‌ବର୍ଟ ଖୁବ୍ ବଡ଼ ପାଟିରେ ''ଧନ୍ୟବାଦ'' କହି ଉପରକୁ ଡିଆଁ ମାରୁଥିଲା । ସ୍କାଉଟ୍ ଶିକ୍ଷକ ମାଇକ୍ରୋଫୋନ୍ ହାତରେ ଧରି ଗିଲ୍‌ବର୍ଟ ନିକଟକୁ ଆସିଥିଲେ ଏବଂ ସ୍ପଷ୍ଟ ଭାବରେ ପଚାରି ଥିଲେ, ''ଗିଲ୍‌ବର୍ଟ ! ତୁମେ ତାହା ହେଲେ ଜିତିବା ପାଇଁ ପ୍ରାର୍ଥନା କରିଥିଲ ?'' ଏହାର ଉତ୍ତରରେ ମୋର ପୁଅ କହିଥିଲା, ''ଓଃ ! ନାହିଁ ସାର୍ । ଅନ୍ୟ ଜଣକୁ ହରାଇ ଜିତିବା ପାଇଁ ଭଗବାନଙ୍କ ସାହାଯ୍ୟ ଚାହିଁ ପ୍ରାର୍ଥନା କରିବା ଉଚିତ ନୁହେଁ । ମୁଁ କେବଳ ଏତିକି ଭଗବାନଙ୍କୁ ପ୍ରାର୍ଥନା କରିଥିଲି ଯେ ଯଦି ମୁଁ ହାରି ଯାଏ ତେବେ ମୁଁ ଯେପରି କାନ୍ଦି ନ ପକାଏ ।''

ଜଣାପଡୁଛି ପିଲାମାନଙ୍କର ଆମଠାରୁ ଯଥେଷ୍ଟ ଅଧିକ ଜ୍ଞାନ ରହିଛି । ଗିଲ୍‌ବର୍ଟ ଦଉଡ଼ରେ ଜିତିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରି ନ ଥିଲା, ସେ ମଧ୍ୟ ଫଳାଫଳ ନିର୍ଣ୍ଣୟ କରିବାକୁ ଭଗବାନଙ୍କୁ ଡାକି ନଥିଲା, ସେ ଭଗବାନଙ୍କୁ ପ୍ରାର୍ଥନା କରିଥିଲା ଫଳାଫଳ ଯାହା ହେଉନା କାହିଁକି ତାହାର ସମ୍ମୁଖୀନ ହେବାକୁ ତାକୁ ଶକ୍ତି ଦେବା ପାଇଁ । ଯେତେବେଳେ ଗିଲ୍‌ବର୍ଟ ଅନ୍ୟ ଗାଡ଼ିଗୁଡ଼ିକୁ ପ୍ରଥମେ ଦେଖିଥିଲା ସେତେବେଳେ ସେ ଭଗବାନଙ୍କୁ କହି ନ ଥିଲା, ''ଏହା ଠିକ୍ ନୁହେଁ । ଅନ୍ୟ ପିଲାମାନେ ସେମାନଙ୍କ ବାପାମାନଙ୍କର ସାହାଯ୍ୟ ନେଇଛନ୍ତି ।'' ନା ! ସେ ତା'ର ପରମ ପ୍ରଭୁଙ୍କଠାରୁ ଶକ୍ତି କାମନା କରି ପ୍ରାର୍ଥନା କରିଥିଲା ।

ସମ୍ଭବତଃ କୌଣସି ପ୍ରକାରରେ ଦଉଡ଼ରେ ଜିତିଯିବା ପାଇଁ, ଆମ୍ଭମାନଙ୍କୁ ନମ୍ବର ଏକ କରିବା ପାଇଁ ଆମେ ଆମ ପ୍ରାର୍ଥନାରେ ବହୁତ ସମୟ ଭଗବାନଙ୍କୁ ଡାକିଥାଉ, କିଂବା ଆମେ କୌଣସି ସଂଘର୍ଷ ମଧ୍ୟ ଦେଇ ଯିବା ପାଇଁ ଆମକୁ ଶକ୍ତି ଦେବା ନିମନ୍ତେ ଈଶ୍ୱରଙ୍କୁ ସହାୟତା ପାଇଁ ପ୍ରାର୍ଥନା କରିବା ପରିବର୍ତ୍ତେ ସେହି ସଂଘର୍ଷରୁ ଆମକୁ ଅବ୍ୟାହତି ମିଳିବା ପାଇଁ ଆମ୍ଭେମାନେ ଭଗବାନଙ୍କୁ ପ୍ରାର୍ଥନା କରିବାରେ ଅଧିକ ସମୟ ଦେଇଥାଉ । ''ଯେଉଁ ଭଗବାନ୍ ମୋର ଶକ୍ତିଦାତା ତାଙ୍କ ସହାୟତାରେ ମୁଁ ସବୁ କିଛି କରିପାରେ ।'' (ଫିଲିପିଆନସ୍ ୪ : ୧୩)

ସେହି ରାତିରେ ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କୁ ଗିଲ୍‌ବର୍ଟର ସରଳ ପ୍ରାର୍ଥନା ବହୁତ କିଛି କହିଥିଲା । ସେ କେବେ ଅବିଶ୍ୱାସ କରି ନଥିଲା ଭଗବାନ୍ ତା'ର ଅନୁରୋଧର ଉତ୍ତର ଦେବେ ନାହିଁ । ନିଜେ ଜିତିବା ପାଇଁ କିଂବା ଅନ୍ୟ କାହାକୁ ଆଘାତ ଦେବାକୁ ସେ ପ୍ରାର୍ଥନା କରି ନଥିଲା । ସେ କେବଳ ପ୍ରାର୍ଥନା କରିଥିଲା ଯେ ସମ୍ମାନର ସହିତ କିଛି ହରାଇବା ପାଇଁ ଭଗବାନ୍ କୃପା କରନ୍ତୁ । ସେଦିନ ଦୌଡ଼ ବନ୍ଦ କରି ଭଗବାନଙ୍କୁ ତା'ର ପ୍ରାର୍ଥନା କରିବାଟା ଜନସାଧାରଣଙ୍କୁ ଦେଖାଇ ଦେଇଥିଲା ଯେ ସେ ସେଠାରେ ପିତୃହୀନ ହୋଇ ନଥିଲା, ବରଂ ତା'ର ପରମପିତା ନିଶ୍ଚିତ ଭାବରେ ସେଠାରେ ତା' ସହିତ ଉପସ୍ଥିତ ଥିଲେ । ହଁ, ସେଦିନ ରାତିରେ ସେ ଭଗବାନଙ୍କର ସହାୟତାରେହିଁ ପ୍ରତିଯୋଗିତାରେ ବିଜେତା ଭାବେ ଘୋଷିତ ହୋଇ ଚାଲି ଆସିଲା ।

[The Awakening Ray : Vol.VI, issue-1 ରେ ପ୍ରକାଶିତ ''A Simple Prayer'' ର ଓଡ଼ିଆ ଅନୁବାଦ ।]

ଅନୁବାଦ : ପ୍ରୀତି ପଟ୍ଟନାୟକ ❑

ଦିବ୍ୟ ପରମ କରୁଣାର ଉଦ୍ଦେଶ୍ୟରେ ଉଚ୍ଚାରିତ କୌଣସି ଉଦ୍ଦୀପ୍ତ ଏବଂ ନିଷ୍ଠାଯୁକ୍ତ ପ୍ରାର୍ଥନା କଦାପି ବ୍ୟର୍ଥ ହୁଏ ନାହିଁ ।
(୧୯ ଡିସେମ୍ବର, ୧୯୫୪) — ଶ୍ରୀମା

# ''ଫୁଲ ନିଅ, ଫୁଲ''

## କନିଷ୍କା

''ଫୁଲ ନିଅ, ଫୁଲ । ଗୋଟିଏ ମାଳାକୁ ଦୁଇ ଅଣା ! ସୁନ୍ଦର ସଫେଦ ଫୁଲ !''

ମୁଁ ବିଛଣାରୁ ଡେଇଁ ସିଧା ଯାଇ ଝରକା ପାଖରେ ପହଞ୍ଚିଲି ଏବଂ ପରଦା ହଟାଇ ରେଲିଂ ଦେଇ ବାହାରକୁ ଅନାଇଲି ।

ଗୋଧୂଳି ଲଗ୍ନ । ଯଦିଓ ସୂର୍ଯ୍ୟ ଅସ୍ତ ହୋଇ ସାରିଥିଲେ, କିନ୍ତୁ ତାଙ୍କର ଅନ୍ତିମ କିରଣ ସତେ ଅବା ଧରଣୀ ରାଣୀ ଦେହରେ ସୁନେଲି ଅବିର ବୁଣି ଦେଉଥିଲା । ସମ୍ଭବତଃ ସେ ହୃଦୟରେ ଏଇ ଆଶା ପୋଷଣ କରିଥିଲେ ଯେ, ସେ ବସୁନ୍ଧରାକୁ ନବବଧୂ ବେଶରେ ସଜାଇ ଦେଇ ଯିବେ ଯଦ୍ଦ୍ୱାରା ସେ ରାତିରେ ତାରକା-ଖଚିତ ବସ୍ତ୍ର ପରିଧାନ କରିବ ଏବଂ ଧରିତ୍ରୀର ଏଭଳି ରୂପଲାବଣ୍ୟ ଅବଲୋକନ କରିବ ଯେ, ତା'ର ପାଦ ଦୁଇଟି ଆପେ ଆପେ ଅଟକି ଯିବ । ସେ ତା'ର କଳା ରୂପ ପ୍ରକଟ କରିବାକୁ ସାହସ କରି ପାରିବ ନାହିଁ ଏବଂ ଚୁପ୍‌ଚାପ୍ ଲେଉଟି ଯିବ ।

କେଜାଣି କାହିଁକି, ଆଜି ରାସ୍ତା ଶୁନ୍‌ଶାନ୍ ଥିଲା । ଗତକାଲି ଠିକ୍ ଏଇ ସମୟରେ କେତେ କୋଳାହଳପୂର୍ଣ୍ଣ ଥିଲା । ଗାଡ଼ି ମଟର, ସାଇକେଲ, ରଙ୍ଗବେରଙ୍ଗ ବସ୍ତ୍ର ପରିଧାନ କରି ଲୋକେ ସୁମୁଦ୍ର କୂଳକୁ ବୁଲିବାକୁ ଯାଉଥିଲେ । ... ଠିକ୍ ସେତିକିବେଳେ ନୀରବତା ମଧ୍ୟରେ ସେହି ପତଳା ମଧୁର ସ୍ୱର ଶୁଣାଗଲା – 'ଫୁଲ ନିଅ, ଫୁଲ !' ଏପର୍ଯ୍ୟନ୍ତ ସେ ଦୃଷ୍ଟିଗୋଚର ହୋଇ ନଥିଲା, କିନ୍ତୁ ତା' ସ୍ୱର ନିକଟତର ହେଉଥିଲା । ଏବେ ଯେକୌଣସି ମୁହୂର୍ତ୍ତରେ ସେ ଦୃଷ୍ଟିଗୋଚର ହେବ । ଗୋଟିଏ ମିନିଟ ବିତିଗଲା, ଦୁଇ ମିନିଟ ବିତିଗଲା, କିନ୍ତୁ ତା'ର ଚିହ୍ନବର୍ଣ୍ଣ ବି ଦେଖିବାକୁ ମିଳିଲା ନାହିଁ । ମୁଁ ଏକ ଦୀର୍ଘଶ୍ୱାସ ଛାଡ଼ିଲି ଏବଂ ଏରୁଣ୍ଡି ଉପରେ କହୁଣୀ ରଖି ବସି ପଡ଼ିଲି । ସମ୍ଭବତଃ ସେ ପଡ଼ୋଶୀ ଘରେ ଫୁଲ ବିକୁଥିବ । ଏତିକି କଥା ଭାବୁ ଭାବୁ ସେ ସମ୍ମୁଖରେ ଆସି ଦଣ୍ଡାୟମାନ ହେଲା ।

ପ୍ରଥମେ ପ୍ରଥମେ କେବଳ ଏକ କଳା ଆକୃତି ଦୃଷ୍ଟିଗୋଚର ହେଲା । କିନ୍ତୁ ଯେମିତି ଯେମିତି ସେ ନିକଟତର ହେବାକୁ ଲାଗିଲା ମୁଁ ସ୍ପଷ୍ଟ ଭାବରେ ଦେଖି ପାରିଲି ଯେ ସେ କୁନିଝିଅଟିଏହିଁ ଥିଲା ।

ତା'ର ବୟସ ପ୍ରାୟ ଦଶ ବର୍ଷ ହେବ । ଦେହରେ ଛିଣ୍ଡା ମଇଳା କୁର୍ତ୍ତା ଓ ଧୂଳି ଧୂସରିତ କ୍ଷତବିକ୍ଷତ ନଗ୍ନପାଦ । ଚେହେରାରେ ଏମିତି ଯନ୍ତ୍ରଣାର ସ୍ପଷ୍ଟ ଚିହ୍ନ ଯେ, ଲିଭାଇବାକୁ ଚାହିଁଲେ ବି ଲିଭାଇ ହେବନି । ତା' ଅଣ୍ଟାରେ ଏକ ବଡ଼ ଟୋକେଇ ଥିଲା, ଯେଉଁଥିରୁ ସଫେଦ ଫୁଲର ଝଲକ ମିଳି ଯାଉଥିଲା ।

ମୁଁ ତାକୁ 'ଏ ଫୁଲବାଲୀ' ବୋଲି ଡାକିବା ପାଇଁ ମୁହଁ ଖୋଲିବାକୁ ଯାଉଛି, ସେ ମୋତେ ଦେଖି ପକାଇଲା ଏବଂ ତା'ର ଟୋକେଇଟି ଧରି ମୋ ଆଡ଼କୁ ଅଗ୍ରସର ହେବାକୁ ଲାଗିଲା ।

ଫୁଟ୍‌ପାଥ୍ ଉପରେ ଟୋକେଇଟି ରଖି ସେ ଏକ ଦୀର୍ଘଶ୍ୱାସ ଛାଡ଼ିଲା ଏବଂ ତା'ର ଛିଣ୍ଡା ଫ୍ରକ୍‌ରେ ଝାଳ ପୋଛୁ ପୋଛୁ ପଚାରିଲା –

''ମାଆ, କେତେ ହାତ ମାଳା ନେବ ?''

''ଦୁଇ ।''

''କେବଳ ଦୁଇ ହାତ ? ତିନି ହାତ ନେଇ ଯାଅ । ଲମ୍ବାବାଳକୁ ଲମ୍ବା ମାଳ ସୁନ୍ଦର ଦେଖାଯିବ ।'' ମୁଁ ସ୍ମିତ ହସି କହିଲି, ''ଆଚ୍ଛା, କହୁଛୁ ଯଦି ତିନି ହାତ ଦେଇଦେ ।''

ମାଳାରୁ ତିନି ହାତ ମାପି ସେ ତା'ର ଟୋକେଇ ଭିତରେ ଅଣ୍ଡାଳି ଅଣ୍ଡାଳି ବ୍ଲେଡ୍ ଖୋଜିବାକୁ ଲାଗିଲା । କିନ୍ତୁ ବ୍ଲେଡ୍ ପାଇବାରେ ଅସଫଳ ହେବାରୁ ସେ ତା'ର ଦାନ୍ତ ବ୍ୟବହାର କରି ସମସ୍ୟାର ସମାଧାନ କରି ଦେଲା ।

ମୁଁ ତାକୁ କହିଲି ''ପାଗଳୀ, ଫୁଲ ଉପରେ ଦାନ୍ତ ଲଗାଉଛୁ ?''

''ନାଇଁ ମାଆ, ମୁଁ କେବଳ ସୂତାରେ ହିଁ ଦାନ୍ତ ଲଗାଇଲି । ବ୍ଲେଡ଼ଟା ମିଳିଲାନି ତ'' – ଏତିକି କହି ସେ ଫୁଟ୍‌ପାଥ୍‌ରୁ ମୋ ଆଡ଼କୁ ଆସି ହାତ ବଢ଼ାଇଲା ।

ଏଇ ସୂର୍ଯ୍ୟାସ୍ତ ସମୟରେ ବି ସେ ମୋ ଚେହେରା ଓ ମୁହଁ ଦେଖି ପକାଇଲା ଏବଂ ତା'ର ହାତ ଅଧ ବାଟରେହିଁ ଅଟକି ଗଲା । ମୁଁ ମନେ ମନେ ଭାବିଲି, ''ବାପ୍‌ରେ ! ଲୋକେ

ଭୂତପ୍ରେତ ଦେଖିଲେ ବି ଏତେ ଡରୁ ନ ଥିବେ, ଯେତିକି ହାଡ଼ଫୁଟିକୁ ଦେଖି ଡରୁଛନ୍ତି ।''

କିନ୍ତୁ ପର ମୁହୂର୍ତ୍ତରେ ତା'ର ପ୍ରଶ୍ନ ଶୁଣି ମୁଁ ମୋର ବିକୃତ ବୁଦ୍ଧିର ପ୍ରଶଂସା କଲି !

''ତୁମର କ'ଣ ହୋଇଛି ମାଆ ?''

''ହାଡ଼ଫୁଟି !''

''କ'ଣ କହିଲ ମାଆ ?''

ମୁଁ ପୁନରାବୃତ୍ତି କଲି । କିନ୍ତୁ ତା' ଚେହେରାରୁ ସ୍ପଷ୍ଟ ବାରି ହୋଇ ଯାଉଥିଲା ଯେ, ସେ ମୋ କଥା ବୁଝି ପାରି ନାହିଁ।

କହିଲି, ''ମୁଁ ଅସୁସ୍ଥ ଅଛି ।''

ଏକଥା ତା'ର ଦଶବର୍ଷୀୟ ଜ୍ଞାନଠାରୁ ଅପହଞ୍ଚ ନଥିଲା । ସେ କହିଲା, ''ମାଆ, ଅସୁସ୍ଥ ଅଛନ୍ତି ? ଅନେକ ଦିନରୁ !''

''ହଁ, ଆଜକୁ ଦଶ ଦିନ ହୋଇଗଲା ।'' — ମୁଁ ତା' ହାତରୁ ଫୁଲ ନେଉ ନେଉ କହିଲି ।

ସେ ତୁନି ହେଲା । କିନ୍ତୁ ତା'ର ନୃତ୍ୟରତ, ଚମକଭରା କଥାକୁହା ଆଖିରୁ ଏକ ଗମ୍ଭୀର ଭାବ ପ୍ରକଟିତ ହେଉଥିଲା ।

ମୁଁ ମୋ ପର୍ସ ଖୋଲିଲି ଏବଂ ଖୁଚୁରା ପଇସା ଗଣିବାକୁ ଲାଗିଲି । ମନେ ମନେ ଭାବିଲି, ''ବିଚାରୀ, କେଡ଼େ କୁନିଝିଅଟିଏ ଆଉ ମୁଣ୍ଡଫଟା ଖରାରେ ତାକୁ ଖାଲି ପାଦରେ ଧାଇଁବାକୁ ପଡୁଛି । ଦଶ ବର୍ଷ ବୟସର ପିଲାମାନେ ତ ପଢ଼ିବାକୁ ଯାଆନ୍ତି, ହସନ୍ତି, ଖେଳନ୍ତି । କିନ୍ତୁ ଏ ବିଚାରୀ ଦି' ପଇସା ରୋଜଗାର କରିବା ପାଇଁ ରାସ୍ତାସାରା ଚିତ୍କାର ଛାଡ଼ି ଦୁଇ ଅଣାର ଫୁଲ ବିକି ବୁଲୁଛି ।'' ଅନାୟାସରେ ତା'ର ଟୋକେଇ ଉପରେ ଯାଇ ମୋର ଦୃଷ୍ଟି ନିବଦ୍ଧ ହେଲା । ଟୋକେଇଟି ପ୍ରାୟଶଃ ଫୁଲମାଳରେ ଭର୍ତ୍ତି ହୋଇ ରହିଥିଲା । ଇତି ମଧ୍ୟରେ ସୂର୍ଯ୍ୟଦେବ ଅସ୍ତ ହୋଇ ସାରିଲେଣି । ତାଙ୍କର ଅନ୍ତିମ ରଶ୍ମି ସଙ୍ଗେ ଧୀରେ ଧୀରେ ବିଭାବରୀ ସାରା ଧରଣୀକୁ ଆବୋରି ବସିବ । ଏଇ କୁନି ଝିଅଟି ହୁଏତ ସୂର୍ଯ୍ୟୋଦୟରୁ ଫୁଲ ବିକିବା ପାଇଁ ଘରୁ ବାହାରି ପଡ଼ିଥିବ । ଏବେ ସୂର୍ଯ୍ୟାସ୍ତ ହୋଇ ସାରିଲାଣି । ସେ ଘର ମୁହାଁ ହେଲାଣି । କିନ୍ତୁ ତା'ର ଟୋକେଇରେ ଫୁଲ ଭର୍ତ୍ତି ହୋଇ ରହିଛି ।

ଯା'ର ଅର୍ଥ ଏଇ ଯେ, ଆଜି ସେ କୁନି ଝିଅଟି କିଛି ବି ରୋଜଗାର କରି ପାରି ନଥିବ । ଏବେ କେଉଁ ମୁହଁରେ ସେ ଘରକୁ ଫେରିବ ?

ମୁଁ ଯଦି ଏମିତି ମାଗଣାରେ ତା' ହାତରେ ଆଠଣିଟିଏ ଧରାଇ ଦେବି ତେବେ ମୁଁ ନିଶ୍ଚିତ ଯେ ତାକୁ ଏକଥା ଖରାପ ଲାଗିବ । ହଁ, ସେ ଦରିଦ୍ର ହୋଇପାରେ, କିନ୍ତୁ ଭିକାରୁଣୀ ନୁହେଁ । ନିଜ ପେଟ ପୋଷିବା ପାଇଁ ସେ କାମ କରୁଛି । ତାକୁ ସାହାଯ୍ୟ କରିବାର ସର୍ବୋତ୍ତମ ଉପାୟ ହେବ ମୁଁ ତା'ଠାରୁ ଆଉ ଦୁଇ ହାତ ଫୁଲ କିଣି ନେବି ... ।

ଠିକ୍ ସେତିକିବେଳେ ତା'ର ସ୍ୱର ମୋର ବିଚାର-ପ୍ରବାହର ଗତିରୋଧ କଲା, ''ମୋର ପଇସା ଦରକାର ନାହିଁ ମାଆ ।''

''ଏଁ ?'' ମୁଁ ଚମକି ପଡ଼ିଲି ।

''ହଁ, ତୁମେ ଠିକ୍ ଶୁଣିଲ ମାଆ । ଏଇ ଯେ, ଫୁଲ ମୁଁ ତୁମକୁ ଦେଲି, ତାକୁ ନିଜ ପାଖରେ ରଖ । ତା'ର ସୁଗନ୍ଧରେ ତୁମେ ଖୁବ୍ ଶୀଘ୍ର ସୁସ୍ଥ ହୋଇ ଉଠିବ ।'' — ଏହା କହି ସେ ସ୍ମିତ ହସିଲା ଏବଂ ମୁଁ କିଛି କହିବା ପୂର୍ବରୁ ତା'ର ଟୋକେଇ ଉଠାଇ ଅନ୍ଧକାର ମଧ୍ୟରେ ଅଦୃଶ୍ୟ ହୋଇଗଲା ।

କିଛି ସମୟ ପରେ ଅନ୍ଧକାରର ଗର୍ଭ ଚିରି ସେଇ ମଧୁର ସ୍ୱର ଗୁଞ୍ଜରି ଉଠୁଥିଲା — ''ଫୁଲ ନିଅ ! ସୁନ୍ଦର, ସଫେଦ ଫୁଲ !''

ସେ ସ୍ୱର ମୋ ହୃଦୟର ଗଭୀରତମ ପ୍ରଦେଶକୁ ଛୁଇଁଗଲା ଏବଂ ମୋ ଆଖିରୁ ଗାଲ ଦେଇ ଦି' ଟୋପା ଅଶ୍ରୁ ଖସି ମୋ କୋଳରେ ରଖା ହୋଇଥିବା ସଫେଦ ଫୁଲ ଉପରେ ପଡ଼ିଲା ।

ଜଳର ଶୀତଳ ସ୍ପର୍ଶ ଲାଭ କରି ମଉଳି ଯାଇଥିବା ସେ ଫୁଲଗୁଡ଼ିକର ପାଖୁଡ଼ାମାନ ପୁଣି ଥରେ ସତେଜ ଓ ସୁନ୍ଦର ହୋଇ ଉଠିଲେ ଏବଂ ତା' ଦେଖି ମୋର ମନେ ହେଲା, ସତେଅବା ସେମାନେ ମୋ ତରଫରୁ ତାଙ୍କ ମାଲିକାଣୀକୁ କୃତଜ୍ଞତା ଜଣାଉଛନ୍ତି !!

[ଲେଖିକା ଏ କାହାଣୀଟି ଅନେକ ବର୍ଷ ତଳେ ଲେଖିଥିଲେ, ଯେତେବେଳେ ସେ ଶ୍ରୀଅରବିନ୍ଦ ଆଶ୍ରମ ବିଦ୍ୟାଳୟର ଛାତ୍ରୀ ଥିଲେ । ଲେଖାଟି ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀରୁ ପ୍ରକାଶିତ ମାସିକ ହିନ୍ଦୀ ପତ୍ରିକା, ଜୁଲାଇ - ୨୦୦୬ ସଂଖ୍ୟାରେ ଦ୍ୱିତୀୟ ଥର ପାଇଁ ପ୍ରକାଶିତ ହୋଇଥିଲା ।]

ଭାଷାନ୍ତର : କାହ୍ନୁଚରଣ ମହାକୁର

❑❑❑

# ପ୍ରକୃତିର ଅବିବେକିତା ?

***ପ୍ରଶ୍ନ :** ଗୋଲାପ, ମଲ୍ଲୀ, ଟଗର ଭଳି ଫୁଲ, ପୁଣି ଚନ୍ଦନ ଭଳି ସୁନ୍ଦର ଦ୍ରବ୍ୟମାନ ଦେବା ସଙ୍ଗେ ସଙ୍ଗେ ପ୍ରକୃତି ଆମକୁ ବିଛୁଆତି ଦେଲା କାହିଁକି ? ପ୍ରଜାପତି ଦେବା ସଙ୍ଗେ ସଙ୍ଗେ ସଁବାଳୁଆ ପୋକ ଦେଲା କାହିଁକି ?*

**ଉତ୍ତର :** ଆପଣ ଧରିନେଇଛନ୍ତି ଯେ ଆପଣଙ୍କୁ ଆପ୍ୟାୟିତ କରିବାହିଁ ପ୍ରକୃତିର ଏକମାତ୍ର ଭୂମିକା । ଆମେ ସଚେତନ ବା ଅବଚେତନ ଭାବରେ ପ୍ରାୟତଃ ଏହିଭଳି ବ୍ୟକ୍ତିକ(Subjective) ଦୃଷ୍ଟିକୋଣରୁ ସବୁ ପରିସ୍ଥିତିର ବିଚାର କରିଥାଉଁ; ପୃଥିବୀରେ ସବୁହିଁ ଘଟୁଛି ବା ଘଟିବା ଉଚିତ ଆମକୁ କେନ୍ଦ୍ର କରି ।

ନିଘଞ୍ଚ ବଣ ଭିତରେ ଅସଂଖ୍ୟ ଫୁଲ ଫୁଟେ ଏବଂ ଫୁଟି ଚାଲିଛି ମଣିଷଜାତି ସୃଷ୍ଟ ହେବାର ଅସୁମାରି କାଳ ଆଗରୁ – ଝରିଯାଇଛି ଆମ ଭଳି ସୌନ୍ଦର୍ଯ୍ୟପ୍ରେମୀମାନଙ୍କ ବଳିହାରିକୁ ଅପେକ୍ଷା ନକରି – ହିମାଳୟର ଦିଗ୍‌ଦିଗନ୍ତରେ ଅଙ୍କିତ ହୁଏ ଅନବଦ୍ୟ ଦୃଶ୍ୟାବଳି – ଗିରିଶୀର୍ଷ, ଉପତ୍ୟକା, ଝରଣା, ଇନ୍ଦ୍ରଧନୁ ଇତ୍ୟାଦି ସମାହାରରେ – ଏବଂ ବିଲୀନ ହୋଇ ଚାଲିଥାଏ କୌଣସି ପର୍ଯ୍ୟଟକଙ୍କ କ୍ୟାମେରାକୁ ଅପେକ୍ଷା ନରଖି ।

ମୁହୂର୍ତ୍ତକ ସକାଶେ ଚାଲିଯା'ନ୍ତୁ ଅନ୍ତରୀକ୍ଷ ଅଭିମୁଖେ । ଅହରହ ଅସଂଖ୍ୟ ଗ୍ରହ ନକ୍ଷତ୍ର ବିଲୀନ ହୁଅନ୍ତି ଗୋଟାଏ ଗୋଟାଏ ରହସ୍ୟମୟ କୃଷ୍ଣ କନ୍ଦର(Black Hole) ଅଭ୍ୟନ୍ତରେ । ଆମ ମନ-ନିଃସୃତ 'କାହିଁକି'ର ସେଠାରୁ କୌଣସି ଉତ୍ତର ପାଇବାର ଆଶା ନାହିଁ ।

ଆମକୁ ପ୍ରକୃତି ଯେତେ ଐଶ୍ୱର୍ଯ୍ୟ ଦେଇଛି, ଆମେ ତା'ର କେତେ ବିବେକ ସମ୍ମତ ଉପଯୋଗ କରିପାରୁଛୁଁ ତାହାହିଁ ପ୍ରଶ୍ନ । ବିଛୁଆତି କିଂବା ସଁବାଳୁଆ ସେମାନଙ୍କ ଆଶ୍ଳେଷ ନିମନ୍ତେ ଆମକୁ ନିମନ୍ତ୍ରଣ କରନ୍ତି ନାହିଁ, ଆମେ ଅସାବଧାନ ଭାବରେ ସେମାନଙ୍କ ସମ୍ପର୍କରେ ଆସିଯାଇ କିଞ୍ଚିତ୍ ଅଭିଜ୍ଞତା ଅର୍ଜନ କରୁଁ । ପ୍ରକୃତିର ଅନ୍ତର୍ଭୁକ୍ତ ହେଲେ ନାନାବିଧ ଶକ୍ତି, ଅସଂଖ୍ୟ ଗୁଣ । ନୈର୍ବ୍ୟକ୍ତିକ(Objective) ଦୃଷ୍ଟିରୁ ବିଛୁଆତି, ସଁବାଳୁଆ – ଏମାନେ ଏକ ଏକ ସ୍ୱୟଂ-ତିଷ୍ଠ ଗୁଣ; କୁଗୁଣ ନୁହଁନ୍ତି କି ସୁଗୁଣ ନୁହନ୍ତି । ଏମାନଙ୍କ ଉପରେ ଆମ ଚେତନା ଆରୋପ କରେ 'କୁ' ବା 'ସୁ' ଚରିତ୍ର, ଆମ ବ୍ୟକ୍ତିକ(Subjective) ଅନୁଭବ ଅନୁସାରେ । ସଙ୍ଗେ ସଙ୍ଗେ ଆମେ ଏହା ମଧ୍ୟ ମନେ ରଖିବା ଆବଶ୍ୟକ ଯେ ଆମ ଅନୁଭୂତି ମଧ୍ୟ ଆପେକ୍ଷିକ; ଧରନ୍ତୁ ନାଗ ସାପର ବିଷ । ତାହା ପ୍ରାଣହାନିର କାରଣ; ଔଷଧ ଭାବରେ ତାହା ପୁଣି ହୋଇପାରେ ପ୍ରାଣରକ୍ଷାର ସହାୟକ ।

ପ୍ରାଣୀ ଜଗତରେ ଏକମାତ୍ର ମଣିଷହିଁ ଆପଣା ଭିତରେ ଉଭୟ 'କୁ' ଏବଂ 'ସୁ'ର ଉପସ୍ଥିତି ସମ୍ପର୍କରେ ସଚେତନ; ଏକମାତ୍ର ସେ ନିଜ ସଙ୍କଳ୍ପରେ ଆପଣା ଚେତନା ନିହିତ ବିଛୁଆତି ଏବଂ ସଁବାଳୁଆକୁ ନିୟନ୍ତ୍ରଣରେ ରଖିପାରିବ; ଚନ୍ଦନର ସଦୁପଯୋଗ କରିପାରିବ ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃଷ୍ଠା : ୯୭-୯୮)

❑❑❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646


Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 11**
Navaprakash (Monthly), November, 2023
**Date of Posting : 7th, 8th of every month**

**R.N.I. No. 18163/70.**
Registration No. PY/51/2021-23
**Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**
**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**